ଡକ୍ଟର ବିଧୁପ୍ରଭା ରଥ

ସଂପାଦିତ

# ଅନନ୍ୟା

## ଶ୍ରୀମତୀ ସ୍ନେହଲତା ମହାପାତ୍ର



ଡକ୍ଟର ବିଧୁପ୍ରଭା ରଥ ସମ୍ପାଦିତ

ପୃଥ୍ୱୀପଦ୍ମା ପ୍ରକାଶନୀ

ପ୍ରକାଶିତ



# ଅନନ୍ୟା

## ଶ୍ରୀମତୀ ସ୍ନେହଲତା ମହାପାତ୍ର



# ପ୍ରକାଶକୀୟ

**ଗ**ଡ଼ଜାତ ଅଞ୍ଚଳର ସବୁଜ ବନଘେରା କଳାହାଣ୍ଡି ଜିଲ୍ଲାର ଭବାନୀ ପାଟଣା ସହରରେ ୧୯୩୮ ମସିହା ନଭେମ୍ବର ୨୦ ତାରିଖରେ ଜନ୍ମଗ୍ରହଣ କରିଥିଲେ ଶ୍ରୀମତୀ ସ୍ନେହଲତା ମହାପାତ୍ର। ସେ ଏକାଧାରରେ ଅନନ୍ୟା, ସ୍ନେହମୟୀ - ସମାଜସେବୀ, ଲେଖିକା, ସଂଗଠିକା, କବୟିତ୍ରୀ, ନାଟକ, ଏକାଙ୍କିକା ଓ ପ୍ରବନ୍ଧର ଲେଖିକା ଏବଂ ବ୍ରହ୍ମବିଦ୍ୟା ପ୍ରଚାରିକା ।

ପିତା ଶ୍ରୀଯୁକ୍ତ ବାସୁଦେବ ରଥ ଥିଲେ ସ୍ୱାଧୀନତା ପୂର୍ବବର୍ତ୍ତୀ ସେକାଳର ସାର୍ବଜନୀନ ଓ ସର୍ବକାଳୀନ ଶିକ୍ଷାବିତ୍, ବିଦ୍ୱାନ୍, ପଣ୍ଡିତ, ଦେବୀସାଧକ ଓ ପରୋପକାରୀ । କଳାହାଣ୍ଡିରେ ତାଙ୍କୁ 'ଗାନ୍ଧି' ବୋଲି ଲୋକେ ଡାକୁଥିଲେ। ସେ ଗଞ୍ଜାମର କୋଦଳା ଅଞ୍ଚଳର ମଠ ସରଶିଙ୍ଗି ଗ୍ରାମର ବିଶିଷ୍ଟ ବ୍ରାହ୍ମଣ ପରିବାରର ସନ୍ତାନ ଥିଲେ। ତାଙ୍କ ପୂର୍ବଜମାନେ କଳାହାଣ୍ଡିରେ ରାଜ ପୁରୋହିତ ଓ ରାଜଗୁରୁ ରୂପେ ଆସି ବସତି ସ୍ଥାପନ କରିଥିଲେ। ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲରେ ଶିକ୍ଷକତା ଲାଭ ପରେ ୧୯୨୭ ମସିହାରେ ବଡ଼ ପୁତ୍ର ସବଜଜ୍ ଶ୍ରୀଯୁକ୍ତ ଶିବରାମ ରଥଙ୍କୁ ଦେଢ଼ ବର୍ଷ ହେବା ପରେ ନନା ଆସି ଭବାନୀପାଟଣା ସହରରେ ରହିଥିଲେ।

ଶ୍ରୀମତୀ ମହାପାତ୍ରଙ୍କର ମାତା ଥିଲେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଖଇଁଚିପଡ଼ା ଗ୍ରାମର ପଣ୍ଡିତ, କବି, ସଙ୍ଗୀତଜ୍ଞ ଓ ବୈଦ୍ୟରାଜ ଶ୍ରୀଯୁକ୍ତ ଗଣେଶ୍ୱର ଖାଡ଼ଙ୍ଗାଙ୍କର ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ସାବିତ୍ରୀ ଦେବୀ। ସାବିତ୍ରୀ ଦେବୀ ଥିଲେ ସୁନ୍ଦରୀ, ସୁ-ଗୃହିଣୀ, ପରୋପକାରୀ, ମିଷ୍ଟଭାଷୀ, କବୟିତ୍ରୀ। "ଭକ୍ତି କୁସୁମ" କବିତା ଗ୍ରନ୍ଥର ଲେଖିକା। ଶ୍ରୀମତୀ ମହାପାତ୍ରଙ୍କର ତିନୋଟି ଭାଇ ଓ ତିନୋଟି ଭଉଣୀ - ପ୍ରଥମ ଭାଇ ହେଲେ ଶ୍ରୀଯୁକ୍ତ ଶିବରାମ ରଥ - ଅବସର ପ୍ରାପ୍ତ ସବ୍‌ଜଜ୍ - ଲେଖକ, ପଣ୍ଡିତ, ସାଧକ, କୃଷ୍ଣଭକ୍ତ।

ଦ୍ୱିତୀୟ ଭାଇ ହେଲେ ୰ ପଦ୍ମନାଭ ରଥ (୧୯୬୨ ଜାନୁୟାରୀ ୨୬ରେ ମାତ୍ର ୩୦ ବର୍ଷ ବୟସରେ ଦେହତ୍ୟାଗ କଲେ)। ସେ ଥିଲେ ଏକାଧାରରେ କବି, କୃଷ୍ଣପ୍ରେମର ପୂଜାରୀ, ଶିକ୍ଷକ, ମହାନ ସାଧକ ।

୩ୟ ଭାଇ ହେଲେ ୰ ବୈଦ୍ୟନାଥ ରଥ - ସେ ଥିଲେ ସମବାୟ ପ୍ରସାରଣର ଅଫିସର - ନାଟ୍ୟକାର, ଲେଖକ, ଅଭିନେତା, ଖେଳାଳି, ପରୋପକାରୀ, ସ୍ନେହଶୀଳ। ହୃଦ୍‌ରୋଗରେ ୧୯୮୫ରେ ସେ ଦେହତ୍ୟାଗ କରିଥିଲେ। ବଡ଼ ଭାଉଜ ହେଲେ ଶ୍ରୀମତୀ କ୍ଷେତ୍ରମଣି ରଥ । ସୁଶ୍ରୀ ଓ ସୁଗୃହିଣୀ। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ। ଦ୍ୱିତୀୟ ଭାଉଜ ହେଲେ - ଶ୍ରୀମତୀ ସ୍ୱର୍ଣ୍ଣଲତା ରଥ, ଶିକ୍ଷୟିତ୍ରୀ, ସ୍ନେହୀ, ସମାଜସେବୀ, ପରୋପକାରୀ। ତାଙ୍କର ମାତ୍ର ଗୋଟିଏ କନ୍ୟା ସନ୍ତତି - କଳ୍ପନାରଥ ଏବଂ ତୃତୀୟ ଭାଉଜ ହେଲେ ଶ୍ରୀମତୀ ହେମଲତା ରଥ - ସେ ସ୍ନେହଶୀଳା, ସୁଗୃହିଣୀ, ପରୋପକାରୀ, ସମାଜସେବୀ। ତାଙ୍କର ୨ଟି ଝିଅ ଓ ପୁଅ ଦୁଇଟି। ବଡ଼ ଭଉଣୀ ହେଲେ - ହେମଲତା ମହାପାତ୍ର - ସୁଗୃହିଣୀ - କାରୁକାର୍ଯ୍ୟରେ ନିପୁଣା, ପରୋପକାରୀ, ସ୍ନେହୀ । ତାଙ୍କ ସ୍ୱାମୀ ହେଲେ ସଙ୍ଗୀତଜ୍ଞ, କଳାକାର ୰ ହରିହର ମହାପାତ୍ର। ତାଙ୍କର ୫ ପୁଅ ଓ ୨ଟି ଝିଅ ଅଛନ୍ତି। ସାନ ଭଉଣୀ ହେଲେ ଶ୍ରୀମତୀ ସୌଭାଗ୍ୟ ମଞ୍ଜରୀ ମିଶ୍ର। ତାଙ୍କ ସ୍ୱାମୀ ପ୍ରଫେସର, ଲେଖକ, ଦେବୀଭକ୍ତ, ବକ୍ତା ଶ୍ରୀଯୁକ୍ତ ଅଧ୍ୟାପକ ଅନ୍ନଦା ଚରଣ ମିଶ୍ର। ତାଙ୍କର ୬ ଝିଅ ଓ ୨ ପୁଅ ଅଛନ୍ତି। ସମସ୍ତଙ୍କ ପୁଅ ଝିଅ ସବୁ ଉଚ୍ଚ ଶିକ୍ଷା ଲାଭ କରି ଉଚ୍ଚ ପଦବୀରେ ପ୍ରତିଷ୍ଠିତ ହୋଇ ଭଲରେ ଅଛନ୍ତି।

ଶ୍ରୀମତୀ ମହାପାତ୍ର ବିବାହ କରିଥିଲେ ୧୯୫୨ ମସିହା ନଭେମ୍ବରରେ କଳାହାଣ୍ଡିର ତିଲୋଯୋଡ଼ି ଗ୍ରାମରେ ଥିବା ଜମିଦାର ପଣ୍ଡିତ ୰ ଶ୍ରୀ କାଶୀନାଥ ମହାପାତ୍ରଙ୍କର ଦ୍ୱିତୀୟ ପୁତ୍ର ପ୍ରଫେସର ଚିନ୍ତାମଣି ମହାପାତ୍ରଙ୍କୁ। ସେ ଥିଲେ ସାମ୍ବାଦିକ, ବ୍ରହ୍ମବିଦ୍, କବି, ଲେଖକ, ଅଭିନେତା, ସାଧକ ଓ ଅନୁବାଦକ। ତାଙ୍କର ପୂର୍ବଜ ରଣପୁରର କେନ୍ଦୁଲି ରାମଚନ୍ଦ୍ରପୁର ଶାସନରୁ ଭବାନୀପାଟଣା ଆସି ବହୁ ବର୍ଷ ଧରି ଦେବୀ ମାଣିକେଶ୍ୱରୀଙ୍କର ପୂଜକ ରୂପେ ରହି କଳାହାଣ୍ଡିରେ ବସତି ସ୍ଥାପନ କରିଥିଲେ।

ଶ୍ରୀମତୀ ମହାପାତ୍ରଙ୍କ ବାଲ୍ୟଜୀବନ ବହୁ ଝଡ଼ଝଞ୍ଜା, ସୁଖଦୁଃଖ ଓ ବିଭିନ୍ନ ସମସ୍ୟା ଦେଇ କିପରି ଗଢ଼ି ଉଠିଛି - ତାହା ଯେତିକି ଅନ୍ୟ ପାଇଁ ଅନୁଭବୀ ତତୋଽଧିକ ପ୍ରେରଣାପ୍ରଦ।

**ପୃଥ୍ୱୀପଦ୍ମା** — **ପୃଥ୍ୱୀକ୍ ମିଶ୍ର**

ଡିସେମ୍ବର ୨୫, ଛତ୍ରପୁର (ଗଞ୍ଜାମ)

# ଅନନ୍ୟା

ଶେଷବିଂଶ ଓ ଏକବିଂଶଶତକ ଆଦ୍ୟଭାଗର
ମହାନ ସାଧିକା, ସାରସ୍ୱତ ସର୍ଜନାକାରିଣୀ
ଶ୍ରୀମତୀ ସ୍ନେହଲତା ମହାପାତ୍ରଙ୍କ ଜୀବନାଲେଖ୍ୟ


ସଂପାଦନା :

## ଡକ୍ଟର ବିଧୁପ୍ରଭା ରଥ

ଏମ୍.ଏ. (ଓଡ଼ିଆ), ଏମ୍.ଫିଲ୍., ପିଏଚ୍.ଡି. (ଉତ୍କଳ)



ପୃଥ୍ୱୀପଦ୍ମା ପ୍ରକାଶନୀ
ବ୍ରହ୍ମପୁର

# ଅନନ୍ୟା

## (ଶ୍ରୀମତୀ ସ୍ନେହଲତା ମହାପାତ୍ରଙ୍କ ଜୀବନାଲେଖ୍ୟ)


*ସଂପାଦନା*

**ଡକ୍ଟର ବିଧୁପ୍ରଭା ରଥ**

ଇନ୍ଦିରା ନଗର (ଦ୍ୱିତୀୟ ସରଣୀ) ଶିଳ୍ପାଞ୍ଚଳ, ବ୍ରହ୍ମପୁର (ଓଡ଼ିଶା)

ଦୂରଭାଷ : ୯୪୩୭୨୬୦୬୯୬



*ପ୍ରଚ୍ଛଦ : ଅଙ୍ଗସଜ୍ଜା*

ମହାଭାଷ୍ୟକାର

ଦୂରଭାଷ : ୯୮୬୧୪୨୨୭୬୦

*ପ୍ରକାଶକ :*

**ପୃଥ୍ୱୀପନ୍ଥୀ ପ୍ରକାଶନୀ**

**ବ୍ରହ୍ମପୁର**

ଦୂରଭାଷ : ୯୪୩୭୨୬୦୬୯୬, ୯୮୬୧୪୨୨୭୬୦



*ସର୍ବସ୍ୱତ୍ୱ*

ପୃଥ୍ୱୀକ୍ ମିଶ୍ର



ପ୍ରଥମ ସଂସ୍କରଣ : ଜାନୁଆରୀ ୨୦୦୯ (ଶାମ୍ବଦଶମୀ)

*ଅକ୍ଷରସଜ୍ଜା :*

ମା' ଶାରଳା ଡି.ଟି.ପି., କଟକ

*ମୁଦ୍ରଣ :*

ପ୍ରଭା ମୁଦ୍ରଣୀ, ଅପର୍ଣ୍ଣା ନଗର, କଟକ

ମୂଲ୍ୟ : ୬୦ ଟଙ୍କା

*ମୁଖ୍ୟ ବିତରକ*

ସ୍ୱଦେଶୀ ଲେଖକ ମଞ୍ଚ

ଲକ୍ଷ୍ମୀନଗର, ଦିଲ୍ଲୀ- ଡିଭାଇନ ନଗର, କଟକ- ହିଲପାଟଣା : ବ୍ରହ୍ମପୁର (ଓଡ଼ିଶା)



ବ୍ରହ୍ମବିଦ୍, ଜାତୀୟପ୍ରବକ୍ତା, ସାମ୍ବାଦିକ

**ପ୍ରଫେସର ଚିନ୍ତାମଣି ମହାପାତ୍ର**

ଆବିର୍ଭାବ - ଅଗଷ୍ଟ ୫, ୧୯୩୦

ତିରୋଧାନ - ଅକ୍ଟୋବର ୨୯, ୨୦୦୨



**ପ୍ରଫେସର ଡଃ ଦାଶରଥି ମିଶ୍ର**

ଆବିର୍ଭାବ - ୧୯୫୧ - ଅକ୍ଟୋବର ୩

ତିରୋଧାନ - ୨୦୦୩, ନଭେମ୍ବର ୯

**ଗୁରୁ ଓ ଶିଷ୍ୟ**

ଦୁଇ ପୂଣ୍ୟାତ୍ମାଙ୍କୁ

ଗଭୀର ଶ୍ରଦ୍ଧା ଓ ସମ୍ମାନର ସହ ଏହି ସ୍ମୃତିଗ୍ରନ୍ଥ ନିବେଦିତ

## ଅନନ୍ୟା ସେ ଅନୁପମା



**ପୃ**ଥିବୀ... ଆଜିର ବିଶ୍ୱରେ ଭାରତ ବୋଲି ଗୋଟିଏ ଦେଶ ଅଛି । ସେହି ଦେଶରେ ଓଡ଼ିଶା ବୋଲି ଗୋଟିଏ ରାଜ୍ୟ ଅଛି । ସେହି ରାଜ୍ୟର ସାଂପ୍ରତିକ ରାଜଧାନୀ ହେଉଛି ଭୁବନେଶ୍ୱର । କୁହାଯାଏ, ଆଦିମାନବର ଆଦିଭୂମି କୁଆଡ଼େ ଓଡ଼ିଶା । ଇତିହାସ କାଳେ କାଳେ କଡ଼ ନେଉଟାଏ । ଏହି ଭୁବନେଶ୍ୱର ହଜାରେ ବର୍ଷର ପୁରୁଣା ସହର କଟକ ଅପେକ୍ଷା ଆହୁରି ପ୍ରାଚୀନ । ୫ହଜାର ବର୍ଷର ପୁରୁଣା । ଏହି ସହରର ଭୂମି ଉପରେ ଠିଆ ହୋଇଛି ଶହ ଶହ ପ୍ରାଚୀନ ମନ୍ଦିର । ବିଶ୍ୱର ଏଇଟା ପ୍ରାଚୀନତମ ଶୈବପୀଠ । ମନ୍ଦିର ମାଳିନୀ ସହର... ଉଭା ଯେତେ, ପୋତା ସେତେ ।

ହଁ, ମନ୍ଦିର ମାଳିନୀ ସହର, ଆଧୁନିକ ଓଡ଼ିଶାର ରାଜଧାନୀ । ଗତ ସହସ୍ରାବ୍ଦୀର ୪ର୍ଥ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ତତ୍‌କାଳୀନ କଳିଙ୍ଗ-ଉତ୍କଳର ରାଜନ୍ୟବର୍ଗ, ସେମାନଙ୍କ ରାଣୀ-ମହାରାଣୀମାନଙ୍କ ରୁଚି ଓ ଇଚ୍ଛା ଅନୁସାରେ ଗଢ଼ିଉଠିଥିଲା ଶହ ଶହ ଶିବମନ୍ଦିର । ରାଜରାଣୀ, ଲିଙ୍ଗରାଜ, ଅନନ୍ତବାସୁଦେବ, ବ୍ରହ୍ମେଶ୍ୱର... ଶହ ଶହ- କେତେ ଯେ ମନ୍ଦିରକୁ ନେଇ ଇତିହାସ ମୌନମୁଖର ।

ବିଶ୍ୱର ସେଇ ମନ୍ଦିରମାଳିନୀ ପ୍ରାଚୀନ ଜନପଦ ଓ ଆଜିର ମହାନଗରୀ ଭୁବନେଶ୍ୱର । ଭାସ୍କରେଶ୍ୱର ମନ୍ଦିରରୁ ବ୍ରହ୍ମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଲମ୍ବି ଯାଇଥିବା ରାସ୍ତାର ନାଁ ବ୍ରହ୍ମେଶ୍ୱର ପାଟଣା । ଏହି ଅଞ୍ଚଳ ଚିହ୍ନଟ ହୁଏ ଟଙ୍କପାଣି ରୋଡ଼ ପାଇଁ । ଏଇଠି ଠିଆ ହୋଇଛି ଗୋଟିଏ ସମ୍ଭ୍ରାନ୍ତ କଲୋନୀ 'ବସନ୍ତବିହାର' । ପ୍ଲଟ-୨ରେ ଠିଆ ହୋଇଛି ଗୋଟେ ଦ୍ୱିତଳ ପ୍ରାସାଦ । 'ମାତୃଭବନ' । ବସନ୍ତ ବିହାରର ସୁନ୍ଦର, ଶାନ୍ତ, ସୁସଜ୍ଜିତ ଗଳିରେ ପଶିଲା ବେଳକୁ ନାନାଜାତି ନାନାରଙ୍ଗୀ ଫୁଲକୁଣ୍ଡ ଓ ଶୁଭ୍ରସତେଜ ଧବଳ ଫୁଲଭରା ତରାଟ ଗଛଟିଏ ଯେଉଁ ଦାଣ୍ଡ ଅଗଣାରେ ଠିଆହୋଇଥିବ ସେଇଠି ଦୃଶ୍ୟ ହେବ 'ମାତୃଭବନ' । 'ମାତୃଭବନ' ଭିତରେ ପ୍ରବେଶ କଲାକ୍ଷଣି ପ୍ରଥମେ ଆଖିରେ ପଡ଼ିବ ବୈଠକଗୃହ । ବୈଠକୀର କାନ୍ଥରେ ଦୃଶ୍ୟହେବେ ମୃଦୁମୃଦୁ ସ୍ମିତହାସିନୀ ଜଗତ୍‌ଜନନୀ ଶ୍ରୀମା । ଶ୍ରୀମାଙ୍କ ପାର୍ଶ୍ୱରେ ପ୍ରଜ୍ଞାଶୀଳ ଦୀପ୍ତିମୟ, ଚକ୍ଷୁଯୁଗଳର ଭାବଗାମ୍ଭୀର୍ଯ୍ୟରେ ଶ୍ରୀ ଅରବିନ୍ଦ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପାର୍ଶ୍ୱରେ କାନ୍ଥରେ ଅଛନ୍ତି ସ୍ଥିତପ୍ରଜ୍ଞ ଗାମ୍ଭୀର୍ଯ୍ୟ ମୁଖମଣ୍ଡଳରେ ଦିବ୍ୟପୁରୁଷ ଦତ୍ତାତ୍ରେୟ ଶିରିଡ଼ି ସାଇଁ, ମୁରଲୀଧାରୀ ଶ୍ରୀକୃଷ୍ଣ ଓ ରାସେଶ୍ୱରୀ ଶ୍ରୀରାଧାଙ୍କ ଯୁଗଳବନ୍ଦୀ । ସେହି ଚିତ୍ରଗହଳୀ ମଧ୍ୟରେ ଅଛି ଓଡ଼ିଶାର ଅଗଣିତ ମେଧାବୀ ଛାତ୍ରଛାତ୍ରୀଙ୍କ କଲ୍ୟାଣମିତ୍ର ୰ପ୍ରଫେସର ଚିନ୍ତାମଣି ମହାପାତ୍ରଙ୍କ କପାଳରେ ଚନ୍ଦନ ଚର୍ଚ୍ଚିତ ରଙ୍ଗୀନଚିତ୍ର ।

ଆଉ ସେଇ 'ମାତୃଭବନ'ର ସତ୍ତ୍ୱାଧିକାରିଣୀ ?

ମାତୃଭବନର ସେଇ ଗୃହସ୍ଥ ମନ୍ଦିରର ଶାନ୍ତ ସ୍ନିଗ୍ଧ କୋଠରୀମାଳାରେ ବୈଠକୀ, ଠାକୁରଘର ବା ରୋଷେଇଶାଳରେ ନିଶ୍ଚୟ ଥିବେ ସେଇ ମଙ୍ଗଳମୟୀ ଜୀବନ୍ତ ପ୍ରତିମ ।

ତାଙ୍କୁ ଦେଖିଲେ ମନେହେବ ସତେଯେମିତି ପଣ୍ଡିଚେରୀରୁ ଦିବ୍ୟଜନନୀ ଶ୍ରୀମା ନୋହିଲେ କଲିକତାରୁ ମଦର ଟେରେସା ଭିନ୍ନ ଏକ ରୂପରେ ଆସି ଅବସ୍ଥାନ କରୁଛନ୍ତି ଏହି 'ମାତୃଭବନ'ରେ ।

ହଁ, ଆପଣ ଯଦି ସାମାନ୍ୟ ଉଦ୍ୟମ କରିବେ, ଆପଣଙ୍କ ଜୀବନବ୍ୟାପୀ ଅଧ୍ୟୟନ, ଅନୁଭବ ଓ ଅନୁଧ୍ୟାନକୁ ଏକାକାର କରି ସେଇ ଗୃହସ୍ୱାମିନୀଙ୍କୁ ଲକ୍ଷ୍ୟ କରିବେ ଆପଣ ତାଙ୍କରି ଭିତରେ ପାଇବେ ଶ୍ରୀମାଙ୍କ ଦିବ୍ୟସତ୍ତା ଆଉ ପରମ କରୁଣାମୟୀ ମଦର ଟେରେସାଙ୍କ ସ୍ନେହ, ଶ୍ରଦ୍ଧା ଏବଂ ବାତ୍ସଲ୍ୟ ମମତା । ଆଉ ଟିକେ ଚେତନାର ଗଭୀରତାକୁ ଯାଇ ଖୋଜିଲେ ପାଇବେ ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କ ସାରସ୍ୱତ ନାରୀସତ୍ତା ।

ସେହି ମହିୟସୀ ମହିଳାଙ୍କ ସହିତ ପାଠକଙ୍କୁ ପରିଚୟ କରାଇଦିଏ :

ତାଙ୍କ ନାମ **ସ୍ନେହଲତା ମହାପାତ୍ର** ।

ଭବାନୀ ପାଟଣାରୁ ବ୍ରହ୍ମପୁର, ରାୟଗଡ଼ାରୁ ଭୁବନେଶ୍ୱର-କଟକ ପର୍ଯ୍ୟନ୍ତ ପରିବ୍ୟାପ୍ତ ଦୁଃଖି-ରଙ୍କି, ଆର୍ଥିକ ଦୁର୍ବଳ ଶ୍ରେଣୀର ଦୀନଦରିଦ୍ର ଠାରୁ ଆରମ୍ଭ କରି ସମାଜର ସମ୍ଭ୍ରାନ୍ତବର୍ଗର ଲେଖକ, ସାମ୍ବାଦିକ, ସମାଜସେବୀ ସମସ୍ତଙ୍କର ଅତି ପ୍ରିୟ 'ସ୍ନେହନାନୀ'... ସ୍ନେହଲତା ମହାପାତ୍ର ।

ଉଷାଲୋକର ପ୍ରାତଃ ୫ଟା ବେଳୁ ଶଯ୍ୟାତ୍ୟାଗ କରି ମଧ୍ୟରାତ୍ରି ବେଳକୁ ଶରୀରକୁ ବିଶ୍ରାମ ଦେବା ମଧ୍ୟରେ ଅବଶିଷ୍ଟ ୧୮...୧୯ଘଣ୍ଟା ଧରି ଆମର ଏଇ ଅନନ୍ୟ ଅନୁପମା ମହିଷ୍ମତୀ.. ଏହି ଧୂଳିମାଟିର ତେଜସ୍ୱିନୀ... କବିଗୁରୁ ରବୀନ୍ଦ୍ରନାଥଙ୍କ ଭାଷାରେ 'ଅର୍ଦ୍ଧେକ ମାନବୀ ସିଏ ଅର୍ଦ୍ଧେକ ଈଶ୍ୱରୀ'ଟି ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସେତୁବନ୍ଧ ନିର୍ମାଣରେ ନିଯୁକ୍ତ ଗୁଣ୍ଡୁଚିଟି ପରି କିଛି ନା କିଛି ଗୋଟେ ଜନକଲ୍ୟାଣ କାମରେ ଲାଗିଥିବେ ଯେ ଲାଗିଥିବେ !

ଦିବ୍ୟଜ୍ୟୋତି ସଂପନ୍ନା ମାନବୀଟିକୁ ଆପଣ ଯଦି କେବେ ଭେଟିବାକୁ ତାଙ୍କ ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣା ବସନ୍ତ ବିହାରର ଦୁଇନମ୍ବର ପ୍ଲଟର ନୀଡ଼କୁ ଯିବେ, ଆପଣଙ୍କୁ କଲିଂ ବେଲ୍ ଟିପିବାକୁ ପଡ଼ିବ ନାହିଁ, ଆପଣ ଖାଲି 'ସ୍ନେହନାନି' ବୋଲି ଡାକିଦେଲେ ଭିତରୁ ଉତ୍ତର ଆସିବ- 'ହଁ ଆସୁଚି, ଟିକେ ଅପେକ୍ଷା କର' । ନାନି ହୁଏତ ସେତିକିବେଳେ ତାଙ୍କ ପ୍ରକାଶୋନ୍ମୁଖୀ କୌଣସି ଏକ ପୁସ୍ତକର ପ୍ରୁଫ୍ ଦେଖୁଥିବେ, ନୋହିଲେ ଏ ବୟସରେ ସୁଦ୍ଧା ତାଙ୍କର କେଉଁ ଅନାଗତ ଅତିଥି ପାଇଁ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରୁଥିବେ କିଚେନ୍ ରୁମ୍‌ରେ । ସ୍ନେହନାନୀ ମହାଯୋଗିନୀମାନଙ୍କ ପରି ସ୍ୱଳ୍ପାହାରୀ କିନ୍ତୁ ନିତ୍ୟନିୟମିତ ଦଶବାର ଜଣ ଅତିଥିଙ୍କୁ ସେମାନଙ୍କ ମନପସନ୍ଦର ସୁସ୍ୱାଦୁ ଖାଦ୍ୟ ପ୍ରଚୁର ପରିମାଣରେ, କଞ୍ଚା ଭାଷାରେ କହିବାକୁ ଗଲେ ପେଟଭର୍ତ୍ତି ନ ଖୁଆଇଲେ ସତେଯେମିତି ତାଙ୍କୁ ଶାନ୍ତି ନାହିଁ । ସାରସ୍ୱତ ସୃଜନକର୍ମରେ ସେ ଯେପରି 'ନୀଳସରସ୍ୱତୀ' ସେହିପରି ମାତୃରୂପେଣ 'ମହାଲକ୍ଷ୍ମୀ' ।

ବିପୁଳାଚ ପୃଥ୍ୱୀ... କାଳନିରବଧି ।

ସେହି ବିପୁଳାଚ ପୃଥ୍ୱୀ ମଧ୍ୟରେ ଯେଉଁ 'ମହାଲକ୍ଷ୍ମୀ', 'ମହାସରସ୍ୱତୀ' ଓ 'ମହାକାଳୀ'ମାନେ ମହାକାଳକୁ ସ୍ତବ୍ଧ ଚକିତ କରି ଏହି ଧରାରେ ଅବତରଣ କରିଥାନ୍ତି ସ୍ୱୟଂ ନାରାୟଣୀ ନାରୀ ରୂପରେ, ଜନନୀ, ଭଗିନୀ-ଜାୟା ରୂପରେ ଦେଖାଦେଇଥାନ୍ତି । ବିରସ ମୁହଁରେ ଧାରେ ହସର ଆଲୁଅ ଫୁଟାଇ ଦେଇଥାନ୍ତି, ସେପରି ଜଣେ ନାରୀ 'ସ୍ନେହନାନୀ'ଙ୍କୁ ଆପଣ 'ମାତୃଭବନ' ବାହାରେ, ଭୁବନେଶ୍ୱର ଗୌତମ ନଗର ବ୍ରହ୍ମବିଦ୍ୟା ସମିତି ହଲ୍‌ରେ, ପାନ୍ଥନିବାସ ସମ୍ମିଳନୀ କକ୍ଷରେ ନୋହିଲେ ବ୍ରହ୍ମପୁରରେ ତାଙ୍କ ଅନ୍ତରଙ୍ଗ ବାନ୍ଧବୀ ଶ୍ରୀମତୀ ନର୍ମଦା ପାଢ଼ୀଙ୍କ ସହିତ ମନେ ବିକାଶ ସ୍କୁଲରେ ନିଶ୍ଚୟ ଦେଖିଥିବେ । ଅଧିକାଂଶରେ ପରିବାର ସହିତ ସେ ଜୟପୁରରେ ରହନ୍ତି ।

ତାଙ୍କୁ ମୁଁ ଗତ ୪୦ ବର୍ଷ ଭିତରେ ଅତି ନିକଟରୁ ଦେଖିଛି ଜଣେ ରଚନାତ୍ମକ କର୍ମୀ ଭାବରେ, ଓଡ଼ିଶାର ପ୍ରଥମ ଫିଚର ଭିତ୍ତିକ ମାସିକ ସମ୍ବାଦ ପତ୍ରିକା 'ବିବରଣୀ'ର ପ୍ରକାଶିକା ଓ ପରିଚାଳିକା ଭାବରେ, ପୁଣି ଦେଖିଛି ମୋର ବାଲ୍ୟବନ୍ଧୁ ବୁଲୁର (ଶ୍ରୀଯୁକ୍ତ ସୁବ୍ରତ ମହାପାତ୍ର) ସ୍ନେହ ଛଳଛଳ ଜନ୍ମଦାତ୍ରୀ ଭାବରେ, ଓଡ଼ିଶାର ସମ୍ବାଦପତ୍ର ଓ ସମ୍ବାଦ ସାହିତ୍ୟର ଗବେଷକ, ଆଧୁନିକତାର ମୁଖ୍ୟ ପ୍ରବର୍ତ୍ତକ ଛାତ୍ରବତ୍ସଳ ଅଧ୍ୟାପକ ପ୍ରଫେସର ଚିନ୍ତାମଣି ମହାପାତ୍ରଙ୍କ ସହଧର୍ମିଣୀ- ସହଯାତ୍ରିଣୀ ପୁଣି ବ୍ରହ୍ମବିଦ୍ୟାର ପ୍ରଚାରିକା ଭାବରେ ।

ବହୁ ବର୍ଷ ବ୍ୟବଧାନରେ ମୁଁ ତାଙ୍କୁ ପାଇଥିଲି ସେଇ ରମଣୀୟ-ସ୍ମରଣୀୟ ସନ୍ଧ୍ୟାରେ- ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ପର୍ବରେ ଭୁବନେଶ୍ୱର ପାନ୍ଥନିବାସରେ ଆୟୋଜିତ ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀରେ ଉଦ୍‌ଘାଟିକା-ସମ୍ମାନୀତ ଅତିଥି ଭାବରେ । ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପାଞ୍ଚଶହରୁ ଊର୍ଦ୍ଧ୍ୱ ଲେଖିକା, ସାହିତ୍ୟ ଅନୁରାଗୀମାନଙ୍କୁ ଜୀବନ ଓ ଜଗତର କଲ୍ୟାଣ ପାଇଁ ଲେଖକ-ଲେଖିକାଙ୍କ ଦାୟିତ୍ୱ- ଅଙ୍ଗୀକାରବଦ୍ଧତା ଉପରେ ସେ ଯେଉଁ ପ୍ରାଣସ୍ପନ୍ଦନକାରୀ ଉଦ୍‌ବୋଧନ ଦେଇଥିଲେ, ତାଙ୍କର ସେଇ ଶାନ୍ତ-ସୁଧାବାଣୀ ମୋ ପାର୍ଶ୍ୱରେ ବସିଥିବା ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଓଡ଼ିଆ କବି ଶ୍ରୀଯୁକ୍ତ ରମାକାନ୍ତ ରଥଙ୍କୁ ସୁଦ୍ଧା ଶ୍ରୋତାମଣ୍ଡଳୀରୁ ମୁଗ୍ଧ କରିଥିଲା ।

ଦୀର୍ଘ ପଚାଶବର୍ଷରୁ ଊର୍ଦ୍ଧ୍ୱକାଳ ଓଡ଼ିଶାର ଏହି ମହିୟସୀ ନାରୀଟି ବଣମଲ୍ଲୀ ପରି ରହିଯାଇଛନ୍ତି ? ଜୀବନବ୍ୟାପୀ କେବଳ ଅନ୍ୟମାନଙ୍କୁ ଦେବା, ଅଜାଡ଼ିଦେବା ଅଥଚ କାହା ପାଖରୁ କିଛି ପ୍ରତ୍ୟାଶା ନରଖି ନିରନ୍ତର କର୍ମମୁଖର ଥିବା ଏହି ଦେବୀପ୍ରତିମାଙ୍କ ଘରକୁ ସେଦିନ ଯାଇଥିଲି । ତାଙ୍କ ବହି ଭର୍ତ୍ତି ବୈଠକୀରେ ତାଙ୍କର ଯେଉଁ ଦିନଲିପିଟି ପାଇଥିଲି, ତାଙ୍କୁ ଅନୁରୋଧ କରିଥିଲି ସଂକ୍ଷିପ୍ତ ହେଉପଛେ ଆତ୍ମଜୀବନୀଟିଏ ଲେଖିବାକୁ । ଯାହାର ଫଳଶ୍ରୁତି ହେଉଛି ଏହି – ଅନନ୍ୟା..... ! ଏହି 'ଅନନ୍ୟା' ସଂପାଦନା ଓ ପ୍ରକାଶନ ଜନିତ ଉତ୍ପାଦନ କାର୍ଯ୍ୟରେ ମୋତେ ଯଥେଷ୍ଟ ସହଯୋଗ କରିଛନ୍ତି ମୋର ସାରସ୍ୱତ ଜୀବନ ଯାତ୍ରାର ଅନନ୍ୟ ସହଯାତ୍ରୀ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀଯୁକ୍ତ ମହାପାତ୍ର ଭାସ୍କର ଗନ୍ତାଏତ୍ । ତାଙ୍କୁ କୃତଜ୍ଞତା ଜଣାଉଛି ।

**ଶିବକ୍ଷେତ୍ର,** **–ବିଧୁପ୍ରଭା**

ଦ୍ୱିତୀୟ ଇନ୍ଦିରା ନଗର, ବ୍ରହ୍ମପୁର

# ପିଲାଦିନର ସ୍ମୃତି

ପିଲାଦିନର ସ୍ମୃତି ମୋର ଜୀବନର ପାଥେୟ । ମୋର ନନା ଥିବା ପର୍ଯ୍ୟନ୍ତ ପ୍ରାୟ ୮/୯ ବର୍ଷ ବୟସ ଧରି ମୋର ଜୀବନ ଥିଲା ଆନନ୍ଦମୟ । କଳାହାଣ୍ଡିର ପାହାଡ଼ ଘେରା ଘଞ୍ଚ ବନାନୀ ଭିତରେ ଦେଇ ଝରଣାର କୁଳୁକୁଳୁ ମଧୁର ଗୁଞ୍ଜନରେ ମୁଁ ଆତ୍ମହରା ହୋଇପଡ଼େ । ସାଙ୍ଗମାନଙ୍କ ସାଙ୍ଗରେ ପ୍ରତି ରବିବାର ଆମେ ଯାଉ ବଣ, ପାହାଡ଼ ବୁଲିବା ପାଇଁ । ଝରଣା କୂଳେ ଡେଇଁ ଡେଇଁ ବୁଲୁଥିବାବେଳେ ଏକ ସ୍ୱର୍ଗୀୟ ଆନନ୍ଦ ମୁଁ ଅନୁଭବ କରୁଥିଲି । ତାହାଥିଲା ଶାଶ୍ୱତ ଏବଂ ଅନନ୍ତ ସତ୍ତାର ଏକ ଅପୂର୍ବ ଅନୁଭୂତି ! ! ବର୍ତ୍ତମାନ ମଧ୍ୟ ସେହି ଶାଶ୍ୱତ ଆନନ୍ଦର ସ୍ରୋତ ବେଳେବେଳେ ମୋ ପ୍ରାଣରେ ଆଲୋଡ଼ନ ସୃଷ୍ଟି କରେ । ଆଃ ! କି ସ୍ୱର୍ଗୀୟ ସେ ବ୍ରହ୍ମାନନ୍ଦର ଅନୁଭୂତି ! ଦୀର୍ଘ ବର୍ଷ ପରେ ମଧ୍ୟ ମୁଁ ଆଉ ଏଭଳି ଆନନ୍ଦ ଅନୁଭବ କରିପାରିଲି ନାହିଁ ।

ବୋଉ ମୋର ଥିଲା କୃଷ୍ଣଭକ୍ତ । ଗିନି ବଜାଇ ନିଜ ରଚିତ ସଂଗୀତ ଗାଉଥିଲାବେଳେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦେଖି ମୁଁ ତ ମୂକ ହୋଇଯାଉଥିଲି- ଚକ୍ଷୁରୁ ଧାରଧାର ଅଶ୍ରୁ ମୋର ଝରି ଯାଉଥିଲା । ବୁଢ଼ୀମା ଚାନ୍ଦକଳା ଦେବୀ ପରୋପକାରୀ, ସୁନ୍ଦରୀ । କହୁଥିଲେ – 'ତୁ ଗୋପାଳୁଣୀ ହୋଇଯିବୁ କି'ଲୋ ସାନଝିଅ ।'

ନନାଙ୍କ ଦାନଶୀଳ ପ୍ରକୃତି ଓ ପରୋପକାରୀ ସ୍ୱଭାବ ମୋ ଉପରେ ସେଇ ବାଲ୍ୟକାଳରୁ ଖୁବ୍ ପ୍ରଭାବ ପକାଇଥିଲା । ନନାଙ୍କ ଜୀବନର ଲକ୍ଷ୍ୟ ଥିଲା ମାନବ ସେବା । ସେ ବହୁ ଗରୀବ ଛାତ୍ରଙ୍କୁ ଘରେ ରଖି ପାଠ ପଢ଼ାଉଥିଲେ – ନିରାଶ୍ରୟ ବୃଦ୍ଧ, ବୃଦ୍ଧା ଓ ବିଧବାଙ୍କ ପ୍ରତିପୋଷଣ ବ୍ୟବସ୍ଥା କରି ଦେଉଥିଲେ । ଗରୀବ ବ୍ରାହ୍ମଣ ପୁତ୍ରମାନଙ୍କର ବ୍ରତୋପନୟନ, ବିବାହ, ଔଷଧ ପାଇଁ ନିଜ ଉପାର୍ଜନରୁ ଖର୍ଚ୍ଚ କରୁଥିଲେ । ସେ କହୁଥିଲେ- "ସ୍ନେହ ଓ ପ୍ରେମ ଦ୍ୱାରା ମଣିଷ, ମଣିଷର ହୃଦୟକୁ ଜୟ କରିପାରେ । ଜାତି ଭେଦ ମଣିଷକୁ ସଙ୍କୁଚିତ କରି ଦିଏ । ଜଗତବାସୀଙ୍କୁ ସ୍ନେହ କର ! ତୁମରି ହୃଦୟ ବିସ୍ତୃତ ହୋଇ ଉଠିବ ।" ତେଣୁ ସେ ଅର୍ଥକୁ ସର୍ବସ୍ୱ ବୋଲି ଭାବି ନାହାନ୍ତି । ଜୀବନର

ଶେଷ ପର୍ଯ୍ୟନ୍ତ ସେ ଭବାନୀପାଟଣା ବାଳିକା ଏମ୍‌.ଇ ସ୍କୁଲର ହେଡମାଷ୍ଟର ଥିଲେ – ଯାହା କୋଡ଼ିଏ/ତିରିଶି ଟଙ୍କା ଦରମା ପାଉଥିଲେ। କର୍ମକର୍ମାଣୀରୁ ମଧ୍ୟ ଯାହା ପାଉଥିଲେ ସେ ସମସ୍ତ ଦୁଃସ୍ଥ ଓ ଗରିବଙ୍କ ସେବାରେ ବିନିଯୋଗ କରିବାକୁ ତିଳେ ହେଲେ କୁଣ୍ଠାବୋଧ କରୁ ନଥିଲେ। ସେ ତାଙ୍କ ଜୀବନରେ ଶହେ ଜଣ ମୁର୍ଦ୍ଦାର ପୋଡ଼ିଛନ୍ତି– କଳାହାଣ୍ଡିବାସୀ ତାଙ୍କୁ ଆମର ଗାନ୍ଧୀ ବୋଲି କହୁଥିଲେ। ତାଙ୍କର ଏ ସ୍ୱଭାବ ମୋତେ ପ୍ରଭାବିତ କରି ପାରିଛି।

ଏବେବି ମୋର ମନେ ଅଛି – ଥରେ ନନା ବୋଉ ହାତକୁ ସେ କାଳରେ ତାଙ୍କର ମାସକର ଦରମା ଟଙ୍କା ତିରିଶିରୁ ତିନି ଟଙ୍କା ଆଣି ବଢ଼ାଇ ଦେଲେ। ବୋଉ ତାଙ୍କ ମୁହଁକୁ ଟଙ୍କା ଫିଙ୍ଗି ଦେଇ ଅଭିମାନ ମିଶା କଣ୍ଠରେ କହିଲା– ''ଘରେ ଆଣି ଏତେ ଜଣ ଛାତ୍ର ଓ ନିରାଶ୍ରୟଙ୍କୁ ପୋଷୁଛ, ଜମିରୁ ବାର୍ଷିକ ଆଦାୟ ଧାନ ଛଅ ମାସ ଯାଉନି – ବାଡ଼ିରେ ବାଇଗଣ, ସାରୁ, ଶାଗ ଲଗାଇ ନିତି ମୁଁ ଗଛରେ ପାଣି ଢାଳୁଛି। ତୁମର ଛଅଟା ପୁଅଝିଅ। ବଡ଼ କୁନି (ଶିବରାମ) ବାହାରେ ପାରଳାଖେମୁଣ୍ଡିରେ ପାଠ ପଢୁଛି – ଘରେ ପିଲାଙ୍କୁ କଣ ଖାଇବାକୁ ଦେବି, ଏଥିରୁ ତା' ପାଖକୁ କେତେ ଟଙ୍କା ପଠାଇବି। ଟିକିଏ ଭାବୁ ନାହଁ।''

ସେତେବେଳେ ମୋର ବଡ଼ ଭାଇନା ଶିବରାମ – ପାରଳାଖେମୁଣ୍ଡିରେ ବି.ଏ., ପଢୁଥିଲେ। ବୋଉ ଅଧିକାଂଶ ସମୟରେ ତାଙ୍କର ସମସ୍ତ ଗହଣା ବନ୍ଧା ପକାଇ ଖର୍ଚ୍ଚ ତୁଲାଇଥିଲେ। ନନା କହନ୍ତି – ''ତିନି ପୁଅ ମୋର ତିନି ଲକ୍ଷ ଟଙ୍କା – ଆଉ ଝିଅ ତିନିଜଣ ପର ଘରକୁ ଯିବେ। ସବୁ ଭଗବତୀ ଦେବେଲୋ, ବ୍ୟସ୍ତ ହ'ନା, ଦେଖିବୁ ସେମାନେ ସବୁ କିପରି ଭଲରେ ରହିବେ। ଅନାଥ, ଦୁଃଖୀ, ରଙ୍କି ଗରୀବଙ୍କୁ ଦେଇ ଦେଉଛି ବୋଲି ଦୁଃଖ କରୁଛୁ – ଭଗବାନ ସାତଗୁଣ କରି ଫେରାଇ ଦେବେ।''

ବୋଉ ଏତିକିରେ ଶାନ୍ତ ହୋଇଯାଏ– କାରଣ ସେ ମଧ୍ୟ ଥିଲା ପରୋପକାରୀ, ଉଦାର, ଶାନ୍ତ ଓ କଷ୍ଟସହିଷ୍ଣୁ।

କବିତା, ଭଜନ-ଜଣାଣ ଲେଖି ସେ ତା'ର ଦୁଃଖ ଜଗନ୍ନାଥଙ୍କୁ ଜଣାଉଥିଲା। 'ଭକ୍ତି କୁସୁମ'ପୁସ୍ତକଟିରେ ତାର ଅତି ଉଚ୍ଚକୋଟୀର କବିତାମାନ ପ୍ରକାଶ ହୋଇଛି।



ସ୍ନେହଲତାଙ୍କ ନନା ଓ ବୋଉ

୧୯୪୯ ମସିହା ଜାନୁୟାରୀ ୩୦ରେ ପାକସ୍ଥଳୀ କ୍ଷତ ରୋଗରେ ପଡ଼ି ଓ୍ୱାଲଟିୟରରେ ମୋ ନନା ପ୍ରାଣ ତ୍ୟାଗ କଲେ। ମରିବା ପୂର୍ବରୁ ସେ ନାକରୁ ଅକ୍‌ସିଜେନ୍ କାଢ଼ି ଶେଜ ଉପରେ ବସି ପାଞ୍ଚଶହ ଦୁର୍ଗାଙ୍କ ନାମ ଜପ କରୁଥିଲେ। ଜପ ପରେ ସେ ଓଁ ମା' ଦୁର୍ଗା ବୋଲି ଡାକି ପ୍ରାଣତ୍ୟାଗ କଲେ। ତାଙ୍କ ପାଖରେ ବଡ଼ ପୁଅ ଶିବରାମ ଓ ମଝିଆ ଭାଇ - ଶିକ୍ଷକ, କୃଷ୍ଣଭକ୍ତ ପଦ୍ମନାଭ ଥିଲେ।

ସେହି ବର୍ଷ ବାବୁ ଭାଇ ବୈଦ୍ୟନାଥର ବ୍ରତୋପନୟନ ହେଲା। ବୋଉ ସବୁ ସମ୍ଭାଳିଲା। ନନା ମରିବାର ବର୍ଷକ ଭିତରେ ବୁଢ଼ୀମା ଚାନ୍ଦକଳା ଦେବୀ ଚାଲିଗଲେ। ଚାନ୍ଦକଳାଙ୍କୁ ବାଡ଼ି ଘରେ ବାଘ ଖାଇଦେଲା। ସେ ଏକ ଲମ୍ବା ଇତିହାସ। ସମସ୍ତେ ଆମକୁ ନିଆଁପାଣି ବାରଣ କଲେ। ମୋ ମାମୁଁ ଅନନ୍ତ ଚନ୍ଦ୍ର ମିଶ୍ର ଓ ଫୁଲମାଇଁଙ୍କ ଘରେ ବାଘ ଲୁଚିଥିଲା। ମୋର ସାନ ଭାଇ ବୈଦ୍ୟନାଥ ବାଡ଼ିରେ ବାଘକୁ ବାଡ଼େଇ ବାଡ଼େଇ ଦରମଲା କରିଦେଲା। ୧୨ ବର୍ଷ ବୟସରେ ପୁଅ ବାଘ ମାରିଛି ବୋଲି ବିଭିନ୍ନ ପତ୍ରିକାରେ ପ୍ରକାଶ ପାଇଥିଲା। ନନା ମରିବା ପୂର୍ବରୁ ବଡ଼ ନାନୀ ହେମଲତାକୁ ଓ ବଡ଼ ଭାଇନା

ଶିବରାମଙ୍କୁ ବିବାହ କରାଇ ଦେଇଥିଲେ। ହେମ ନାନୀଙ୍କ ବଡ଼ ପୁଅ ସୁଧାଂଶୁ ଜନ୍ମ ହୋଇଥିଲା। ମଝିଆ ଭାଇଙ୍କୁ ବୋଉ ବିବାହ କରାଇଲା ପୁରୀର ଗଦାଧର ମହାପାତ୍ରଙ୍କ ଝିଅ ସ୍ୱର୍ଣ୍ଣଲତାଙ୍କୁ। ସାନ ଭଉଣୀ ସୌଭାଗ୍ୟ ଛୋଟ ଥିଲା।

## ମୋର ବିବାହର ଅନୁଭୂତି

୧୯୫୨ ନଭେମ୍ବର ୧୫ରେ ମୋର ବିବାହ ହେଲା। ବିବାହ ପୂର୍ବରୁ ନନା ମୋର ମରି ଯାଇଥିଲେ – ମୋ ମଝିଆ ଭାଇ ଦେବ ପ୍ରତିମ – ବିବାହର ଆୟୋଜନ କରୁଥିଲେ। ଏଥି ପୂର୍ବରୁ ଚୋରି କେଶରେ ଘରେ ସମସ୍ତେ ବ୍ୟସ୍ତ ଥାଆନ୍ତି । ଭାଇର ଜିନିଷପତ୍ର ଚୋରି ହୋଇଯାଇଥାଏ– ସମସ୍ତ ଦୁଃଖ ହୃଦୟରେ ଚାପି ଭାଇ ଓ ବୋଉ ମିଶି ବିବାହ ଆୟୋଜନ କରୁଥାନ୍ତି। ସେତେବେଳେ ବ୍ରାହ୍ମଣ ସମାଜରେ ପ୍ରଥମତଃ ଯୁବତୀ ଝିଅମାନଙ୍କର ବିବାହ କରାଯାଉ ନଥିଲା। ପିଲା କନ୍ୟା ବିବାହ ପ୍ରଥା ଥିଲା। ଝିଅ ଗୃହ ଯୋଗ୍ୟ ହେଲେ ଜଙ୍ଗଲରେ ଛାଡ଼ି ଦେଉଥିଲେ। ସେ ଭୟରେ ବୋଉ ମୋର ଗୃହଯୋଗ୍ୟ ବିଷୟ ଲୁଚାଇ ରଖିଲା। କିନ୍ତୁ ବିବାହ ବେଦିରେ କହିବାକୁ ବାଧ ହେଲା।

ଦ୍ୱିତୀୟରେ ସେ ସମୟରେ ସାମନ୍ତ ଓ ବୈଦିକ ବ୍ରାହ୍ମଣ ଭିତରେ ବନ୍ଧୁତା ନ ଥିଲା । ସାମନ୍ତ ବ୍ରାହ୍ମଣ ବୈଦିକ ଘରେ ପତର ପକାଉ ନଥିଲେ। ବେଦିରେ ଏ ଦୁଇଟି ବିଷୟ ନେଇ ଗଣ୍ଡଗୋଳ ଆରମ୍ଭ ହୋଇଗଲା।

ମୋ ବିବାହକୁ ଆସିଥିବା ବ୍ରାହ୍ମଣମାନେ ଛୋଟ ବ୍ରାହ୍ମଣ ଘରେ ବନ୍ଧୁ କଲେ ଓ ଯୁବତୀ ଝିଅ ବିବାହ ଦେଲେ ବୋଲି ପାଞ୍ଚଶହ ଟଙ୍କା ବୋଉ ଉପରେ ଜୋରିମାନା ପକାଇଥିଲେ। ନହେଲେ ସେମାନେ ଜୋଇଁଙ୍କୁ ବ୍ରାହ୍ମଣ ସମାଜରେ ମିଶାଇବୁ ନାହିଁ ବୋଲି କହିଲେ। ବୋଉ ହାତରେ ଟଙ୍କା ପଇସା ନାହିଁ। ବହୁ କଷ୍ଟରେ ବିବାହ ଆୟୋଜନ କରିଛି। ବହୁତ କାନ୍ଦିଲା। ମୁଁ କାନ୍ଦି କାନ୍ଦି ମୂର୍ଚ୍ଛା ହୋଇଗଲି। ଦେଢ଼ଶୂର ନିଜେ ଉଠି ଆମେ ଭଲ ବ୍ରାହ୍ମଣ ବୋଲି କହୁଥାନ୍ତି ଓ ଭାଇକୁ ଉଠି ଆ' ବୋଲି ଡାକୁଥାନ୍ତି। ବୋଉ ମୋର ଦୁଃଖରେ କହିଲା– "ମୁଁ ପାଞ୍ଚଶହ ଟଙ୍କା ଦେଇ ପାରିବି ନାହିଁ – ମୁଁ କିଛି ଅନ୍ୟାୟ କରିନାହିଁ – ବ୍ରାହ୍ମଣ ଓ ଶିକ୍ଷିତ ପିଲାଟିକୁ ବିବାହ ଦେଉଛି – ବ୍ରାହ୍ମଣ ଭୋଜି

ନ ଖାଇଲେ ମୁଁ ରଙ୍କିଭୋଜନ କରାଇଦେବି। ଟଙ୍କା ଦେବି ନାହିଁ। ହେ ଧର୍ମ – ତୁ ଯଦି ସତରେ ଥିବୁ – ଆଜିଠାରୁ ଏ ସମାଜ ବଦଳିଯିବ। ମୋ ଜୋଇଁ ଯାହାଘରେ ଗୋଡ଼ ଧୋଉ ନଥିବେ ତୁମେ ସବୁ ସେଠାରେ ବନ୍ଧୁ କରିବ ଆଉ ଯୁବତୀ ଝିଅ କରି ତୁମେ ମାନେ ଘରେ ଲୁଚାଇ ରଖିଚ। ମୁଁ ଆରମ୍ଭ କରିଛି – ଏଣିକି ସମାଜରେ ଯୁବତୀ ବିବାହ ପ୍ରଚଳନ ହେବ ! ମୋ ଝିଅ ସମାଜ ବଦଳାଇ ଦେବ।''

ସତକୁ ସତ ଗଣ୍ଡଗୋଳ ହେଲା – ବ୍ରାହ୍ମଣମାନେ ଉଠି ଚାଲିଗଲେ। ଭୋଜି ଖାଇଲେ ନାହିଁ। ବିବାହ ଦେବୀରେ ନାରଣ କକା, ପଦ୍ମ ଭାଇନା ଓ ପୁରୋହିତ ଥିଲେ।ଆଉ କେହି ନଥିଲେ। ବଡ଼ ଭାଇନା ଶିବରାମ ଆସି ନଥିଲେ – ବାମଣ୍ଡାରେ ଟ୍ରେନ୍ ଅଟକି ଗଲା, ରହିଗଲେ।

ବୋଉ ଯାହା ଅଭିଶାପ ଦେଲା – ସତକୁ ସତ ଫଳିଲା। ଦୁଇମାସ ନ ଯାଉଣୁ ଯୁବତୀ ଝିଅମାନଙ୍କୁ ବିବାହ ଓ ଛୋଟ ଜାତିରେ ସମସ୍ତେ ବନ୍ଧୁ କରିଚାଲିଲେ। ଏଣେ ଦେଢ଼ଶୂର ଭାଇକୁ କହିଲେ – ତୁ ଉଠିଆ ବେଦୀରୁ। ମୁଁ ତତେ ଭଲ ଜାଗାରେ ବିବାହ କରାଇବି। ଚିନ୍ତାମଣି ବାବୁ କହିଲେ, – ମୁଁ ଗୋଟିଏ ନିରୀହ ଝିଅର ଜୀବନ ନଷ୍ଟ କରିବାକୁ ଚାହେଁନି – ମୁଁ ବିବାହ କରିବି। ଦେଢ଼ଶୂର ପୁରା ମନା କରିଦେଲେ – ଯଦି ବିଭାହେବୁ ମୁଁ ଘରର କୌଣସି ସମ୍ପତ୍ତିର ଭାଗ ଦେବି ନାହିଁ। ଚିନ୍ତାମଣି ବାବୁ ନାଟକୀୟ ଛଟାରେ କହିଲେ– "ମୁଁ ତୁମଠାରୁ ଭାଗ ନେବି ନାହିଁ କି ମୋର ବିଧବା ଶାଶୁଙ୍କଠାରୁ ବି କିଛି ଆଣିବି ନାହିଁ। ସତରେ ସେ କିଛି ଆଣିଲେ ନାହିଁ।

ଏକ ବସ୍ତ୍ର ପିନ୍ଧି ମୁଁ ଆସିଲି। ଶଙ୍ଖା, ବଉଳ ପାଟ ଶାଶୁଘର ତରଫରୁ ଆସେ – ଏଣୁ ବୋଉ କରି ନଥିଲା। ଦେଢ଼ଶୂର ଶଙ୍ଖା ପାଟ ଫେରାଇ ନେଲେ । ନନା ମରି ଯାଇଥିଲେ। ବୋଉ ବହୁ କଷ୍ଟରେ ବିବାହ ଆୟୋଜନ କରିଥିଲା। ସେ ଶାଢ଼ୀ କିଣି ନ ଥିଲା । ପୁରୁଣା ପାଟ ଖଣ୍ଡେ ଥିଲା। ମୁଁ ପିଲାଦିନରେ ଗୀତ ଗାଇ ପାଟ ଖଣ୍ଡିକ ରାଜାଘରୁ ପାଇଥିଲି। ମୋ ବୋଉ କବିତା ଲେଖିଥିଲା– ଯୁବରାଜ ଉଦିତଙ୍କ ଜନ୍ମଦିନରେ। "ଆଜି ଏ କାରୁଣ୍ୟ ଦେଶ ହୋଇଛି କେଡ଼େ ଉଲ୍ଲାସ – ପ୍ରତାପ କିଶୋରୀ ଦେବ ରାଜଭବନେ"। ସେହି ଶାଢ଼ୀଟି ପିନ୍ଧିଲି ହାତରେ ନୀଳ ଚୁଡ଼ି ପାଞ୍ଚ ପଟ ପିନ୍ଧିଥିଲି। ଗହଣା ଭିତରେ ଶୋରିଷିଆମାଳି ଖଣ୍ଡିଏ, ବଟଫଳ ଖଡୁ ଦୁଇପଟ, ପାଉଁଜିରୁ ଦୁଇପଟ

ଥିଲା। ମୋ ହେମନାନୀ - ଫୁଲମାଇଁ, କ୍ଷେତ୍ରମଣି ଭାଉଜ - ମୋତେ ବସାଇଦେଲେ ସବାରିରେ। ଦିନ ୧୨ଟାରେ ସବାରୀ ଆସି ତିଲୋଯୋଡ଼ି ଗ୍ରାମରେ ପହଞ୍ଚିଲା।

ମୁଁ ଆସି ପହଞ୍ଚିଲା ବେଳକୁ ମୋତେ ବନ୍ଦାଇବାକୁ କେହି ଆସି ନଥିଲେ। ଶାଶୁ ପୂଜା କରୁଥିଲେ। କହିଲେ– ''ତେଙ୍ଗଡ଼ାରୁ ଭାତ ଗୁଣ୍ଡାଏ ଆଣି ପାଟିରେ ଲଗାଇ ହାଣ୍ଡି ଛୁଅଁ। ମୁଁ ବିଧବା - ତତେ ବନ୍ଦାଇ ପାରିବି ନାହିଁ।'' ମୋ ଜା', ଦେଢ଼ଶୁର ଜାଣି କରି କବାଟ ଦେଇ ଶୋଇ ପଡ଼ିଲେ। ଭୋଜିକୁ ଯେଉଁମାନେ ଆସିଥିଲେ - ବିବାହ ଗଣ୍ଡଗୋଳ ହୋଇ ବନ୍ଦ ହେଲା ଶୁଣି ସକାଳୁ ଚାଲି ଯାଇଥିଲେ । ମୋ ମକର ମଢ଼ି ମୋ ବୟସର ଅବିବାହିତା ଥିଲା। ସେ କେବଳ ମତେ ନେଇ ହାଣ୍ଡିଶାଳ ଦେଖାଇଦେଲା। ସାଙ୍ଗରେ ମୋର ସାନଭାଇ ବୈଦ୍ୟନାଥ, ହେମନାନୀର ପୁଅ- ବର୍ତ୍ତମାନ ଦୂରଦର୍ଶନର ସଙ୍ଗୀତଜ୍ଞ ଶଶାଙ୍କ ମହାପାତ୍ର- ଶିକ୍ଷକ ସୁଧାଂଶୁ ଶେଖର ମହାପାତ୍ର - ମୋ ସାନଭଉଣୀ ସୌଭାଗ୍ୟ ମିଶ୍ର - କକାପୁଅ ଭାଇ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ - ଗୋପୀ ଭାଇ ପ୍ରଭୃତି ଆସିଥିଲେ। ଗାଁର କେତେକ ରୟତ ପରଜା ମଧ୍ୟ ଆସିଥିଲେ। ସମସ୍ତେ ଖାଇବେ। ମୁଁ ମାଟି ହାଣ୍ଡି ବସାଇ ରାନ୍ଧିଲି - ଶାଶୁ ପରିବା କାଟି ଦେଲେ। ମୋ ଜା' ଙ୍କ ଭାଇ କୃଷ୍ଣଚନ୍ଦ୍ର ରଥ (ନାତି ସତ୍ୟବ୍ରତର ବୁଢ଼ାବାପା) ମତେ ସାହାଯ୍ୟ କଲେ। ପାଲଟିବାକୁ ମୋତେ ଶାଢ଼ୀ ଘରୁ ଦେଇ ନଥିଲେ। କଜଳ ପେଡ଼ି ମଧ୍ୟ ଦେଇନଥିଲେ - ଶାଶୁ ତାଙ୍କ ଧଳା ଶାଢ଼ୀ ଖଣ୍ଡିଏ ପାଲଟିବାକୁ ଦେଲେ। ପ୍ରଥମ କରି ମୁଁ ରାନ୍ଧୁଛି - କାରଣ ସେତେବେଳେ ବ୍ରାହ୍ମଣ ଘର ଝିଅ ଅବିବାହିତରେ ଭାତ ହାଣ୍ଡି ଛୁଁ ନଥିଲେ। ମୁଁ ପିଠାପଣା କରୁଥିଲି - ଆମ ବୋଉ ରଜାଘରକୁ ଜେମାମଣିଙ୍କ ପାଇଁ ବହୁତ ପ୍ରକାର ପିଠା ପଠାଏ । ମୁଁ ତାହା ଶିଖିଥିଲି - କିନ୍ତୁ ଭାତ ରାନ୍ଧି ନଥିଲି । ପ୍ରଥମଥର ଚାଳିଶି/ପଚାଶ ଜଣଙ୍କ ପାଇଁ ରାନ୍ଧିଲି ସେଦିନ।

## ଚଉଠି ରାତିର ଅନୁଭୂତି

ଚଉଠି ଦିନ ଆମ ଘରୁ କିଛି ଲୁଗାପଟା ଆସି ନଥିଲା କିମ୍ୱା କେହି ଆସି ନଥିଲେ। ଦେଢ଼ଶୁର ଆଗରୁ କହିଥିବା ହେତୁ ବ୍ରାହ୍ମଣ ଆସିଥିଲା। ଶାଶୁ ବୁଝାଇ ଶୁଝାଇ ଦେଢ଼ଶୁର ଓ ଜା'ଙ୍କୁ ଆଣିଲେ - ମାଇଁଶାଶୁ ରେଖା ଦେବୀ ଓ ମାମୁଁ ଶଶୁର ହରିହର ମହାପାତ୍ର ଥିଲେ।

ଚଉଠି ରାତିରେ - ଶାଶୁ ରତ୍ନମଣି (ବହୁତ ଭଲ - ଶାନ୍ତ ଓ ଧର୍ମପରାୟଣା)। ମୋତେ ନୂଆ ଧଳା ଶାଢ଼ୀ ଖଣ୍ଡିଏ ପିନ୍ଧିବାକୁ ଦେଲେ। ସାୟା, ବ୍ଲାଉଜ ନାହିଁ - ମୁଣ୍ଡରେ ଆଣ୍ଠୁ ପର୍ଯ୍ୟନ୍ତ ବାଳ ମୁକୁଳା-ବାନ୍ଧି ଜାଣୁ ନଥିଲି। (କେହି ବାନ୍ଧି ଦେବାକୁ ନାହିଁ) ସିନ୍ଦୂର ଟିକିଏ ମଧ ନାହିଁ (ଚଉଠି ପେଡି ଘରୁ ଆଣି ନଥିଲି) ଚିନ୍ତାମଣି ବାବୁ ଆସି ଠିଆହେଲେ ଓ ମୋତେ ଚାହିଁଲେ - କ'ଣ ଭାବିଲେ କେଜାଣି - କହିଲେ, ସରସ୍ୱତୀ ଭଳି ଦିଶୁଛ। ସେ ତାଙ୍କ ଜୀବନ ବିଷୟରେ କହିଲେ - କିପରି ପାଠ ପଢ଼ିଲେ ଇତ୍ୟାଦି। ଶେଷରେ କହିଲେ - ଆମେ ସାଧାରଣ ମଣିଷ ଭଳି ବଞ୍ଚିବା ନାହିଁ। ସାଧାରଣ ମଣିଷଠାରୁ ଟିକିଏ ଉଚ୍ଚସ୍ତରରେ ରହିବା। ଆଠ ଦିନ ଧରି ସେ ମୋତେ ରାଜଯୋଗ ଉପରେ ବୁଝାଇ ଲାଗିଲେ। କହିଲେ- ଲେଖା ପଢ଼ା କର - କବିତା, ଗଳ୍ପ ଲେଖ - ଲେଖକମାନେ ହେଉଛନ୍ତି ଭଗବାନଙ୍କ ପ୍ରେରିତ ଏକ ଆତ୍ମା। ଲେଖା ମାଧ୍ୟମରେ ତୁମେ ଆଗେଇ ପାରିବ। ତୁମକୁ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିବାକୁ ପଡ଼ିବ। ନ ହେଲେ ମୋ ଜୀବନରେ ଉପଯୁକ୍ତ ସାଥୀ ହୋଇପାରିବ ନାହିଁ।

ଏହାର ଅର୍ଥ କ'ଣ ସେତେବେଳେ ମୁଁ ବୁଝି ପାରିନଥିଲି। ଏତେଦିନ ପରେ ଥିଓସଫିଷ୍ଟ ହେଲି ଭାବୁଛି - କିଭଳି ଉଚ୍ଚ ଚେତନାର ମଣିଷଟିଏ ସେ ଥିଲେ। ମୋତେ ସେ ଗଢ଼ିଦେଲେ - ମୋର ଜୀବନର ପଥକୁ ମହାନ୍ କରିଦେଲେ - ନିଜେ ତ ମହାନ୍ ହୋଇଗଲେ - ତାଙ୍କର ଆଦର୍ଶ ମୋତେ ପ୍ରତି ମୁହୂର୍ତ୍ତରେ ସଚେତନ କରିଦିଏ। ବିଗତ ଜୀବନ ସାରା ଲେଖିବାରେ- ସମାଜସେବା କରିବାରେ ମତେ ସେ ଉତ୍ସାହ ଦେଇ ଆସିଛନ୍ତି। ଭାବୁଛି କିପରି ଭାଗ୍ୟବତୀ ମୁଁ।

ଏଣେ ଦେଢ଼ଶୁର ଧିରେ ଧିରେ ମୋତେ ସ୍ନେହ କଲେ । ମୁଁ ସବୁବେଳେ ତାଙ୍କୁ ସନ୍ତୁଷ୍ଟ କରିବାରେ ଲାଗିଲି। ମୁଁ ଭଲ ପିଠାପଣା କରିଜାଣେ । ବୋଉଠାରୁ ଶିଖିଛି। ଛୁଞ୍ଚି ପତର, ଘରୁ ଚକୁଳି, ଗଜା, ଖୁରୁମା କରି ଖାଇବାକୁ ଦିଏ - ଘରେ ଅପର୍ଯ୍ୟାପ୍ତ ଗାଈ ଘିଅ। ତିନି ଶହ ଗାଈ ଛେଳି ଗୁହାଳରେ ଥାଆନ୍ତି। ସରୁ ଚାଉଳ, ଘିଅ, ଛେନା, ଗୁଡ଼, ନଡ଼ିଆ ଘରେ ଭର୍ତ୍ତି ହୋଇଥାଏ। ଅନ୍ୟାନ୍ୟ ଗାଁରୁ ଗାଉଁଟିଆ ମାନଙ୍କୁ ଡାକି ବୋହୂ ପିଠା କରିଛି କହି ଦେଢ଼ଶୁର ଡାକି ଖାଇବାକୁ ଦିଅନ୍ତି।

ଶାଶୁଙ୍କର ମୁଁ ଅତି ଆଦରର ବୋହୂ ହୋଇଥାଏ । ଶାଶୁ ରାତିରୁ ଉଠି ଘରଲିପି ବାସନ ମାଜୁଥିଲେ ମୁଁ ଆହୁରି ଆଗରୁ ଉଠି ସବୁକାମ କରିଦେଲି । ଯେତେ ସମ୍ପତ୍ତି ଥିଲେ ମଧ୍ୟ ସେ ସମୟରେ ଘରେ ବୋହୂମାନେ ହିଁ ସବୁ କାମ କରୁଥିଲେ । ଚାକର ରଖା ଯାଉନଥିଲା । ସହରରେ ବାସନ ମାଜିବାକୁ ବୋଉ ଚାକରାଣୀ ରଖିଥିଲା । ଏଠାରେ କେହି ନଥିଲେ । ଚାଉଳ କାଣ୍ଡିବା, ମୁଗ ଭାଜିବା, ପିଠୋଉ ବାଟି ଚକୁଳି କରିବା, ମାଟିଘର ଲିପିବା, ହାଣ୍ଡିରେ ଓ କାଠଚୁଲିରେ ରାନ୍ଧିବା ସବୁ ମୋ ସହଜ ହୋଇଗଲା ।

ଚଉଠି ରାତିର ଅନୁଭୂତି ପରେ ମୁଁ ଭାବିଲି - କିପରି ସମସ୍ତଙ୍କ ମନ ନେଇ ଏଠାରେ ରହିବି ? ନନା ବୋଉ, ସମସ୍ତଙ୍କୁ ମନେ ପକାଇ କାନ୍ଦିଲି । ଚିନ୍ତାମଣି ବାବୁ କହିଲେ - ଲେଖା ଲେଖି କର, ଗପ-କବିତା ଲେଖ, ମନ ସବୁବେଳେ ଆନନ୍ଦ ରହିବ । ମୁଁ କହିଲି ମୁଁ ଲେଖି ଜାଣେ ନାହିଁ । ଚେଷ୍ଟା କଲେ ତମେ ଲେଖିପାରିବ - ସେ ମୋତେ ତାଙ୍କର କେତେ କବିତା ଦେଖାଇଲେ । ସେ ଭାରି ସୁନ୍ଦର ଗୀତ ଗାଆନ୍ତି । ପାହାଡ଼ ଘେରା ବନଫୁଲରେ ଭରପୁର ତିଲୋଯୋଡ଼ି ଗ୍ରାମ ଭାରି ସୁନ୍ଦର ଦେଖାଯାଉଥାଏ ମୋ ଆଖିରେ !!

## କନ୍ଧୁଣୀ ମାନଙ୍କ ନାଚ

ଶାଶୁମୋତେ ଡାକି କହିଲେ - ଆ' ଦେଖିବୁ ଗାଁର ରୟତମାନେ ସାନ ଗାଉଁଟିଆଣୀକୁ (ତୋତେ) ଦେଖିବାକୁ ଆସିଛନ୍ତି । ଗଞ୍ଜାମ ହାବଭାବରେ ଗଢ଼ି ଉଠିଥିବା ସଂସ୍କାର ହେତୁ ମୁଁ ଆଖିମୁଦି ଏତେ ଓଢ଼ଣା ଦେଇ ଠିଆହେଲି । ଶାଶୁ କହିଲେ, ଚାହାଁ ଆଖିବନ୍ଦ କରନି । ଆଶ୍ଚର୍ଯ୍ୟ, ସହରରେ ମୁଁ ପିଲାଦିନରୁ କେବେ ମଧ୍ୟ ଏଭଳି କନ୍ଧମାନଙ୍କୁ ଦେଖି ନଥିଲି । ସେଥିରୁ ଅଧିକାଂଶ ଝିଅ ବୋହୁ - ସ୍ୱାସ୍ଥ୍ୟବାନ୍ । ଅଣ୍ଟା ପର୍ଯ୍ୟନ୍ତ ଦେଢ଼ ହାତ କନା ଗୁଡ଼ାଇଛନ୍ତି । ବେକରେ କାଇଁଚ ମାଳି ସୋରାରେ ଛାତି ଆବୃତ ହୋଇଛି । ମୋତେ ଦେଖି ସମସ୍ତେ ମୋ ଓଠକୁ ଧରି "ହାଏରେ ମୋର୍ ଧନ୍" ବୋଲି ଗେଲ କଲେ । ଆଉ ଲେ ଲେ ଲେ ବୋଲି ତାଙ୍କ ଭାଷାରେ ଗୀତ ବୋଲି ନାଚି ଚାଲିଲେ । ମୁଁ ଦେଖି କାବା । ସମସ୍ତେ ମୋ ଆଗରେ ଚୂଡ଼ା, ଗୁଡ଼, ମକା, ଆଖୁ, କୁକୁଡ଼ା ଆଣି ଭେଟି ଦେଲେ । ଶାଶୁ ମୋତେ କେତେ ଖଣ୍ଡ ଧଳା ଗାମୁଛା ବଢ଼ାଇ ଦେଲେ ସେମାନଙ୍କୁ ଦେବା ପାଇଁ । ମୁଁ

ଉପଭୋଗ କ'ଣ କରିବି ସେ ନାଚ ଦେଖି - ଭାବିଲି ଏ ସମାଜ ବଦଳିବ ଆଉ କେବେ ? ମୋ ଆଖିରେ ଲୁହ ।

ଯେତେବେଳେ ଚାଷ ଗ୍ରାମ ତେଲୋଯୋଡ଼ିକୁ ମୁଁ ଯାଏ ସମସ୍ତଙ୍କୁ ଲୁଗା ଦିଏ। ପାଠ ପଢ଼ିବାକୁ କହେ । ତଳେ ଖଡ଼ିରେ ଲେଖିଦିଏ। ବୁଝାଏ। ବର୍ତ୍ତମାନ ସବୁକିଛି ବଦଳି ଯାଇଛି। ଏବେ ମୁଁ ଦେଖୁଛି - ମୋର ରୟତ ପରଜାଙ୍କୁ। ସାର୍ଟ, ଧୋତି ପିନ୍ଧି ହାତରେ ରେଡ଼ିଓ ଧରି ଗୀତ ଶୁଣନ୍ତି। ସ୍ତ୍ରୀ ଲୋକମାନେ ସାୟା, ବ୍ଲାଉଜ ପିନ୍ଧି ମୁଣ୍ଡରେ କିଲିପି ମାରି - ଟିଭି ଦେଖିବାକୁ ଚାଲୁଛନ୍ତି। ମାଣ୍ଡିଆ ଜାଉ, ଚଣା ସିଝା, ବହଲ ଶାଗ, ଚଣା ଶାଗ ଖାଉଥିଲେ ଯେଉଁମାନେ, ଏବେ ସେମାନେ ନିୟମିତ ଭାବେ ଭାତ ତରକାରୀ ଡାଲି ଖାଇଲେଣି। କେନାଲ୍ ଖୋଳି, ରୋଡ଼ରେ ମାଟି ପକାଇ ପ୍ରଚୁର ଟଙ୍କା ପାଇଲେଣି। ହଁ ଯେଉଁମାନେ ଖିଳିଆ ମାଟିରେ ମୁଣ୍ଡ ଧୋଉ ଥିଲେ, ସାବୁନ ବଦଳରେ ଖପରା ଘସି ମଳି ସଫା କରୁଥିଲେ, ସର୍ଫ ବଦଳରେ ପାଉଁସ ଗୋଳି ଲୁଗା ସବୁ ସିଝାଇ ବନ୍ଧରେ କାଚୁଥିଲେ - ଆଜି ସେମାନେ ବାସନା ତେଲ, ସାବୁନ, ସର୍ଫ, ପାଉଡର ବ୍ୟବହାର କରି ଜାଣିଲେଣି - କେତେକ ମଧ୍ୟ ପାଠ ପଢ଼ିଲେଣି।

ଯେଉଁ ରାସ୍ତାଘାଟ ଜଙ୍ଗଲ ଥିଲା - ବାଘ ଆସୁଥିଲା - ଚନ୍ଦ୍ରପକ୍ଷ ରାତିରେ ବଳଦ ଗାଡ଼ିରେ ବସି ମୁଁ ଆମ ବାପ ଘରକୁ ଆସୁଥିଲି - ବାଟରେ ବାଘ ଜଗି ବସିଥାଏ। ଚାରିଆଡ଼େ ଘଞ୍ଚ ଜଙ୍ଗଲ, ଆଜି ଆଉ କିଛି ନାହିଁ - ଚାରିଆଡ଼େ ରାସ୍ତାଘାଟ ବଢ଼ି ଚାଲିଛି। ସମୟର ଚକରେ ସବୁକିଛି ବଦଳିଗଲା ସ୍ୱାଧୀନତା ପରେ। କିନ୍ତୁ ସରଳତାର ବିଲୟ ଘଟିଛି ବୋଲି ମୋର ମନେହୁଏ ଏବଂ ପାଶ୍ଚାତ୍ୟ ଚଳଣି ସମାଜରେ ପ୍ରସାର ହୋଇ ଚାଲିଛି।

କିଛି ଦିନ ପରେ ଦେଢ଼ଶୁର ବାଳକୃଷ୍ଣ ମହାପାତ୍ର ମୋତେ ଆଉ ଘୃଣା କଲେ ନାହିଁ। କାରଣ ମୁଁ ଘରର ସବୁକାମ କରେ - ଭଲ ପିଠାପଣା କରି ଜଳଖିଆ ଦିଏ - ପାଣି ଗରମ କରି ପଠାଇଦିଏ। ଦେଢ଼ଶୁର କହିଲେ ସମାଜ ଯାହା ଅପମାନ ଦେଲା - ମାତ୍ର ବୋହୂଟି ଭଲ। ମୋ ଜା'ର ନାମ ବି ସ୍ନେହଲତା ହୋଇଥିବାରୁ ଶାଶୁ ମୋତେ ଶାନ୍ତିଲତା ବୋଲି ନାମ ଦେଇଥିଲେ। ଚିନ୍ତାମଣି ବାବୁ ମଧ୍ୟ ଶାନ୍ତିଲତା ବୋଲି ଡାକନ୍ତି (ଏ ବିଷୟରେ ଏକ ଗପ କହିବି) ଝିଆରୀ ଦୀପ୍ତିଟି "ଖୁଲି ଖୁଲି" ବୋଲି କହି ମୋ ପାଖ

ଛାଡ଼େନି । ଶାଶୁ ମୋତେ ଭାରି ଭଲ ପାଆନ୍ତି । ଯାହା ଗହଣା ଥିଲା ମୋତେ ଯାଚିଲେ । ମୁଁ ନେଇ ନଥିଲି । ତାଙ୍କ ପାଖରେ ଥିଲା । ଦ୍ୱିତୀୟ ଥର ବାପଘରୁ ଶାଶୁଘରକୁ ଆସି ନାହିଁ ଶାଶୁ ରତ୍ନମଣି ବାଲି ତୃତୀୟା ଦିନ ଠାକୁର ଘରେ ପୁରାଣ ପଢୁଥିବା ଅବସ୍ଥାରେ ହୃଦ୍‌ରୋଗରେ ଦେହତ୍ୟାଗ କଲେ ୪୨ ବର୍ଷ ବୟସରେ ।

## ଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିଷ୍ଠା

ପ୍ରବାଦ ଅଛି - ଚିନ୍ତାମଣିବାବୁଙ୍କର ପୂର୍ବ ପୁରୁଷ ବାପା ପଣ୍ଡିତ ଚିନ୍ତାମଣି ମହାପାତ୍ର ସେ କାଳରେ କଳାହାଣ୍ଡି ଆସିଥିଲେ । (ପୂର୍ବଜଙ୍କ ନାମ ଅନୁଯାୟୀ (ସ୍ୱାମୀ) ଚିନ୍ତାମଣି ବାବୁଙ୍କର ନାମ ରଖାଯାଇଥିଲା । ସେ ସମୟର ରାଜା ଥିଲେ ମହାରାଜା ଶ୍ରୀ ଉଦିତ ପ୍ରତାପ କିଶୋରୀ ଦେଓ । ପଣ୍ଡିତେ, ରଜାଙ୍କ ଉଆସ ନିକଟବର୍ତ୍ତୀ ଜଗନ୍ନାଥ ମନ୍ଦିରକୁ ପ୍ରତିଦିନ ଯାଇ ଦର୍ଶନ କରି ଚାଲିଆସନ୍ତି । କିନ୍ତୁ ହାତ ଯୋଡ଼ନ୍ତି ନାହିଁ କି ମୁଣ୍ଡିଆ ମାରନ୍ତି ନାହିଁ । ଜଣେ ରାଜ କର୍ମଚାରୀ ଏକଥା ଜାଣି ରାଜାଙ୍କୁ କହିଲେ - ହଜୁର୍ କେନ୍‌ଠାନୁ ଗୁଟେ ବାମନ୍ ଆଇଛେ, ଜଗନ୍ନାଥ ଜୀ କେ ଜୁହାର ନାଇ ହେସି ।

ମହାରାଜ ପଣ୍ଡିତଙ୍କୁ ଡକାଇଲେ ଓ ପଚାରିଲେ - ଜଗନ୍ନାଥଙ୍କୁ କାହିଁକି ଜୁହାର ହେଲେ ନାହିଁ ? ମହାପାତ୍ରେ କହିଲେ - ମୁଁ ବ୍ରହ୍ମ । ଏହି ଠାକୁର ଭଲ ରୂପେ ପ୍ରତିଷ୍ଠା ହୋଇ ନାହାନ୍ତି । ମୁଁ ମୁଣ୍ଡିଆ ମାରିଲେ କାଠମୂର୍ତ୍ତି ଫାଟି ଯିବେ । ରାଜା କହିଲେ ଏ କଥା ପରୀକ୍ଷା କରାଯିବ । ପରଦିନ ରାଜା ପାରିଷଦବର୍ଗଙ୍କୁ ନେଇ ମନ୍ଦିର ଆସିଲେ - ପଣ୍ଡିତେ ମଧ୍ୟ ଆସିଲେ - ଆଳତି ପରେ ସମସ୍ତେ ଠାକୁରଙ୍କୁ ମୁଣ୍ଡିଆ ମାରିଲେ - ମହାପାତ୍ରେ ମଧ୍ୟ ମୁଣ୍ଡିଆ ମାରିଲେ– ଦେଖାଗଲା ଦାରୁ ମୂର୍ତ୍ତି ଫାଟି ଯାଇଛନ୍ତି । ମହାରାଜା ପାପର ପ୍ରାୟଶ୍ଚିତ ପାଇଁ ଚନ୍ଦ୍ର ଗ୍ରହଣ ସମୟରେ ତେଲଯୋଡ଼ି ଗ୍ରାମକୁ ପଣ୍ଡିତ ଚିନ୍ତାମଣି ମହାପାତ୍ରଙ୍କୁ ଦାନ କରିଦେଲେ ଏବଂ ତାଙ୍କ ଦ୍ୱାରା ନୂତନ ଦାରୁମୂର୍ତ୍ତି ପ୍ରତିଷ୍ଠା କରି ବସାଇଲେ । ଅଦ୍ୟାବଧି - ଜଗନ୍ନାଥଙ୍କ ମନ୍ଦିରରେ ଦେବତାପୂଜା ପାଉଛନ୍ତି ।

## ମା' ମାଣିକେଶ୍ୱରୀଙ୍କ ମହିମା

ଜଗଦ୍‌ଜନନୀ ମା' ମାଣିକେଶ୍ୱରୀଙ୍କୁ - ଆମର ୨ୟ ପୁରୁଷ ପଣ୍ଡିତ ଶ୍ରୀ ବିରୁପାକ୍ଷ ମହାପାତ୍ରେ ପୂଜକ ହୋଇ ପୂଜା କରନ୍ତି । ସେଥିପାଇଁ ମହାରାଜା

ତାଙ୍କୁ ଅଧିକ ଜମି ଦେଇଥିଲେ। ରାତିରେ ମା' ମାଣିକେଶ୍ୱରୀ ପ୍ରତିଦିନ ଶଶୁରଙ୍କ ପଛେ ପଛେ ଆସି ଛାଡ଼ିଦିଅନ୍ତି – ଗୋସେଇଁ ଶାଶୁ ତାଙ୍କ ପାଇଁ ଦହି ଭାତ ବାଢ଼ି ଦେଇଥାନ୍ତି। ମା' ତାଙ୍କୁ ଆଘ୍ରାଣ କରି ଫେରିଯାନ୍ତି। ଶଶୁର କିନ୍ତୁ ଜାଣନ୍ତି ନାହିଁ। ରାଜାଙ୍କ କାନକୁ ଏକଥା ଗଲା। ଏତେବଡ଼ ପଣ୍ଡିତ ଜଣେ ସ୍ତ୍ରୀଙ୍କୁ ନେଇ ଘରକୁ ପ୍ରତିଦିନ ରାତିରେ ଯାଉଛନ୍ତି। ରାଜା ଆଦେଶ ଦେଲେ ସେ ସ୍ତ୍ରୀ ଲୋକଙ୍କର କାନି କାଟି ଆଣ। ପ୍ରହରୀ ମା'ଙ୍କ କାନି କାଟି ରଖିଲେ। ପରଦିନ ରାଜ ଦରବାରରେ ଶଶୁରଙ୍କୁ ଅପମାନ ଦିଆଗଲା। ସ୍ତ୍ରୀ ଜଣକୁ ସାଙ୍ଗରେ ରାତିରେ ଯାଉଥିବା କାନି ଦେଖାଇ ଦିଆଗଲା। ମହାପାତ୍ରେ ମା'ଙ୍କୁ ସ୍ମରଣ କଲେ। ମା' ତୁ ହିଁ ମୋର ଭରଷା। ମୁଁ ତ କିଛି ଦୋଷ କରିନାହିଁ। ମାଣିକେଶ୍ୱରୀ ରାଜାଙ୍କୁ ସ୍ୱପ୍ନରେ କହିଲେ – ମହାପାତ୍ର ମୋର ପରମ ଭକ୍ତ। ମୁଁ ତାକୁ ଛାଡ଼ିବା ପାଇଁ ତା' ସାଙ୍ଗେ ଯାଏ। ତା' ସ୍ତ୍ରୀ ହାତରୁ ଦହିଭାତ ଖାଏ। ମହାରାଜା ଆସି ପଣ୍ଡିତଙ୍କୁ କ୍ଷମା ମାଗିଲେ– ଏଭଳି ପ୍ରତ୍ୟକ୍ଷ ଅଟନ୍ତି ମା' ମାଣିକେଶ୍ୱରୀ। କଳାହାଣ୍ଡିର ଅଧିଷ୍ଠାତ୍ରୀ ମା' ମାଣିକେଶ୍ୱରୀଙ୍କ ଚରଣେ ତଳେ କୋଟି କୋଟି ପ୍ରଣାମ।

## ଶାଶୁ ରତ୍ନମଣିଙ୍କ ମୃତ୍ୟୁ ପରେ

ଘରେ ଚିନ୍ତାମଣି ବାବୁ ନଥିଲେ। ବମ୍ବେ ଯାଇଥିଲେ ପ୍ରି ପ୍ରେସ୍ ଜର୍ଣ୍ଣାଲ୍ ପଢ଼ିବା ପାଇଁ। ତାଙ୍କ ବୋଉଙ୍କୁ ସେ ଭାରି ଭକ୍ତି କରୁଥିଲେ। ସେ ଆସି ଦେଖିଲା ବେଳକୁ ମା' ନାହାନ୍ତି। ସେ ବହୁତ କାନ୍ଦିଲେ। ବହୁତ ଦିନ ଆମେ ଗାଁରେ ରହିଲୁ । ମୁଁ ସେହି ଶୁଦ୍ଧଘରକୁ ଆସିଲି। ଭାରଧରି ଆଉ ମୁଁ ଦୌଡ଼ପାଳି ଆସି ନାହିଁ। ଚିନ୍ତାମଣି ବାବୁଙ୍କର ମୋତେ ପଢ଼ାଇବା ପାଇଁ ସେହି ଜିଦ୍ ରହିଲା। ମୁଁ କବିତା ଓ ଗଳ୍ପ ଲେଖା ଆରମ୍ଭ କଲି । କିଛିଦିନ ପରେ ଶାଶୁ ଘରୁ ବାପ ଘରକୁ ଆସିଲି। ସମାଜ ତଥାପି ବଦଳି ନଥିଲା। ଅଣପଣିଆ ଘର ବୋହୂ ଆମ କାର୍ଯ୍ୟରେ ଛୁଁ'ନା ବୋଲି – କୁଟୁମ୍ବରେ ମୋତେ ବାରଣ କଲେ। ଶ୍ରାଦ୍ଧ ପାଇଁ କାକରା ପିଠା ତିଆରି କରୁଥିଲି ଫିଙ୍ଗି ଦେଲେ ।

ବୋଉ କାନ୍ଦ କାନ୍ଦ ହୋଇ କହିଲା ମୋ ପିଲାକୁ ହୀନିମାନ କରୁଛନ୍ତି – ତୁ ଚାଲିଆ ଝିଅ। ମୁଁ କହିଲି – କୁହନ୍ତୁ। ତୁ ପରା କହିଛୁ ସମାଜ ବଦଳିବ। ମୁଁ ଏସବୁ ସହ୍ୟ କରିଥିଲେ ସିନା ସମସ୍ତେ ମୋ ପାଇଁ କହିବେ।

ମୋ ଗଙ୍ଗା କକାଙ୍କ ପୁଅ ବିବାହରେ ମୁଁ ଭୋଜି ରାନ୍ଧୁଥିଲି - ସମାଜରେ ସମସ୍ତେ କହିଲେ ଅଣପଣିଆ ବୋହୁ ଛୁଇଁଲେ ଆମେ ଖାଇବୁ ନାହିଁ। ଜଣେ ମହିଳା ମୋହାତ ଟାଣି ଝିଙ୍କି ନେଇଗଲା। ମୋ ମାର୍କଣ୍ଡ କକାଙ୍କ ଝିଅ ଚନ୍ଦ୍ରପ୍ରଭା ମହାପାତ୍ର ଓ ମୋର ନାନୀ ହେମଲତା କହିଲେ ତମେ ସବୁ ଦାସ ପଣ୍ଡାରେ ବନ୍ଧୁ କରିଛ - ତା ଜ୍ୱାଇଁ ଯେଉଁଠି ଗୋଡ଼ ଧୋଉନଥିବ ତମେ ବନ୍ଧୁ କରିଛ। ତାକୁ କାହିଁକି ହୀନିମାନ କରୁଛ ? ସେ ସମୟରେ ମୋ କକା ମାର୍କଣ୍ଡ ରଥ ଥିଲେ ଇନିସ୍‌ପେକ୍ଟର। ସେ ମୋତେ ଭାରି ଭଲ ପାଆନ୍ତି। ସେ କହିଲେ ଯୁଗ ବଦଳିଲାଣି। କାହିଁକି ଏ ସବୁ ଚାଲିଛି । ସତରେ ସମାଜ ବଦଳି ଗଲା ସେ ପରଠାରୁ। ଏବେ କଥା ପଡ଼ିଲେ ସମସ୍ତେ ମୋର ଉଦାହରଣ ଦିଅନ୍ତି। ସ୍ନେହକୁ ଜାତି ପାଇଁ କେତେ କଷ୍ଟ ସହ୍ୟ କରିବାକୁ ହୋଇଛି। ମୋ ବିବାହ ପରେ ପରେ ଯୁବତୀ ବିବାହ ଚାଲିଲା, ଛୋଟ ଘରେ ବନ୍ଧୁ ସମସ୍ତେ କଲେ।

## ପାଠପଢ଼ା

ଖାଲି ସେତିକି ନୁହେଁ - ପାଠ ପଢ଼ିବା ପାଇଁ ମଧ ବହୁ କଟକଟା ଥିଲା। ବିବାହିତ ଝିଅ ପଦାକୁ ଯାଇ ଇଂରାଜୀ ପାଠ ପଢ଼ିବ ନାହିଁ। ଗୋଡ଼ରେ ଚପଲ ପିନ୍ଧୁ ନଥିଲେ। ମୋ ଅଜା ତାଙ୍କ ବୋହୁଙ୍କୁ ବ୍ଲାଉଜ ପିନ୍ଧୁଛୁ ବୋଲି ଗାଳି ଦେଉଥିଲେ। ଆମେ ସେମିଜ ପିନ୍ଧୁଥିଲୁ, ବ୍ଲାଉଜ ନଥିଲା। ଦିନେ ବୋଉକୁ ରାଜାମାତା ଡାକି କହିଲେ - ବାସୁରଥେ (ମୋ ନନା) ଥିଲେ କ'ଣ ତମେ ବିବାହିତା ଝିଅକୁ ଇଂରାଜୀ ପାଠ ପଢ଼ିବା ପାଇଁ ଛାଡୁଥାନ୍ତ ? ମୁଁ କହିଲି - ମୁଁ କିଛି ପାପ କରୁନି - ପାଠ ପଢୁଛି - ମୋ ସ୍ୱାମୀ ବାଧ କରୁଛନ୍ତି ମାଟ୍ରିକ ପଢ଼ିବା ପାଇଁ। ସେ ନୀରବ ହୋଇଗଲେ। ବୋଉ  କାନ୍ଦି କାନ୍ଦି ଅଥୟ। ତଥାପି ମନକୁ ଦମ୍ଭ କରି ମୁଁ ପାଠ ପଢ଼ିଲି। ସପ୍ତମ ପଢ଼ିଥିଲି ତେର ବର୍ଷ ବୟସରେ ପାସ କରିଥିଲି। ଇଂରାଜୀରେ ଫେଲ୍ - କୋଡ଼ିଏ ମାର୍କ ଗ୍ରେସ୍‌ରେ ପାସ୍ କରିଥିଲି। ସେଠାରୁ ସିଧା ଏକାଦଶ କ୍ଲାସ ପରୀକ୍ଷା ପାଇଁ ପ୍ରସ୍ତୁତି। ସେତେବେଳେ ସବୁପାଠ ଇଂରାଜୀରେ ଥିଲା। ବାହାରୁ କଟକରୁ ଆସିଥିବା ଝିଅ ସବୁ ଫ୍ରି - ସେମାନେ ଏଠାର କଟକଣା ଜାଣନ୍ତି ନାହିଁ। କିନ୍ତୁ ଏଠାରେ ପୁରୁଣାକାଳିଆ ନୀତି ବଦଳି ନଥିଲା। ମୋଠାରୁ ସବୁ ଆରମ୍ଭ ହେଲା। ମୁଁ ପ୍ରଥମ ଝିଅ - ଆମ ବ୍ରାହ୍ମଣ ଘରେ - ମାଟ୍ରିକ୍ ପାସ କରିଥିଲି।

## ଝିଅ ଡୋଲିର ଜନ୍ମ

୧୬ ବର୍ଷରେ ମୋର ଗୋଟିଏ ଝିଅ ହେଲା । ଆଉ ପଢ଼ି ପାରିଲି ନାହିଁ । ବଡ଼ ଭାଇନା ଶିବରାମ ରଥ ଓ ଭାଉଜ କ୍ଷେତ୍ରମଣି ମୋତେ ଡେଲିଭରି କରାଇବା ପାଇଁ ଆସିକା ନେଇଗଲେ । ଭାଇନା ଆସିକାରେ ଓକିଲ ଥିଲେ । ପରେ ମୁନସିଫ୍ ଓ ସବଜଜ୍ ହେଲେ । ତାଙ୍କର ପୁଅ ଝିଅ ନଥିଲେ ମୋ ଝିଅ ଡୋଲିକୁ ଭାରି ଭଲ ପାଇ ଯତ୍ନ କରୁଥିଲେ । ଭାରି ସୁନ୍ଦର ଝିଅଟିଏ ହୋଇଥିଲା । ୮ ମାସ ବଞ୍ଚି ନାଳରକ୍ତ ଝାଡ଼ାରେ ମରିଗଲା । ସାଙ୍ଗେ ସାଙ୍ଗେ ଚିନ୍ତାମଣି ବାବୁ ଆସି ମୋତେ କଟକ ନେଇଗଲେ । ସେତେବେଳେ ସେ ପ୍ରଜାତନ୍ତ୍ରରୁ ବାହାରୁ ଥିବା ଇଷ୍ଟର୍ଣ୍ଣ ଟାଇମସ୍ ଇଂରାଜୀ ପତ୍ରିକାର ସବ୍-ଏଡିଟର ହୋଇ ଶହେ ଟଙ୍କାରେ ଚାକିରି କରୁଥିଲେ । ୧୯୫୩ ମସିହାରୁ ୧୯୬୭ ମସିହା ପର୍ଯ୍ୟନ୍ତ ସେ ଚାକିରୀ କରୁଥିଲେ । କିଛିଦିନ ପରେ ସେ ବାର୍ତ୍ତାବହର ସମ୍ପାଦକ ହୋଇଥିଲେ ।

ଆମେ ଆସି ଫୁଲ ମାଇଁ ଓ ଅନନ୍ତ ମାମୁଁଙ୍କ ଘରେ ରହିଲୁ । ସେତେବେଳେ ମାମୁଁଙ୍କ ବଡ଼ଝିଅ ଅଧ୍ୟାପିକା ଡକ୍ଟର କିରଣ ରଥ ମୋ ପାଖେ ରହୁଥିଲେ । କିନ୍ତୁ ମୁଁ ସେଠାରେ ରହି ପାଠ ପଢ଼ି ପାରିଲି ନାହିଁ । ଭବାନୀପଟଣା ଚାଲି ଆସିଲି । କଟକର ସଭ୍ୟତା ବହୁତ ଆଗେଇ ଥିଲା । କିନ୍ତୁ କଳାହାଣ୍ଡିରେ ଥିବା ବ୍ରାହ୍ମଣ ସମାଜର ଅବସ୍ଥା ବଦଳି ନଥିଲା ।

୧୯୫୩ ମସିହାରେ ସ୍ୱାମୀ ଚିନ୍ତାମଣିଙ୍କ ପ୍ରେରଣାରେ ମୁଁ ପ୍ରଥମ କବିତା ଲେଖିଲି :-

ଯଦି ପ୍ରଭୁ ଦିଅ ମୋତେ ଠେଲି
ପଶ୍ଚାତେ ମୋ ବହୁ ଦୂରେ
ଘନ ଘୋର ଅନ୍ଧକାରେ-
କଣ୍ଟକିତ ନିର୍ଜନ ଗହ୍ୱରେ
ତଥାପି ମୁଁ ନହେବି ବ୍ୟଥିତ
କେବଳ ମୁଁ ମାଗେ ଭିକ୍ଷା
ନ କରହେ ଲକ୍ଷ୍ୟରୁ ବଞ୍ଚିତ ।।

ବହୁ କଷ୍ଟରେ ମୁଁ ପାଠ ପଢୁଥିଲି । ବୋଉ ସାହସ କରି ମୋତେ ପଢ଼ାଇଲା । ବହି ଖଣ୍ଡିଏ ନଥିଲା । କଷ୍ଟେମଷ୍ଟେ ସପ୍ତମ ପର୍ଯ୍ୟନ୍ତ ପାଠ ପଢ଼ିଥିଲି । ସେ ସମୟରେ ଏକାଦଶ କ୍ଲାସ ପଢ଼ିବା ବହୁକଷ୍ଟକର । ସବୁ ପୁସ୍ତକ ଇଂରାଜୀରେ ଲେଖା - ହୋମ୍ ସାଇନ୍‌ସ ନେଲି । ସାଇନ୍ସ ପଢ଼ି ପାରିଲି ନାହିଁ । ବତାଇ ଦେବାକୁ ପାଖରେ କେହି ନାହିଁ । କିରୋସନି ଟିକିଏ ମିଳେନି । ବୋଉ ଦୀପ ତଳ ତେଲରେ ବଳିତା ଦେଇ ମୋତେ ପଢ଼ିବାକୁ କୁହେ । ଖାତା କଲମ ମିଳିବା କଷ୍ଟକର । ମୋର ନିଜ ମାଉସୀ ପୁଅ ଭାଇ ରାମ (ହେଡମାଷ୍ଟର ରାମଚନ୍ଦ୍ର ରଥ) । ସେ ମୋତେ ଲୁଚାଇ ନୋଟ ଆଣିଦିଏ ପଢ଼ିବା ପାଇଁ । ବନ୍ଧୁ ବାନ୍ଧବ କହନ୍ତି ଝରକା ବାଟେ ଅଣ୍ଡିରା ପୁଅ ସାଙ୍ଗେ କଥା ହେଉଛି । ଶିକ୍ଷକଙ୍କ ପାଖକୁ ଭାଇ ଓ ବୋଉ ନେଇ ଛାଡ଼ି ଆସନ୍ତି (ଶିକ୍ଷକ ରଘୁନାଥ ନନ୍ଦ) ସେଥିପାଇଁ ମଧ୍ୟ ଶୁଣିଲି । ତିନି ମାସ ଟ୍ୟୁସନ୍ ଗଲି ତା'ପରେ ଛାଡ଼ି ଦେଲି । କାରଣ ଟ୍ୟୁସନ୍ ପାଇଁ ପନ୍ଦର ଟଙ୍କା ଦେବାକୁ ପଡୁଥିଲା । ଭାଇ ପଦ୍ମନାଭ ସେତେବେଳେ ହୃଦ୍‌ରୋଗରେ ପଡ଼ିଥାଏ । ବୋଉର ଦୁଃଖ କହିଲେ ନ ସରେ । ଚିନ୍ତାମଣି ବାବୁ ପନ୍ଦର ଟଙ୍କା କେବଳ ପଠାଉଥିଲେ । ସେ ତ ଇଷ୍ଟର୍ଣ୍ଣ ଟାଇମସ୍‌ରୁ ମାତ୍ର ଶହେଟଙ୍କା ପାଉଥିଲେ । ରାତି ରାତି ଉଜାଗର ରହି ପାଠ ପଢ଼ିଲି । ଦିନରେ ପଢ଼ିଲେ ଭାଉଜମାନେ ଥଟ୍ଟା କରି କହନ୍ତି - ବର ଛାଡ଼ି ଦେବ ବୋଲି ପାଠ ପଢୁଛିଲୋ ! !

ମୁଣ୍ଡରେ ହାତେ ଓଢ଼ଣା ଦେଇ ଚପଲ ପିନ୍ଧି ପିଚୁ ରାସ୍ତାରେ ଖାଲି ଗୋଡ଼ରେ ଚାଲି ଚାଲି ମୁଁ ମାଟ୍ରିକ୍ ପରୀକ୍ଷା ଦେବାକୁ ଗଲି । ହୋମ୍ ସାଇନ୍ସ ପରୀକ୍ଷା ବଲାଙ୍ଗୀରରେ ଦେଲି । ମାର୍କଣ୍ଡ କକା ସେତେବେଳେ ବଲାଙ୍ଗୀର ଡି.ଆଇ. ଥିଲେ । ମୋତେ କାକା ଓ ଖୁଡ଼ି ଭାରି ଭଲ ପାଆନ୍ତି । ଯାହା ହେଉ ଭଗବାନଙ୍କର ଦୟାରୁ ମାଟ୍ରିକ୍ ପାସ୍ କଲି ସେକେଣ୍ଡ ଡିଭିଜନ୍‌ରେ । ଏସବୁ ଦେଖାଣିଆ ବୋଲି କହି କେତେକ ଟାହି ଟାପରା କଲେ । କିନ୍ତୁ ମାଟ୍ରିକ୍ ପାସ କରିବା ଶୁଣି ସମାଜରେ ଆଲୋଡ଼ନ ସୃଷ୍ଟି ହେଲା ମୁଁ ସେକେଣ୍ଡ ଡିଭିଜନରେ ପାସ୍ କଲି । ମୋତେ ସମସ୍ତେ ପ୍ରଶଂସା କରିବାକୁ ଲାଗିଲେ- ଝିଅ ହେବ ତ ସ୍ନେହ ଭଳି ହେବ ! !

୧୯୫୯ରେ ମାଟ୍ରିକ୍ ପାସ ପରେ ଚିନ୍ତାମଣି ବାବୁ ମୋତେ ଆଣି ଶୈଳବାଳା ମହିଳା କଲେଜରେ ନାମ ଲେଖାଇ ଦେଲେ । ସେତେବେଳେ

ଆମର ପ୍ରି ୟୁନିଭରସିଟି, ପ୍ରି ପ୍ରଫେସନାଲ୍ ତୃତୀୟ ବର୍ଷ ଓ ୪ର୍ଥ ବର୍ଷ ଏଭଳି ଥିଲା। ମୁଁ ତୃତୀୟ ବର୍ଷରେ ଯୋଗ ଦେଉ ଦେଉ - ମୋର ପୁଅ ସୁବ୍ରତ ଗର୍ଭରେ ରହିଲା। ଏତେ କଷ୍ଟ ପାଇଲି ଯେ ବାଧ ହୋଇ ପାଠପଢ଼ା ଛାଡ଼ିଦେଲି। ମୋ ସହିତ ମୋ ସାନଭାଇ ବୈଦ୍ୟନାଥ ରଥ (ବାବୁ ଭାଇ) ପଢୁଥିଲେ ଖ୍ରୀଷ୍ଟ କଲେଜରେ। ମିଶି କରି ଆମେ ଭାଇ ଭଉଣୀ କଲେଜ ଯାଉଥିଲୁ । ଚିନ୍ତାମଣି ବାବୁ ମାତ୍ର ଶହେକୋଡ଼ିଏ ଟଙ୍କା ଦରମା ପାଉଥିଲେ। ଘରଭଡ଼ା ଚାଳିଶି ଟଙ୍କା। ବାକି ପଇସାରେ ଆମେ ଚଳୁଥିଲୁ। ଲୁଗାପଟା କିମ୍ବା ଅନ୍ୟ କିଛି କିଣିବାକୁ ପଇସା ଅଣ୍ଟୁ ନଥିଲା। ଦେଢ଼ଶୁର ରୋଗଗ୍ରସ୍ତ ହେବାରୁ ମୁଁ ତାଙ୍କ ଝିଅ ଦିପ୍ତୀକୁ ଆଣି ପାଖରେ ରଖି ପାଠ ପଢ଼ାଇଲି। ସେ ୫ମ କ୍ଲାସ ପର୍ଯ୍ୟନ୍ତ ପଢ଼ିଲା। ସମସ୍ତଙ୍କ ଦାୟିତ୍ୱ ଅଳ୍ପ ପଇସାରେ ତୁଲାଇବାକୁ ହେଉଥିଲା। ପରେ ମୁଁ ତାଙ୍କୁ ବିବାହ କରାଇ ଦେଲି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ରଥଙ୍କୁ।

## ପୁଅ ସୁବ୍ରତର ଜନ୍ମ

ପୁଅ ସୁବ୍ରତର ଜନ୍ମ ୧୯୬୧ ଜୁଲାଇ ୨୧ରେ କଟକଠାରେ ହୋଇଥିଲା - ଜଗନ୍ନାଥଙ୍କ ସାନ୍ଧ୍ୟ ଦର୍ଶନ ସମୟରେ ପର୍ଶୁରାମ ଅଷ୍ଟମୀ ଦିନ। ମୋର ସନ୍ତାନ ରହୁ ନଥିବାରୁ ମୁଁ ତାକୁ ପ୍ରଭୁ ଜଗନ୍ନାଥଙ୍କୁ ସମର୍ପି ଦେଇଥିଲି। ଜଗନ୍ନାଥଙ୍କ କୃପାରୁ ସେ ଅତି କୋମଳ, ଶାନ୍ତ ଶିଷ୍ଟ ଓ ଉଦାର ହୃଦୟର ହୋଇପାରିଛି। ମୋର ଦେଇଦେବା ଗୁଣ ପାଇଁ ସେ କେବେ କିଛି କହେନାହିଁ। ବହୁ କଷ୍ଟରେ ସେ ବାଲ୍ୟଜୀବନ ନିର୍ବାହ କରିଛି। ସେ ଭାରି ସ୍ନେହୀ ଓ ନିଃସ୍ୱାର୍ଥପର, ପରୋପକାରୀ। ଭଗବତ୍ ପରାୟଣ, ଶ୍ରୀମାଙ୍କର


*ସ୍ନେହଲତାଙ୍କ ଏକମାତ୍ର ପୁତ୍ର ସୁବ୍ରତ (ବୁଲୁ)*

ଭକ୍ତ। ମା' ତାକୁ ଆଶୀର୍ବାଦ ଦେଇଛନ୍ତି। ବିବରଣୀ ପତ୍ରିକା ପ୍ରକାଶ ହେଉଥିଲା ୧୯୬୭ରେ। ସେତେବେଳେ ସେ ପ୍ରେସର ବାଇଡିଙ୍ଗ୍, ଷ୍ଟିଚିଙ୍ଗ୍ ପ୍ରଭୃତି ଅନେକ କାମ କରି ଦେଉଥିଲା। ରବି ଟକିଜ୍‌ରୁ ଚାଲି ଚାଲି ଯାଇ ସେଣ୍ଟ୍ରାଲ୍ ସ୍କୁଲରେ ପାଠ ପଢୁଥିଲା। ଦିନେ ହେଲେ ମୋତେ କିଛି ମାଗି ନାହିଁ କିମ୍ବା କିଛି ଅଭିଯୋଗ କରିନାହିଁ।



ପଣ୍ଡିଚେରୀରେ ଦିବ୍ୟଜନନୀ ଶ୍ରୀ ମା'ଙ୍କ ସାନିଧ୍ୟ

ବ୍ରହ୍ମପୁର ୟୁନିଭରସିଟିରେ ବି.ଏ. ପଢୁଥିଲାବେଳେ ମୁଁ ତା' ହାତକୁ ଚାହିଁ ଦେଖିଲି। ଆରେ ମୋ ପୁଅକୁ ତ ମୁଁ ଖଣ୍ଡିଏ ଘଡ଼ି ଦେଇ ପାରିନି। ଶହେ କୋଡ଼ିଏ ଟଙ୍କାରେ ଗୋଟିଏ ଘଡ଼ିଟିଏ କିଣି ଦେଲି। ସାର୍ଟ ପ୍ୟାଣ୍ଟ ନୂଆ ଆସିଲେ ପୁରୁଣାଟି ସେ ଅନ୍ୟକୁ ଦେଇ ଦେଉଥିଲା। ୟୁନିଭରସିଟି ଭଞ୍ଜବିହାରରେ ତାକୁ ସମସ୍ତେ ଭଲ ପାଉଥିଲେ।

୧୯୬୨ ମସିହାରୁ ମୁଁ ଶ୍ରୀମା'ଙ୍କୁ ଆରାଧନା କରି ଆସୁଛି। ୧୯୬୦ ମସିହାରେ ମୋର ସ୍ୱାମୀ ଚିନ୍ତାମଣି ମହାପାତ୍ର ଶ୍ରୀମା'ଙ୍କୁ ଦର୍ଶନ କରିଥିଲେ ପଣ୍ଡିଚେରୀରେ। ଦର୍ଶନ ସମୟରେ ସେ ଆତ୍ମଦର୍ଶନ କରିଥିଲେ ଶ୍ରୀମାଙ୍କ କୃପାରୁ! ସେହିଦିନଠାରୁ ସେ "ଭଗବାନ କିଏ" ? କେଉଁଠି ତାଙ୍କର ସ୍ଥିତି ପ୍ରଶ୍ନ କଲେ ଏବଂ ଆଧ୍ୟାତ୍ମିକ ପୁସ୍ତକ ପଢ଼ି ଲାଗିଲେ। ଶେଷରେ ସେ ସତ୍ୟର ସନ୍ଧାନରେ ଲାଗିପଡ଼ିଲେ। ବ୍ରହ୍ମବିଦ୍ୟା ପଢ଼ି ସେ ସତ୍ୟର ପ୍ରକାଶ ହୃଦୟଙ୍ଗମ କରିପାରିଲେ ଓ ଅବଶେଷରେ କାଳିଗଳିରେ ଥିବା ବ୍ରହ୍ମବିଦ୍ୟା ସମିତିରେ ସେ ଯୋଗ ଦେଲେ। ସେତେବେଳେ ଡାଃ ରାମଚନ୍ଦ୍ର ରଥ,ଡାଃ ଶରତ ମିଶ୍ର, ଶ୍ରୀ ନାରାୟଣ ମହାପାତ୍ର, ଶ୍ରୀମତୀ ଶୈଳବାଳା ଥିଲେ। ଶ୍ରୀ ବିନୋଦବିହାରୀ ପଲାଇ ବାବୁ, ଖଗେଶ୍ୱର ମହାପାତ୍ର, ରସାନନ୍ଦ ନାୟକ, ପ୍ରଦୀପ ମହାପାତ୍ରଙ୍କ ପିତା ପ୍ରହଲ୍ଲାଦ ମହାପାତ୍ର ଥିଲେ। ସେ ବ୍ରହ୍ମବିଦ୍ୟା ଗୁପ୍ତ ସୋସାଇଟିର ମେମ୍ବର ହେଲେ ୧୯୬୫ ମସିହାରେ। ସଂସାରର ସଂଭୋଗ ସେ ପରିତ୍ୟାଗ କରିବାକୁ ଚେଷ୍ଟା କଲେ। ଆମେ ଦୁହେଁ ଭାଇ ଭଉଣୀ ଭାବରେ ରହିଲୁ। ପୁଅଟି ଛୋଟ ଥିଲା। ଆମର ଶେଯ ଅଲଗା ହେଲା। ସେ

ବ୍ରହ୍ମବିଦ୍ୟା ପ୍ରଚାର କରିବାରେ ଲାଗିଲେ । ମୁଁ ସମାଜ ସେବାରେ ମନ ଦେଲି । ଆମ ଜୀବନର ଲକ୍ଷ୍ୟ ହେଲା – ବିଶ୍ୱଭାତୃତ୍ୱ ପ୍ରତିଷ୍ଠା । ସମସ୍ତଙ୍କ ମନରେ ଭଗବତ୍ ଚିନ୍ତାଧାରାର ପରିପ୍ରକାଶ ପାଇଁ ଲକ୍ଷ୍ୟ । ଶେଷ ପର୍ଯ୍ୟନ୍ତ ଚିନ୍ତାମଣି ବାବୁ ବ୍ରହ୍ମବିଦ୍ୟା ପ୍ରଚାର ଓ ଜର୍ଣ୍ଣାଲିଜିମ୍ ଛାଡ଼ି ନଥିଲେ ।

## ପଦ୍ମ ଭାଇଙ୍କ ଦେହାନ୍ତ

ମଝିଆ ଭାଇ ପଦ୍ମନାଭ ଥିଲେ ଶିକ୍ଷକ, ସାଧକ, କୃଷ୍ଣଭକ୍ତ । ତା'ର ହୃଦୟର ସମସ୍ତ କଥା ସେ ଶ୍ରୀକୃଷ୍ଣଙ୍କ ଚରଣ ତଳେ ନିବେଦନ କରି ଦେଉଥିଲେ । "ଭକ୍ତି ସୁଧା" କବିତା ସଂକଳନଟିରେ ଚମତ୍କାର କବିତା ସେ ଲେଖି ଯାଇଛନ୍ତି । ଭଗବତ ପ୍ରାପ୍ତି ପାଇଁ ସେ ସାଧନା କରନ୍ତି । ସେ ପାଣିରେ ବୁଡ଼ି ରହି ସାଧନା କରନ୍ତି ବୋଲି ଗୋପପଣ୍ଡାଙ୍କ ସ୍ତ୍ରୀ ତଥା ଲେଖିକା ସୁଦେଷ୍ଣା ପଣ୍ଡା ମୋତେ କହନ୍ତି । ତାଙ୍କର ବାପା ଏ ବିଷୟରେ ଜାଣିଛନ୍ତି । ଥରେ କୃଷ୍ଣ ମୂର୍ତ୍ତି ଗଢ଼ି ଦୋଳିରେ ବସାଇ ଥିଲେ । ବାବୁଭାଇ ଆସି ଝୁଲାଇ ଦେବାରୁ ପଡ଼ିଗଲେ । ସେ ଜଙ୍ଗଲକୁ ଚାଲି ଯାଇଥିଲେ । ବାଘ ତାଙ୍କୁ ଦେଖି କିଛି ବାଟ ଦୂରେଇ ଯାଇଥିଲା । ୧୯୬୨ ଜାନୁୟାରୀ ୨୬ରେ ହୃଦ୍‌ରୋଗରେ ତାଙ୍କର ଦେହାନ୍ତ ହୋଇଗଲା । ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା (ଦାମୋଦର ମହାପାତ୍ରଙ୍କ ଭଉଣୀ) ଏବଂ ଏକମାତ୍ର ଦେଢ଼ ବର୍ଷର ଝିଅ କଜ୍ଜନା (ରୀନା) ଥିଲେ ।

## ବୋଉଙ୍କର ଦେହାନ୍ତ

ବୋଉ ସେତେବେଳେ ମୋ ପାଖରେ କଟକରେ ରହୁଥିଲା । ବାବୁ ଭାଇର ବିବାହ ସ୍ଥିର ହୋଇଯାଇଥିଲା କୋଟପାଡ଼ ବୈଦ୍ୟନାଥଙ୍କ ମିଶ୍ରଙ୍କ ମଝିଆ ଝିଅ ହେମଲତାଙ୍କ ସହିତ । ଭଉଣୀ ସୌଭାଗ୍ୟ ଝିଅ ରୀତାକୁ ଧରି ମୋ ସହିତ ଭବାନୀପାଟଣା ଯିବାକୁ ଆସିଥିଲା । ଏ ସମୟରେ ବୋଉ ଦେହ ବେଶୀ ଖରାପ ହେଲା । ଆମେ ମେଡିକାଲ୍‌କୁ ନେଲୁ । ମେଡ଼ିକାଲରେ ଡାକ୍ତରମାନେ ସାଙ୍ଗେ ସାଙ୍ଗେ ତା'ର ୟୁଟ୍ରିଅସ୍‌ରେ ଘା' ହୋଇଛି ବୋଲି ଅପରେସନ୍ କରି ଦେଲେ । ୧୨ଦିନ ବୋଉ ବଞ୍ଚିଲା । ମରିବା ପୂର୍ବରୁ କହିଲା– ବାବୁ ଓ ଟିକି ଝିଅ ଲାଗିଲେ । ବାବୁ ଭାଇର ବିବାହ ତାରିଖ ଘୁଞ୍ଚାଇବୁ ନାହିଁ । ମୋ ଆଖିରେ ଅଜସ୍ର ଲୁହ । ବୋଉ ମୋ ପାଇଁ କେତେ

କଷ୍ଟ ପାଇଛି । ତା'ର କବିତା 'ଭକ୍ତି କୁସୁମ' ସଂକଳନଟି ଓ ଭାଇର 'ଭକ୍ତି ସୁଧା' ସଙ୍ଗେ ସଙ୍ଗେ ମୁଁ ପ୍ରକାଶ କରି ଦେଇଛି ।

## ବାବୁ ଭାଇଙ୍କ ବିବାହ

ଆମେ ସମସ୍ତେ ଭବାନୀପାଟଣା ଆସିଲୁ। ବାବୁ ଭାଇ, ଭାଇନା ଆସିଲେ। ବୋଉର ଶୁଦ୍ଧ ଘର ହେଲା । ୧ ମାସ ପରେ ବାବୁଭାଇର ବିବାହ ହେଲା । କେହି ଅର୍ଥଗତ ସାହାଯ୍ୟ କରିବାକୁ ନଥିଲେ । ଭାଇ ନୂଆରେ ABDO ହୋଇ ଓମରକୋଟ୍ ଯାଇଥିଲା । ବିବାହ ପରେ ସେ ଭାଉଜଙ୍କୁ ନେଇ ଚାଲିଗଲା । ତା'ର ୨ଟି ପୁଅ ଓ ଦୁଇଟି ଝିଅ । ଭାରି ଶାନ୍ତିରେ ତା'ର ପରିବାର ଥାଆନ୍ତି । ବୋଉ ଚାଲିଗଲା ପରେ ମଧ୍ୟ ସାନଭାଉଜ ହେମଲତା ଆମକୁ ଭାରି ଆଦର କରନ୍ତି । ବଡ଼ପୁଅ ବିଶ୍ୱମୋହନ ଶାନ୍ତ, ଅମାୟିକ ଓ ପରୋପକାରୀ ଓ କ୍ରିକେଟ୍ ପ୍ଲେୟାର । ସେ କୋଅପରେଟିଭ୍ ବ୍ୟାଙ୍କର ଅଡିଟର । ଭାରି ଭକ୍ତି କରେ ଆମକୁ ।

ବାବୁ ଭାଇ ଭଉଣୀମାନଙ୍କୁ ଭାରି ଆଦର କରେ। ମୁଁ ଆସିଲେ ତା' ଗୋଡ଼ ତଳେ ଲାଗେନି। ମୋ ଭଉଣୀକୁ କିଛି କାମ କରିବାକୁ ଦିଅ ନାହିଁ ବୋଲି ସେ ଆଗରୁ ଭାଉଜଙ୍କୁ ତାଗିଦ କରିଦିଏ । ଆମେ ଭାଇ ଭଉଣୀ ବହୁ କଷ୍ଟରେ କଟକରେ କଲେଜ ଯାଇ ପାଠ ପଢୁଥିଲୁ। ମୋ ଦୁଃଖ ସେ ଦେଖିଛି। ମୁଁ ସୁଖରେ ୟୁନିଭରସିଟ୍ କ୍ୱାର୍ଟର୍‌ରେ ଥିବା ଦେଖି ଭାଇ ଭାରି ଖୁସି ହୋଇଯାଏ। ଭଣଜା ସୁବ୍ରତକୁ ସେ ଭାରି ଆଦର କରେ। ଚିନ୍ତାମଣି ବାବୁଙ୍କର ସେ ଥିଲା ଆଦରର ଶାଳକ। ବଡ଼ ଝିଅ ଲିଲିର ବିବାହ ସ୍ଥିର କରିବା ପାଇଁ ସାନ ଝିଅ ଡଲିକୁ ଧରି ଅନେକ ଥର ସେ ଭଞ୍ଜବିହାର ଆସିଛି । ତାକୁ ଭଞ୍ଜ ବିହାର ପରିବେଶ ଭାରି ଭଲ ଲାଗେ । କି ଶାନ୍ତି ଏଠାରେ ବୋଲି ସେ କହେ।

୧୯୮୫ରେ ବାବୁ ଭାଇର ସାନପୁଅ ଟୁଟୁ (ଭୁବନ ମୋହନ)ର ବ୍ରତ ଘର ଚାଲିଥାଏ । ବ୍ରତଘର ରାତିରେ ସରିବାରୁ ସକାଳୁ ସମସ୍ତେ ବିଦା ହେଉଛନ୍ତି ଏ ସମୟରେ ହଠାତ୍ ହୃଦରୋଗରେ ବାବୁ ଭାଇଙ୍କ ଦେହାନ୍ତ ହୋଇଗଲା। ବ୍ରତଘରକୁ ମୁଁ ଯାଇ ନଥିଲି। ମୋର ଅଣ୍ଟା ଧରିଥିଲା। ସେ ବାରବାର କହୁଥାଏ - ମଝିଆ ଝିଅ ଆସିଲା ନାହିଁ। ରାତି ପାଞ୍ଚଟାରେ ସେ

ଚାଲିଗଲା । ମୁଁ ଭଞ୍ଜବିହାରରେ ଥିଲି ହଠାତ୍ ମୋତେ ଶୁଭିଲା ମଝିଆ ଝିଅ - ମଝିଆ ଝିଅ । ବାବୁ ଭାଇ ଯାଉଛି ବୋଲି କବାଟ ଖୋଲି ଦେଲି - କାହିଁକି ଏଭଳି ଶୁଣିଲି ମନରେ ଛନକା ପଶିଲା । ମୁଁ ବ୍ରହ୍ମପୁରରେ ଅଳକାଙ୍କ ଘରେ ଥିଲି । ସୁବ୍ରତ ଓ ଦାଶରଥି ଆସି ବହୁ କଷ୍ଟରେ ମୋତେ ଏ ସମ୍ବାଦ ଦେଲେ । ମୁଁ ପ୍ରକୃତରେ ଭାରି କଷ୍ଟ ଅନୁଭବ କଲି । ଅତି ଆଦରର ଭାଇ ମୋର ମୋତେ ଛାଡ଼ି ଚାଲିଗଲା । ସବୁଠାରୁ ବେଶୀ ବାଧା ହେଲା ମୋର ଏତେ ସୁନ୍ଦର ସ୍ନେହଶିଳା ଭାଉଜଙ୍କ ଧଳାଲୁଗା ପିନ୍ଧା ଦେଖି । ବହୁ କଷ୍ଟରେ ମୁଁ ଭବାନୀପାଟଣା ଗଲି । ଲିଲିର ବିବାହ ହୋଇ ନଥିଲା । ଲୁଲୁ (ବିଶ୍ୱମୋହନ)ର ମଧ ଚାକିରୀ ହୋଇନଥିଲା । ବହୁ କଷ୍ଟରେ ଲୁଲୁ ଓ ଟୁଟୁକୁ ପାଠପଢ଼ିବା ପାଇଁ ଦିଲ୍ଲୀ ପଠାଗଲା ।

ଭୁବନ ମୋହନ (ଟୁଟୁ) ତା'ର ସ୍ତ୍ରୀ ନେହାକୁ ନେଇ ଯେଉଁଦିନ ତାଞ୍ଜାନିଆକୁ ଗଲା - ମୋ ଆଖିରୁ ଲୁହ ବହିଗଲା । ଛାତି କୁଣ୍ଢେ ମୋଟ ହୋଇଗଲା । ଆମ ସମାଜରୁ ପ୍ରଥମ କରି ଟୁଟୁ ବିଦେଶ ଗଲା । ଭାବିଲି ମୋ ବାବୁଭାଇ ଥିଲେ କେତେ ଖୁସି ହୋଇଥାଆନ୍ତେ ।


## ମୁନଲିଟ୍ ପବ୍ଲିକ୍ ସ୍କୁଲ ପ୍ରତିଷ୍ଠା

ମୋହନ ନିକେତନ ଆରମ୍ଭ ହେଲା ୧୯୬୩ରେ । ପୁଅ ସୁବ୍ରତକୁ ଅଢ଼େଇ ବର୍ଷ ହୋଇଥାଏ । ଶ୍ରୀମତୀ ମୋହିନୀ ଉପଲଙ୍କ ସହିତ ମୋର ଦେଖାହେଲା । ସେ ଦିଲ୍ଲୀରୁ ଆସିଥାନ୍ତି । ତାଙ୍କର ସ୍ୱାମୀ ଗୁରୁଚରଣ ସିଂ ସ୍ମଲ୍ ଇଣ୍ଡଷ୍ଟ୍ରି ଅଫିସର ହୋଇ ବଦଳି ହୋଇଥାନ୍ତି । ମୋହିନୀ ଉପଲ ବୋଲି ମୁଁ ଶ୍ରୀମତୀଙ୍କୁ ଡାକେ । ସେ ଓଡ଼ିଆ ବୁଝୁ ନଥିଲେ । ମୁଁ ଖଣ୍ଡିଆ ହିନ୍ଦୀରେ ତାଙ୍କ ସହିତ କଥା କହୁଥିଲି । ଅବଶ୍ୟ ମୁଁ କଟକରେ ପ୍ରବେଶିକା ହିନ୍ଦି ପାସ କରିଥିଲି ସେ ଏକ ପବ୍ଲିକ୍ ସ୍କୁଲ ପାଇଁ ପ୍ରସ୍ତାବ ଦେଲେ । ମୁଁ ସେତେବେଳେ ଡଗରପଡ଼ା ବଣିଆ ସାହିରେ ଥିଲି । ପ୍ରେସ୍ ଆରମ୍ଭ ହୋଇନଥିଲା । ମୋର ମଝିଆ ଭାଇ ପଦ୍ମନାଭ, ମଝିଆ ଭାଉଜ ସ୍ୱର୍ଣ୍ଣଲତା, ତାଙ୍କ ଝିଅ ରୀନା (କଳ୍ପନା) ଥାଆନ୍ତି । ମୁଁ ସ୍କୁଲ ଆରମ୍ଭ ପାଇଁ ମୋହିନୀଙ୍କୁ ସହଯୋଗ କଲି । 'ହେ ବନ୍ଧୁ ବିଦାୟ' ନୃତ୍ୟନାଟକଟିଏ ଲେଖି ଡ୍ରାମା କରାଇଲି । ଯାହା ପଇସା ମିଳିଲା, ଆମେ ମୋହନ ନିକେତନରେ ସ୍କୁଲ କଲୁ । ପ୍ରଥମେ ମୁଁ ପ୍ରତିଦିନ ଯାଇ ପିଲାଙ୍କୁ

ପଢ଼ାଇବା ଦାୟିତ୍ୱ ନେଉଥିଲି। ପୁଅ ସୁବ୍ରତ ପ୍ରଥମେ ସେଠାରେ ପଢ଼ିଲା ୩ ବର୍ଷରେ। ପରେ ପରେ ଶ୍ରୀମତୀ ଉପଲ ସ୍କୁଲକଥା ବୁଝିଲେ ମୁଁ କେବଳ ମଝିରେ ମଝିରେ ଦେଖୁଥିଲି। ବର୍ତ୍ତମାନ ମଧ୍ୟ ସ୍କୁଲଟି ବଞ୍ଚିଛି। ସୁଶ୍ରୀ ସଂଗୀତା (ବୀଣାଦେବୀଙ୍କ ଝିଅ) ଦେଖାଶୁଣା କରୁଛନ୍ତି। ଓଡ଼ିଶା ଛାଡ଼ିବା ପୂର୍ବରୁ ମୋହିନୀ ତାଙ୍କୁ ସ୍କୁଲଟି ଦେଇ ଚାଲିଗଲେ। ମୋତେ ଦେବା ପାଇଁ ବାଧ କରିଥିଲେ କିନ୍ତୁ ମୋ ପକ୍ଷେ ସ୍କୁଲ ଚଳାଇବା ସମ୍ଭବ ନଥିଲା ।


## ଶ୍ରୀମାଙ୍କ ବହି ଲେଖା ସମର୍ପଣ

ଚିନ୍ତାମଣି ବାବୁ ଶ୍ରୀମାଙ୍କୁ ଦର୍ଶନ କରି ଆସିବା ପରେ ତାଙ୍କ ଅନୁଭୂତି ମୋତେ ବର୍ଣ୍ଣନା କରିଥିଲେ। ଡଗରପଡ଼ା ଆସି ଅମରେନ୍ଦ୍ର ଦାସଙ୍କ ପରିବାର ସହିତ ମୋର ଘନିଷ୍ଠତା ବଢ଼ିଥିଲା । ତାଙ୍କର ସ୍ତ୍ରୀ ବିଲି ମାଉସୀ ପ୍ରତିଦିନ ମୋତେ ପାଠଚକ୍ରକୁ ଡାକି ନେଉଥିଲେ । ସମସ୍ତଙ୍କ ବାଡ଼ିରୁ ଫୁଲ ଆଣୁଥିଲୁ ରିକ୍ସାରେ ଯାଇ। ମୁଁ ମାଳା ଗୁନ୍ଥି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଦେଉଥିଲି। ପାଠଚକ୍ରରେ ଶ୍ରୀମାଙ୍କ ଭଜନ ଗାଉଥିଲି। ରାମକୃଷ୍ଣ ଦାସଙ୍କ ପୁସ୍ତକ ପଢ଼ି ମା'ଙ୍କ ପ୍ରତି ଅଟଳ ବିଶ୍ୱାସ ଥିଲା।





*ସ୍ନେହଲତାଙ୍କ ଦ୍ୱାରା ରଚିତ ଶ୍ରୀମା'ଙ୍କ ଉପରେ ଦୁଇଟି ପୁସ୍ତକ : 'ସମର୍ପଣ' ଓ 'ସୃଜନୀ'*



ନାଟକ ''ସମର୍ପଣ'' ପାଇଁ ମନୋଜ ଦାସଙ୍କ ଅଭିମତ

ତଥାପି ମା' ହିଁ ଜଗତ୍‌ଜନନୀ ଏହି ବିଶ୍ୱାସ ମୁଁ କରି ପାରୁନଥିଲି। ଠାକୁର ଘରେ ମା'ଙ୍କ ଫଟୋ ତଳେ ରଖୁଥିଲି ଓ ଦୁର୍ଗାଙ୍କ ଫଟୋ ଉପରେ ରଖୁଥିଲି। ସତରେ କ'ଣ ଇଏ ଜଗତ୍‌ଜନନୀ ଦୁର୍ଗା ? ହଠାତ୍ ରାତିରେ ସ୍ୱପ୍ନ ଦେଖିଲି ଶ୍ରୀମା ମୋତେ କୁଣ୍ଢାଇ ପକାଉଛନ୍ତି ! ଆମେ ଦୁହେଁ ମା' ଦୁର୍ଗାଙ୍କ ଶରୀରରେ ଲୀନ ହୋଇ ଯାଉଛୁ- ମୋତେ ଶବ୍ଦ ହେଉଛି - ମା ଯିଏ ଦୁର୍ଗା ସିଏ ! ହଠାତ୍ ନିଦରୁ ଉଠି ମୁଁ ଖଟରେ ବସି କହୁଛି ମା' ଯିଏ ଦୁର୍ଗା ସିଏ ଜଗତ୍‌ଜନନୀ। ଏହା ୧୯୬୩ ମସିହା କଥା। ପୁଅଟି ଛୋଟ ହୋଇଥାଏ। ଚିନ୍ତାମଣି ବାବୁ କହିଲେ - କ'ଣ କହୁଛ ମା' ଯିଏ ଦୁର୍ଗା ସିଏ। ହଁ ଶ୍ରୀମା ଅବତାର ନେଇ ସମର୍ପଣ ଧର୍ମକୁ ପ୍ରଚାର କରିବା ପାଇଁ ଦୁର୍ଗା, କାଳି, ସରସ୍ୱତୀ ଓ ଜଗଦ୍‌ଜନନୀ ମା'ଙ୍କ ଶକ୍ତି ନେଇ ଅବତୀର୍ଣ୍ଣା ହୋଇଛନ୍ତି- ଦୁଃସ୍ଥ ମାନବ ଜାତିକୁ ଉଦ୍ଧାର କରିବା ପାଇଁ। ଚିନ୍ତାମଣି ବାବୁଙ୍କ ମୁହଁରୁ ମୁଁ ଏପରି ଶୁଣି ଆଶ୍ଚର୍ଯ୍ୟ ହୋଇ ଗଲି! ସାଙ୍ଗେ ସାଙ୍ଗେ ମୁଁ ଏହି ସମର୍ପଣ ଡ୍ରାମାଟି ଲେଖିବା ଆରମ୍ଭ କଲି ଏବଂ ଏହା ୧୯୬୪ ମସିହାରେ ସମାପ୍ତ ହେଲା।

ସେହି ପାଣ୍ଡୁଲିପି ସେପରି ଥାଏ। କେତେବର୍ଷ ବିତିଗଲା ସମସ୍ତ ଅଭାବ ଅନାଟକ ଭିତରେ ମା'ଙ୍କୁ ଦେଖିବାକୁ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। ବିବରଣୀ ପ୍ରେସ୍ ଆରମ୍ଭ ହେବା ପରେ ମୁଁ ୧୯୬୭ ମସିହାରେ ପଣ୍ଡିଚେରୀ ଯିବା ପାଇଁ ସୁଯୋଗ ପାଇଲି ଆଶ୍ଚର୍ଯ୍ୟ ଭାବେ। ହାତରେ ପଇସା ନାହିଁ। କିପରି ଟଙ୍କା ମନିଅର୍ଡର ପାଇଲି ଓ ଯାଇଥିଲି, ସମସ୍ତେ ବିଶ୍ୱାସ କରିପାରିବେ ନାହିଁ। କେବଳ ଏତିକି କହୁଛି- ସମର୍ପଣର ପାଣ୍ଡୁଲିପିଟି ଧରି ପୁଅ ସୁବ୍ରତକୁ ସାଙ୍ଗରେ ନେଇ ମୁଁ ମହାପାତ୍ର ନୀଳମଣି ସାହୁଙ୍କ ପରିବାର ସହ ପଣ୍ଡିଚେରୀ ଗଲି ଫେବୃୟାରୀ ୨୧, ୧୯୬୭ରେ।

ମା' ଆସି ସକାଳ ୬ରେ ବାଲ୍‌କୋନିରେ ଦର୍ଶନ ଦେଲେ । ମୁଁ ମା'ଙ୍କୁ ଦର୍ଶନ କରି କାନ୍ଦି ପକାଇଲି। ପାଣ୍ଡୁଲିପିଟି ମା'ଙ୍କୁ ଦୂରରୁ ଦେଖାଇ ପ୍ରଣାମ ଜଣାଇଲି। ମା' କହନ୍ତି- ମୋର ବାହୁ ତଳେ ଆଶ୍ରୟ ନେ, ମୁଁ ତୋତେ ସବୁ ବିପଦରୁ ଉଦ୍ଧାର କରିବି। ମୋ ସହାୟତା ପ୍ରତି ବିଶ୍ୱାସ ରଖ- ତୁ କେବେ ବି ନିରାଶ ହେବୁନାହିଁ ! ପାଣ୍ଡୁଲିପିଟି ମନୋଜ ବାବୁଙ୍କୁ ଦେଇ

ଆସିଲି। ଭକ୍ତ ମନୋଜ ବାବୁ ଓ ଭକ୍ତ ଶ୍ରୀପତି ବାବୁ ଏହି ବହିଟି ପଢ଼ି ତାଙ୍କର ମତାମତ ପଠାଇଥିଲେ।

ସମର୍ପଣ ନାଟକଟି ୧୯୭୯ ମସିହାରେ ମଞ୍ଚସ୍ଥ ହୋଇଥିଲା ବ୍ରହ୍ମପୁର ପ୍ରକାଶ ମହଲରେ। ଭକ୍ତ ସାଧୁଚରଣ ପଟ୍ଟନାୟକ, ସୌଭାଗ୍ୟ ଦାସ ଓ ଚିନ୍ତାମଣି ବାବୁଙ୍କ ଚେଷ୍ଟାରେ ଏହା ସଫଳ ହୋଇ ପାରିଥିଲା। ଟିକଟ କରିଥିବା ହେତୁ ଅବଶିଷ୍ଟ ଟଙ୍କା ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରକୁ ଦିଆଗଲା। ଏଥିରେ ଅତି ଚମତ୍କାର ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୀତ ଗାଇଥିଲେ ଦୂରଦର୍ଶନର କଳାକାର ଶଶାଙ୍କ ଶେଖର ମହାପାତ୍ର ଓ ଅଧ୍ୟାପକ ଗୁରୁ ଚରଣ ପାତ୍ର। ଡାଃ ପ୍ରଫେସର ଦାଶରଥି ମିଶ୍ର। (ଶାଶ୍ୱତ ପୁତ୍ର) ସୁବ୍ରତ, ରବିବାବୁ, ଭାଇ ଶ୍ରୀ ବୈଦ୍ୟନାଥ, ଭାଇ ଶ୍ରୀ ଶିବରାମ ରଥ ଉତ୍ସାହିତ କରିଥିଲେ । ଦୀର୍ଘ ବର୍ଷ ପରେ ସମର୍ପଣ ପୁସ୍ତକଟି ୨୦୦୧ରେ ମା'ଙ୍କ ଅପାର କରୁଣାରୁ ପ୍ରକାଶିତ ହେଲା।

୧୯୭୭ ମସିହାରେ ଶ୍ରୀମାଙ୍କର ଶତବାର୍ଷିକୀ ସମ୍ମିଳନୀ ଭଞ୍ଜବିହାରରେ ପାଳିତ ହୋଇଥିଲା। ଚିନ୍ତାମଣି ବାବୁ ଏହାର ଆୟୋଜନ କରିଥିଲେ। ବିଶିଷ୍ଟ ବକ୍ତା, ଲେଖକ ଓ ମା'ଙ୍କ ଭକ୍ତ ଶ୍ରୀ ମନୋଜ ଦାସ ଆସିଥିଲେ। ଭଞ୍ଜବିହାର ପ୍ରଫେସର କ୍ୱାଟରରେ ମୁଁ ପାଠଚକ୍ର କରୁଥିଲି। ଆମ କ୍ୟାମ୍ପସ୍‌ର ମହିଳା ଓ ପୁଅ ଝିଅମାନେ ଆସୁଥିଲେ।

## ବିବରଣୀ ପ୍ରେସ୍ ଗଢ଼ାଗଲା

ଚିନ୍ତାମଣି ବାବୁ ପ୍ରଜାତନ୍ତ୍ରରୁ ପ୍ରକାଶିତ ଇଷ୍ଟର୍ଣ୍ଣ ଟାଇମ୍ସ୍-ପତ୍ରିକାର ବାର୍ତ୍ତାବହ ସଂପାଦକ ଥିଲେ। ପତ୍ରିକାଟି ୧୯୬୬ ରେ ବନ୍ଦ ହୋଇଗଲା। ଡଃ ମହତାବ – ପ୍ରଜାତନ୍ତ୍ରରେ ଚାକିରି ଦେବା ପାଇଁ ଚିନ୍ତାମଣି ବାବୁଙ୍କୁ କହିଲେ। ଚିନ୍ତାମଣି ବାବୁ ରାଜି ହେଲେ ନାହିଁ ଚାକିରି ଛାଡ଼ି ଘରେ ବସିଲେ। ଆମେ ଉଭୟେ ସ୍ଥିର କଲୁ ଆମେ ଗୋଟିଏ ପ୍ରେସ୍ କରିବୁ ଓ ପତ୍ରିକା ପ୍ରକାଶ କରିବୁ। ହାତରେ କୌଣସି ସମ୍ବଳ ନାହିଁ। ମୁଁ ମୋହନୀ ଉପଲଙ୍କ ପାଖରୁ ପନ୍ଦର ହଜାର ଟଙ୍କା ଓ ଅମର ବାବୁଙ୍କଠାରୁ ପନ୍ଦର ହଜାର ଟଙ୍କା ଆଣି ଚିନ୍ତାମଣି ବାବୁଙ୍କୁ ଦେଲି। ସେ ଟାଇପ୍ ଫାଉଣ୍ଡରକୁ ଯାଇ କିଛି ଟାଇପ୍ – ଟାଇପ୍‌କେଶ ନେଇ ଆସିଲେ । ମାସିକ ସମ୍ବାଦ ପତ୍ରିକା "ବିବରଣୀ"

ବୋଲି ଡିକ୍ଲାରେସନ୍ ଆଣିଲୁ। ମୁଁ ପ୍ରେସର ସତ୍ତ୍ୱାଧିକାରିଣୀ ରୂପେ ରେଜଷ୍ଟ୍ରି କଲି। କାମ ଆରମ୍ଭ ହେଲା - ଟାଇପ ରାଇଟର ଗୋଟିଏ ୧ ୨ ଶହ ଟଙ୍କାରେ କିଣା ହେଲା।

ଘରେ ଚେୟାର ଟେବୁଲ୍ ଦୁଇ ହଳ ରଖା ଯାଇ କମ୍ପୋଜିଟର ଦୁଇ ଜଣଙ୍କୁ ଲେଖା କମ୍ପୋଜ କରିବାକୁ ଦେଲୁ। ଗୋସ୍ୱାମୀ ପ୍ରେସରେ ବିବରଣୀ ପତ୍ରିକା ଛପା ଆରମ୍ଭ ହେଲା। ବିବରଣୀ ପ୍ରକାଶ ହେଲା। ଚାହୁଁ ଚାହୁଁ ଏହା ଏଭଳି ଉପାଦେୟ ପତ୍ରିକା ହେଲା ଓଡ଼ିଶାରେ ଏହାର ଚାହିଦା ବହୁତ ବଢ଼ିଗଲା। ସବୁଆଡୁ ଚିଠି ଆସିଲା ସଫଳତାର ଉଦ୍ଦେଶ୍ୟରେ। ଧିରେ ଧିରେ ଆମେ ଲୋନ କରି ଟାଇପ୍ ଫାଉଣ୍ଡରରୁ ଏକ ଡିମାଇ ସାଇଜ୍‌ର ଟ୍ରେଡିଲ୍ ମେସିନ କିଣିଲୁ। ପ୍ରେସ୍ ବେଶ୍ ଭଲ ଚାଲିଲା । ଦେଖୁ ଦେଖୁ ୭ ଜଣ କମ୍ପୋଜିଟର ରହିଲେ। ମେସିନ୍ ଚଲାଇବା ପାଇଁ ଦାମୋଦର ତ୍ରିପାଠୀ ସହଯୋଗ କଲେ। ମୋ ନାନୀର ପୁଅ ସୁଧାଂଶୁ ଶେଖର ମହାପାତ୍ର, କ୍ଷୀରୋଦ ଚୌଧୁରୀ, ପ୍ରଭାକର ମିଶ୍ର, ମଧୁବାବୁ, ମୋ ମାମୁଁ ଅନନ୍ତ ମିଶ୍ର ଏମାନେ ପ୍ରେସରେ ରହି ବହୁତ ସାହାଯ୍ୟ କଲେ।

ଏ ସମୟରେ ପ୍ରେସରେ ହେଡ ଓ୍ୱାର୍କର ଲକ୍ଷ୍ମୀଧର ଟଙ୍କା ଅଧିକ ଦିଅ ବୋଲି ଦାବୀ କଲା ଓ ଆନ୍ଦୋଳନ(ଷ୍ଟ୍ରାଇକ୍) କରି ପ୍ରେସଟି ବନ୍ଦ କରିଦେଲା ।

ପ୍ରେସ୍ ମେସିନ୍ ଆମେ କିଣିଲୁ। ଦାମୋଦର ତ୍ରିପାଠୀ ମେସିନ୍ ଚଳାଉଥିଲେ ସେ ମୋତେ କହିଲେ, ସବୁ ଟାଇପ ବିକ୍ରୀ ହୋଇଯାଉଛି। ମୋ ପ୍ରେସ ଭୁବନେଶ୍ୱର, ଟଙ୍କପାଣି ରୋଡ଼କୁ ଉଠାଇ ନେବାକୁ ସେ ପ୍ରସ୍ତାବ ଦେଲେ।

## ଲକ୍ଷ୍ମୀଧର ସ୍ତ୍ରୀଙ୍କ ଡେଲିଭରି

ଲକ୍ଷ୍ମୀଧରର ସ୍ତ୍ରୀ ଡେଲିଭରି ପାଇଁ ମୋତେ ଆସି ରାତିରେ ଡାକିଲେ- "ନାନୀ ମୋତେ ଭାରି କଷ୍ଟ ହେଉଛି ମୋ ସ୍ୱାମୀ କି ଶାଶୁଶ୍ୱଶୁର ଶୁଣୁ ନାହାନ୍ତି, ମୋ ସ୍ୱାମୀ ତ ପ୍ରେସ୍ ବନ୍ଦ କରିଦେଲେ ଘରେ ଚୁଲି ଜଳୁନାହିଁ। ନର୍ସକୁ ପଇସା ଦେବି କ'ଣ ? ଟିକିଏ ଆସ। ମୋ ପୁଅ ସୁବ୍ରତ ୩ ବର୍ଷର ହୋଇଥାଏ। ମାର୍କଣ୍ଡ କକା ଆସି ଆମ ଘରେ ଥାଆନ୍ତି। ଚିନ୍ତାମଣି ବାବୁ

ଶୋଇଥାନ୍ତି। ରାତି ଦୁଇଟାରେ ମୁଁ ବାହାରୁ ତାଲା ପକାଇ ତାଙ୍କ ଘରକୁ ଗଲି। ପାଖରେ ଘର। ମୋତେ ଧରି ବହୁ କଷ୍ଟ ପାଇଲା ସେ ସ୍ତ୍ରୀଟି। ମୋ ଉପରେ ବାନ୍ତି କରିପକାଇଲା, ମୁଁ କିଛି ଘୃଣା କରିନି। ଦିନ ସାତଟାରେ ତା'ର ପୁଅଟିଏ ଜନ୍ମ ହେଲା। ତାକୁ ସଫା କରି ଘରକୁ ଲୁଗା ପାଲଟିବା ପାଇଁ ତା' ଶାଶୁଙ୍କୁ ପଠାଇଲି। ସମସ୍ତଙ୍କୁ ବୁଝାଇଲି ତା'ର ଯତ୍ନ ନେବା ପାଇଁ।

ଘରେ ମାର୍କଣ୍ଡ କକା ଚିନ୍ତାମଣି ବାବୁଙ୍କୁ ପଚାରିଲେ ରାତିରୁ ଝିଅ କେଉଁଆଡ଼େ ଯାଇଛି ତୁମେ କିଛି କହୁନାହଁ କାହିଁକି ? ଚିନ୍ତାମଣି ବାବୁ ଟିକିଏ ହସି କହିଲେ- ''କୁଆଡ଼େ ଆଉ ଯିବେ- କାହାର ଉପକାର ପାଇଁ ଯାଇଥିବେ।'' ସାହିରେ କାହାର ଡେଲିଭରି ହେଲେ ଏବଂ କେହି ରୋଗୀ ମେଡିକାଲ୍‌ରେ ପଡ଼ିଲେ ମୁଁ ସାହାଯ୍ୟ କରେ। ଭୋଜି ରନ୍ଧା, କାହାର ଅସୁବିଧାରେ ସହଯୋଗ କରିବା ଓ ଆଶ୍ୱାସନା ଦେବା- ମୋର ଏଇ ଗୁଣଟିକୁ ଚିନ୍ତାମଣି ବାବୁ ଜାଣିଥିଲେ। କେବେ ସେ ପ୍ରତିବାଦ କରୁନଥିଲେ (କକା ଅନେକ ଦିନ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକଥା କହନ୍ତି)। ଲୁଗା ପାଇଁ ଲକ୍ଷ୍ମୀଧରର ମା' ଆସିବାରୁ କକା ଓ ଚିନ୍ତାମଣି ବାବୁ ସମସ୍ତ ଘଟଣା ଜାଣିଲେ । ଲକ୍ଷ୍ମୀଧର ମୋର ଗୋଡ଼ତଳେ ପଡ଼ିଗଲା। ପ୍ରେସ୍ ଖୋଲିଲା ।

ମୋର ଦାରିଦ୍ର୍ୟ ଶେଷ ସୀମାରେ ପହଞ୍ଚିଥାଏ। ଯେଉଁମାନଙ୍କଠାରୁ ଟଙ୍କା ଧାର କରିଥିଲି ତାହା ଶୁଝି ପାରୁନଥାଏ। ପୁଅ ସୁବ୍ରତକୁ ଅମରେନ୍ଦ୍ର ବାବୁ (ଡ୍ରଗ୍ ଇନିସ୍‌ପେକ୍‌ଟର ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ଓ ସୁରବାଳା ଦାସ) ବିଲି ମାଉସୀ, ମାନୁ, ଝୁଲିଆ ଭାରି ସ୍ନେହ କରି ଟେବୁଲ୍‌ରେ ବସାଇ ସବୁବେଳେ ଖାଇବାକୁ ଦିଅନ୍ତି। ତାଙ୍କ ଉପକାର ମୁଁ ଭୁଲି ପାରିବି ନାହିଁ। ଘରେ ଡାଲି ଭାତ ଏକାଠି ସିଝାଇ ଚିନ୍ତାମଣି ବାବୁଙ୍କୁ ଦିଏ। ସେ କିଛି କହନ୍ତି ନାହିଁ। ପ୍ରେସରୁ କିଛି ଲାଭ ବାହାରିଲା ନାହିଁ। ଆମେ ପ୍ରେସଟିକୁ ଭୁବନେଶ୍ୱର ଟଙ୍କପାଣି ରୋଡ଼କୁ ଉଠାଇ ନେଲୁ। ଚିନ୍ତାମଣି ବାବୁ ସ୍ୱରାଜ୍ୟ ପତ୍ରିକାରେ ସମ୍ପାଦକ ଭାବେ ରହିଲେ। ମାସକୁ ଦୁଇଶହ ଟଙ୍କା ପାଉଥିଲେ। ପ୍ରେସ୍ ଦାୟିତ୍ୱ ମୋତେ ବେଶୀ ବୁଝିବାକୁ ହେଉଥିଲା। ପୁଅ ସୁବ୍ରତକୁ ମୁନ୍‌ଲିଟ୍‌ରୁ ଆଣି ସେଣ୍ଟ୍ରାଲ୍ ସ୍କୁଲରେ ନାମ ଲେଖାଇ ଦେଲୁ । ସେ ବହୁକଷ୍ଟରେ ରବି ଟକିଜ୍‌ଠାରୁ ଚାଲି ଚାଲି ସେଣ୍ଟ୍ରାଲ୍ ସ୍କୁଲ୍‌କୁ ପଢ଼ିବାକୁ ଯାଉଥିଲା। ଦିନେ

ହେଲେ ମୋ ପାଖରେ ସେ କୌଣସି ବିଷୟରେ ଅଭିଯୋଗ କରିନାହିଁ। ଓଲଟି ପ୍ରେସ୍ କାମରେ ସହଯୋଗ କରେ।

## ମାସିକ ସଂବାଦ ପତ୍ରିକା – 'ବିବରଣୀ'

ଓଡ଼ିଶାର ଓଡ଼ିଆ ପତ୍ରିକାମାନଙ୍କ ମଧ୍ୟରେ ସମ୍ବାଦ ସମୀକ୍ଷା ଦିଗରେ ଏକ ନୂତନ ପଦକ୍ଷେପ ସ୍ୱରୂପ ଦେଖା ଦେଇଥିଲା – ମାସିକ ସମ୍ବାଦ ପତ୍ରିକା "ବିବରଣୀ"। ଏହା ୧୯୬୭ ଜାନୁୟାରୀଠାରୁ ଆରମ୍ଭ ହୋଇ ୧୯୭୧ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା।

ବିବରଣୀ ଥିଲା ଏକ ଉପାଦେୟ, ଶିକ୍ଷଣୀୟ ଏବଂ ସଂଗ୍ରହଣୀୟ ସମ୍ବାଦ ପତ୍ରିକା। ଟାଇମ୍ ଓ ଲିଙ୍କ୍ ପତ୍ରିକା ଭଳି ଦାମିକା କାଗଜ କିମ୍ବା ଦାମିକା ରଙ୍ଗର ପ୍ରଚ୍ଛଦପଟ୍ଟ ଛପା ହେଉ ନଥିଲା। କିନ୍ତୁ ଲେଖାର ଶୈଳୀ ଥିଲା ବେଶ୍ ଉନ୍ନତ ଧରଣର। ଖବରଗୁଡ଼ିକ ମାସର ପ୍ରଥମ ସପ୍ତାହରେ ବିଭିନ୍ନ ରୂପନେଇ ପ୍ରକାଶ ପାଉଥିଲା। ଏହାର ପ୍ରତି ଖଣ୍ଡର ମୂଲ୍ୟ ଥିଲା ପଞ୍ଚସ୍ତରି ପଇସା ଏବଂ ବାର୍ଷିକ ଚାନ୍ଦା ରଖାଯାଇଥିଲା ଆଠ ଟଙ୍କା।

ଖବର ଗୁଡ଼ିକ ଯଥାଯଥ ପରିପ୍ରେକ୍ଷୀରେ ସଂକ୍ଷିପ୍ତ ଭାବରେ ସୁନ୍ଦର କରି ଲେଖିବା ଥିଲା ଏହାର ବିଶେଷତ୍ୱ। ଲେଖାଗୁଡ଼ିକ ସଂଯତ, ତାତ୍ତ୍ୱିକ ଓ ସାରଗର୍ଭିକ ହେବା ସଙ୍ଗେ ସଙ୍ଗେ ଭାଷା ଥିଲା ସରଳ ସୁନ୍ଦର ଓ ହୃଦୟଗ୍ରାହୀ। ଯେପରି ଲେଖାଟି ପଢ଼ିଲେ ସମସ୍ତ ଘଟଣାବଳୀ ପ୍ରାଞ୍ଜଳ ଭାବରେ ମନ ଭିତରେ ଲିପିବଦ୍ଧ ହୋଇଯିବ। ଲେଖକମାନଙ୍କୁ 'ବିବରଣୀ'ର ଶୈଳୀ ବିଷୟରେ ଅବଗତ କରାଇ ଦିଆଯାଉଥିଲା।

"ବିବରଣୀ" ସମ୍ପାଦକ ଥିଲେ ଶ୍ରୀଯୁକ୍ତ ଚିନ୍ତାମଣି ମହାପାତ୍ର। ପରେ ସେ ସାମ୍ବାଦିକତାର ଅଧ୍ୟାପକ ହୋଇଥିଲେ। ଏବଂ ମୁଁ ଥିଲି ପତ୍ରିକାଟିର ପ୍ରକାଶିକା। ଏହି କ୍ରାଉନ୍ ସାଇଜ୍‌ର ପତ୍ରିକାଟି ୪୦/୫୦ ପୃଷ୍ଠା ଭିତରେ ରହୁଥିଲା। ପ୍ରଚ୍ଛଦପଟ୍ଟ ଦୁଇ ରଙ୍ଗ ବିଶିଷ୍ଟ ଥିଲା।

ପତ୍ରିକାଟିରେ ବହୁ ବିଭାଗ ଖୋଲାଯାଇଥିଲା। କେତେକ ବିଭାଗ ପାଇଁ କେତେ ନିର୍ଦ୍ଦିଷ୍ଟ ଲେଖକ ଲେଖା ଦେଉଥିଲେ। ଅନ୍ୟ ସବୁ ବିଭାଗ ପାଇଁ ଚିନ୍ତାମଣି ବାବୁଙ୍କୁ ଲେଖିବାକୁ ପଡୁଥିଲା। ଏହା ବ୍ୟତୀତ ସରକାରୀ ଏବଂ ବେସରକାରୀ ବିଜ୍ଞାପନ ସଂଗ୍ରହ – ଲେଖକମାନଙ୍କ ସହିତ



*୧୯୬୭ : ଚିନ୍ତାମଣି ମହାପାତ୍ର ସମ୍ପାଦିତ ଓ ସ୍ନେହଲତା ମହାପାତ୍ର ପ୍ରକାଶିତ (ପରିଚାଳିତ) 'ବିବରଣୀ'ର ପ୍ରଚ୍ଛଦ କାହାଣୀରେ ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ପବିତ୍ର ମୋହନ ପ୍ରଧାନ*

ସଂଯୋଗରକ୍ଷା, ଲେଖିବା ପାଇଁ ଉପାଦାନ ସଂଗ୍ରହ, ବ୍ଲକ ପ୍ରସ୍ତୁତି ପାଇଁ କଳାକାରମାନଙ୍କ ପାଖକୁ ଯିବାକୁ ପଡୁଥିଲା । ଏହା ବ୍ୟତୀତ ଲେଖାଗୁଡ଼ିକରେ ଶୀର୍ଷକ ଦେଇ ବ୍ଲକ୍ ତଳେ ମନ୍ତବ୍ୟ ସହିତ ସୁନ୍ଦର ଭାବରେ ସଜାଇ ଲେଖିବା, ଫାଇନାଲ୍ ପ୍ରୁଫ୍ ଦେଖିବା ଥିଲା ମହାପାତ୍ର ବାବୁଙ୍କ କାମ । ପେଜ୍ ମେକ୍ଅପ - ପେଜ୍ ଗେଟ୍ଅପ୍, ମେସିନ୍ ପ୍ରୁଫ୍ ମୁଁ ଦେଖୁଥିଲି । ପ୍ରକାଶିକାଙ୍କ କଲମରୁ ଲେଖା (ଏଡିଟୋରିଆଲ୍) ମୁଁ ଲେଖୁଥିଲି ।

ବିଭାଗ ଗୁଡ଼ିକ ମଧ୍ୟରେ ଥିଲା - "ସାହିତ୍ୟ ଓ କଳା" - ଲେଖୁଥିଲେ ଶ୍ରୀ ତାରିଣୀ ଚରଣ ଦାସ । "ରୂପ, ରସ ଛନ୍ଦ" - ଶ୍ରୀ ସାରଦା ପ୍ରସନ୍ନ ନାୟକ । ଔଷଧ - ଡାଃ ବଳଭଦ୍ର ମହାପାତ୍ର । ଖେଳ - ସବ୍ୟସାଚୀ । ଅନ୍ୟ ସବୁ ବିଭାଗଗୁଡ଼ିକ ଲେଖୁଥିଲେ ନିଜେ ସଂପାଦକ । ଯଥା : 'ଶିକ୍ଷା', 'ବିଜ୍ଞାନ', 'ଆଇନ', 'ଖାଦ୍ୟ', 'ଅର୍ଥନୈତିକ ପରିସ୍ଥିତି' - 'ଆମ ଦେଶ', 'ବିଦେଶର ଖବର', 'ରଜଧାନୀ' ଖବର 'ଓଡ଼ିଶା ବିଧାନ ସଭା ସମାଚାର', 'ଇତି ମଧ୍ୟରେ', 'ସମୟର ପଦଚିହ୍ନ' ଇତ୍ୟାଦି ।

ପତ୍ରିକାଟିର ପ୍ରଥମ କେତେକ ସଂଖ୍ୟା କଟକରେ ଥିବା ଗୋସ୍ୱାମୀ ପ୍ରେସରେ ଛପାଇବାକୁ ପଡୁଥିଲା । କିଛି ଦିନ ପରେ ଆମେ ନିଜର ଗୋଟିଏ ପ୍ରେସ୍ ଗଢ଼ିଲୁ । ଏହାର ନାମ ରଖାଯାଇଥିଲା – 'ବିବରଣୀ ପ୍ରକାଶନୀ' । ମୁଁ ଥିଲି ଏହାର ସତ୍ତ୍ୱାଧିକାରୀ । ପ୍ରେସଟି ଡଗରପଡ଼ା ବଣିଆ ସାହିରେ ଥିଲା । ଦୁଇବର୍ଷ ପରେ ପ୍ରେସଟି ଉଠିଆସିଲା ଭୁବନେଶ୍ୱର ଟଙ୍କପାଣି ରୋଡ଼କୁ ।

ପତ୍ରିକା ବଞ୍ଚାଇ ରଖିବା ପାଇଁ ଆମକୁ ବାହାରୁ ଅନ୍ୟାନ୍ୟ ଛପାକାମ ହାତକୁ ନେବାକୁ ପଡୁଥିଲା । ବହି ଛପାଇବା, ନିମନ୍ତ୍ରଣ କାର୍ଡ, ରସିଦ ବହି, ପ୍ରଚାର ପତ୍ର, ନିର୍ବାଚନ କାମ ପ୍ରଭୃତି ।

ମହାପାତ୍ରଙ୍କ ଅନୁପସ୍ଥିତିରେ – ସମୟେ ସମୟେ "ବିବରଣୀ" ପ୍ରକାଶ ପାଇବାରେ ଯେପରି ଡେରି ନ ହୁଏ – ତା'ର ସବୁ ଦାୟିତ୍ୱ ମୋତେ ବହନ କରିବାକୁ ପଡୁଥିଲା । ପ୍ରୁଫ୍ ଦେଖିବା, ମୁଦ୍ରଣ ପାଇଁ ପୃଷ୍ଠାଗୁଡ଼ିକ ସଜାଇ ରଖିବା, ବ୍ଲକ ତଳେ ନାମ ଓ ମନ୍ତବ୍ୟ ଲେଖିବା, ଲେଖା ପୃଷ୍ଠା ଅଧିକ ହୋଇଗଲେ କାଟି ଦେବାକୁ ପଡୁଥିଲା ଏବଂ କମ୍ ହେଲେ କିଛି ଲେଖି ଯୋଡ଼ି ଦେବାକୁ ହେଉଥିଲା – ଯେପରି ଭାବାର୍ଥ କ୍ଷୁର୍ଣ୍ଣ ନ ହୁଏ ।

ପ୍ରେସର ଅନ୍ୟ ସବୁ କାମ ମୁଁ ବୁଝୁଥିଲି । କମ୍ପୋଜିଟରମାନଙ୍କ ମଧ୍ୟରେ କାମ ବାଣ୍ଟିବା, ପ୍ରଥମ ପ୍ରୁଫ୍ ଦେଖିବା, ଛପାଇବା ପୂର୍ବରୁ ଶେଷ ପ୍ରୁଫ୍ – ସହିତ ମିଳାଇ ନେବା । କର୍ମଚାରୀମାନଙ୍କୁ ଟଙ୍କା ଦେବା, ବାହାରୁ ଅନ୍ୟାନ୍ୟ କାମ ସବୁ (ଅର୍ଡର) ରଖିବା ଇତ୍ୟାଦି... । ଗ୍ରାହକ ଓ ଏଜେଣ୍ଟମାନଙ୍କ ପାଖକୁ ଠିକଣା ସବୁ ମୋତେ ଟାଇପ୍ କରି ପଠାଇବାକୁ ହେଉଥିଲା । ଏଜେଣ୍ଟ ଓ ଗ୍ରାହକମାନଙ୍କୁ ଚିଠି ପତ୍ର ପଠାଇବା ଓ ପାରସଲ୍ ତଥା ପେକିଂ କାମ କରିବା ଓ ସେଗୁଡ଼ିକୁ ବସ୍ ଓ ଟ୍ରେନ୍‌ରେ ପଠାଇବା ପାଇଁ ଅନ୍ୟ କେତେଜଣ ମଧ୍ୟ କାମ କରୁଥିଲେ । ସମୁଦାୟ ୮ ଜଣ କର୍ମଚାରୀ ଥିଲେ । ଗ୍ରାହକ ସଂଖ୍ୟା ୫୦୦ ଶହ ଥିଲା । ସମୁଦାୟ ଦୁଇହଜାର ପତ୍ରିକା ଛପା ହେଉଥିଲା ।

ପତ୍ରିକାଗୁଡ଼ିକର ବଣ୍ଟନ ଦାୟିତ୍ୱ ଓ ଚିଠିପତ୍ର ଦ୍ୱାରା ସଂପର୍କ ରଖିବା ପାଇଁ କେତେଜଣ ନିସ୍ୱାର୍ଥପର ଭାବରେ ସହଯୋଗ କରୁଥିଲେ । ସେମାନେ ହେଲେ ସୁଧାଂଶୁ ଶେଖର ମହପାତ୍ର, କ୍ଷୀରୋଦ ଚୌଧୁରୀ, ପ୍ରଭାକର ମିଶ୍ର ଓ ମଧୁବାବୁ ।

ସାହିତ୍ୟିକଙ୍କ ଭିତରେ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶ୍ରୀ ଗୋପୀନାଥ ମହାନ୍ତ, କାହ୍ନୁଚରଣ ମହାନ୍ତି, ଶ୍ରୀ ସଚ୍ଚି ରାଉତରାୟ, ଶ୍ରୀ କେଳୁଚରଣ ମହାପାତ୍ର। କଳାକାର ଦାସକାଠିଆ ବୈଦ୍ୟନାଥ ଶର୍ମାଙ୍କ ସଂପର୍କରେ ଲେଖାଯାଇଥିଲା। ଏହା ବ୍ୟତୀତ ଧର୍ମ ଉପରେ ବୁଦ୍ଧ ପୂର୍ଣ୍ଣିମା, ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଶ୍ରୀମାଙ୍କ ଜନ୍ମଦିନ, ଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ଏବଂ ଶ୍ରୀକୃଷ୍ଣଙ୍କ ଅବତାର ସଂପର୍କରେ ବହୁ ରୂପକ ଲେଖା ହେଉଥିଲା।

'ସମୟର ପଦଚିହ୍ନ'ରେ – ମାସର ପ୍ରତି ତାରିଖରେ ଘଟିଯାଉଥିବା ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକୁ ଲିପିବଦ୍ଧ ରହୁଥିଲା। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସାଧାରଣ ଜ୍ଞାନ ପାଇଁ ସଂଗ୍ରହ କରି ରଖିଲାଭଳି ଆବଶ୍ୟକୀୟ ତଥ୍ୟ ସବୁ ଯୋଗାଇ ଦେଉଥିଲା।

କେତେକ ବିଶିଷ୍ଟ ଘଟଣା ସ୍ମରଣ କରାଯାଇପାରେ – ଜାନୁୟାରୀ ୧୬, ୧୯୬୮ରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଓଡ଼ିଶାର ମାର୍ଶାଘାଇ ପ୍ରଭୃତି ବନ୍ୟାଞ୍ଚଳ ପରିଦର୍ଶନ। ନଭେମ୍ବର ୯ ତାରିଖରେ ଓଡ଼ିଶା ଉପକୂଳରେ ପ୍ରବଳ ଘୂର୍ଣ୍ଣିବାତ୍ୟା।

ବ୍ଲକ୍ ତଳେ ଲେଖାଯାଉଥିଲା – "ଶ୍ରୀଯୁକ୍ତ କାଳିନ୍ଦୀ ଚରଣ" – "ଏ ମଣିଷ କ'ଣ ମାଟିର ?" ଲେଖା ହେଉଥିଲା – ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଟେକା ମାଡ଼ – "କିଏ ଦାୟୀ" – "ଅଧିକ ସଂସ୍କାର ଅଧିକ ଶତ୍ରୁ" ଇତ୍ୟାଦି...।

## ଅଭିମତ

"ସଭ୍ୟତାର ବିଭିନ୍ନ ବିଭାଗରେ ଯେଉଁସବୁ ବିଶିଷ୍ଟ ଘଟଣା ସମୟର ସ୍ରୋତରେ ଉଙ୍କିମାରେ ସେଗୁଡ଼ିକ ଲିପିବଦ୍ଧ କରିବା ଏବଂ କ୍ଷେତ୍ର ବିଶେଷରେ ବିଶ୍ଳେଷଣ କରିବା ବିବରଣୀର ମୁଖ୍ୟ ଉଦ୍ଦେଶ୍ୟ" – ପ୍ରକାଶିକା

"ବିବରଣୀ" ସମ୍ପର୍କରେ ବିଭିନ୍ନ ଖବର କାଗଜରେ ଦେଇଥିବା କେତେକ ମନ୍ତବ୍ୟ ତଳେ ଦିଆଗଲା :

"ସାମ୍ବାଦିକତା ଓ ପତ୍ର ପତ୍ରିକା କ୍ଷେତ୍ରରେ "ବିବରଣୀ" ଏକ ସଂପୂର୍ଣ୍ଣ ନୂତନ ଉଦ୍ୟମ"। – ସମାଜ

"ଓଡ଼ିଆ ଭାଷାରେ ଏପରି ପ୍ରଚେଷ୍ଟା ସମ୍ପୂର୍ଣ୍ଣ ନୂତନ। ବିଭିନ୍ନ ଜାତୀୟ, ଆନ୍ତର୍ଜାତୀୟ ତଥା ଆଞ୍ଚଳିକ ଓ ପ୍ରାନ୍ତୀୟ ପରିସ୍ଥିତି ସମ୍ପର୍କରେ ପାଠକମାନଙ୍କୁ ପରିଚିତ କରାଇବା ଦିଗରେ "ବିବରଣୀ" ଏକ ଉପାଦେୟ ଓ ସଂଗ୍ରହଣୀୟ ପତ୍ରିକା।" – ପ୍ରଜାତନ୍ତ୍ର

"ଏଥିରେ ଏଭଳି ତଥ୍ୟପୂର୍ଣ୍ଣ ବିବରଣୀ ଦିଆଯାଉଛି ଯେକୌଣସି ଏକ ସଂଖ୍ୟା ହଜିଗଲେ ଏକ ମୂଲ୍ୟବାନ ଜିନିଷ ହଜିଗଲା ଭଳି ଯେକୌଣସି ଲୋକ ଅନୁଭବ କରିବ।"– କୃଷକ

## ପ୍ରେସ କାମ

ବିବରଣୀ ପତ୍ରିକା ସହିତ ପ୍ରେସର ଅନ୍ୟାନ୍ୟ କାର୍ଯ୍ୟହାତକୁ ନିଆଯାଉଥିଲା। ଚିନ୍ତାମଣି ବାବୁ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ମାଧ୍ୟମରେ "ଟେଲସ୍ ଅଫ୍ ଟୁ ସିଟି" ପୁସ୍ତକଟିକୁ ଓଡ଼ିଆରେ ଅନୁବାଦ କରିଦେଲେ । ନାମ ରଖା ହୋଇଥିଲା "ଦୁଇଟି ନଗରୀର କହାଣୀ" । ଏହା ୧୯୬୪ ମସିହାରେ ପ୍ରକାଶ ହେଲା। ଅନୁବାଦ କାର୍ଯ୍ୟ ବାବଦକୁ ୧୭ଶହ ଟଙ୍କା ମିଳିଲା – ସେଥିରେ ଟାଇପ୍ ରାଇଟର ଖଣ୍ଡିଏ କିଣା ହୋଇଥିଲା ୧୨ ଶହ ଟଙ୍କାରେ। ମୁଁ ଅନେକ ଚିଠି ପତ୍ର ଠିକଣା ଟାଇପ୍ କରୁଥିଲି। ଚିନ୍ତାମଣି ବାବୁ ମୋତେ ଟାଇପ୍ କରିବା ଶିଖାଇଥିଲେ। ମାସ ଶେଷରେ ବିବରଣୀ ସବୁ ଜିଲ୍ଲାକୁ ପଠା ଯାଉଥିଲା। ସବୁଠାରେ ଆଦୃତ ହେଉଥିଲା ଏହି ପତ୍ରିକାଟି। କିନ୍ତୁ କେହି ପଇସା ଦେଉ ନଥିଲେ। ଅନ୍ୟାନ୍ୟ କାମରେ ଯାହା କିଛି ମିଳେ ତାହା ଯଥେଷ୍ଟ ନୁହେଁ ତଥାପି ପ୍ରେସ ଚାଲିଥିଲା। ପତ୍ରିକା ନିୟମିତ ପ୍ରକାଶ ପାଉଥିଲା। ୮ ଜଣ କର୍ମଚାରୀଙ୍କୁ ଦରମା ଦେବାକୁ ପଡୁଥିଲା। ବହୁ କଷ୍ଟରେ ଆମେ ଚଳୁଥିଲୁ।

## ମୋର ପ୍ରେସରେ ଅଭାବ

ପ୍ରତି ମୁହୂର୍ତ୍ତରେ ମୁଁ ଶ୍ରୀମାଙ୍କୁ ସବୁକିଛି ସମର୍ପଣ କରି ସମସ୍ତ କାର୍ଯ୍ୟ କରିଚାଲେ। ପ୍ରତି ଦେବତାଙ୍କ ଭିତରେ ମୁଁ ମା'ଙ୍କୁ ଦର୍ଶନ କରେ। ଶ୍ରୀଜଗନ୍ନାଥଙ୍କ ଭିତରେ ମଧ୍ୟ ମୁଁ ମା'ଙ୍କୁ ଦେଖେ।

ଏଭଳି ବିଶ୍ୱାତୀତ ମନୋଭାବ ଥାଇ ମଧ୍ୟ ମୁଁ କଷ୍ଟ ଆଉ ସହ୍ୟ କରି ପାରିଲି ନାହିଁ । ମୋର ଅଭାବ ଦିନକୁ ଦିନ ବଢ଼ି ଚାଲିଲା।

ଯେଉଁମାନଙ୍କଠାରୁ ପ୍ରେସ ପାଇଁ ସବୁ ଟଙ୍କା ଧାର କରଜ କରି ଆଣିଥିଲି ସେମାନଙ୍କୁ ଶୁଝି ପାରିଲି ନାହିଁ। ସେମାନେ ଯେତେବେଳେ ଟଙ୍କା ମାଗିବାକୁ ଆସନ୍ତି ମୁଁ ଖଟତଳେ ଲୁଚିଯାଏ – ଘରେ ନାହିଁ ବୋଲି ଖବର ଦେଇଦିଏ। ଏଭଳି ମିଥ୍ୟାଚାର ମୋ ପକ୍ଷେ ଅସହ୍ୟ ହୋଇଉଠିଲା। ପ୍ରେସରେ ବହୁ କାମ ଆସୁଥିଲା – କର୍ମଚାରୀଙ୍କ ଦରମା, ଘରଭଡ଼ାରେ ସବୁ ଟଙ୍କା ଚାଲିଯାଉଥିଲା। ଗ୍ରାମରେ କିଛି ଜମି ଥିଲା ତାହା ମଧ୍ୟ କେହି ବିକ୍ରୟ କରିଦେଲେ ନାହିଁ।

ମୁଁ ପ୍ରତିଦିନ ଶିବ ମନ୍ଦିର ଯାଇ ପ୍ରାର୍ଥନା କରେ। ପୁଅର ୮ ବର୍ଷରେ ରିଷ୍ଟ ଥିଲା। ଶିବଙ୍କ କୃପାରୁ ବୋଡ଼ା ସାପକୁ ଡେଇଁ ବୁଲୁ ବଞ୍ଚିଗଲା। ପୁଅର ସେ ରିଷ୍ଟ ଖଣ୍ଡନ ହେଲା। ମୋ ଘରେ ନିୟମିତ ପାଠଚକ୍ର କରୁଥିଲି। ଶ୍ରୀମାଙ୍କ କରୁଣାରୁ ସମସ୍ତେ ଆସୁଥିଲେ। ମା'ଙ୍କୁ ଜଣାଇଲି ମା' ମୁଁ ତ କିଛି ଧ୍ୟାନ ପୂଜା କରୁନାହିଁ – ମୋତେ ଠେଲି ଦେବ ନାହିଁ ତ ? ଏକ ଲଫାପା ପରଦିନ ଆସିଲା। ସେଥିରେ ଲେଖା ଥିଲା : "Do your duty. Duty is a true spirituality."

## ମା' ପାର୍ବତୀଙ୍କ କୃପା

ସେଦିନ ଥିଲା ସୋମବାର ଉପବାସ। ହାତରେ ୮ ଅଣା ପଇସା ଥାଏ। ଘରେ ଉସୁନା ଭାତ, ଡାଲ୍‌ମା ରାନ୍ଧି ଚିନ୍ତାମଣି ବାବୁ, ସୁବ୍ରତ ଓ ସୁଧାଂଶୁକୁ ଖାଇବାକୁ ଦେଇଥିଲି। ସେ ଦୈନିକ 'ସ୍ୱରାଜ' ପତ୍ରିକାରେ ଏଡିଟର ହୋଇ ଦୁଇଶହ ଟଙ୍କା ପାଉଥାନ୍ତି। ତା ମଧ୍ୟ ଅଣ୍ଟେ ନାହିଁ। କର୍ମଚାରୀଙ୍କୁ ଦିଆଯାଏ।

ମୁଁ ପ୍ରତିଦିନ ଚିନ୍ତାମଣି ବାବୁଙ୍କୁ ଖାଇବାକୁ ଦେଇ ଓ ପ୍ରେସ କାମ ବାଣ୍ଟି ଦେଇ ଲିଙ୍ଗରାଜ ମନ୍ଦିରକୁ ଯାଏ। ହାତରେ ୮ ଅଣାଥାଏ। ଯଦି ଠାକୁରଙ୍କ ପାଇଁ ୮ ଅଣା ଫୁଲ, କଦଳୀ, ଦୀପରେ ଖର୍ଚ୍ଚ କରିଦେବି – କ'ଣ ଖାଇବି ? ଅରୁଆ ଚାଉଳ ପାଏ ନେହେଲ ହବିସ କିପରି କରି ଘରମହାଦେବଙ୍କୁ ଦେବି ? ଭାବିଲି – ଏତେ କଷ୍ଟ ଆଉ ସହ୍ୟ କରିବି ନାହିଁ। ବିନ୍ଦୁସାଗରରେ ପଡ଼ି ମରିଯିବି। ଆଖିରୁ ଲୁହ ଝରି ପଡୁଥାଏ। ସାହାସ ବାନ୍ଧି ପାର୍ବତୀଙ୍କ ମନ୍ଦିରକୁ ଯାଇ ଭଜନ ଗାଇଲି। ମୁଁ ପ୍ରତିଦିନ ଭଜନ ଗାଏ। ପଣ୍ଡା ଜଣକ ମୋତେ ଅପେକ୍ଷା କରିଥାଏ ଭଜନ ଶୁଣିବାକୁ।

ମୁଁ ଶ୍ରୀମା'ଙ୍କୁ ପାର୍ବତୀଙ୍କ ଭିତରେ ଦେଖେ। ମୁଁ ସେଦିନ ଅନେକ ଭଜନ ଗାଇଲି "ହୃଦୟ କମଲୁ ଉଦ୍‌ଭାସିନୀ ମା'.. ନ ମନ୍ତ୍ରୋ ନ ଯନ୍ତ୍ରୋ" ଦେବୀଙ୍କ କ୍ଷମାପଣା ସ୍ତବ ପାଠ କଲି। ମା'ଙ୍କ ମସ୍ତକରୁ ୩ ଗୋଟି ଫୁଲ ମାଳା ଖସି ପଡ଼ିଲା। ପଣ୍ଡାଜଣକ ସବୁମାଳ ଗୋଟାଇ ଆଣି ମୋତେ ଦେଲେ। କହିଲେ, "ମା' କ'ଣ ତୋର ଦୁଃଖ – ମା' ଆଜି ଭାରି ପ୍ରସନ୍ନ ହୋଇଛି ନେ ଫୁଲମାଳ! ମୁଁ ଫୁଲମାଳତକ ଅଣ୍ଟିରେ ଧରି ଘରକୁ ଆସିଲି। ଚିନ୍ତାମଣି ବାବୁ ଟଙ୍କପାଣି ରୋଡ଼ରେ ଥିବା ପ୍ରେସ ଘର ପିଣ୍ଡାରେ ଖଣ୍ଡିଏ କାଗଜ ଧରି ଠିଆହୋଇଛନ୍ତି। ଦିନ ପ୍ରାୟ ୩ଟା ହେବ।

ସେ ମୋତେ କହିଲେ, ''ଏତେ ଡେରିରେ ଆସୁଛ କେତେବେଳେ ଖାଇବ ? ମୁଁ ତୁମକୁ ଅପେକ୍ଷା କରି ବସିଛି – ଏଭଳି ଏକ କାଗଜ ପ୍ରେସ୍ ଟେଲିପ୍ରିଣ୍ଟରରେ ଆସିଛି – USISରେ ଆମେରିକାନ୍ ରିପୋର୍ଟର ଏଡିଟର ହେବା ପାଇଁ। ଓଡ଼ିଆରେ ଆମେରିକାନ୍ ରିପୋର୍ଟର ପ୍ରକାଶ ହେଉଛି କଲିକତାରୁ। ଦରମା ମାସିକ ୧୭ଶହ ଟଙ୍କା। ମୁଁ ରାଜି ହେଲେ ସେମାନେ ଯୋଗଦାନ ପତ୍ର (ଆପଏଣ୍ଟମେଣ୍ଟ ଲେଟର) ପଠାଇବେ। କ'ଣ କହୁଛ ?''

ସେ ମୋତେ ନ ପଚାରି କିଛି କରନ୍ତି ନାହିଁ।

ବାସ୍ତବିକ୍ ମୁଁ ଏଭଳି ଖୁସି ହୋଇଯାଇଥିଲି – ମୁଁ ଭାବିଲି ମା'ଙ୍କର କିଭଳି କରୁଣା ?

ମୁଁ କହିଲି – ପଚାରୁଛ କ'ଣ ? ତମେ ଟ. ୫୦୦ ପଠାଇଲେ ମୁଁ ପ୍ରେସ୍ ପାଇଁ ଆଣିଥିବା ଧାର ଶୁଝିଦେବି। ତୁମେ ଯାଅ ଯୋଗ ଦାନ କର। ୧୯୭୧ ମଇ ମାସରେ ସେ ଚାଲିଗଲେ ଚାକିରିରେ ଯୋଗ ଦେବା ପାଇଁ ।

ସେତେବେଳେ ଇଲେକ୍‌ସନ କାମ ପ୍ରେସକୁ ମିଳିଥାଏ। ମୁଁ ରାତି ରାତି ବସି ପ୍ରୁଫ୍ ଦେଖେ। କିନ୍ତୁ ବିବରଣୀ ପାଇଁ ଲେଖା ଲେଖି ଓ ପଠାଇବା ଦାୟିତ୍ୱ ମୋତେ ସବୁ ବୁଝିବାକୁ ହେଲା। ଆଡଭରଟାଇଜ୍‌ମେଣ୍ଟ ମାଗିବାକୁ କେହି ଗଲେ ନାହିଁ। କିଛି ଲେଖା ଚିନ୍ତାମଣି ବାବୁ ଡାକଯୋଗେ ପଠାଉଥିଲେ – ପ୍ରାୟ ସମସ୍ତ ଲେଖା ମୋତେ ସଂଗ୍ରହ ଓ ଲେଖିବାକୁ ପଡୁଥିଲା। ବହୁ କଷ୍ଟରେ ୭ ମାସ ପର୍ଯ୍ୟନ୍ତ ବିବରଣୀ ପତ୍ରିକା ପ୍ରକାଶ କଲି। ୭ ମାସ ପରେ ୧୯୭୧ ନଭେମ୍ବରରେ ପତ୍ରିକାଟି ବନ୍ଦ ହୋଇଗଲା।

ଏମିତି ଏକ ମହତ୍ୱପୂର୍ଣ୍ଣ ପତ୍ରିକାର ଆବଶ୍ୟକତା ପୂରଣ କରିବାରେ କେତେ ତ୍ୟାଗ, ନିଷ୍ଠା ଓ ପରିଶ୍ରମ ଭିତରେ – ଅବଶେଷରେ ବିବରଣୀର ବିଲୟ ଘଟିଲା। ଦାରିଦ୍ର୍ୟର ସୀମା ଭିତରେ ଶତ ଚେଷ୍ଟାକରି ମଧ୍ୟ ମୁଁ 'ବିବରଣୀ' ପତ୍ରିକାକୁ ବଞ୍ଚାଇ ପାରିଲି ନାହିଁ। ଭାବିଲେ ଏବେ ବି ମୋ ମନରେ ଧକ୍କା ଲାଗେ।

ବହୁ ଏଜେଣ୍ଟ ପତ୍ରିକା ବିକ୍ରୟ କରି ଟଙ୍କା ଫେରସ୍ତ କରୁ ନଥିଲେ। ବିଜ୍ଞାପନ ବେଶୀ ମିଳୁ ନଥିଲା। ଯାହା ବିଜ୍ଞାପନ ଆମେ ଛାପୁଥିଲୁ ସେଥିରୁ ସବୁ ଟଙ୍କା ଆଦାୟ ହୋଇ ପାରୁନଥିଲା। ଗ୍ରାହକମାନେ ମଧ୍ୟ ଆଉ ଟଙ୍କା ପଠାଇଲେ ନାହିଁ। ଯାହା ପ୍ରେସରୁ ଆଦାୟ ହେଉଥିଲା, ତାହା ପତ୍ରିକା ପ୍ରକାଶନ ପାଇଁ ଯଥେଷ୍ଟ ନଥିଲା। ପତ୍ରିକା ବନ୍ଦ ହେବା ପରେ ବହୁ ଅନୁରୋଧ ପୂର୍ବକ ପତ୍ରଆସିଲା – ପୁନର୍ବାର ପତ୍ରିକା ପ୍ରକାଶନ ପାଇଁ। କିନ୍ତୁ ତାହା ସମ୍ଭବ ହେଲାନାହିଁ।

"ବିବରଣୀ' ପ୍ରେସଟି ହସ୍ତାନ୍ତରିତ ହୋଇ ଏବେ ମଧ୍ୟ ରହିଛି। କିନ୍ତୁ "ବିବରଣୀ" ପତ୍ରିକା ଆଉ ପ୍ରକାଶିତ ହେଉନାହିଁ। ସମୟର ସ୍ରୋତରେ ସବୁ କିଛି ଯେପରି ହଜିଯାଇଛି – କେବଳ ସ୍ମୃତି ହିଁ ବଞ୍ଚି ରହିଛି।

## ଶିବ ମହାଦେବଙ୍କର ଅଭିଯୋଗ

ସୁବ୍ରତ ଜନ୍ମ ହେବା ପରେ – ପ୍ରଭୁ ମହାଦେବ ଚିନ୍ତାମଣି ବାବୁଙ୍କୁ ସ୍ୱପ୍ନରେ କହିଲେ ମୋତେ ମନ୍ଦିରଟିଏ କରିଦେଉନୁ? ଶାଶୁ ମାନସିକ ଯାଚିଥିଲେ – ପୁଅ ଚାକିରି କଲେ ପ୍ରଥମ ମାସ ଦରମାରୁ ମନ୍ଦିର କରିଦେବ। ଆମେ ପ୍ରଥମ ମାସ ଦରମା ରଖିଦେଲୁ ଟ. ୧୦୦– ତେବେ ମଧ୍ୟ ଠାକୁର ଛାଡ଼ିଲେ ନାହିଁ। ମୁଁ ବାଲୁକା ଲିଙ୍ଗ ଘରେ ବସାଇ ତାଙ୍କ ନାମରେ ପୂଜା କଲି। ତଲୋଯୋଡ଼ି ଗ୍ରାମରେ ପାହାଡ଼ରେ ଫୁଟି ବାହାରିଥିବା ନୀଳକଣ୍ଠେଶ୍ୱରଙ୍କୁ ମୋ ଶ୍ୱଶୁର କାଶୀନାଥ ମହାପାତ୍ର ସ୍ଥାପନ କରିଥିଲେ। ମାର୍ଫତ ଚିନ୍ତାମଣି ବାବୁ ଥିଲେ। ୧୯୮୯ରେ ମନ୍ଦିର ତିଆରି ହେଲା। ପରେ ପ୍ରଭୁ ସନ୍ତୁଷ୍ଟ ହେଲି ବୋଲି ସ୍ୱପ୍ନରେ କହିଲେ। ଶାଶୁ ରତ୍ନମଣିଙ୍କ ନାମରେ ମନ୍ଦିରଟି ଆମେ ପ୍ରତିଷ୍ଠା କଲୁ।

## ପୁଅର ପିଲାଦିନର ପାଠ ପଢ଼ା

ପ୍ରେସ୍ କାମ ଚାଲିଥାଏ। ଦିନରାତି ପରିଶ୍ରମ। ପୁଅ ସୁବ୍ରତ କଟକରେ ମୁନ୍‌ଲିଟ୍ ସ୍କୁଲରେ ପଢୁଥିଲା। ଶ୍ରୀମତୀ ମନମୋହନ ଉପଲ ଓ ମୁଁ ଦୁହେଁ ମିଶି ସେ ସ୍କୁଲଟି ଗଢ଼ିଥିଲୁ। ଯେଉଁ ସ୍କୁଲ ମୁଁ ଆରମ୍ଭ କରିଥିଲି - ଏବେ ସେହି ସ୍କୁଲ ବଞ୍ଚି ରହିଛି। ସେଠାରୁ ସେ ଆସି ସେଣ୍ଟ୍ରାଲ୍ ସ୍କୁଲରେ ନାମ ଲେଖାଇଲା। ବହୁ କଷ୍ଟରେ ଚାଲି ଚାଲି ରବିଟକିଜ୍‌ଠାରୁ ସେଣ୍ଟ୍ରାଲ୍ ସ୍କୁଲକୁ ଯାଉଥିଲା ପଢ଼ିବା ପାଇଁ।

ମୋ ଦେହ ଭାରି ଅସୁସ୍ଥ ହୋଇପଡ଼ିଲା। ଶ୍ରୀଯୁକ୍ତ ଦାମୋଦର ତ୍ରିପାଠୀଙ୍କ ସ୍ତ୍ରୀ କନକ ମୋତେ ରାନ୍ଧିବାରେ ସାହାଯ୍ୟ କଲା। ମୁଁ ଆଉ ରହିଲି ନାହିଁ ଭୁବନେଶ୍ୱରରେ। ଦାମୋଦର ତ୍ରିପାଠୀ, ହେମ ନାନୀଙ୍କ ପୁଅ ସୁଧାଂଶୁ ଶେଖର ମହାପାତ୍ରଙ୍କ ହାତରେ ପ୍ରେସଟି ଦେଇ କଲିକତା ଚାଲିଗଲି।

## କଲିକତାର ଅନୁଭୂତି

ଚିନ୍ତାମଣି ବାବୁ ଟ୍ରାମ୍‌ରେ ବସି ଏକ୍ସପ୍ଲାନେଡରେ ଥିବା ୟୁଏସ ଆଇଏଏସ୍‌କୁ ଯାଆନ୍ତି। ସୁବ୍ରତ ଯାଇ ସେଠାର ପାର୍କଷ୍ଟ୍ରିଟ୍‌ରେ ଥିବା ସେଣ୍ଟ୍ରାଲ୍ ସ୍କୁଲରେ ନାମ ଲେଖାଇଲା। ଉଭୟେ ଟ୍ରାମରେ ଯିବା ଆସିବା କରନ୍ତି। ଏହି ସମୟରେ କଲିକତାରେ ୧୯୭୨ରେ ବଙ୍ଗଳାଦେଶ ଆନ୍ଦୋଳନ ଚାଲିଥାଏ। ନକ୍ସଲାଇଟ୍‌ମାନେ ଘରେ ଘରେ ପଶି ଭାରି ଅତ୍ୟାଚାର କରୁଥିଲେ।

ସେଦିନ ବୋମା ପଡ଼ିବ ବୋଲି କଲିକତାରେ ଲାଇଟ୍ ବନ୍ଦ ହୋଇ ସହର ଅନ୍ଧାର ହୋଇଗଲା। ଆମେ ସର୍ଦ୍ଦର୍ଣ୍ଣ ମାର୍କେଟ ପାଖେ ଭଡ଼ା ଘରେ ରହୁଥିଲୁ। ଘରବାଲା ଶ୍ରୀଯୁକ୍ତ ଚାଟାର୍ଜୀ ବାବୁ ଓ ତାଙ୍କ ସ୍ତ୍ରୀ ଆମକୁ ଭଲ ପାଆନ୍ତି। ସେମାନେ ସେଦିନ ନଥିଲେ। ରାତି ଘନେଇ ଆସିଲାଣି। ସୁବ୍ରତ ୧୫ କିଲୋମିଟର ପାର୍କଷ୍ଟ୍ରିଟ୍‌ରୁ ଆସିବା କଥା। ସେଣ୍ଟ୍ରାଲ୍ ସ୍କୁଲଟି ପାର୍କଷ୍ଟ୍ରିଟ୍ ପାଖେ ଥାଏ। ଆଉ ଚିନ୍ତାମଣି ବାବୁ ୟୁଏସ୍‌ଆଇଏସ୍‌ରୁ ୧୪କିଲୋମିଟର ରାସ୍ତାରୁ ଆସିବା କଥା। ସାଇରନ୍ ବାଜୁଛି। ଯିଏ ଯେଉଁଠି ରହିଗଲେ। ଆମ ପିଣ୍ଡାରେ ନକ୍ସଲାଇଟ୍ ଦଳେ ବସି ବିଚି ଫେଲି ଦେବୁ (ବମ୍ ପକାଇ ଦେବୁ) ବୋଲି ପାଟି କରୁଥାନ୍ତି। ମୁଁ ଭୟରେ ଥରୁଥାଏ - ସ୍ୱାମୀ ପୁଅ କେହି ଫେରିଲେ ନାହିଁ। ଭଗବାନ ଏତେ ସୁଖ ଦେଲେ - କଣ ପାଇବି ଏଥିରୁ

ଭାବିଲି । ମୋର ଦେହ ଦୁର୍ବଳ ଥିଲା । ହଠାତ୍ ବିସ୍ମରଣ ହୋଇଗଲା । ସ୍ୱାମୀ ପୁଅ ରାତିରେ ଆସିଲେ କି ସକାଳୁ ଆସିଲେ ମୋର ଆଉ ମନେ ରହିଲା ନାହିଁ । ମୁଁ କାହାକୁ ଚିହ୍ନି ପାରିଲି ନାହିଁ । ଚିନ୍ତାମଣି ବାବୁ ସାଙ୍ଗେ ସାଙ୍ଗେ ନେଇ ଡାକ୍ତର ଦେଖାଇ ଔଷଧ ଦେଲେ । ବର୍ଷକ ପରେ ମୁଁ ଧିରେ ଧିରେ ଭଲ ହୋଇଗଲି ।

## ସୁବ୍ରତର ଜନ୍ମଦିନରେ ପଣ୍ଡିଚେରୀରେ ଶ୍ରୀମାଙ୍କୁ ଦର୍ଶନ

ଜଗଦ୍‌ଜନନୀ ମା'ଙ୍କୁ ୧୯୭୩ ମସିହାରେ ଦର୍ଶନ କରିବା ପାଇଁ ଆମେ ସମସ୍ତେ ଗଲୁ ପଣ୍ଡିଚେରୀ । ଆଗରୁ ଅନୁମତି ପ୍ରାପ୍ତ ହୋଇଥିଲୁ । ସୁବ୍ରତର ଜନ୍ମଦିନରେ ମା'ଙ୍କର ସ୍ପେଶାଲ୍ ଦର୍ଶନ ମିଳିବାକୁ । ମା' ମୋତେ କାହିଁକି ମାନସିକ ବିସ୍ମରଣ ହେବ – ଏହି ଦୃଢ଼ତାରେ ମୁଁ ଭଲ ହେବାକୁ ଲାଗିଲି ଓ ଦର୍ଶନ ପାଇଁ ବାହାରିଲି । କରୁଣାମୟୀ ଜନନୀ ଜୁଲାଇ ୨୧, ୧୯୭୩ରେ ସୁବ୍ରତର ଜନ୍ମ ଦିନ ତାରିଖରେ ସୁବ୍ରତକୁ ଆଶୀର୍ବାଦ କଲେ । ହାତରେ ଚକୋଲେଟ୍ ମୁଣାଟିଏ ଓ ଫୁଲ ତୋଡ଼ାଟିଏ ଦେଇଥିଲେ । ଏ ପର୍ଯ୍ୟନ୍ତ ଏହା ରହିଛି ! ! ! ଚିନ୍ତାମଣି ବାବୁଙ୍କୁ ମସ୍ତକ ଛୁଇଁ ଆଶୀର୍ବାଦ କଲେ । ମୁଁ ଶ୍ରୀମାଙ୍କ ଚରଣ ତଳେ ଲୋଟିପଡ଼ିଲି– ଆଖିରୁ ଅଜସ୍ର ଅଶ୍ରୁ ଝରି ଚାଲିଥାଏ ! ମୋର ସଞ୍ଜ୍ଞା ନ ଥିଲା ଭଳି ମନେ ହେଉଥିଲା । କି କୋମଳ ସେ ସ୍ପର୍ଶ ଅହେତୁକ ଅନୁଭୂତି ! ! ସ୍ୱର୍ଗୀୟ ଆନନ୍ଦ ! ! ମା' କରୁଣାମୟୀ ସବୁକିଛି ତୋରି ଚରଣ ତଳେ ସମର୍ପିତ, ନିବେଦିତ ! ! ! ମା" ଆଶୀର୍ବାଦ କର ଜଗତବାସୀଙ୍କୁ ।

୧୯୭୪ ମସିହାରେ ଆମେରିକାନ୍ ରିପୋଟରଟି ବନ୍ଦ ହୋଇଗଲା । ମୁଁ ମା'ଙ୍କୁ ଜଣାଇଲି ମା' କ'ଣ ଆମେ ଖାଇବୁ ? କିପରି ରହିବୁ? ମା' ସ୍ୱପ୍ନରେ ଦେଖାଦେଇ ଆଶୀର୍ବାଦ କଲେ । ୧୯୭୪ ସେପ୍ଟେମ୍ବରରେ ଇଣ୍ଟରଭ୍ୟୁରେ ସିଲେକ୍ଟ ହୋଇ ଚିନ୍ତାମଣି ବାବୁ ବ୍ରହ୍ମପୁର ୟୁନିଭରସିଟିରେ ହେଡ୍ ଅଫ୍ ଡିପାର୍ଟମେଣ୍ଟ ଜର୍ଣ୍ଣାଲିଜିମ୍ ରୂପେ ଆସି ରହିଲେ । ୧୯୭୪ରୁ ୧୯୯୦ ପର୍ଯ୍ୟନ୍ତ ।

୧୯୭୪ ମସିହାରେ ଚିନ୍ତାମଣି ବାବୁ କଲିକତାରୁ ଆସି ବ୍ରହ୍ମପୁରରେ ଘରଭଡ଼ା ନେଇ ରହିଲେ । ସେଠାରୁ ବସରେ ଭଞ୍ଜବିହାର ୟୁନିଭରସିଟିକୁ ନିୟମିତ ଯାଆନ୍ତି । ୧୯୭୫ ସେପ୍ଟେମ୍ବର ମାସରେ ଆମେ ୟୁନିଭରସିଟିର

କ୍ୱାର୍ଟର ପାଇ ସେଠାରେ ରହିଲୁ । ବ୍ରହ୍ମପୁରରେ ଥିଲାବେଳେ ଆମେ ବୃନ୍ଦାବନ ଦାସଙ୍କ ଘରେ ଭଡ଼ାରେ ଥିଲୁ । ମୋ ଦେହ ଭଲ ହୋଇ ଯାଇଥାଏ । ସେଠାରେ ମୋର ସମାଜସେବା ବହୁଳ ପରିମାଣରେ ଆରମ୍ଭ ହେଲା । ଏହା ପୂର୍ବରୁ ମୁଁ ବହୁତ କବିତା, ଗଳ୍ପ, ଖବର କାଗଜକୁ ଲେଖି ପଠାଉଥିଲି । ନବପତ୍ର, ଆସନ୍ତା କାଲି, ଝଙ୍କାର, ପ୍ରଜାତନ୍ତ୍ର, ମୀନାବଜାର ପ୍ରଭୃତିରେ ପ୍ରକାଶିତ ହେଉଥିଲା କିନ୍ତୁ ଆଉ ମୁଁ ଲେଖି ପାରିଲି ନାହିଁ, ସେବାକାର୍ଯ୍ୟରେ ମନଦେଲି ।ସୁବ୍ରତକୁ ବ୍ରହ୍ମପୁର ସେଣ୍ଟ୍ରାଲ୍ ସ୍କୁଲରେ ନାମ ଲେଖାଇଦେଲୁ । ବ୍ରହ୍ମପୁର ଭଡ଼ା ଘର ପାଖେ – ପ୍ରଫେସର ଚଣ୍ଡିଚରଣ ଦାସ ଥିଲେ । ତାଙ୍କ ସ୍ତ୍ରୀ ସୁରମା ଦାସ (ନାନୀ) ମୋତେ ପ୍ରଥମ କରି "ନାରୀ ସେବା ସଂଘ"କୁ ନେଇ ଗଲେ ଓ ଶ୍ରୀମତୀ ନର୍ମଦା ପାଢ଼ୀଙ୍କ ସହିତ ମିଶାଇଲେ ।

## ବ୍ରହ୍ମପୁରରେ ରହଣି

ସେ ସମୟରେ ବ୍ରହ୍ମପୁର ହିଲ୍‌ପାଟଣାରେ "ଆଙ୍ଗ୍‌ଲୋ ବେଦିକ୍ ନର୍ସରୀ ସ୍କୁଲ" ନର୍ମଦା ପାଢ଼ୀ ଆରମ୍ଭ କରିଥିଲେ । ମହିଳା ମେମ୍ବର ସବୁ ନିୟମିତ ମିଟିଙ୍ଗ୍‌କୁ ଆସୁଥିଲେ । ମୋତେ କିଛି ଦିନପରେ ନାରୀ ସେବା ସଂଘର ସେକ୍ରେଟେରୀ କରାଗଲା । ପ୍ରଥମେ ନର୍ମଦା ପାଢ଼ୀ ସେକ୍ରେଟେରୀ ଥିଲେ । ପ୍ରେସିଡେଣ୍ଟ ଶାନ୍ତିଲତା ସାହୁ ଥିଲେ । ସୋସିଆଲ୍ ୱେଲ୍‌ଫେୟାର ବୋର୍ଡକୁ ନର୍ମଦା ନାନୀ ବଛା ହୋଇ କମିଟି ମେମ୍ବର ରହିବା ଫଳରେ ସେକ୍ରେଟେରୀ ଦାୟିତ୍ୱ ମୁଁ ନେଲି । ସ୍କୁଲର ଉନ୍ନତି ପାଇଁ ସଂଯୁକ୍ତା ପାଣିଗ୍ରାହୀଙ୍କୁ ଆଣି ନାଚ କରାଇ କିଛି ଅର୍ଥ ଉପାର୍ଜନ କଲୁ । ମୀନାବଜାର କରି କିଛି ଅର୍ଥ ପାଇଲୁ । ସେ ଟଙ୍କାରେ ସ୍କୁଲର ଚେୟାର ଟେବୁଲ୍, ପୁସ୍ତକ, ପେନ୍, ଆଲମାରୀ କିଣାହେଲା । ପିଲାଙ୍କଠାରୁ ସାମାନ୍ୟ ଫିସ୍ ନେଇ ଶିୟକ୍ଷିତ୍ରୀଙ୍କୁ ଦରମା ଦିଆଯାଉଥିଲା ।

ଆମର ମେମ୍ବର ଥିଲେ ଶ୍ରୀମତୀ ସାରଦା ପାଣିଗ୍ରାହୀ, ପ୍ରସାଦବାଳା ମହାପାତ୍ର, ଶାନ୍ତି ସାହୁ, ମନୋରମା ପଟ୍ଟନାୟକ, ସୁରମା ଦାସ, ଶୋଭନା ପାଲିଟ୍, ଗୌରୀ ଚଟର୍ଜୀ, ଡଃ ପାଲିଟ୍‌ଙ୍କ ସ୍ତ୍ରୀ ପ୍ରଭୃତି ଥିଲେ । ଆମେ ବାହାରକୁ ଯାଇ ବହୁତ ସେବା ମୂଳକ କାର୍ଯ୍ୟ କରୁଥିଲୁ । (ସୋସିଆଲ୍ ୱେଲ୍‌ଫେୟାର) ଗ୍ରାମମଙ୍ଗଳ ବୋର୍ଡ ତରଫରୁ ଗରୀବ ଶିଶୁଙ୍କ ପାଇଁ ପାଉଁରୁଟି ଦିଆଯାଉଥିଲା



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭଞ୍ଜବିହାର ପରିସରରେ ସ୍ୱାମୀ ଚିନ୍ତାମଣି ମହାପାତ୍ର, ପୁତ୍ର ସୁବ୍ରତ ଓ ଅନ୍ୟମାନଙ୍କ ଗହଣରେ ସ୍ନେହଲତା

ଏବଂ କୁଷ୍ଠରୋଗୀଙ୍କୁ ଖାଦ୍ୟ, କ୍ଷୀରି, ଖେଚୁଡ଼ି, ଉପମା ଦିଆଯାଉଥିଲା ନିମୟମିତ ଭାବରେ। ବୋର୍ଡରେ ଶ୍ରୀମତୀ ପାଢ଼ି ଥିବାରୁ ଏହି କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ତରଫରୁ ଅନୁଦାନ ମିଳୁଥିଲା। କୁଷ୍ଠ ରୋଗୀଙ୍କୁ ଖାଦ୍ୟ ବାଣ୍ଟିବା ପାଇଁ କେହି ମେମ୍ବର ରାଜି ହେଉନଥିଲେ। ମୁଁ କିନ୍ତୁ ନିୟମିତ ଆସି ଖାଦ୍ୟ ବାଣ୍ଟୁଥିଲି। ସମସ୍ତ ରୋଗୀ ମୋ ଉପରକୁ ମାଡ଼ି ଆସନ୍ତି ଗିନା ଡାଟିଆ ଧରି। କିନ୍ତୁ ପ୍ରତିଦିନ ଏକ ବୃଦ୍ଧା ଜଣକ ମୋ ମୁହଁକୁ ସତୃଷ୍ଣ ନୟନରେ ଚାହିଁ ରହିଥାଏ। କେବେହେଲେ ଉଠି ମୋ ଆଡ଼କୁ ମାଡ଼ି ଆସେନାହିଁ। ମୁଁ ପଚାରିଲି - ମାଉସୀ ତୁ'ତ ମୋ ଆଡ଼କୁ ମାଡ଼ି ଖାଦ୍ୟ ମାଗୁନାହୁଁ? ସେ ଆଖିରୁ ଲୁହ ପୋଛି କହିଲା ତୋ ଭଳି ମୋର ଝିଅ ଅଛି ମା'। ମୋତେ ଏ ରୋଗ ହେଲାରୁ ପୁଅ ବୋହୂ ଘରୁ ତଡ଼ିଦେଲେ - ତୁ କ'ଣ ମୋ ଝିଅ ନୋହୁଁ - ମୋ ବିଶ୍ୱାସ ଅଛି ମା। ତୁ ମୋତେ ନିଶ୍ଚୟ ଖାଇବାକୁ ଦେବୁ। ମୋ ଆଖିରୁ ଲୁହ ବୋହିଗଲା। ଇଚ୍ଛା ହେଉଥିଲା ମୁଁ ତାକୁ କୁଣ୍ଢାଇ ପକାନ୍ତିକି!!!

## ଶିଳଶିଳ୍ପା ସମବାୟ ସମିତି

୧୯୭୮ ମସିହରେ ଚିନ୍ତାମଣି ବାବୁ ୟୁନିଭରସିଟି ନିକଟରେ ଥିବା ଅର୍ନ୍ତବାଟିଆରେ ଶିଳଶିଳ୍ପା ସମବାୟ ସମିତି ଗଢ଼ିଲେ। ଏଥିରେ ବାହାରର କେହି ପ୍ରବେଶ କରି ପାରିଲେ ନାହିଁ। ପଥର ଛେଚିବା ପାଇଁ ନିକଟବର୍ତ୍ତୀ ଗ୍ରାମର ସମସ୍ତ ସ୍ତ୍ରୀ ପୁରୁଷ ପଥର ଛେଚି ମଜୁରୀ ପାଇଲେ। ରାସ୍ତାଘାଟ ସ୍କୁଲ ତିଆରି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲା। ଏଥିରେ ମୋର ଧର୍ମ ପୁଅ ଦାଶରଥି (ପ୍ରଫେସର ଡାଃ ଦାଶରଥି ମିଶ୍ର) ଚିନ୍ତାମଣି ବାବୁଙ୍କୁ ସହଯୋଗ କରୁଥିଲେ। ମୁଁ ସେମାନଙ୍କ ସହିତ ଯାଇ କାମ କରୁଥିଲି । ମୁଁ ବାଲ୍‌ବାଡ଼ି ସେଣ୍ଟର ଆରମ୍ଭ କଲି ଅର୍ନ୍ତବାଟିଆରେ ପିଲାମାନଙ୍କୁ ପରିଷ୍କାର ପରିଛନ୍ନରେ ରଖିବା, ବାପା ମା' କାମକୁ ଯିବା ପରେ ସେମାନଙ୍କୁ ଖାଇବାକୁ ଖାଦ୍ୟ ଯୋଗାଇ ଦେଉଥିଲୁ ଓ ଯତ୍ନ ନେଉଥିଲୁ। ଖାଦ୍ୟ ପାଇଁ ସୋସିଆଲ୍ ଓ୍ୱେଲ୍‌ଫେୟାର ତରଫରୁ ସାହାଯ୍ୟ ମିଳୁଥିଲା । ବହୁ ଲେଖା ଲେଖା କରି ଭୁବନେଶ୍ୱରକୁ ଆସି ଟଙ୍କା ସାଙ୍କ୍‌ସନ୍ କରିବାକୁ ମୋତେ ପଡୁଥିଲା। ସେଠାର ଏମ୍.ଏ.ଏଲ୍ ସୁଗ୍ୟାନ ଦେବୀ ମୋର କାର୍ଯ୍ୟକ୍ରମ ଦେଖିବାକୁ ରଙ୍ଗେଇଲୁଣ୍ଡା ଓ ଅର୍ନ୍ତବାଟିଆ ଆସି ପରିଦର୍ଶନ କରି ଭାରି ଖୁସି ହୋଇଥିଲେ। ବୋର୍ଡ଼ ତରଫରୁ ଟଙ୍କା ମଞ୍ଜୁରି କରିଦେଲେ।

## ଅରଫାନ୍ ସ୍କୁଲ ପରିଦର୍ଶନ

ପ୍ରାୟ କେତେକ ମହିଳା ମିଶି ଆମେ ବ୍ରହ୍ମପୁରରେ ଥିବା ଅରଫାନ୍ ସ୍କୁଲକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ବୁଝୁଥିଲୁ। ପୁରୁଣା ମଶାରୀ, ବହି, ଔଷଧ, ବିସ୍କୁଟ ସେମାନଙ୍କୁ ଦେଉଥିଲୁ ଏବଂ ଉପାଦେୟ ଗଳ୍ପ, ସତ୍‌ବାଣୀ ବିଷୟରେ ଶିକ୍ଷା ଦେଉଥିଲୁ। ବାପା ମା' କିଏ ନାହିଁ। ପିଲାଟି ଦିନରୁ ବାପା ମା' କିଏ ଦେଖି ନଥିବା ନିରୀହ ଶିଶୁଗୁଡ଼ିକ ଆମ ଚାରିପଟେ ଘେରି ଯାଉଥିଲେ ! ! ତାଙ୍କର ଆଖିଗୁଡ଼ିକ ଆନନ୍ଦରେ ଉଜ୍ଜ୍ୱଳ ଦେଖାଯାଉଥିଲା। ନର୍ମଦା ପାଢ଼ୀ, ଶ୍ରୀମତୀ ସୁରମା ଦାସ, ଶ୍ରୀମତୀ ସୋଭନା ପାଲିତ୍, ଶ୍ରୀମତୀ ସାରଦା ପାଣିଗ୍ରାହୀ, ପ୍ରସାଦ ବାଳା ମହାପାତ୍ର, ଶାନ୍ତିଲତା ସାହୁ, ପ୍ରଭୃତି ଆମ ସହିତ ସେବାମୂଳକ କାର୍ଯ୍ୟରେ ଯୋଗ ଦେଉଥିଲେ।

## ବ୍ଲାଇଣ୍ଡ ସ୍କୁଲ ପରିଦର୍ଶନ

ବ୍ଲାଇଣ୍ଡ ସ୍କୁଲକୁ ମଧ୍ୟ ଆମେ ଯାଇ ପାଉଁରୁଟି, ଚକୋଲେଟ୍, ମଶାରୀ, ବାଣ୍ଟୁଥିଲୁ। ଦେଶଭକ୍ତି, ପୌରାଣିକ ଗଳ୍ପ ଶିକ୍ଷା ଦେଉଥିଲୁ। ମେଡିକାଲ୍‌କୁ ସପ୍ତାହରେ ୨ ଜଣ ମେମ୍ବର ପାଳି କରି ଆମେ ଯାଉଥିଲୁ। କେଉଁ ରୋଗୀ ଖାଇବାକୁ ପାଇନି, ଗରୀବ ରୋଗୀ ଖାଇପାରିନି, ମୁଣ୍ଡ କୁଣ୍ଡାଇ ପାରୁନି, ଘରକୁ ଚିଠି ଲେଖି ପାରୁନି, ଔଷଧ ତାକୁ ମିଳୁଛି କି ନାହିଁ, ଡାକ୍ତରଙ୍କୁ କହି ସେମାନଙ୍କର ଆବଶ୍ୟକ ଚାହିଦା ପୂରଣ କରୁଥିଲୁ।

## ନର୍ସରୀ ସ୍କୁଲ

ଆଙ୍ଗ୍‌ଲୋ ବେଦିକ୍ ନର୍ସରୀ ସ୍କୁଲଟି ଗୋଟିଏ ଆଦର୍ଶ ସ୍କୁଲ ଥିଲା। ମୀନା ବଜାର, ଡ୍ରାମା କରି ନାଚ ଗୀତ କରାଇ ଯାହା କିଛି ଅର୍ଥ ପାଉଥିଲୁ ଆଙ୍ଗ୍‌ଲୋ ବେଦିକ ନର୍ସରୀ ସ୍କୁଲଟିଏ ପାଇଁ ଖର୍ଚ୍ଚ କରୁଥିଲୁ। ଚେୟାର, ଟେବୁଲ୍ ଫେନ୍ ପ୍ରଭୃତି ଆବଶ୍ୟକୀୟ ଜିନିଷ କିଣିଥିଲୁ - ପରେ ପିଲାମାନଙ୍କଠାରୁ ଫିସ୍ ଆଦାୟ କଲୁ। ଫିସ୍ ମାତ୍ର ୭ ଟଙ୍କା। ମଧ୍ୟବିତଙ୍କ ସୁବିଧା ପାଇଁ ଇଂରାଜୀ ଓ ବୈଦିକ ସଂସ୍କାରରେ ଏହି ସ୍କୁଲଟି ଗଢ଼ା ଯାଇଥିଲା। ଏହି ସ୍କୁଲର ଦାୟିତ୍ୱ ଶ୍ରୀମତୀ ପାଢ଼ୀ, ପ୍ରିନ୍‌ସିପାଲ୍ ଶାନ୍ତି ସାହୁ ଓ ମୁଁ ବୁଝୁଥିଲୁ। ସ୍କୁଲ୍‌ଟି ବର୍ତ୍ତମାନ ମ୍ୟୁନିସ୍‌ପାଲ୍‌ଟି ହାତକୁ ଚାଲିଯାଇଛି। ହାଇସ୍କୁଲ ହୋଇ ବ୍ରହ୍ମପୁର ହିଲ ପାଟଣାରେ ଅଦ୍ୟାବଧି ରହିଛି।

## ବିବାହ ଓ ଗାଳି

ହିଲ୍‌ପାଟଣାରେ ଆମେ ଯାହା ଘରେ ରହୁଥିଲୁ ତାଙ୍କ ବଡ଼ପୁଅ କୁଷ୍ଠରୋଗୀ ଥିଲେ। ଡାକ୍ତରଙ୍କ ଔଷଧରେ ଭଲ ହୋଇ ଆସୁଥିଲେ। ତଥାପି ହାତ ଓ ଗୋଡ଼ର ଆଙ୍ଗୁଠି ନଥିଲା। ତାଙ୍କର ମା' ମୋ ଆଗରେ ବହୁତ କାନ୍ଦିଲେ। ମୋ ପୁଅଟିର କିପରି ବିବାହ ଘରହେବ। ପୁଅତ ଏମ୍.ଏ ପାସ୍ କରିଥାଏ ଓ ଓକିଲାତି କରୁଥିଲା। ଏଭଳି ରୋଗରେ ଆକ୍ରାନ୍ତ ହୋଇ ଅଶ୍ରୁବର୍ଷଣ କରି ଲାଗିଲେ। ଘରେ ଅଚଳାଚଳ ସମ୍ପତି। କୁଷ୍ଠ ରୋଗ ନାଁ ଶୁଣିଲେ କିଏ ବିବାହ କରିବ। ହଠାତ୍ ମୋ ମୁଣ୍ଡକୁ ଏକ ଧାରଣା ଆସିଲା। କଟକରେ ଥିଲା ବେଳେ ମୋର ଜଣେ ସାଙ୍ଗ ଶ୍ରୀମତୀ ପଟ୍ଟନାୟକ। ତାଙ୍କ ଭଉଣୀ ବିଷୟରେ କହୁଥିଲେ। କେଉଁଠି ପାତ୍ର ଖୋଜି ଦେବା ପାଇଁ। ତାଙ୍କ

ମା'ଙ୍କର ଚିଲିକାରେ ବଢ଼ି ଆସିବା ସମୟରେ ଖଲିକୋଟରେ ଥିବା ଘରଦ୍ୱାର ଭାସିଗଲା। ତାଙ୍କ ବାପା ଚାଲିଗଲେ। ମା' ନିରାଶ୍ରୟ ହୋଇ ସାନଝିଅକୁ ଧରି ବଡ଼ ଝିଅ ପାଖରେ ରହି କଷ୍ଟରେ ଚଳୁଥିଲେ। ଝିଅଟି ୭ମ କ୍ଲାସ ଯାଏଁ ପାଠ ପଢ଼ିଛି। ବିବାହ ଯୋଗ୍ୟା ହୋଇ ଯୋଇଁଙ୍କ ପାଖରୁ ନିର୍ଯ୍ୟାତନା ପାଉଥିଲା।

ଭଗବାନଙ୍କର ଉଦ୍ଦେଶ୍ୟ କ'ଣ - ହଠାତ୍ ମୋ ଧାରଣା ହେଲା ଏ ପ୍ରସ୍ତାବ ବିଷୟରେ ଆଗେଇବା ପାଇଁ। ମୁଁ ସାଙ୍ଗଙ୍କୁ କହିଲି - ସେ କହିଲେ ଭଉଣୀକୁ ପଚାର। ମୁଁ ଝିଅଟିକୁ ପଚାରି କହିଲି ତୁ କ'ଣ କୁଷ୍ଠରୋଗୀକୁ ବିବାହ କରିବାକୁ ରାଜି ତ ? ଝିଅଟି କହିଲା ନାନୀ ମୁଠାଏ ଖାଇବାକୁ ମିଳିବତ ? ଏ ନର୍କ ଯନ୍ତ୍ରଣାଠାରୁ ମୁକ୍ତି ମିଳିବ ତ। ମୁଁ ତା'ର ସେବା କରିବି ନିଶ୍ଚୟ। ମୋ ଆଖିରେ ଲୁହ ଭରିଗଲା। ଝିଅଟିର ବିବାହ କରିଦେଲି। କେହି କିଛି ଦେଲେ ନାହିଁ। ମୁଁ ହାତରୁ ଭଲ ଶାଢ଼ୀ, ଜ୍ୱାଇଁ ପାଇଁ ଧୋତି ପଞ୍ଜାବୀ, କିଛି ମିଠା, ନଣନ୍ଦ ପୁଟୁଳି ଓ ଶାଶୁପେଡ଼ି କିଣି ବ୍ରହ୍ମପୁର ଜଗନ୍ନାଥ ମନ୍ଦିରରେ  ବିବାହ କରାଇ ଦେଲି। ମାଉସୀ-ପୁଅ ବୋହୁଙ୍କୁ ଧରି ଘରକୁ ନେଲେ। ଯୌତୁକ ଦେଖି ବଡ଼ ଖପାହେଲେ। ମୋତେ ଗାଳି ଦେଲେ। କିଛି ଭାର ଆଣିଲା ନାହିଁ। ଠକି ଦେଲୁ ବୋଲି ସବୁଦିନ ବୋହୁକୁ ଖୁଣ୍ଟା ଗାଳି ଦିଅନ୍ତି।

ମୁଁ ଆଶା କରୁନଥିଲି - ଶେଷରେ ମୋ ଘରେ ଆଣି ଝିଅକୁ ଛାଡ଼ି ଦେଲେ। ମୁଁ ତାଙ୍କ ସ୍ୱାମୀ ଶ୍ରୀଯୁକ୍ତ ଦାସଙ୍କୁ ଡାକି କହିଲି "ତୁମକୁ ଝିଅ ମିଳି ନଥାଆନ୍ତା ବିଚାରି ତୁମର ସେବା କରି ମୁଠେ ଖାଇବ ରହିବ ବୋଲି ସ୍ୱାର୍ଥତ୍ୟାଗ କରି ବିବାହ କଲା। ଏଇଟା କ'ଣ ଭଲ କଥା। ତାଙ୍କ ସ୍ୱାମୀ ମା'ଙ୍କୁ ଭର୍ତ୍ସନା କରି - ସ୍ତ୍ରୀକୁ ଆମ ଘରୁ ନେଇଗଲେ। ଏବେ ଏତେ ସୁଖରେ ସେ ଝିଅଜ୍ୱାଇ ଅଛନ୍ତି - ପୁଅ ଝିଅ ହୋଇ ଭଲରେ ଅଛନ୍ତି। ମା'ଙ୍କ ଦୟାରୁ ସମସ୍ତେ ଭଲରେ ଥାଆନ୍ତୁ।

## ଔଷଧ ଦେବା କାର୍ଯ୍ୟ

ଭଞ୍ଜବିହାରରେ ଥିଲାବେଳେ - ସେ ଗୋରୀମା କିଏ - ଆମକୁ ଔଷଧ ଦେବ ବୋଲି ଗ୍ରାମରୁ ବହୁ ମହିଳା, ଝିଅ ଓ ବୁଢ଼ାବୁଢ଼ୀମାନେ ଆସି

ଔଷଧ ନେଉଥିଲେ। ମୁଁ ମାଗଣାରେ ଔଷଧ ଦେଉଥିଲି। ଜର, ଝାଡ଼ା, ପେଟବ୍ୟଥା, ଘା' ଶୁଖିବା, ଅଣ୍ଟା ଦରଜ ପାଇଁ ହୋମିଓ ପାଥିକ ଔଷଧ ଦିଏ।

କେତେକ ରୋଗୀଙ୍କୁ ଝାଡ଼ି ଦେଲେ ଭଲ ହୋଇଯାଆନ୍ତି। ଗୋଟିଏ ଉଦାହରଣ ଦେଉଛି – ରଙ୍ଗେଇଲୁଣ୍ଡା ଗ୍ରାମର ଜଣେ ସରପଞ୍ଚର ପୁଅ ଭୈରବି ମନ୍ଦିର ଯାଇଥିଲା, ଭୟରେ ରୋଗଗ୍ରସ୍ତ ହୋଇ ପଡ଼ିଲା। ଏଭଳି ପରିସ୍ଥିତି ହେଲା ପାଟିରୁ ରକ୍ତ ବୋହି – ହାତ ଗୋଡ଼ ଥଣ୍ଡା ହୋଇଗଲା। ତା'ର ବାପା ବହୁତ ଡାକ୍ତର ଦେଖାଇଲେ ହେଲେ କିଛି ଲାଭ ହେଲାନାହିଁ। ତା' ପାଟିରେ ପାଣି ମଧ ଗଳୁ ନଥିଲା। ରକ୍ତବାନ୍ତି ହୋଇ ନିଶ୍ୱାସ କେବଳ ଯାଉଥିଲା। ବହୁତ ଡାକ୍ତର ଔଷଧ ଦେବାକୁ ଆସି ଫେରି ଯାଇଥିଲେ। ଆମ ଘରେ ବଢ଼େଇମା କାମ କରୁଥିଲା। ସେ କହିଲା ବାବୁ ମା'ଙ୍କୁ ଟିକିଏ ଡାକ। ସେ ଝାଡ଼ି ଦେବେ। ସେଦିନ ରାତି ୧୦ଟାରେ ବର୍ଷା ହେଉଥାଏ। ରଙ୍ଗେଇଲୁଣ୍ଡା କେମ୍ପସରୁ ଦେଢ଼ କିଲୋମିଟର । ବଢ଼େଇମାକୁ ଧରି ଆସି ଗ୍ରାମବାସୀ କେତେଜଣ ମୋତେ ଡାକିନେଲେ। ହାତରେ କିଛି ଔଷଧ ଧରି ଯାଇଥିଲି। ସେଠାରେ ଜାଣିଲି ଯେ ପିଲାଟି ଭୟଭୀତ ହୋଇ ରକ୍ତବାନ୍ତି କରୁଛି। ମୁଁ ତାକୁ ଦୁର୍ଗାଙ୍କ ନାମ ସ୍ମରଣ ପାଇଁ କହିଲି ଓ ମା'ଙ୍କ ନାମରେ ଝାଡ଼ିଦେଲି। ସାଙ୍ଗରେ ନେଇଥିବା ଔଷଧକୁ ୧୦ ମିନିଟ୍ ଅନ୍ତରରେ ଖାଇବାକୁ ଦେଲି। ସେ ଗ୍ରାମର ସରପଞ୍ଚଙ୍କର ୨୫ ବର୍ଷର ଏକମାତ୍ର ପୁଅ। ମୃତ୍ୟୁର ଶେଷ ଅବସ୍ଥାରେ ପଡ଼ିଥିଲା। ତାକୁ ସୋରିଷତେଲ ମାରି ଶେକିବାକୁ କହିଲି। ଧିରେ ଧିରେ ସେ ଆଖି ଫିଟାଇଲା। ହରିବୋଲ ଡାକରେ ଗ୍ରାମବାସୀମାନେ ଗଦା ହୋଇଗଲେ। ମୁଁ ସେ ପୁଅଟିକୁ କହିଲି, ଆରେ ମା' କ'ଣ କେବେ ରକ୍ତ ଖାଏ । ସେ ପରା କରୁଣାମୟୀ। ତୁ ଡରିଲୁ କାହିଁକି ? ମା' ମୋତେ ପଠାଇଛି – ତୁ ଭଲ ହୋଇଯା'। ମା'ଙ୍କ ନାମ ସ୍ମରଣ କର। ତାକୁ କ୍ଷୀର ଓ ପାଉଁରୁଟି ଖୁଆଇ ୨ଟା ରାତିକୁ ଘରକୁ ଫେରିଲି। ତା'ର ୨ଦିନ ପରେ ପିଲାଟି ସମ୍ପୂର୍ଣ୍ଣ ଭଲ ହୋଇ ମୋତେ ଖୋଜିଲା। ଏହିଭଳି ଅନେକ ଭଲ ହୋଇଯାନ୍ତି। ମୁଁ କିଛି ହୋମିଓପାଥିକ ଔଷଧ ରଖିଥାଏ। ଗାଁରୁ ସମସ୍ତେ ଆସି ମୋ ପାଖରୁ ଔଷଧ ନିଅନ୍ତି।

## ଭଞ୍ଜବିହାର ଦୃଶ୍ୟାବଳୀ ଓ ରହଣୀ

ସହରଠାରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଭଞ୍ଜବିହାର ୟୁନିଭରସିଟିର କ୍ୱାଟର ସବୁ ଭାରି ସୁନ୍ଦର ଦେଖାଯାଉଥିଲା । ଉଦ୍ୟାନରେ ସୁସଜ୍ଜିତ ଫୁଲର ଗନ୍ଧ, ଆମ୍ବ ଗଛ ଉପରୁ କୋଇଲିର ମଧୁର ଗୁଞ୍ଜନ, ପୂର୍ବ ଦିଗରୁ ସୂର୍ଯ୍ୟୋଦୟର ରକ୍ତିମ ଆଭା । କିଭଳି ଏକ ଶାଶ୍ୱତ ଆନନ୍ଦ ଓ ପ୍ରଶାନ୍ତି ଭିତରେ ଦିବ୍ୟତାର ରଙ୍ଗ ଭରି ଦେଉଥିଲା ।

୧୯୭୫ ମସିହା ଅଗଷ୍ଟରେ ଆମେ ପରିବାର ସହିତ ଯାଇ ୟୁନିଭର୍‌ସିଟି କ୍ୱାଟରରେ ରହିଲୁ । ସେଠାରେ ମୋର ସମାଜସେବା ଆରମ୍ଭ ହେଲା । ଆମକୁ ପ୍ରଫେସର କ୍ୱାଟର ଦିଆଯାଇଥିଲା । ମୁଁ ଭାରି ସୁନ୍ଦର ବଗିଚାଟିଏ କଲି । ସୁବ୍ରତ, ଚିନ୍ତାମଣି ବାବୁ ମଧ୍ୟ ନିୟମିତ ଫୁଲଗଛ ଓ ଫଳ ଗଛରେ ପାଣି ଦିଅନ୍ତି । ମୁଁ ଜର୍‌ସି ଗାଇ ଗୋଟିଏ ଓ ଦେଶୀ ଗାଈ ଗୋଟିଏ ରଖିଥିଲି । ମୋ ପାଖରେ ବଢ଼େଇମା, ସୁନା, ଡାଳି, ସୋମନାଥ, ଯୁରିଆ କାମ କରୁଥିଲେ । ସତ୍ୟ ନାରାୟଣପୁରର ପ୍ରମୋଦ ଓ ସୁଧା ପାଢ଼ୀ ମଧ୍ୟ ଆସି ସାହାଯ୍ୟ କରନ୍ତି ।

ସେତେବେଳେ ଭଞ୍ଜବିହାରରେ ହସ୍‌ପିଟାଲ୍ ନଥିଲା । ହଷ୍ଟେଲ୍ ଝିଅମାନେ ଆସି ମୋଠାରୁ ହୋମିଓପାଥିକ ଔଷଧ ନିଅନ୍ତି । କ୍ୟାମ୍ପସ୍‌ରୁ ପ୍ରଫେସର ଓ ତାଙ୍କ ସ୍ତ୍ରୀମାନେ ମଧ୍ୟ ଆସି ଔଷଧ ନିଅନ୍ତି । ମୋ ପୁଅ ସୁବ୍ରତ ଓ ଚିନ୍ତାମଣି ବାବୁ ମଧ୍ୟ ଔଷଧ ଦେଇ ଦିଅନ୍ତି । ବର୍ତ୍ତମାନ ମୋ ବୋହୂ ଶ୍ରୀପୂର୍ଣ୍ଣା ମଧ୍ୟ ଭଲ ଔଷଧ ଦେଉଛି ।

ନୂଆ ନୂଆ ଭଞ୍ଜବିହାରରେ ଲାଇଟ୍ ନଥିଲା । ରାସ୍ତାରେ ମଧ୍ୟ ଲାଇଟ୍ ନଥିଲା ଏବଂ ପାଣିର ମଧ୍ୟ ଅସୁବିଧା ଥିଲା । ମୁଁ ଓ ସୁରମା ନାନୀ ଯାଇ ଭି.ସି.ଙ୍କୁ ଅନୁରୋଧ କରିବା ଫଳରେ କିଛି ଦିନପରେ ଲାଇଟ୍‌ର ସୁବିଧା କରାଯାଇଥିଲା ।


## କୁକୁରଟି ସାହାଯ୍ୟ ଦେଲା

ଅନେକ ସମୟରେ ଆମେ ସବୁ ସଉଦାପତ୍ର ବ୍ରହ୍ମପୁର ସହରରୁ ଆଣୁଥିଲୁ – ବସ୍ ଫେଲ୍ ହୋଇଗଲେ ଗୋଳାବନ୍ଧ ବସରେ ରାତି ୧୧ଟାରେ

ଆସି ଗୋପାଳପୁର ଛକରେ ଓହ୍ଲାଉଥିଲୁ – ଭିତରକୁ ଗାଡ଼ି ଆସୁ ନଥିଲା କି ଲାଇଟ୍ ମଧ୍ୟ ନଥିଲା । ଶାଶୁଙ୍କର ଶ୍ରାଦ୍ଧ ପରଦିନ ଥାଏ । ମୁଁ କୋଇଲା, ହାଣ୍ଡି, ଚାଉଳ ଓ ପନିପରିବା ଧରି ଗୋପାଳପୁର ଛକରେ ରାତି ୧୧ଟାରେ ଓହ୍ଲାଇଲି । ଚିନ୍ତାମଣି ବାବୁଙ୍କୁ କୁହାହୋଇଥିଲା ଛକକୁ ଆସିବା ପାଇଁ । ସେ ଆସି ଫେରି ଯାଇଥିଲେ । ଆଉ କେହି ଆମ କ୍ୟାମ୍ପସ୍‌ରୁ ଓହ୍ଲାଇ ନାହାଁନ୍ତି । ୨ ଜଣ ମଦୁଆ ଓହ୍ଲାଇଲେ । ବେକରେ ସୁନାହାର, କାନର, ଚୁଡ଼ି ସବୁ ଥିଲା । ମୁଁ ଭୟଭୀତ ହୋଇ ମା'ଙ୍କୁ ପ୍ରାର୍ଥନା କଲି । ଜିନିଷତ ଧରି ପାରୁନାହିଁ । ବଡ଼ କଷ୍ଟରେ ଚାଲୁଛି । ଏଣେ ମଦୁଆଙ୍କ ହସ । ମୁଁ ପ୍ରକୃତରେ ନିଃସହାୟ ହୋଇ ମା'ଙ୍କ ଚରଣତଳେ ଶରଣାଗତ ହେଲି । ହଠାତ୍ ଗୋଟିଏ ଆଲସିସିଆନ୍ କୁକୁର ଆସି ମୋ ଆଗେ ଆଗେ ଚାଲିଲା । ମୋ ମନରେ ଟିକିଏ ଦମ୍ଭ ଆସିଲା । ତାକୁ ବେଗ୍‌ରୁ ପାଉରୁଟି ଖଣ୍ଡିଏ ଖଣ୍ଡିଏ ଫିଙ୍ଗି ଦେଉଥାଏ । କିଛି ସମୟ ପରେ ରଙ୍ଗେଇଲୁଣ୍ଡା ପୋଖରୀ ବାଟ ଦେଇ ୨ଜଣ ମଦୁଆ ହସି ହସି ଚାଲିଗଲେ । ମୋତେ କୁକୁରଟି ବାଟ କାଢ଼ି ଆଗରେ ଆଗରେ ଯାଇ କ୍ୟାମ୍ପସ୍ ପାଖରେ ଛାଡ଼ି କେଉଁଆଡ଼େ ଚାଲିଗଲା । ସେଭଳି କୁକୁର ମୁଁ ଆଉ ଥରେ ହେଲେ ଭଞ୍ଜବିହାରରେ ଥିବାର ଦେଖିନାହିଁ ।

## ମନୋବିକାଶ ସ୍କୁଲ : (ମେଣ୍ଟାଲ୍ ରିଟାର୍ଡ ସ୍କୁଲ)

ହିଲ୍‌ପାଟଣାରେ ୧୯୮୯ ମସିହାରେ ମନୋବିକାଶ ସ୍କୁଲ ସ୍ଥାପନ କରାଗଲା । ରଥଯାତ୍ରା ଦିନ ନର୍ମଦା ପାଢ଼ୀଙ୍କ ଘରେ ଏକ ମିଳିତ ସଭାର ଆୟୋଜନ କରାଯାଇଥିଲା । ଏଥି ପୂର୍ବରୁ ଆର.ଡି.ସି ଶ୍ରୀଯୁକ୍ତ ଏସ୍. କେ ମେନନ୍ ଯେ ଥିଲେ ଅଲ୍ ଇଣ୍ଡିଆ ଓମେନ୍‌ସ୍ କନ୍‌ଫରେନ୍ସ – ସାଉଥ ୱେଷ୍ଟ ଓଡ଼ିଶାର (ଦକ୍ଷିଣ ଓଡ଼ିଶାର) ପ୍ରେସିଡେଣ୍ଟ । ସେ ଆମକୁ ଏହି ପ୍ରକାର ମାନସିକ ଅନଗ୍ରସର ସ୍କୁଲ କରିବା ପାଇଁ ପରାମର୍ଶ ଦେଇଥିଲେ । ନର୍ମଦା ନାନୀ କହିଲେ ଏ କିଭଳି ସ୍କୁଲ ମୁଁ ଏସବୁ କରିପାରିବି ନାହିଁ । ମୁଁ କହିଲି ନାନୀ ମୁଁ କରିବି – ଏ ଏଭଳି ଦୁଇଜଣ ପିଲାଙ୍କୁ ଭଲ କରିଦେଇଚି । ଜଣେ ପ୍ରଫେସର ନନ୍ଦଙ୍କ ପୁଅ – ପାଠ ପଢ଼ି ଜାଣୁ ନଥିଲା କି ବୁଝି ପାରିନଥିଲା । ମୁଁ ତାଙ୍କୁ ନିୟମିତ ପଢ଼ାଇ ଖେଳାଇ ପାଠପଢ଼ିବାରେ ଆଗ୍ରହ ସୃଷ୍ଟି କରାଇଲି । ସେ କିଛି ପାଠ ପଢ଼ି ଖବରକାଗଜ ମଧ୍ୟ ପଢୁଥିଲା ।



ବ୍ରହ୍ମପୁର ମନୋବିକାଶ ସ୍କୁଲ

ଆଉ ଜଣେ ଝିଅକୁ ମେଣ୍ଟାଲି ପୁଅ ସହିତ ବିବାହ କରାଇ ଦେଇଥିଲି। ସେ ମଧ୍ୟ ଭଲରେ ଅଛି। ପିଲାଟି ବିବାହ ପରେ ଧିରେ ଧିରେ ଭଲ ହୋଇ ଯାଇଥିଲା - ଏ ଦୁଇଟି ଉଦାହରଣ ଦେଇ ସ୍କୁଲ କରିବା ପାଇଁ ସମସ୍ତ ମହିଳା ମେମ୍ବରମାନଙ୍କୁ ଜଣାଇ ଦିଆଗଲା। ସର୍ବସମ୍ମତି କ୍ରମେ ସ୍କୁଲ ଆରମ୍ଭ ହେଲା ହିଲପାଟଣା ଭଡ଼ାଘରେ। ଶ୍ରୀମତୀ ନର୍ମଦା ପାଢ଼ୀ ହେଲେ ପ୍ରେସିଡେଣ୍ଟ । ମୁଁ ହେଲି ସେକ୍ରେଟେରୀ, ପି. ଦେବୀ ରାଓ ହେଲେ ଭାଇସ୍ ପ୍ରେସିଡେଣ୍ଟ । ଆମେ ୩ଜଣ ଫାଉଣ୍ଡର ମେମ୍ବର ହେଲୁ – କୋର୍ଟରେ ରେଜିଷ୍ଟ୍ରୀ କଲୁ ।

ପ୍ରଥମେ ସ୍କୁଲ ଚଳାଇବା କଷ୍ଟକର ହେଲା । ୨୫ଜଣ ଅନଗ୍ରସର ପିଲା ଯୋଗଦେଲେ । ୪ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନିଆଯାଉଥିଲା । ବହୁ ଡେରିରେ ସରକାରୀ ଅନୁଦାନ ମିଳିଲା । ବର୍ତ୍ତମାନ ଭାରତ ସରକାରଙ୍କ ଅନୁଦାନରେ ସ୍କୁଲଟି ଭଲ ଚାଲିଛି। ଏଠାରେ ୮୦ ଜଣ ପିଲା ପଢୁଛନ୍ତି । ୨୦ ଜଣଙ୍କୁ ଘରେ ଦେଖିବାକୁ ହେଉଛି ।

୧୯୯୨ ମସିହାରେ ଖଲିକୋଟ ଷ୍ଟାଡିୟମ୍‌ରେ Special Olympics India ଖେଳ ଆୟୋଜିତ ହୋଇଥିଲା। ଏହି ଖେଳରେ ଓଡ଼ିଶାର

ବିଭିନ୍ନ ପ୍ରାନ୍ତର ସ୍କୁଲରୁ ମାନସିକ ଅନଗ୍ରସର ପିଲାମାନେ ଭାଗ ନେଇଥିଲେ। ମନୋବିକାଶ ସ୍କୁଲର ପିଲାମାନେ ବିଭିନ୍ନ ପ୍ରକାର ଖେଳ ପ୍ରଦର୍ଶନ କରି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ମୋ ଚେଷ୍ଟାରେ "ସାକ୍ଷର ଜଙ୍ଗଲ ରାଇଜ" ନୃତ୍ୟ ନାଟିକାଟି ମାନସିକ ଅନଗ୍ରସର ପିଲାମାନଙ୍କ ଦ୍ୱାରା ପରିବେଷିତ ହୋଇ ବେଶ୍ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି Special Olympics India ପାଇଁ ଏକ ସ୍ମରଣିକା ପ୍ରକାଶିତ ହୋଇଥିଲା ଏବଂ ମୋର ନିମ୍ନରେ ଦିଆଯାଇଥିବା କବିତାଟି ପ୍ରକାଶିତ ହୋଇଥିଲା।

## ଅଳକାର ବିବାହ

୧୯୭୮ ଜୁଲାଇ ୧୨ରେ ଅଳକାର ବିଭାଘର ହେଲା- ବିଶିଷ୍ଟ ସମାଜସେବୀ, ସ୍ନେହଶୀଳା, ବହୁଗୁଣର ଅଧିକାରୀ ଶ୍ରୀମତୀ ନର୍ମଦା ପାଢ଼ୀଙ୍କ ୨ୟ ପୁତ୍ର ଶ୍ରୀଯୁକ୍ତ ରାଜକୃଷ୍ଣ ରଥଙ୍କ ସହିତ। ସେ ଅଜାଘରକୁ (୰ଶ୍ରୀଯୁକ୍ତ ରାମକୃଷ୍ଣ ରଥ) ଘରକୁ ପୁଅ ହୋଇ ଆସିଥିଲେ। ରାଜକୃଷ୍ଣ ଅଳକାକୁ ଭଲ ପାଉଥିଲେ। ସମଗୋତ୍ର ହେବା ହେତୁ ପିତା ଶ୍ରୀଯୁକ୍ତ କାମିନୀକାନ୍ତ ଓ ପୁଅର ଜେଜେ ମା' ରାଜି ହୋଇ ନଥିଲେ ବିବାହ ଦେବା ପାଇଁ। ପୁଅର ଜିଦ୍ ସେ ଅଳକାକୁ ବିବାହ ହେବ। ମୋର ଝିଅ ନଥିଲା। ଚିନ୍ତାମଣି ବାବୁ ଓ ମୁଁ ଆଗ୍ରହର ସହିତ ତାକୁ ଝିଅ କରି ବିବାହ କରିଦେଲୁ। ଝିଅ କରିବା ପାଇଁ ଏବଂ ଆମ ଗୋତ୍ରକୁ ଆଣିବା ପାଇଁ ସତ୍ୟନାରାୟଣ ମନ୍ଦିରରେ ପୂଜା ଓ ହୋମ ହେଲା। ଶ୍ରୀଫଳ ଧରି ଝିଅ ଆମକୁ ବାପା ମା'ବୋଲି ସ୍ୱୀକାର କଲା ଏବଂ ଆମେ ଝିଅ ବୋଲି ସ୍ୱୀକାର କଲୁ।



ଅଳକାର ବିବାହ

ସେତେବେଳେ ତାକୁ ୧୭ ବର୍ଷ ହୋଇଥିଲା। ୟୁନିଭରସିଟିରେ ସମସ୍ତେ ପ୍ରତିବାଦ କଲେ। ସ୍ନେହ ମହାପାତ୍ର ଓ ଚିନ୍ତାମଣି ମହାପାତ୍ରଙ୍କୁ ହାତକଡ଼ି ପଡ଼ିଯିବ। ଝିଅକୁ ୧୮ ବର୍ଷ ହୋଇନାହିଁ।

କିନ୍ତୁ କୌଣସି ମତେ ଆମ ଘରୁ ଗହଣା ଶାଢ଼ୀ ପିନ୍ଧି ନର୍ମଦା ପାଢ଼ୀଙ୍କ ଘରେ ତାଙ୍କର ବିବାହ ଦେଲୁ। ଅଳକା ଥିଲା ସୁନ୍ଦରୀ, ଗୁଣବତୀ, ସ୍ନେହଶୀଳା। ୟୁନିଭର୍‌ସିଟିର କ୍ୟାମ୍ପସରୁ ଯେଉଁମାନେ ବିରୋଧ କରୁଥିଲେ ସମସ୍ତେ ତାକୁ ଦେଖିବାକୁ ଆସିଲେ। ନର୍ମଦା ପାଢ଼ୀ ଦେଇଥିବା ୭୦-୮୦ ତୋଳା ସୁନା ଗହଣା- ପାଟ ଶାଢ଼ୀ ପିନ୍ଧି ସେ ଏତେ ସୁନ୍ଦର ଦେଖାଯାଉଥିଲା ଯେ ସମସ୍ତେ ତାକୁ ଦେଖିବାକୁ ଆସିଲେ। ଆଉ ପ୍ରତିବାଦ କଲେ ନାହିଁ ବରଂ ବୁନ୍ଦି, ଖିରୀ, ତରକାରୀ ଓ ପୁରୀ ଖାଇକରି ଗଲେ।


ବର୍ତ୍ତମାନ ସେ ଆମର ବହୁତ ସେବା କରୁଛି। ପୁଅ ସୁବ୍ରତ ଓ ତାର ସମସ୍ତ ପରିବାରକୁ ଭଲ ପାଉଛି। ତା'ର ୨ଟି ଝିଅ ଈଶିତା ରଥ ଓ ତୁଷିତା ରଥ। ଈଶିତାର ବିବାହ ୨୦୦୭ ଜୁନ୍ ୨୪ରେ ହୋଇଥିଲା ବିଶିଷ୍ଟ କଂଗ୍ରେସ କର୍ମୀ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ ତାକୁ କନ୍ୟା ଦାନକଲେ ।

## ଶାଶ୍ୱତପୁତ୍ର ଦାଶରଥିର ବିବାହ

ଶାଶ୍ୱତପୁତ୍ର ଦାଶରଥିର ବିବାହ ୨୯.୧୧.୧୯୮୧ରେ ଶିକ୍ଷକ ଶ୍ରୀ ଅଗାଧୁ ମିଶ୍ରଙ୍କର ଚତୁର୍ଥ କନ୍ୟା ଅଧ୍ୟାପିକା ଶ୍ରୀମତୀ ଆରତି ମିଶ୍ରଙ୍କ ସହିତ ସମାପନ ହେଲା ୟୁନିଭରସିଟି ପ୍ରଫେସର କ୍ୱାଟରରେ। ଦାଶରଥିର ବୋଉ



ଶ୍ରୀମତୀ ଦ୍ରୌପଦୀ ଦେବୀ - ମୋତେ ସମର୍ପି ଦେଇଥିଲେ। କହିଥିଲେ ଦାଶରଥି ତୁମର ପୁଅ। ସେହିଦିନଠାରୁ ତାଙ୍କ ପରିବାର ସହିତ ଭଲ ସମ୍ପର୍କ ରହିଲା ଦାଶରଥିଙ୍କ ପିତା ଶ୍ରୀଯୁକ୍ତ ବିହାରୀ ମିଶ୍ର ଭାରି ଅମାୟିକ ବ୍ୟକ୍ତି। ସେ ଥିଲେ ଗଙ୍ଗସାଗର, ପଣ୍ଡିତ। ତାଙ୍କର ବଡ଼ପୁଅ ଭାଗୀରଥି ମିଶ୍ର ଓ ଏକମାତ୍ର ଝିଅ ସଂନ୍ଧ୍ୟା ଆସିଥିଲେ ଆମ ଘରକୁ। ବିବାହ କାର୍ଯ୍ୟ ଭଲରେ ସମାପନ ହୋଇଥିଲା।



ଦାଶରଥି ଥିଲା ଏକ ଅମାୟିକ, ଶିଶୁ ସୁଲଭ ଓ ଦେବଦତ୍ତ ପ୍ରତିଭା। ସେ ସାମ୍ବାଦିକ ବିଭାଗର ଲେକ୍‌ଚର ହେଲାପରେ ପ୍ରଫେସର ହୋଇଥିଲା ଓ ଡକ୍ଟରେଟ୍ ଉପାଧି ମଧ୍ୟ ପାଇଥିଲା। ତା'ର ଦୁଇଟି ଝିଅ - ଈଶାନୀ ମିଶ୍ର ଓ ସୁମାନି ମିଶ୍ର। ଚିନ୍ତାମଣି ବାବୁ ଦାଶରଥିକୁ ଭାରି ଭଲ ପାଆନ୍ତି। ମୋତେ ସେ 'ବୋଉ' ବୋଲି ଡାକେ। ପୁଅ ସୁବ୍ରତ (ବୁଲୁ)କୁ ସେ ଭାରି ସ୍ନେହ କରେ। ଆମ ପରିବାରର ସମସ୍ତେ ତାକୁ ଭଲ ପାଆନ୍ତି।

## ଥିଓସଫି ମିଟିଙ୍ଗ୍

ଚିନ୍ତାମଣି ବାବୁ ପ୍ରତି ସପ୍ତାହରେ ଆମଘରେ ଭଞ୍ଜବିହାର ପ୍ରଫେସର କ୍ୱାଟର୍‌ରେ ଥିଓସଫି (ବ୍ରହ୍ମବିଦ୍ୟା) ମିଟିଙ୍ଗ୍ କରନ୍ତି । ଦାଶରଥୀ ନିୟମିତ ରବିବାରକୁ ଥରେ ସମସ୍ତ ପ୍ରଫେସର, ଲେକ୍‌ଚରମାନଙ୍କୁ ଡାକି ଆଣେ। ଡଃ ରାମଚନ୍ଦ୍ର ରଥ, ପ୍ରେସିଡେଣ୍ଟ, ଉତ୍କଳ ଥିଓସଫିକାଲ୍ ଫେଡେରେସନ୍‌ର । ସେ ନିୟମିତ ଆସି ଭାଷଣ ଦିଅନ୍ତି । ଚିନ୍ତାମଣି ବାବୁ ମଧ୍ୟ ଭାଷଣ ଦିଅନ୍ତି। ସମସ୍ତେ ଶୁଣନ୍ତି ଭାରି ଭଲ ଲାଗେ ସେ ଆଧ୍ୟାତ୍ମିକ ବାତାବରଣ ।

ଦାଶରଥି ଆମ ସହିତ ମିଶି ସାକ୍ଷରତା ପାଇଁ ବହୁ ଗ୍ରାମକୁ ଯାଇଛି। ତାକୁ ବଡ଼ ଭାଇଙ୍କ ଝିଅ ବିଧୁପ୍ରଭା, ସି.ଡି.ପି.ଓ, ଖଲିକୋଟ, ଭଣଜା ଯତୀନ୍ଦ୍ର ରଥ ଶଶାଙ୍କ ସମସ୍ତେ ତାକୁ ଭାରି ଆଦର କରନ୍ତି। ଆମ ଘରେ ବଗିଚାରେ ବସି ବହୁ ଆଧ୍ୟାତ୍ମିକ ଆଲୋଚନା ହୁଏ ସଙ୍ଗୀତ ଆସର ହୁଏ। ୨୦୦୩ ମସିହା ନଭେମ୍ବର ୯ ତାରିଖରେ - ସେହି ମହାପୁରୁଷ ଇହଲୀଳା ସମ୍ବରଣ କଲେ। ଅଶ୍ରୁଣାଚଳରେ ଥିବା ତିକୋକୁ ଦାଶରଥି ଭିଜିଟିଙ୍ଗ୍ ପ୍ରଫେସର

ରୂପେ ଯାଇଥିଲା । ସେଠାରୁ ପିକ୍‌ନିକ୍ କରିବାକୁ ଯାଇ ଭଲ୍ଲୁକି ନଦୀରେ ଭାସିଗଲା । ୪ ଦିନ ଧରି ତା'ର ଶରୀର ମିଳିଲା ନାହିଁ । ସମଗ୍ର ବ୍ରହ୍ମପୁର କାହିଁକି ଓଡ଼ିଶା ସାରା ଶୋକର ଛାୟା ଖେଳିଗଲା । ଏହା ମୋର ଜୀବନର ସବୁଠାରୁ ବଡ଼ ଦୁଃଖର ଘଟଣା । ମା' ତାର ପରିବାରକୁ ରକ୍ଷା କରନ୍ତୁ ।

## ଶଶାଙ୍କର ସଙ୍ଗୀତ ଝଙ୍କାର

ଉଷାର ଆଗମନୀ ପୂର୍ବରୁ ପ୍ରତିଦିନ ଭଞ୍ଜ ବିହାର ନିକଟରେ ଥିବା ପାହାଡ଼ ଉପରୁ ଭାସି ଆସୁଥିଲା କାଳିଆ ଭଜନ ଏବଂ ଶାସ୍ତ୍ରୀୟ ସଙ୍ଗୀତର ଝଙ୍କାର ! ସେହି ସୁଲଳିତ କଣ୍ଠସ୍ୱର ଥିଲା – ଦୂରଦର୍ଶନ କଳାକାର ଶଶାଙ୍କ ଶେଖର ମହାପାତ୍ରଙ୍କର କଣ୍ଠସ୍ୱର । ଭଞ୍ଜବିହାରବାସୀ ଅଧିକାଂଶ ଏହି ସଙ୍ଗୀତକୁ ଶୁଣିବା ପାଇଁ ଅପେକ୍ଷା କରିଥାନ୍ତି । ୨ ବର୍ଷ ଧରି ଶଶାଙ୍କ ଥିଲା ମୋ ପାଖରେ । ସେ ଗ୍ରାମ ସେବକ ଟ୍ରେନିଂ ନେଉଥିଲା । ମୋ ବଡ଼ନାନୀ ହେମନାନୀର ସେ ଥିଲା ସେ ୨ୟ ପୁତ୍ର । ସରଳ ଶାନ୍ତ – ଅମାୟିକ ସମସ୍ତେ ତାକୁ ଭଲ ପାଉଥିଲେ । ଏଲ୍.ଏସ୍. ଡବ୍ଲ୍ୟୁ. ଚାକିରି ପାଇ ଭାବାନୀ-ପାଟଣା ଚାଲିଗଲା । କଳାହାଣ୍ଡିର ପ୍ରଥମ ଦୂରଦର୍ଶନର କଳାକାର ସେ । ଭାରି ସୁନ୍ଦର ତା'ର କଣ୍ଠସ୍ୱର । ଚିନ୍ତାମଣିବାବୁ ୧୯୯୧ରେ । ଆନ୍ଧ୍ର ୟୁନିଭରସିଟିରେ ପ୍ରଫେସର ଥିଲାବେଳେ ବିଶାଖା ପାଟଣା ଷ୍ଟିଲ୍ ପ୍ଲାଣ୍ଟରେ ସେ ସଙ୍ଗୀତ ପରିବେଷଣ କରି ବହୁ ସମ୍ମାନିତ ହୋଇଥିଲା । ବିବାହ ପରେ ସେ ବର୍ତ୍ତମାନ ଭବାନୀପାଟଣାରେ କୃଷି ବିଭାଗରେ ଅଛି । ତା'ର ଗୋଟିଏ ପୁଅ ଓ ଦୁଇଟି ଝିଅ ।



୧୯୮୫ରେ ମୁଁ ଭଞ୍ଜଶ୍ରୀ ନାରୀମହଲ ଗଢ଼ିଲି । ଏଥିରେ ଆମ କଲୋନୀରୁ ବହୁ ମହିଳା ସଭ୍ୟା ହେଲେ । ସେବାକାର୍ଯ୍ୟ ପାଇଁ ସହଯୋଗ କଲେ ।

## ଶିକ୍ଷକ ସୁଧାଂଶୁ ଶେଖର ମହାପାତ୍ର ଓ ଥିଓସଫି

ସେ ହେମନାନୀଙ୍କ ପ୍ରଥମ ପୁତ୍ର। ୧୯୬୮ରୁ ସୁଧାଂଶୁ ମୋ ପାଖରେ ରହି ପ୍ରେସ୍ କାମରେ ସହଯୋଗ କରିଛି। ବର୍ତ୍ତମାନ ସେ ଶିକ୍ଷକ ହୋଇ ଭବାନୀପାଟଣାରେ ଅଛନ୍ତି। ତା'ର ୨ଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ଧାର୍ମିକ, ଅମାୟିକ, କବି ଓ ଲେଖକ ଅଟେ। ମୋତେ କଳାହାଣ୍ଡିରେ ଥିବା ଲେଖକ କଳା ପରିଷଦରେ ଲାଇଫ ମେମ୍ବର କରାଇ ଦେଇଛି। ମଉସା ଚିନ୍ତାମଣି ବାବୁଙ୍କର ସେ ଅତି ଆଦରର ପୁତୁରା। ଭବାନୀପାଟଣାରେ ବ୍ରହ୍ମବିଦ୍ୟା ସମିତି ଗଢ଼ିବା ପାଇଁ ସେ ମଉସାଙ୍କୁ ବହୁତ ସାହାଯ୍ୟ କରିଛି ଓ ନିଜେ ମଧ୍ୟ ବହୁଦିନ ପର୍ଯ୍ୟନ୍ତ ତା'ର ସେକ୍ରେଟାରୀ ଥିଲା। ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା ଥିଲା ଚିନ୍ତାମଣି ବାବୁଙ୍କ ଲକ୍ଷ୍ୟ। ନିଜ ଜନ୍ମସ୍ଥାନରେ ସେ ବ୍ରହ୍ମବିଦ୍ୟା ପ୍ରଚାର କରୁଥିଲେ। କଳାହାଣ୍ଡିର ଇଷ୍ଟଦେବୀ ଥିଲେ ମାଣିକେଶ୍ୱରୀ। ମାଣିକେଶ୍ୱରୀ ଲଜ ଓ ଭବାନୀପାଟଣା ଲଜ ୨ଟି ଲଜ ଗଢ଼ିଥିଲେ। ମଝିଆ ଭାଇ ପଦ୍ମନାଭର ଝିଅ ଶିକ୍ଷୟିତ୍ରୀ ଶ୍ରୀମତୀ କଳ୍ପନା ରଥ ମା' ମାଣିକେଶ୍ୱରୀ ଲଜର ସେକ୍ରେଟାରୀ ଥିଲେ। ତାଙ୍କର ସ୍ୱାମୀହେଲେ ଓକିଲ ମୀନକେତନ ମିଶ୍ର। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ବର୍ତ୍ତମାନ ଭାଇଙ୍କ ପୁଅ ବିଶ୍ୱମୋହନ ରଥଙ୍କ ସ୍ତ୍ରୀ ଶର୍ମିଷ୍ଠା ରଥ ସଭାପତି ଅଛନ୍ତି। ତାଙ୍କ ବାସଭବନରେ ନ୍ୟାସନାଲ୍ ଲେକଚର୍ ଶ୍ରୀଯୁକ୍ତ ସତ୍ୟବୀର ତ୍ୟାଗୀ, ବ୍ରହ୍ମବିଦ୍ୟା ଫେଡେରେସନ୍‌ର ସେକ୍ରେଟାରୀ ପ୍ରଦୀପ ମହାପାତ୍ର ଆସି ବହୁମୂଲ୍ୟ ଭାଷଣ ଦେଇ - ସମିତିଟିକୁ ରକ୍ଷା କରୁଛନ୍ତି। ଚିନ୍ତାମଣି ବାବୁ ଯିବା ପରେ ମଧ୍ୟ ଏହା ଚାଲିଛି।

## ଲୋକ ଅଦାଲତରେ ସହଯୋଗୀ ବିଚାରପତି

୧୯୮୨ରେ ମୁଁ ଲୋକ ଅଦାଲତକୁ ସହଯୋଗୀ ବିଚାରପତି (ଆସୋସିଏଟ୍ ଜଜ୍) ରୂପେ ବଛା ହୋଇ ଆସିଲି। ଶ୍ରୀମତୀ ନର୍ମଦା ପାଢ଼ୀ ମଧ୍ୟ ଆସିଥିଲେ। ଆମେ ଦୁଇଜଣ ମହିଳାମାନଙ୍କ କେଶ୍ ବିଚାର କରୁଥିଲୁ। ଛାଡ଼ପତ୍ର କେସ୍, ଯୌତୁକଜନିତ ନିର୍ଯ୍ୟାତନା, ସ୍ୱାମୀ ସ୍ତ୍ରୀଙ୍କ ଭିତରେ ମିଳାମିଶା, ବିଧବାର ସମ୍ପତ୍ତି ପାଇବା ପ୍ରଭୃତି କେସ୍‌ଗୁଡ଼ିକୁ ବିଚାର କରି ସମାଧାନ କରି ଦେଉଥିଲୁ। ଘରେ ଘରେ ଯାଇ ମଧ୍ୟ ଆମେ ଆପୋଷ

ମିଳାମିଶା କରାଇ ଦେଉଥିଲୁ । ଲୋକ ଅଦାଲତ – ଗଞ୍ଜାମର ବିଭିନ୍ନ ଜାଗାରେ କରାଯାଉଥିଲା । ଆସିକା, ସୋରଡ଼ା ଗୌଡ଼ଗୋଠ, ଭଞ୍ଜନଗର, ପାରଳାଖେମୁଣ୍ଡି (ଗଜପତି) ଚିରିକପଡ଼ା, ସୋରଳ, ସୁମୁଣ୍ଡି ଏବଂ ବ୍ରହ୍ମପୁର କୋର୍ଟ ପ୍ରଭୃତିରେ ଅଦାଲତ ବସୁଥିଲା । ଆମକୁ ୨ଜଣ ଓକିଲ ଦିଆଯାଇଥିଲା । ସେମାନେ ହେଲେ ବିଶିଷ୍ଟ ସାହିତ୍ୟପ୍ରେମୀ ଓକିଲ ଶ୍ରୀ ବସନ୍ତ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ଗୋପାଳ ଶତପଥୀ । ବିଭିନ୍ନ ଜାଗାକୁ ଆମ ସହିତ ଡିଷ୍ଟିକ୍ ଜଜ୍ ଯାଉଥିଲେ । ଚିଫ୍ ଜଷ୍ଟିସ୍ ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ମଧ୍ୟ ସମୟେ ସମୟେ ଆସନ୍ତି । ଥରେ ବ୍ରହ୍ମପୁର କୋର୍ଟରେ ମୁଁ ବିଚାର କରୁଥିଲା ସମୟରେ ସେ ପଦଚାରଣା କରି ସମସ୍ତ ବିଚାର ଶୁଣିଲେ । ବିଚାର ପରେ ଆସି କହିଲେ, ମିସେସ୍ ମହାପାତ୍ର ଆପଣ କି ସୁନ୍ଦର ଭାବରେ ଆର୍‌ଗୁମେଣ୍ଟ କରି କେଶ୍‌ଗୁଡ଼ିକର ସମାଧାନ କରି ଦେଉଛନ୍ତି !!!

ଆଉ ଦିନକର ଘଟଣା – ମୋ ଭାଇନା ସେତେବେଳେ ସବ୍‌ଜଜ୍ ହୋଇ ଚାକିରିରୁ ଅବସର ଗ୍ରହଣ କରିଥିଲେ । ପ୍ରାୟ ଅଧିକାଂଶ ରିଟାୟର୍ଡ ଜଜ୍ ଓ ଓକିଲଙ୍କୁ ଅଦାଲତକୁ ସହଯୋଗୀ ବିଚାରପତି ରୂପେ ବିଭିନ୍ନ ବିଭାଗର ଦାୟିତ୍ୱ ଦିଆଯାଇଥାଏ । ଭାଇନା ସିଭିଲ୍ ଓକିଲ । ସେ ସିଭିଲ୍ କେଶ୍‌ଗୁଡ଼ିକ ବୁଝନ୍ତି ।

ମୋ ପାଖକୁ ଏକ ଛାଡ଼ପତ୍ର କେଶ୍ ଆସିଥିଲା ବିଚାର କରିବା ପାଇଁ । ଝିଅ ପକ୍ଷ ମା' ହେଲେ ମୋ ଘନିଷ୍ଠ ବାନ୍ଧବୀ । ପୁଅ ପକ୍ଷରୁ ଡାଇଭରସିନ କରିବା ପାଇଁ ଅଭିଯୋଗ ଥିଲା । ମୁଁ ଝିଅ ପକ୍ଷର ଫାଇଲ୍ ପଢ଼ି ପୁଅ ପକ୍ଷର ଫାଇଲ୍ ମଗାଇ ପଠାଇଲି । ତୁମ ଓକିଲଙ୍କୁ ଡାକିଆଣ ବୋଲି ପୁଅର ପିତାଙ୍କୁ କହିଲି । ପିଅନ ଆସି କହିଲା ଏମାନଙ୍କର ଓକିଲ ମହାଶୟ ଅଦାଲତରେ ବସି ବିଚାର କରୁଛନ୍ତି । ବିଚାର ସରିଲେ ଆସିବେ । ୨ୟ ସେକ୍‌ସନ୍ (୨ୟ ପର୍ଯ୍ୟାୟ) ଖାଇପରେ ବସିଲା । ମୁଁ କୋର୍ଟରେ ସେଲ୍‌ରେ ବସିଛି । କିଛି ସମୟ ପରେ ଭାଇନା ଆସିଲେ ଫାଇଲ୍ ଧରି । ମୋତେ ଦେଖି ଟିକିଏ ହସି ଦେଲେ ଓ ଫାଇଲ୍ ଟେବୁଲ୍ ଉପରେ ରଖିଦେଇ ଚାଲିଗଲେ । (ଭାଇନା ଥିଲେ ପୁଅ ପକ୍ଷର ଓକିଲ) ତାଙ୍କ ବନ୍ଧୁଙ୍କ ପୁଅ । ମୋର ମନେ ହେଲା ଭାଇନା ନିଶ୍ଚୟ ଭାବୁଥିବେ ଭଉଣୀ ଓକିଲାତି ନ ପଢ଼ି ଜଜ୍ ହୋଇ ବସିଛି କିପରି ? ମୋ ମନ ଭିତରେ ଏକ ଅହେତୁକ ଆନନ୍ଦ

ଖେଳିଗଲା । ଭାଇନାଙ୍କର ସେହି ହସ ଟିକକ ମୋ ମନ ଭିତରେ ଏକ ସ୍ମୃତି ହୋଇ ରହିଗଲା । ମୁଁ ୧୯୮୨ରୁ ୧୯୯୦ ପର୍ଯ୍ୟନ୍ତ ରହି, ଲୋକଅଦାଲତରେ ନିୟମିତ ବିଚାର କରୁଥିଲି ।

## ସିଂହାସିନୀଙ୍କ ମହିମା

୧୯୮୮ ମସିହାରେ ଆମର ଲୋକ ଅଦାଲତର ବେଲଗୁଣ୍ଠାସ୍ଥିତ ଚିରିକିପଡ଼ାରେ ଆୟୋଜିତ ହୋଇଥିଲା । ଆମେ ସବୁ ଅଦାଲତରୁ ଆସିଥିବା ଗାଡ଼ିରେ ଚିରିକିପଡ଼ା ଗଲୁ । ଆମ ଅଦାଲତ ବସିଲା । ଡି. ଜଜ୍ ମଧ୍ୟ ଯାଇଥିଲେ । ନର୍ମଦା ପାଢ଼ୀ ଜିପ୍‌ଟିଏ ଠିକ୍ କରି ତାଙ୍କ ପରିବାରର ସମସ୍ତଙ୍କୁ ଧରି ସିଂହାସିନୀ ଦର୍ଶନ ପାଇଁ ଆସିଥାନ୍ତି । ଆମକୁ ରହିବାକୁ ଗେଷ୍ଟ ହାଉସଟିଏ ଦିଆଯାଇଥିଲା । ଝିଅ ସେଲି, ବାବୁ, ଲିଗିମାମା ପ୍ରଭୃତି ଆସିଥିଲେ । ବଙ୍କାରେ ନାନୀଙ୍କ ମାମୁଁଘର ଥିଲା -ସେମାନେ ବଙ୍କା ଯାଇ ଫେରି ଆସିଲେ ଆମ ପାଖକୁ । ଆମର ଅଦାଲତ କାର୍ଯ୍ୟ ସରିଲା ୫ଟାରେ ।

ଶୀତଦିନ ସଂନ୍ଧ୍ୟା ହୋଇ ଆସୁଥାଏ । କିପରି ଶିଘ୍ର ଯାଇ ସିଂହାସନୀଙ୍କୁ ଦର୍ଶନ କରି ଫେରିବୁ ନର୍ମଦା ନାନୀ ଓ ମୁଁ ଭାରି ବ୍ୟସ୍ତ ଥାଉ । ତାଙ୍କ ଜିପ୍‌ରେ ଆଲୁଅ ନଥିଲା । ବାଟରେ ବାଘ ବାହାରିବ ବୋଲି ଆମକୁ କେତେ ଜଣ କହିଥାନ୍ତି । ଗେଷ୍ଟ ହାଉସ ଠାରୁ ୧୦ କିଲୋମିଟର ସିଂହାସନୀଙ୍କ ମନ୍ଦିର ଘ* ଜଙ୍ଗଲ ଭିତରେ । ଆମେ ମା'ଙ୍କୁ ଦର୍ଶନ କରି ଫେରିଲାବେଳକୁ ପ୍ରାୟ ସଂଧ୍ୟା ଘନେଇ ଆସିଥାଏ । ଜିପ୍‌ରେ ଝିଅ ଅଳକା, ସେଲି, ବାବୁ, ଲିଜମାମା, ଆନନ୍ଦ ବୋଉ, ନର୍ମଦା ପାଢ଼ୀ ଓ ପ୍ରମିଳା ଥାଆନ୍ତି ।

ବାଟରେ ଜଣେ ଚାଷୀ କହିଲା ମା' ପିଲାମାନଙ୍କୁ ଗାଡ଼ି ଭିତରେ ରଖିଦିଅ । ବାଘ ଡେଇଁ ଟାଣି ନେଇଯିବ । ଆମର ଅବସ୍ଥା କହିଲେ ନସରେ । ଡ୍ରାଇଭରଟି ଗାଡ଼ିରେ ଆଲୁଅ ନଥିବାରୁ ଭୁଲ୍ ରାସ୍ତା ଜଙ୍ଗଲରେ ପଶିଗଲା । କ'ଣ କରିବୁ - ଅନ୍ଧାର ଘେରି ଆସିଥାଏ - ରାସ୍ତାଘାଟ କିଛି ଦିଶୁ ନଥାଏ । କେଉଁଆଡ଼େ ରାସ୍ତା ଡ୍ରାଇଭର ମଧ୍ୟ ଧରି ପାରୁନଥାଏ । ମୁଁ ବିକଳ ହୋଇ ମା' ଦୁର୍ଗାଙ୍କର ସ୍ତବ ଗାଇଲି - ଅରଣ୍ୟେ ଶରଣ୍ୟେ ସଦା ମାଂ ପ୍ରମାହି, ଗତିସ୍ୱଂ ଗତିସ୍ୱଂ ତୁମେକା ଭବାନୀ । ଏହିଭଳି ଡାକି ଲାଗିଥାଏ । ନର୍ମଦା

ନାନୀ କହିଲେ କ୍ଷମାପଣା ସ୍ତବ ଗାଆ ମୁଁ ମା'ଙ୍କର ସେହି ସ୍ତବଟି ପୁରା ଗାଇ ଲାଗିଲି ।

ହଠାତ୍ ଦେଖାଗଲା ଏକ ଟ୍ରକର ଆଲୁଅ । ଡ୍ରାଇଭର ସେ ଟ୍ରକ୍ ଆଲୁଅକୁ ଅନୁସରଣ କରି ଚାଲିଲା ଠିକ୍ ଆମେ ରହିବା ଗେଷ୍ଟ ହାଉସ ପର୍ଯ୍ୟନ୍ତ । ସେଠାରୁ ଟ୍ରକ୍‌ଟି କେଉଁଆଡ଼େ ମୋଡ଼ ନେଇ ଚାଲିଗଲା ଆମେ ଜାଣିପାରିଲୁ ନାହିଁ । ରାତିରେ ଗେଷ୍ଟ ହାଉସରେ ରହି ସକାଳୁ ବ୍ରହ୍ମପୁର ଆସିଲୁ । ମା'ଙ୍କ ଅପାର କରୁଣା ହିଁ ସମସ୍ତଙ୍କୁ ରକ୍ଷା କରିଥିଲା । ମା'ଙ୍କ ଚରଣ ତଳେ କୋଟି ପ୍ରଣାମ ।

## ପୁସ୍ତକ ପ୍ରକାଶନ

୧୯୭୭ରେ ମୋର ଏକ କ୍ଷୁଦ୍ର ଗଳ୍ପ 'ଅବ୍ୟକ୍ତ' ପ୍ରକାଶ ପାଇଲା । ଏହା ଡି.ପି.ଆଇଙ୍କ ଦ୍ୱାରା ପ୍ରାଇଜ୍ ଲାଇବ୍ରେରୀ ରୂପେ ଅନୁମୋଦିତ ହୋଇଥିଲା । ଅବ୍ୟକ୍ତର ଦ୍ୱିତୀୟ ସଂସ୍କରଣଟି ୨୦୦୧ରେ ପ୍ରକାଶିତ ହେଲା । ଏହି ଗଳ୍ପ ଭିତରୁ ଆଶ୍ୱସନା ଗଳ୍ପଟି ଲେଖକ ଶ୍ରୀଯୁକ୍ତ ଭାଗିରଥୀ ନେପାକ



ନାଟକ 'କ୍ୟାପ୍‌ଟେନ୍ ପିଲୁ'ର ପ୍ରଚ୍ଛଦପଟ୍ଟ


'ଅବ୍ୟକ୍ତ'ର ପ୍ରଚ୍ଛଦପଟ୍ଟ

ଶ୍ରେଷ୍ଠ ଗଳ୍ପ ସଂକଳନରେ ପ୍ରକାଶ କରିଥିଲେ। ଏହା ବହୁଦିନ ପର୍ଯ୍ୟନ୍ତ ସମ୍ବଲପୁର ବି.ଏ. କ୍ଲାସରେ ନଣ୍ଡିଟେଲ୍ ରୂପେ ସାହିତ୍ୟ ବିଭାଗରେ ସ୍ଥାନ ପାଇଥିଲା। ଆଉ ଏକ ଗଳ୍ପ 'ପିଲୁ' ଗଳ୍ପଟି କଳାହାଣ୍ଡି ଜିଲ୍ଲାର ଗୋଟି ପ୍ରଥା ଉପରେ ଆଧାରିତ। ଏହ ବେତାର ନାଟିକା ରୂପେ ୧୯୭୭ ଆକାଶବାଣୀରେ ପ୍ରକାଶ ଲାଭ କରିଥିଲା। ତେଲୁଗୁ ଓ ହିନ୍ଦିରେ ମଧ ଏହା ପ୍ରକାଶ ଲାଭ କରିଛି।

ଏହି 'ପିଲୁ' ଗଳ୍ପଟି - 'କ୍ୟାପେଟେନ୍ ପିଲୁ' ନାଟକ ରୂପେ ୨୦୦୪ରେ ପ୍ରକାଶିତ ହେଲା । ଏହି ବହିଟି ସିରିୟଲ୍ କରିବା ପାଇଁ ଇ.ଟିଭି ପକ୍ଷରୁ ଚେଷ୍ଟା କରିଥିଲି। ୨୦୦୩ରେ କବିତା 'ସୃଜନୀ' ପ୍ରକାଶ ପାଇଲା ଏବଂ ୨୦୦୧ରେ ନାଟକ 'ସମର୍ପଣ' ପ୍ରକାଶିତ ହେଲା।

ଇ.ଟିଭିରେ ମୁଁ ୨୦୦୩ରେ ଇଣ୍ଟରଭ୍ୟୁ ଦେଇଥିଲି। ସେତେବେଳେ ଡାଇରେକ୍ଟର ସତ୍ୟରଥ କ୍ୟାପ୍ଟେନ୍ ପିଲୁ ନାଟକଟିକୁ ସିରିଏଲ୍ କରି ଦେବା ପାଇଁ କହିଥିଲେ। ଆଉ ଚେଷ୍ଟା କରିପାରିନି ।

## ବୃଦ୍ଧା ଓ ବିଧବା ପେନସନ୍

୧୯୮୩ରୁ ମୁଁ ବିଭିନ୍ନ ଗ୍ରାମମାନଙ୍କୁ ଯାଇ ବିଧବା, ବୃଦ୍ଧା ଓ ଅନ୍ଧଙ୍କ ପାଇଁ ପେନ୍‌ସନ୍ କରାଇ ଦେଉଥିଲି। ମୁଁ ଲୋକ ଅଦାଲତରେ ଥିଲି। ବିଭିନ୍ନ କେସ୍ ପାଇଁ ପାଇଁ ଗ୍ରାମାଂଳକୁ ଯାଇ ମିଳାମିଶା କରିବା ପାଇଁ ଆମର ନିର୍ଦ୍ଦେଶ ଥିଲା। ସେ ଅବସରରେ ମୁଁ ସେମାନଙ୍କ ପାଇଁ ପେନ୍‌ସନ୍, ଗାଈ-ଛେଳି ଲୋନ୍ କରାଇ ଦେଉଥିଲି। ଶେଷକୁ ଆମ ଘରକୁ ବୁଢ଼ାବୁଢ଼ୀ ସବୁ ଲାଇନ୍ ଧରି ଆସିଲେ। କିଏ ସେ ବୁଲୁମା' ବୁଢ଼ାବୁଢ଼ୀଙ୍କୁ ପେନ୍‌ସନ୍ କରାଇ ଦେଉଛି। ପୁଅ ବୁଲୁ କହିଲା ଆସ ମୁଁ ସେ ବୁଲୁ– ଆଉ ସେ ମୋର ବୋଉ।

ଗରିବ ବୁଢ଼ାବୁଢ଼ୀଙ୍କୁ ବସ୍ ଖର୍ଚ୍ଚ ଦେଇ ମୁଁ ବ୍ରହ୍ମପୁର ତହସିଲଦାର ଅଫସିକୁ ନେଇଯାଏ। ସେଠାରେ ୩ଟା ଫର୍ମ ପୂରଣ କରି ତହସିଲ ବାବୁଙ୍କୁ ଦେଇଆସେ। ବାଟରେ ସେମାନଙ୍କୁ ୪ଅଣାର ଗୋଟିଏ ଲେଖା ପାଉଁରୁଟି ଖାଇବାକୁ ଦେଇ ପୁନର୍ବାର ବସ୍ ଖର୍ଚ୍ଚ କରି ଭଞ୍ଜବିହାର କ୍ୟାମ୍ପସକୁ ଆସୁଥିଲି। ଚିନ୍ତାମଣି ବାବୁଙ୍କୁ କହେ - ମୁଁ କିଛି ତ ରୋଜଗାର କରି ପାରୁନି - ତୁମ ଅର୍ଜନ ପଇସା ଏଭଳି ଖର୍ଚ୍ଚ କରି ଦେଉଛି। ଶାନ୍ତ ହସଟିଏ ହସି -ସେ କୁହନ୍ତି

ଭଲ କାମ କରୁଛ । ଆମର ୧୦୦ ଭାଗର ୧୦ ଭାଗ ଦାନ କରିବା କଥା । ମୁଁ ତ କରିପାରୁନି - ତୁମ ଠିକ୍ କରୁଛ । ମା'ଙ୍କ ଉପରେ ଛାଡ଼ିଦିଅ ସେହି ଭରଷା । ୧୧ଶହ ବୃଦ୍ଧା ଓ ବିଧବାଙ୍କ ପେନ୍‌ସନ୍ କରିଥିବାରୁ ଘନଶ୍ୟାମ ବେହେରା, ଏମ୍.ଏଲ୍.ଏ ମୋତେ ପ୍ରଶଂସା ପତ୍ର ଦେଇଥିଲେ ।

## ସିଲେଇ ସେଣ୍ଟର

ସିଲେଇ ସେଣ୍ଟର ୧୦ ଖଣ୍ଡ ଗ୍ରାମର ଝିଅମାନଙ୍କୁ - ସିଲେଇ ଟ୍ରେନିଂ ଦେଇ ସେହି ଷ୍ଟାଇପେଣ୍ଡ ପଇସାରେ ମେସିନ କିଣାଇ ଦେଉଥିଲି । ଝିଅସବୁ ଉପକୃତ ହେଉଥିଲେ ।

## ଫ୍ୟାମିଲି ପ୍ଲାନିଂ ସେଣ୍ଟର

ଗୋପାଳପୁର, ତୁରାପଥରା ଓ ୟୁନିଭରସିଟିରେ ଡାକ୍ତରଙ୍କୁ ଡାକି ଏହି ସେଣ୍ଟର ଆରମ୍ଭ କରାଯାଇ ଥିଲା । ମୁଁ ଗ୍ରାମୀଣ ମହିଳାମାନଙ୍କୁ ଯାଇ ବୁଝାଇ ଆଣୁଥିଲି । ଏହାଛଡ଼ା ଗର୍ଭିଣୀ ସ୍ତ୍ରୀମାନଙ୍କ ଯତ୍ନ, ପୋଲିଓ ଟୀକା ପ୍ରଦାନ, ଗ୍ରାମର ପରିମଳ ବିଷୟରେ ବିଭିନ୍ନ ଜାଗାରେ ସଭାସମିତି କରି, ଗ୍ରାମବାସୀଙ୍କୁ ବୁଝାଇ ଦିଆଯାଉଥିଲା । ସମୟେ ସମୟେ ଶ୍ରୀମତୀ ନର୍ମଦା ପାଢ଼ୀ ମଧ୍ୟ ଆସି ଭାଷଣ ଦେଉଥିଲେ - କଂଗ୍ରେସ କର୍ମୀ ଚିତ୍ତରଞ୍ଜନ ଦାସ ଡାକ୍ତରମାନଙ୍କୁ ଡାକି କାର୍ଯ୍ୟକ୍ରମରେ ଭାଗ ନେଉଥିଲେ । ପ୍ରାୟ ମୁଁ ଗ୍ରାମମାନଙ୍କୁ ଯାଇ ଏଭଳି ସଭାର ଆୟୋଜନ କରୁଥିଲି ।

## ସୁବ୍ରତର ପାଠ ପଢ଼ା *

ସୁବ୍ରତ ଭଞ୍ଜବିହାରରୁ ଅଫିସ୍ ବସରେ ବ୍ରହ୍ମପୁର ଯାଇ ସେଣ୍ଟ୍ରାଲ୍ ସ୍କୁଲରୁ ଯୁକ୍ତ ଦୁଇ ପାସ୍ କଲା । ବ୍ରହ୍ମପୁରରେ ଥିବା ଖଲିକୋଟ କଲେଜରେ ବି.ଏସ୍‌ସି. ପରେ ସେ ଆସି ଭଞ୍ଜବିହାରରେ ଥିବା ଏମ୍.ଏସ୍‌ସି. ବଟନିରେ ନାମ ଲେଖାଇ ପଢ଼ିଲା । ଏହାପରେ ଏମ୍.ଫିଲ୍ କରି ପ୍ରଥମ ଶ୍ରେଣୀ ପାଇଥିଲା । ଚାକିରି ପାଇଁ ମେଡିକଲ୍‌ରେ ଇଣ୍ଟରଭ୍ୟୁ ଦେଲା । ବ୍ୟାଙ୍କରେ ମଧ୍ୟ ପରୀକ୍ଷା ଦେଲା, ପାଇଲା ନାହିଁ । ମାଟ୍ରିକ୍ ପର୍ଯ୍ୟନ୍ତ ଓଡ଼ିଆ ପଢ଼ି ନଥିବାରୁ ଆଇ.ଏ.ଏସ୍ ପରୀକ୍ଷା ଦେଇ ପାରିଲା ନାହିଁ । ରିସର୍ଚ୍ଚ କରିବା ପାଇଁ ଦରଖାସ୍ତ ଦେଇ ଶେଷରେ ବଟନି ସଏଲ୍ (ମାଟି) ବିଷୟରେ ରିସର୍ଚ୍ଚ ପାଇଁ ଅନୁମତି ପାଇଥିଲା ।

ଭଞ୍ଜବିହାରରେ ତାଙ୍କୁ ସମସ୍ତେ ଭଲ ପାଆନ୍ତି - ସେ ସମସ୍ତଙ୍କୁ ସାହାଯ୍ୟ କରେ।

## ସୁବ୍ରତର ବିବାହ ଓ ଶ୍ରୀପୂର୍ଣ୍ଣାର ପରୀକ୍ଷା ଦେବା

ଚିନ୍ତାମଣି ବାବୁଙ୍କ ଚାକିରି ମାତ୍ର ୬ ମାସ ଥାଏ। ରିଟାର୍ଡ ପରେ କ'ଣ କରିବୁ - ପୁଅ ଚାକିରି ପାଇନଥିଲା। ଚାକିରି ଖୋଜିବା ପାଇଁ ସୁବ୍ରତ ବହୁ ପରୀକ୍ଷା ଦେଲା କେବଳ ରିସର୍ଚ୍ଚ ପାଇଁ ସରକାର ତରଫରୁ ଟ.



*ଶ୍ରୀପୂର୍ଣ୍ଣା ଓ ସୁବ୍ରତ : ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ*



ବାହାଘରରେ ସୁବ୍ରତ ଓ ଶ୍ରୀପୂର୍ଣ୍ଣା

୨୦୦୦ଟଙ୍କା ସ୍କଲରସିପ୍ ପାଇଥିଲା। ଚାକିରି ନଥିବାରୁ ଝିଅ ମିଳିବା ଟିକିଏ କଷ୍ଟ ହେଲା ଆମକୁ। ଶେଷରେ ଶ୍ରୀ ଭାସ୍କର ଦାସ – ହେଡମାଷ୍ଟରଙ୍କ ଜରିଆରେ – ଶ୍ରୀ ମନ୍ମଥ ନାଥ ଦାସଙ୍କ ଘରୁ ପ୍ରସ୍ତାବ ଆସିଲା।

ବ୍ରହ୍ମପୁରରେ ଥିବା ଝିଅଙ୍କ କକେଇ ଶ୍ରୀଯୁକ୍ତ ଅମିୟ ଦାସ ଓ ଖୁଡ଼ି ଆରତୀ ଦେବୀ ଝିଅକୁ ଆଣି ଆମକୁ ଦେଖାଇଲେ। ସୁବ୍ରତ ଦେଖି ନଥିଲା – ଆମେ ସ୍ୱାମୀ ସ୍ତ୍ରୀ ପ୍ରଥମେ ଝିଅଟିକୁ ଦେଖିବାକୁ ଗଲୁ। ଧର୍ମଝିଅ ଅଳକା ମୋ ସହିତ ଯାଇଥିଲା। ଝିଅଟି ସୁନ୍ଦର, ସରଳ ଭଳି ମନେହେଲା। ମୁଁ ସିଧା ପଚାରିଲି, ଦେଖ୍ ମା’ ମୁଁ ଧନୀ ନୁହେଁ। ଧନ ସମ୍ପତି ଆମ ପାଖରେ ନାହିଁ। ମୋର ଗୋଟିଏ ବୋଲି ପୁଅ – ଏପର୍ଯ୍ୟନ୍ତ ଚାକିରି କରିନାହିଁ। କେବଳ ଏତିକି କହିବି – ମୋ ପାଖକୁ ବୋହୂ ହୋଇ ଆସିଲେ ମୁଁ ତୋତେ ଝିଅଠାରୁ ବଳି ଆଦର କରି ରଖିବି। ସୁବ୍ରତକୁ ଦେଖି ସାରିଲା ପରେ ସ୍ଥିର କରି କହିବୁ। (ଝିଅଟିର ନାମ ଥିଲା ଗୀତାଞ୍ଜଳୀ ପରେ ଆମେ ତାକୁ ଶ୍ରୀପୂର୍ଣ୍ଣା ନାମ ଦେଇ ଡାକିଲୁ) ଗୀତାଞ୍ଜଳୀ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା ହଁ ମୁଁ ବାହାହେବି। ମୋର କୌଣସି ଆପତ୍ତି ନାହିଁ। ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ମୋ ପୁଅକୁତ ଦେଖିନୁ – ସ୍ଥିର କଲୁ କିପରି ? ସେ କହିଲା ଆପଣଙ୍କୁ

ଦେଖିଲି - ମୋର ଆଉ ଦେଖିବା ଆବଶ୍ୟକ ନାହିଁ। ମୁଁ ଟିକିଏ ହସିଦେଲି - ହଁ, ଝିଅଟି ଭଲ ! ପ୍ରସ୍ତାବ ସ୍ଥିର ହେଲା।


## ସୁବ୍ରତର ବିବାହ ଓ ଶ୍ରୀପୂର୍ଣ୍ଣାର ପରିଚୟ

ନିର୍ବନ୍ଧ ପରେ ସୁବ୍ରତ ଓ ଶ୍ରୀପୂର୍ଣ୍ଣାଙ୍କର ବିବାହ ୧୯୮୯ ଡିସେମ୍ବର, ୨ ତାରିଖରେ ହୋଇଥିଲା ଝାରସୁଗୁଡ଼ାରେ। ଶ୍ରୀପୂର୍ଣ୍ଣା ଥିଲା ସୁନ୍ଦରୀ, ଗୁଣବତୀ, ସ୍ନେହୀ, ପରୋପକାରୀ ଓ ଗୃହକର୍ମରେ ନିପୁଣା। ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ମନ୍ମଥ ଦାଶ - କମାଣ୍ଡର ଓ.ଏମ୍.ପି.। ମାତା ହେଲେ ଶ୍ରୀମତୀ ସରସ୍ୱତୀ ଦାଶ। ଭାଇ ଦୁଇଟି ହେଲେ - ମିହିର ଓ ରୁଦ୍ରପ୍ରସାଦ ଭଉଣୀ ୨ ଜଣ - ସ୍ୱପ୍ନା ଓ ସୁପ୍ରଭାତୀ।

ବିବାହ କାର୍ଯ୍ୟ ଭଞ୍ଜବିହାର କ୍ୱାଟରରେ ମହାସମାରୋହରେ ପାଳିତ ହେଲା। ଦାଶରଥି, ଟୁକୁଲୁ, ଅଳକା, ମୋ ସାନଭଉଣୀ, ସୌଭାଗ୍ୟ ନାନୀର ବଡ଼ଝିଅ ସରୋଜିନୀ, ସୁହାନିସିନ, ସୁଧାଂଶୁ, କଳ୍ପନା, ଲୁଲୁ, ହେମ ଭାଉଜ, ବଡ଼ଭାଇନା ଶିବରାମ ରଥ, ଶଶାଙ୍କ, ବିଧୁ, ଚିନୁ, ଜିନା, ସ୍ୱାତୀ, କନି, ସୁବାସିନୀ ନାନୀ, ପି. ଦେବୀରାଓ ପ୍ରଭୃତି ସମସ୍ତେ ଆସି ସହଯୋଗ କରିଥିଲେ।

## ଭଞ୍ଜବିହାର ପରିତ୍ୟାଗ

କିଛିଦିନ ପରେ ୧୯୯୦ ମଇ ମାସରେ ଚିନ୍ତାମଣି ବାବୁ ଅବସର ଗ୍ରହଣ କଲେ। ସାଙ୍ଗେ ସାଙ୍ଗ ଆନ୍ଧ୍ର ୟୁନିଭରସିଟିରେ ସାମ୍ବାଦିକତା (ଜର୍ଣ୍ଣାଲିଜିମ୍) ବିଭାଗ ଖୋଲି ଭିଜିଟିଙ୍ଗ୍ ପ୍ରଫେସର ହୋଇ ରହିଲେ ବିଶାଖାପାଟଣାରେ । ଆମେ ସବୁ ଭଞ୍ଜବିହାର ଛାଡ଼ିଲୁ। ବହୁତ କଷ୍ଟ ହେଲା ମୋତେ। ଦୀର୍ଘ ୧୫ ବର୍ଷ ଧରି ଆପଣାର କରି ରହିଥିବା ସ୍ଥାନର ମମତା ବାସ୍ତବିକ୍ ଭୁଲିବା କଷ୍ଟକର। ଗ୍ରାମବାସୀମାନେ ବୁଲୁ ମା' ବୁଲୁ ମା' ତୁମେ ଆମକୁ ଛାଡ଼ି ଚାଲିଯାଉଛ ବୋଲି କହୁଥାନ୍ତି। ପ୍ରଫେସର କ୍ୱାଟରରେ ସମସ୍ତଙ୍କ ଆଖିରେ ଲୁହ। ସେ ସ୍ମୃତି କେବେବି ଭୁଲିବାର ନୁହେଁ। ସୁବ୍ରତ ନିରବ ହୋଇ ରହିଥାଏ ଚିନ୍ତାମଣିବାବୁ ସ୍ଥିତପ୍ରଜ୍ଞ- ମୁଁ କେବଳ କାନ୍ଦୁଥାଏ । ଆମେ ଆସି ବ୍ରହ୍ମପୁର ଅଶୋକ ନଗରରେ ଭଡ଼ାରେ ରହିଲୁ ପୃଥିବୀବାବୁଙ୍କୁ ନେଇ ।



'ଭଞ୍ଜବିହାର : ଏଥର ବିଦାୟ'.... ଭଞ୍ଜବିହାର ନିକଟ ଗୋପାଳପୁର ସମୁଦ୍ର ବେଳାଭୂମିରେ ପ୍ରଫେସର ଚିନ୍ତାମଣି ମହାପାତ୍ର, ପତ୍ନୀ ସ୍ନେହଲତା, ପୁତ୍ରବଧୂ ଶ୍ରୀପୂର୍ଣ୍ଣା ଓ ନାତୁଣୀଙ୍କ ଗହଣରେ

## ଆନ୍ଧ୍ର ୟୁନିଭରସିଟିର ଦୃଶ୍ୟାବଳୀ

ପ୍ରଶାନ୍ତ ନୀଳ ସାଗର ଭିତରୁ ଉଷାର ଆଗମନୀ ସୁଚାଇ ଦେଉଥିଲା– ବାଳସୂର୍ଯ୍ୟଙ୍କର ରକ୍ତିମ ଆଭାର ପରିପ୍ରକାଶ ! ଶାଶ୍ୱତ ସତ୍ତାର ଅନନ୍ତତା ଭିତରେ ମୋ ମାନପଟରେ ଖେଳି ଯାଉଥିଲା ଆନନ୍ଦର ଉତ୍ସ । ସମୁଦ୍ର କୂଳରେ ଅବସ୍ଥିତ ଆନ୍ଧ୍ର ୟୁନିଭରସିଟିର ପ୍ରଫେସର କ୍ୱାଟରରେ ଥିବା ବାଲ୍‌କୋନୀ ଉପରୁ ଏଭଳି ଦୃଶ୍ୟ ଦେଖି ମୁଁ ଆତ୍ମହରା ହୋଇ ପଡୁଥିଲି । ପ୍ରତ୍ୟହ ଚିନ୍ତାମଣି ବାବୁ ପ୍ରଭାତ ହେବା ପୂର୍ବରୁ ଧ୍ୟାନମଗ୍ନ ହୋଇ ବସିଥାନ୍ତି ଏଠାରେ !!

କିଭଳି ଏକା ପ୍ରଶାନ୍ତି ପ୍ଲାବିତ ହେଉଥିଲା ମୋ ମନ ଭିତରେ । ଭାବୁଥିଲି ଏଭଳି ଶାଶ୍ୱତତା ହିଁ ବ୍ରହ୍ମାନନ୍ଦ ପ୍ରାପ୍ତିର ପ୍ରାରମ୍ଭ ।

ଚିନ୍ତାମଣି ବାବୁ ଭିଜିଟିଙ୍ଗ ପ୍ରଫେସର ହୋଇ ଆସିଥିଲେ ଏଠାକୁ ଏଠାରେ ସେ ଜର୍ଣ୍ଣାଲିଜିମ୍ ଡିପାର୍ଟମେଣ୍ଟ ଗଢ଼ି ନିଜେ ପ୍ରଫେସର ହୋଇଥିଲେ। ପ୍ରତ୍ୟହ ଛାତ୍ରମାନଙ୍କୁ ସନ୍ଧ୍ୟାରେ ଅଧଘଣ୍ଟା ବ୍ରହ୍ମବିଦ୍ୟା ଶିକ୍ଷା ଦେଉଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଆମ ଘରକୁ ଆସନ୍ତି। ଲେକ୍‌ଚରର ବବିବର୍ଦ୍ଧନ ଓ ତାଙ୍କ ସ୍ତ୍ରୀ ଚିନ୍ନାବବିଙ୍କ ଅନାବିଳ ସ୍ନେହ ଭୁଲି ହେବନି। ସେମାନେ ଆମକୁ ବାପା ଓ ମା' ବୋଲି ଭାବନ୍ତି। ସୁବ୍ରତ ଓ ଶ୍ରୀପୂର୍ଣ୍ଣାକୁ ମଧ୍ୟ ଭାରି ସ୍ନେହ କରନ୍ତି। ଚିନ୍ତାମଣି ବାବୁ ଏଭଳି ଆତ୍ମୀୟତା ଭିତରେ ଓ ଶିକ୍ଷା ମାଧ୍ୟମରେ ବ୍ରହ୍ମବିଦ୍ୟା ଭରି ଦିଅନ୍ତି। ଏଠାରେ ବସି ଦୀର୍ଘ ୨ ବର୍ଷ ଧରି ସେ ସିକ୍ରେଟ୍ ଡକ୍ଟରିନ ୪୦୦ ପୃଷ୍ଠା ଅନୁବାଦ କରିଥିଲେ ଏବଂ କସ୍ମିକ୍ ଫାୟାର (ସୌର ଶିଖା) ୧୨୮୦ ପୃଷ୍ଠା ବହିଟିକୁ ମଧ୍ୟ ସେ ଅନୁବାଦ କରୁଥିଲେ। ଅଗାଧ ପାଣ୍ଡିତ୍ୟ ଥିଲା ଚିନ୍ତାମଣି ବାବୁଙ୍କର । ବର୍ତ୍ତମାନ ଦେଖୁଛି – ବେଦ, ବେଦାନ୍ତ, ଭାଗବତ ପୁରାଣ – ସମସ୍ତ ପୁସ୍ତକ ଗୋଟି ଗୋଟି ସେ ପଢ଼ି ଗାର ପକାଇଛନ୍ତି। ଏଭଳି ଗୋଟିଏ ବହି ନାହିଁ ସେ ଗାର ପକାଇ ନାହାଁନ୍ତି। ଭାବୁଛି – କିଭଳି ଜ୍ଞାନୀ ସେ ଥିଲେ। ସେଥିପାଇଁ ଏତେ ସୁନ୍ଦର ସେ ଲେଖି ପାରୁଥିଲେ ଓ ଭାଷଣ ଦେଇ ପାରୁଥିଲେ।

ଅବିଶିଷ୍ଟ ତାଙ୍କ ଲିଖିତ ପୁସ୍ତକ ମୁଁ ପ୍ରକାଶ କରି ଚାଲିଛି। ଗୁରୁଦେବଙ୍କର ଆଶୀର୍ବାଦ ଭିକ୍ଷା କରୁଛି। କିପରି ମୁଁ ସଫଳ ହେବି – ମା' ହିଁ ଭରଷା।

## ନାତୁଣୀର ଜନ୍ମ

ବଡ଼ ନାତୁଣୀଟି ସୁଶ୍ରୀ ୧୯୯୧ ନଭେମ୍ବର ୪ ତାରିଖରେ ବ୍ରହ୍ମପୁରରେ ଜନ୍ମ ହେଲା। ଜନ୍ମ ସମୟରେ ଅସୁବିଧା ହେତୁ ସେ ମାନସିକ ଅନଗ୍ରସର ହୋଇ ଯାଇଛି। ପ୍ରଥମେ କିନ୍ତୁ ୩/୪ ବର୍ଷ କିଛି ଜଣା ପଡୁନଥିଲା। ପରେ ଧିରେ ଧିରେ କଥାବାର୍ତ୍ତା ବନ୍ଦ କରିଦେଲା। ଭାରି ସୁନ୍ଦରୀଟିଏ ନାମ ସୁଶ୍ରୀ ଶାଶ୍ୱତୀ । ଡାକ ନାମ 'ଗୁଡୁ' ରଖାଯାଇଛି। ସେ କିଛି କଥା କହି ପାରୁନାହିଁ । ଏହାହିଁ ଆମ ସମସ୍ତଙ୍କ ଜୀବନର ସବୁଠାରୁ ବଡ଼ ଦୁଃଖଦାୟକ ଘଟଣା।

## ଅରୁଣାଞ୍ଚଳ ପ୍ରଦେଶରେ ପ୍ରେସ ଆଡ଼ଭାଇଜର

ରିଟାର୍ଡ ପରେ ୧୯୯୩ରେ ଅରୁଣାଞ୍ଚଳ ପ୍ରଦେଶରେ ପ୍ରେସ୍ ଆଡ଼୍ଭାଇଜର୍ ହୋଇ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପାଖରେ ୮ ମାସ ରହିଲେ ଚିନ୍ତାମଣିବାବୁ - ପରେ ପରେ ଢେଙ୍କାନାଳର ଆଇ. ଆଇ. ଏମ୍. ସି.ରେ ୧୯୯୪ ରୁ ୨୦୦୨ ଅକ୍ଟୋବର ୨୯ ତାଙ୍କ ଜୀବନ ଶେଷ ପର୍ଯ୍ୟନ୍ତ ସେ ସାମ୍ବାଦିକ ପ୍ରଫେସର ହୋଇ ରହିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ



*ଅରୁଣାଞ୍ଚଳ ରାଜ୍ୟପାଳ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ପ୍ରଫେସର ଚିନ୍ତାମଣି ମହାପାତ୍ର*

ବ୍ରହ୍ମବିଦ୍ୟା ପ୍ରଚାର କରୁଥିଲେ। ସାମ୍ବାଦିକତା ଛାଡ଼ି ନଥିଲେ। ସେ ଉତ୍କଳ ବ୍ରହ୍ମ ବିଦ୍ୟା ସମିତିର ସଭାପତି ଥିଲେ ଓ ନ୍ୟାସନାଲ୍ ଲେକ୍‌ଚର ଥିଲେ। ଓଡ଼ିଶାର ବିଭିନ୍ନ ଅଂଚଳରେ ସେ ୭ଟି ବହ୍ମବିଦ୍ୟା ସୋସାଇଟି ଗଢ଼ିଛନ୍ତି। ଜର୍ଣ୍ଣାଲିଜିମ୍ ବିଭାଗ ଖୋଲିଛନ୍ତି। ଲୋକେ ତାଙ୍କୁ ସାମ୍ବାଦିକତା ବିଭାଗର ଭୀଷ୍ମ ପିତାମହ ବୋଲି କହନ୍ତି।

ବହୁ ପୁସ୍ତକ ସେ ଲେଖି ଯାଇଛନ୍ତି। ବହୁତ ପୁସ୍ତକ ଅନୁବାଦ କରିଛନ୍ତି। ଏଚ.ପି. ବ୍ଲାଭାଟସ୍କିଙ୍କରଲେଖା - ସିକ୍ରେଟ୍ ଡକ୍ଟରିନ୍‌ଟିକୁ ସେ ଓଡ଼ିଆରେ ଅନୁବାଦ କରିଛନ୍ତି। ତାହାର ନାମ "ଗୁପ୍ତବିଦ୍ୟା" ଦେଇଛନ୍ତି। ମୁଁ ଟାଇପ୍ କରି ରଖି ଦେଇଛି।

## ରାୟଗଡ଼ା ଆଗମନ

କିଛିଦିନ ପରେ ସୁବ୍ରତ ୧୯୯୩ରେ ଜେ.କେ. ପେପର କମ୍ପାନୀରେ ଚାକିର ପାଇବାରୁ ଆମେ ସମସ୍ତେ ରାୟଗଡ଼ା ଚାଲିଗଲୁ। ସୁବ୍ରତର ଦ୍ୱିତୀୟ ଝିଅଟି ୧୯୯୪ ନଭେମ୍ବର ୧ରେ ଜନ୍ମ ହୋଇଥିଲା। ତା'ର ନାମ ପ୍ରଜ୍ଞା ସୁରଭି। ଡାକ ନାମ ଡୁଡୁଲୁ। ଝିଅଟି ଭାରି ସୁନ୍ଦର ଓ ଗୁଣର। ଭାରି ସୁନ୍ଦର ନାଚ କରେ। ବଡ଼ ଝିଅ ଗୁଡୁ ତାକୁ ପଢ଼ିବାରେ ହଇରାଣ କରୁଥିବାରୁ ପଢ଼ାରେ ତା'ର ବ୍ୟାଘାତ ଜନ୍ମୁଛି ତଥାପି ୭୦ ପରସେଣ୍ଟ ରଖି ସେ ପାସ୍ କରୁଛି। ବର୍ତ୍ତମାନ ତା'ର ୯ମ କ୍ଲାସ ହେଲା। ପିଲାମାନେ ସମସ୍ତେ ଜୟପୁରରେ ଅଛନ୍ତି। ସୁବ୍ରତ ବି.ଟି.ଟି.ଏଲ୍ କମ୍ପାନୀରେ କାର୍ଯ୍ୟ କରୁଛି। ସବୁ ଶ୍ରୀମାନଙ୍କ ଚରଣ ତଳେ ସମର୍ପଣ କରି ଦେଇଛି। ସେ ରକ୍ଷା କରନ୍ତୁ। ମା' ହିଁ ମୋର ଭରଷା ।

## ଜେ. କେ ପୁର ରାୟଗଡ଼ାର କାର୍ଯ୍ୟକ୍ରମ

ତା ୪.୮.୯୩ମସିହାରେ ପୁଅ ସୁବ୍ରତ ରାୟଗଡ଼ା ଜେ.କେ.ପୁର ପ୍ଲାଣ୍ଟେସନ୍ ବିଭାଗକୁ ପ୍ଲାଣ୍ଟେସନ୍ ଅଫିସର ରୂପେ ବଦଳି ହୋଇ ଆସିଲା। ବୋହୂ ଶ୍ରୀପୂର୍ଣ୍ଣା ଓ ବଡ଼ ନାତୁଣୀ ସୁଶ୍ରୀକୁ ଧରି ଆମେ ସବୁ ରାୟଗଡ଼ା ଆସିଲୁ। ଚିନ୍ତାମଣି ବାବୁ ଅରୁଣାଂଚଳ ପ୍ରଦେଶରେ ଗଭର୍ଣ୍ଣର ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପ୍ରେସ୍ ଆଡ଼ଭାଇଜର ହୋଇ ଯାଇଥିଲେ। କିଛି ଦିନ ପରେ ସେ ମଧ୍ୟ ରାୟଗଡ଼ା ଆସିଲେ। ଶ୍ରୀମାଙ୍କ ପାଠଚକ୍ର ଥାଏ ସୁବ୍ରତ ଆମକୁ ନେଇଯାଏ । ରାୟଗଡ଼ାର ଶାନ୍ତ ପରିବେଶ ଭାରି ଭଲ ଲାଗେ।

ମୁଁ ଦେଖିଲି - ରାୟଗଡ଼ାରେ ବେଶୀ ଭାଗ ଲୋକ ତେଲୁଗୁ। ସ୍କୁଲକୁ ଯାନ୍ତି ନାହିଁ। ତେଲୁଗୁ ସ୍କୁଲ ନଥିଲା। ଏମାନେ ସବୁ ଜରି ଗୋଟାଇ, ଗୋବର ଗୋଟାଇ ଜଙ୍ଗଲରୁ କାଠ ଆଣି, ଛେଳି ଚରାଇ ବା କାର୍ଯ୍ୟ କରୁଛନ୍ତି।

ଶିକ୍ଷାଦିକ୍ଷା ନାହିଁ। ସେମାନେ ପଛକୁ ନକ୍ସଲାଇଟ୍ ହୋଇ ବାହାରୁଛନ୍ତି। ମୁଁ ଠାକୁରପଡ଼ା ପିଣ୍ଡାରେ ସ୍କୁଲଟିଏ ଗଢ଼ିଲି।



(ଜେ.କେ.ପୁର ପ୍ଲାଣ୍ଟେସନ ବିଭାଗର ଡାଇରେକ୍ଟର ଶ୍ରୀ ଏ. କେ. ସାରଦା (ସୁବ୍ରତର ଅଫିସର) ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ସାରଦା ସୁବ୍ରତ ଓ ତା'ର ପିଲାମାନଙ୍କୁ ବହୁତ ଭଲ ପାଆନ୍ତି। ସେ ଜେ.କେ. କୋଲ୍‌ନାରାରେ ଜ୍ଞାନବର୍ଦ୍ଧିନୀ ମେଣ୍ଟାଲ୍ ରିଟାର୍ଡ ସ୍କୁଲ ସ୍ଥାପନ କରିଥିଲେ। ମୁଁ ସେମାନଙ୍କୁ ଏଥିପାଇଁ ପରାମର୍ଶ ଦେଇଥିଲି।)

## T.O.S. ବିକାଶ ସ୍କୁଲ (ବ୍ରହ୍ମବିଦ୍ୟା ସେବା ସଙ୍ଘ) ତରଫରୁ

ଚିନ୍ତାମଣି ବାବୁ ସେତେବେଳେ (T.O.S.) ବ୍ରହ୍ମବିଦ୍ୟା ସେବା ସଂଘ ତରଫରୁ (ହାଇକନ୍) ଉଚ୍ଚ ଚେତନାର ସ୍କୁଲଟି କରିବା ପାଇ ମନସ୍ଥ କଲି ଜୟକୃଷ୍ଣ ସାହୁ, ଆଶୁତୋଷକୁ ନେଇ ଆରମ୍ଭ କରିବା ପାଇଁ ଚେଷ୍ଟିତ ଥାଆନ୍ତି।

ମୁଁ କହିଲି - ଭୁବନେଶ୍ୱରରେ ଉଚ୍ଚ ଚେତନା ସ୍କୁଲ (ହାଇକାନ୍) (ପ୍ରଜ୍ଞା ବିକାଶ) କରିବା ପାଇଁ ଅର୍ଥ ଆବଶ୍ୟକ। ଏହି T.O.S. ସ୍କୁଲଟି ମୁଁ

আরম্ভ করিছি এথিরে পিলামানঙ্ক মনরে উচ্চ চেতনা ভরি দেলে - হুএত সেমানঙ্ক ভিতরু কেতেজণঙ্কর প্রজ্ঞা বিকাশ হোইপারিব। সে রাজি হেলে। T.O.S. স্কুলরে ব্রহ্মবিদ্যার আদর্শ ভরি দেলে।




ବିଶ୍ୱବନ୍ଦନୀୟା ତତ୍ତ୍ୱଦର୍ଶିନୀ କରୁଣାମୟୀ ମା' ଡ. ଆନି ବେସାନ୍ତ

ନିୟମିତ ସ୍କୁଲଟିରେ ଧ୍ୟାନ, ଯୋଗ, ସତବାଣୀ ଉଚ୍ଚ ଚେତନାର ପ୍ରଣାଳୀରେ ସେମାନଙ୍କୁ ଶିକ୍ଷା ଦିଆଗଲା। ରାସ୍ତା କଡ଼ରେ ବୁଲୁଥିବା ଗରିବ ପିଲାମାନେ ଆଖିବୁଜି ୧୫ ମିନିଟ୍ ନୀରବ ଧ୍ୟାନରେ ବସିବା ଦେଖିଲେ ମୋ ଛାତି କୁଣ୍ଢେ ମୋଟ ହୋଇଯାଏ। ଏହି ସ୍କୁଲଟିରେ ପ୍ରଥମେ ୫୦ ଜଣ ଛାତ୍ରଛାତ୍ରୀ ଥିଲେ।

ଏହି ସ୍କୁଲରେ ୨୦୦ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଛନ୍ତି। ୨୦୦୭ରେ ଏହି ସ୍କୁଲଟି ସରକାରଙ୍କ ଦ୍ୱାରା ଅନୁମୋଦନ ପ୍ରାପ୍ତ (ରେକମେଣ୍ଡେସନ୍) ହୋଇଛି। ପ୍ରତି ସ୍ୱାଧୀନତା ଦିବସ, ଶିଶୁ ଦିବସ, ଜାନୁୟାରୀ ୨୬ରେ ନୃତ୍ୟ ପରିବେଷର କରନ୍ତି।

ଫେଡେରେସନ୍ ସେକ୍ରେଟାରୀ ପ୍ରଦୀପ ମହାପାତ୍ର ଅନେକ ସମୟରେ ଆସି ସ୍କୁଲ ପରିଦର୍ଶନ କରି ଭାଷଣ ଦିଅନ୍ତି। ଚିନ୍ତାମଣିବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ରାୟଗଡ଼ା ବ୍ରହ୍ମବିଦ୍ୟା ସମିତିରେ ମଧ୍ୟ ଭାଷଣ ଦିଅନ୍ତି। ଶ୍ରୀମତୀ ପୌର୍ଣ୍ଣମାସୀ ମଧ୍ୟ ଏଠାକୁ ଆସି ସ୍କୁଲ ଓ ବ୍ରହ୍ମବିଦ୍ୟା ସମିତିରେ ଭାଷଣ ଦେଇଛନ୍ତି।


T.O.S. ସେଟେଲରେ ଖଗେଶ୍ୱର ବାବୁ ବ୍ରହ୍ମବିଦ୍ୟା ସେବା ସଂଘ ତରଫରୁ ସ୍କୁଲଟିକୁ କିଛି ସ୍କୁଲ୍ ବ୍ୟାଗ୍, ଖାତା, ଡ୍ରେସ୍ ପ୍ରଭୃତି ଯୋଗାଇ ଦେଇଥିଲେ। କିଛି ବର୍ଷ ହେଲା ଶ୍ରୀମତୀ ମହାପାତ୍ର, ତିଳୋତ୍ତମା ମିଶ୍ର, ଶୈଳ ମହାପାତ୍ର, ଉଷା ତାପଡ଼ିଆ - କିଛି କିଛି ଅନୁଦାନ ଯୋଗାଇ ଦେଉଛନ୍ତି।



ଟି.ଓ.ଏସ୍. ବିକାଶ ସ୍କୁଲ ପିଲାଙ୍କ ଗହଣରେ ସ୍ନେହଲତା

ବାକି ମୋତେ ବହନ କରିବାକୁ ପଡୁଛି । ସେକ୍ରେଟାରୀ ଜି. ସତ୍ୟବତୀ ଓ ତାଙ୍କ ସ୍ୱାମୀ ଜି. ଚନ୍ଦ୍ରମୌଳି ନିସ୍ୱାର୍ଥପରଭାବେ ସ୍କୁଲର ସମୁଦାୟ ଦାୟିତ୍ୱ ବହନ କରିଛନ୍ତି । ମଝିରେ ମୁଁ ଯାଇ ସ୍କୁଲରେ ପିଲାମାନଙ୍କୁ ଉଦ୍‌ବୋଧନ ଦିଏ ବ୍ରହ୍ମବିଦ୍ୟା ସଭାର ଆୟୋଜନ କରି ଭାଷଣ ଦିଏ । ସ୍କୁଲଟିକୁ କୌଣସି ସରକାରୀ ଅନୁଦାନ ମିଳି ନାହିଁ । ୫ ଜଣ ଶିକ୍ଷୟିତ୍ରୀ ଅଳ୍ପ ଦରମାରେ ରହି ପିଲାଙ୍କୁ ସେବାମୂଳକ ମନ ନେଇ ଶିକ୍ଷାଦାନ କରୁଛନ୍ତି ।

କରୁଣାମୟୀ ଡଃ. ଆନିବେସାନ୍ତଙ୍କର ଆଦର୍ଶ – ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା ଏହାର ମୂଳମନ୍ତ୍ର ହେଲା । ୧୯୯୪ରେ ଶ୍ରୀମତୀ ଜି. ସତ୍ୟବତୀଙ୍କ ସହିତ ମୋର ସାକ୍ଷାତ ହେଲ ବୋନ୍ ହାଉସ ପାଖରେ । ମୁଁ ତାଙ୍କୁ ସ୍କୁଲଟି ଦେଖାଇ






ଏହାର ଦାୟିତ୍ୱ ନେବା ପାଇଁ କହିଲି । ସେ ପ୍ରଥମେ ଭୟ କରୁଥିଲେ, ବର୍ତ୍ତମାନ ଏତେ ସୁନ୍ଦର ଭାବେ ସ୍କୁଲର ଦାୟିତ୍ୱ ତୁଲାଉଛନ୍ତି ।

## ମଝିଘରିୟାଣୀ ମହିଳା ମଣ୍ଡଳ

କିଛିଦିନ ପରେ ଜି. ସତ୍ୟବତୀଙ୍କୁ ନେଇ ୧୯୯୪ରେ ମୁଁ ମଝିଘରିୟାଣୀ ମହିଳା ମଣ୍ଡଳ ଗଢ଼ିଲି AIWCର ଶାଖା ରୂପେ । ଅଲ୍ ଇଣ୍ଡିଆ ଓମେନ୍ସ କନ୍‌ଫରେନ୍ସ ସାଉଥ ୱେଷ୍ଟ ଓଡ଼ିଶାର ମୁଁ ସେକ୍ରେଟେରୀ ଥିଲି । ଏହି ଅନୁଷ୍ଠାନଟି ସମଗ୍ର ଭାରତରେ ପ୍ରସାର ଲାଭ କରିଛି ଅଦ୍ୟାବଧି । ଏହାର ପ୍ରତିଷ୍ଠାତ୍ରୀ ମା' ଡଃ ଆନିବେସାନ୍ତ । ମହିଳା ଶିଶୁ ଓ ଦଳିତଙ୍କୁ ଉଦ୍ଧାର ପାଇଁ ସେ ୧୯୨୭ ମସିହାରେ ଏ ଅନୁଷ୍ଠାନ ଗଢ଼ିଥିଲେ । ଏହା ହିମାଳୟଠାରୁ



*ଟି.ଓ.ଏସ୍. ବିକାଶ ସ୍କୁଲ ରାୟଗଡ଼ା*

କୁମାରିକା ପର୍ଯ୍ୟନ୍ତ ଓ କର୍ଣ୍ଣାଟକଠାରୁ ଆସାମ ପର୍ଯ୍ୟନ୍ତ ବ୍ୟାପୀ ଥିଲା ୧୯୨୮ରେ ଶ୍ରୀମତୀ କର୍ଜନ ଏହାର ଦାୟିତ୍ୱ ବହନ କରିଥିଲେ । ମା' ଆନିବେସାନ୍ତଙ୍କ ଚରଣ ତଳେ ପ୍ରଣାମ ।

ମଝିଘରିୟାଣୀ ମହିଳା ମଣ୍ଡଳରେ ୫୦ ଜଣ ମହିଳାଙ୍କୁ ବୁଝେଇ ମେମ୍ବର କରାଇଲି । ସେ ଗରିବ ସ୍ତ୍ରୀମାନଙ୍କ ପାଇଁ ଧନ୍ଦାମୂଳକ କାର୍ଯ୍ୟକ୍ରମ ରଖିଲି । କୋ: ଅପରେଟିଭ୍ ଓ ସୋସିଆଲ୍ ୱେଲ୍‌ଫେୟାର ବୋର୍ଡ ତରଫରୁ ଟଙ୍କା ଯୋଗାଇ ଦେଲି । ମହିଳାମାନଙ୍କୁ ଅନୁରୋଧ କରାଯାଇଥିଲା T.O.S.

ବିକାଶ ସ୍କୁଲର ଦାୟିତ୍ୱ ବହନ କରିବା ପାଇଁ ମହିଳା ମଣ୍ଡଳର ଏହି ସ୍କୁଲ ଏକ ପ୍ରୋଜେକ୍ଟ ଥିଲା । ଜି. ସତ୍ୟବତୀ ସେକ୍ରେଟେରୀ ହୋଇ ସବୁ ବୁଝିଲେ ।

ମୁଁ ୧ ୯ ୯ ୪ରେ ଏକ ସାଧାରଣ ସଭା ଡକାଇଲି । ମ୍ୟୁନିସ୍‌ପାଲ୍‌ଟି ଚେୟାରମ୍ୟାନ୍ ଶ୍ରୀଯୁକ୍ତ ବକ୍‌ସି ପାତ୍ରଙ୍କୁ ନିମନ୍ତ୍ରଣ କଲି ଓ ପିଲାମାନଙ୍କୁ ନାଚ ଗୀତ ଶିଖାଇ ଘରୁ ଶାଢ଼ି ଓ ଡ୍ରେସ୍ ଆଣି ପିନ୍ଧାଇଲି । ରାସ୍ତାକଡ଼ରୁ ପିଲାମାନଙ୍କୁ ଗୋଟାଇ ଆଣି ଶିକ୍ଷା ଦେଉଥିବା ଓ T.O.S. ବ୍ରହ୍ମବିଦ୍ୟା ସେବା ସଂଘ ଆଦର୍ଶରେ ଗଢ଼ିଥିବା ଏହି ସ୍କୁଲଟି ଦେଖି ଶ୍ରୀଯୁକ୍ତ ପାତ୍ର ଭାରି ଖୁସି ହୋଇ ସାଙ୍ଗେ ସାଙ୍ଗେ ମହିଳା ମଣ୍ଡଳକୁ ୩୫ ଡେସିମିଲ୍ ଜାଗା ଦେଇଦେଲେ ଏବଂ କିଛି ଅନୁଦାନ କରାଇଦେଲେ । ଘର ତିଆରି ପାଇଁ ବାକି ଆମେ ହାତରୁ ଖର୍ଚ୍ଚ କରି ଘରଟି ତିଆରି କରିଛୁ ।

## ସାକ୍ଷରତା ଅଭିଯାନ

ଓଡ଼ିଶା ସରକାରଙ୍କ ସାକ୍ଷରତା ଅଭିଯାନରେ ୧ ୯ ୯ ୧ରେ ଯୋଗ ଦେଇ ଗଞ୍ଜାମର ବହୁ ଗ୍ରାମକୁ ଯାଇ ପ୍ରଚାର କରିଛି । ସବ୍‌କଲେକ୍ଟର ପ୍ରଦୀପ ରଥ, କଲେକ୍ଟର ଶ୍ରୀ ଜଗଦାନନ୍ଦ ପଣ୍ଡା, ହି.ଡି.ପି.ଓ ବିଧୁପ୍ରଭା ରଥଙ୍କ ସହତ ଯାଇ ସାକ୍ଷରତା ପ୍ରଚାରରେ ଭାଗ ନେଇଛି । ସମସ୍ତେ କାଗଜ କଲମରେ ସାକ୍ଷରତା କାର୍ଯ୍ୟ ଚାଲିଛି ବୋଲି ରିପୋର୍ଟ ଦେଇ ଦିଅନ୍ତି । ମୁଁ କିନ୍ତୁ ଘର ଘର ବୁଲି ପିଣ୍ଡାରେ ବସି ନିରକ୍ଷରଙ୍କୁ ସାକ୍ଷର କରି ଚାଲିଥାଏ । ଉଦାହରଣ ସ୍ୱରୂପ – ସ୍ତ୍ରୀ ଲୋକମାନେ ସାଧାରଣତଃ ସେଣ୍ଟର (ଯେଉଁଠି ସାକ୍ଷରତା ଦିଆଯାଏ)କୁ ଯାଇ ପଢ଼ିବାକୁ ରାଜି ହୁଅନ୍ତି ନାହିଁ । ପୁଅମାନେ ପ୍ରାୟ ଆସନ୍ତି । ଝିଅମାନଙ୍କୁ ମୁଁ ଜଣ ଜଣଙ୍କ ପିଣ୍ଡାରେ ୩/୪ ଜଣଙ୍କୁ ମିଶାଇ ୮/୧୦ଟି ଜାଗାରେ ପାଠ ପଢ଼ାଏ । ତମେ ସବୁ ପାଠ ପଢ଼ିଲେ, ତୁମକୁ କେହି ଠକି ପାରିବେ ନାହିଁ । ଚିଠି ଖଣ୍ଡିଏତ ପଢ଼ି ପାରିବ । ବସ୍ କେଉଁଠିକି ଯାଉଛି ପଢ଼ି ଜାଣିପାରିବ । ଦୋକାନୀ ଓଜନରେ ତୁମକୁ ଠକି ପାରିବ ନାହିଁ ଇତ୍ୟାଦି ବୁଝାଏ । ସ୍ତ୍ରୀ ଲୋକଗୁଡ଼ିକ ବୁଝି – କିଛିଦିନ ପିଣ୍ଡାରେ ପଢ଼ିଲା ପରେ ସେଣ୍ଟରରେ ଯାଇ ପାଠ ପଢ଼ିଲେ । ମୋର ମନୋବିକାଶ ସ୍କୁଲରୁ ଶିକ୍ଷୟିତ୍ରୀମାନଙ୍କୁ ପଢ଼ାଇବା ପାଇଁ ମଧ୍ୟ କେତେକ ଜାଗାରେ ଆରମ୍ଭ କରିଦେଇଥିଲି । ସାକ୍ଷରତା କାର୍ଯ୍ୟ ସଫଳ ହୋଇଥିଲା ।

## ସୁବ୍ରତର ଭବାନୀ ପାଟଣାକୁ ବଦଳି ଓ ପରିବାର

ପୁଅ ସୁବ୍ରତ ପ୍ଲାଣ୍ଟେସନ୍ ବିଭାଗର ଡେପୁଟି ମ୍ୟାନେଜର ହୋଇ ଜେ.କେ. କମ୍ପାନୀ ତରଫରୁ ଭାବାନୀପାଟଣା ବଦଳି ହୋଇ ଆସିଲା। ୧୨.୮.୧୯୯୫ରେ ଆମେ ସମସ୍ତେ ଭବାନୀପାଟଣାକୁ ଆସିଲୁ। ସାନ ନାତୁଣୀ ପ୍ରଜ୍ଞାସୁରଭିର ଜନ୍ମ ୧୯୯୪ ନଭେମ୍ବର ୧ରେ ହୋଇ ସାରିଥାଏ। ବଡ଼ ନାତୁଣୀ ୩ ବର୍ଷର ନାମ (ଗୁଡ୍ଡୁ) ସୁଶ୍ରୀ ଶାଶ୍ୱତୀ। ଭାରି ସୁନ୍ଦର ଝିଅଟିଏ। ପ୍ରଥମେ ଭଲ କଥାବାର୍ତ୍ତା କରୁଥିଲା ପରେ ଦିନକୁ ଦିନ କହିବା ବନ୍ଦ କରିଦେଲା। ମୁଁ ତାକୁ ନେଇ ଭୁବନେଶ୍ୱର ଗଲି। ଓପନ ଲର୍ଣ୍ଣିଂ ମେଣ୍ଟାଲ୍ ରିଟାଡେଡ୍ ସ୍କୁଲରେ ନାମ ଲେଖାଇଲି। କିଛି ପାଠ ଲେଖୁଥିଲା। ପରେ ଦେହ ଖରାପ ହେବାହେତୁ ସୁବ୍ରତ ଓ ଶ୍ରୀପୂର୍ଣ୍ଣା ତାକୁ ନେଇ ଆସିଲେ। ସେ ବର୍ତ୍ତମାନ ସୁଦ୍ଧା କିଛି କହି ପାରୁନି କି ବୁଝି ପାରୁନାହିଁ। ଆମେ ସମସ୍ତେ ତା ପାଇଁ ବ୍ୟସ୍ତ। ମୋ ପୁଅ ବୋହୁଙ୍କ କଷ୍ଟ ବର୍ଣ୍ଣନା କରି ହେବନି। ସବୁ ମା'ଙ୍କ ପରୀକ୍ଷା । ତାଙ୍କର ଚରଣ ତଳେ ସବୁ ସମର୍ପଣ କରି ଦେଇଛି – ସେ ହିଁ ଭରସା !

## ଚିନ୍ତାମଣି ବାବୁଙ୍କର I.I.M.C ରେ ଶିକ୍ଷାଦାନ

ଭବାନୀପାଟଣାରେ ଥିଲାବେଳେ ଚିନ୍ତାମଣି ବାବୁ ଢେଙ୍କାନାଳରେ ଥିବା I.I.M.Cକୁ ଭିଜିଟିଙ୍ଗ ପ୍ରଫେସର ହୋଇ ଗଲେ। ମୁଁ କିଛିଦିନ ତାଙ୍କ ସହିତ ରହି ଭବାନୀପାଟଣା ଚାଲି ଆସିଲି। ଆମର ଏ-୧୦୦ ଶହୀଦ ନଗର ଘରଟି ଭଡ଼ା ଲାଗିଥିଲା। ଆମେ ୨ ବଖରା ଘର ରହିବା ପାଇଁ ରଖିଥିଲୁ। ଚିନ୍ତାମଣି ବାବୁ ୫ ଦିନ I.I.M.Cରେ ଛାତ୍ରଙ୍କୁ ଜର୍ଣ୍ଣାଲିଜିମ୍ ପାଠ ପଢ଼ାଇ ୨ ଦିନ ଶହୀଦ ନଗର ଘରେ ରହୁଥିଲେ। ସେଠାରେ ସେ ବ୍ରହ୍ମବିଦ୍ୟା ପ୍ରଚାର ପାଇଁ କେତେକ ବ୍ରହ୍ମବିଦ୍ୟା ସମିତି ଗଢ଼ିଥିଲେ। ସେ ବହୁ ବ୍ରହ୍ମବିଦ୍ୟା ବହି ଅନୁବାଦ କରୁଥିଲେ ଓ ଲେଖୁଥିଲେ। "ସିକ୍ରେଟ୍ ଡକ୍ଟରିନ୍"କୁ ଓଡ଼ିଆରେ ଅନୁବାଦ କରି ଲେଖିଲେ । ୪୦୦ ପୃଷ୍ଠାର ବହିଟି ଏଚ୍.ପି. ବ୍ଲାଭାଟସ୍କିଙ୍କର। ମୁଁ ଏହାର ଛପା କାର୍ଯ୍ୟ ବହନ କରିଛି।

ମୁଁ ଭବାନୀପାଟଣାରେ ପ୍ରାୟ ରହୁଥିଲି ସୁବ୍ରତ ପାଖେ। ଆମେ ଭବାନୀପାଟଣାରେ ରହିବା ସମୟରେ ଆମେ ଶାଶୁ ଓ ବୋହୁ ରେଡ଼ିଓରେ

ପାରିବାରିକ ଜୀବନ କିଭଳି ସୁଖମୟ ହେବ ଏପରି ଆଲୋଚନା ଚକ୍ରରେ ଭାଗ ନେଇଛୁ। ଭାଇ ସନ୍ତୋଷ ଖାଡ଼ଙ୍ଗା ଏଥିରେ ସହଯୋଗ କରିଥିଲେ। ଆଜିକାଲି ଶାଶୁ ବୋହୂ କିପରି ସୁଖ ଶାନ୍ତିରେ ମିଳିମିଶି ରହି ଗୃହକୁ ସ୍ୱର୍ଗରେ ପରିଣତ କରିପାରିବେ - ଏହାଥିଲା ଆଲୋଚନା ଚକ୍ରର ବିଷୟବସ୍ତୁ। ଶ୍ରୀପୂର୍ଣ୍ଣା ଓ ମୁଁ ଏଥିରେ ଭାଗ ନେଇଥିଲୁ। ଭାରି ଆକର୍ଷଣୀୟ ହୋଇଥିଲା ବିଷୟବସ୍ତୁଟି।

## ମାତୃଶ୍ରୀ ମହିଳା ମଣ୍ଡଳ

୧୯୭୫ ଫେବୃୟାରୀ ୨୧ ଶ୍ରୀମାଙ୍କ ଜନ୍ମ ଦିବସରେ ଭବାନୀପାଟଣାରେ ମାତୃଶ୍ରୀ ମହିଳା ମଣ୍ଡଳୀ ସ୍ଥାପନ କଲି। ଏହା A.I.C.Wର ଏକ ଶାଖା। ଶ୍ରୀମତୀ ନର୍ମଦା ପାଢ଼ୀଙ୍କୁ ଆମନ୍ତ୍ରଣ କରି ଆଣିଥିଲି। ମୋ କକା ଡି.ଆଇ ଶ୍ରୀଯୁକ୍ତ ମାର୍କଣ୍ଡ ରଥ ଓ ଭଉଣୀ ଚନ୍ଦ୍ରପ୍ରଭା ଆସିଥିଲେ। ୫୦ ଜଣ ମହିଳା ଏହି ମଣ୍ଡଳରେ ଯୋଗ ଦେଇ ମହିଳା ସମିତି ଗଢ଼ାଗଲା। ଏଥିରେ ବାଲ୍‌ବାଡ଼ି ସ୍କୁଲ କାର୍ଯ୍ୟକ୍ରମ ଆରମ୍ଭ ହେଲା। ମଝିଆ ଭାଉଜ ଶ୍ରୀମତୀ ସ୍ୱର୍ଣ୍ଣଲତାଙ୍କୁ ଶିକ୍ଷୟିତ୍ରୀ କରି ଏହି ସ୍କୁଲରେ ରଖିଲି। ସୋସିଆଲ୍ ବୋର୍ଡ ତରଫରୁ ଅନୁଦାନ ଟ. ୧୨୦୦ ଆସୁଥିଲା। ମହିଳାମାନଙ୍କୁ ସିଲେଇ ଶିଖାଇବା ପାଇଁ ମଧ୍ୟ ସ୍କିମ୍ ଥିଲା। ବହୁ ମହିଳା ଏହାଦ୍ୱାରା ଉପକୃତ ହୋଇପାରିଥିଲେ।



*ଭବାନୀପାଟଣାର ଭାଇ ବୈଦ୍ୟନାଥ ରଥଙ୍କ ବାସଭବନରେ ବ୍ରହ୍ମବିଦ୍ୟା ସଭା*

ଏହାର ନାମ ରଖାଗଲା ମାତୃଶ୍ରୀ ମହିଳା ମଣ୍ଡଳ। ଏଥିରେ ମୁଁ ଜେନେରାଲ୍ ସେକ୍ରେଟେରୀ ସାଉଥ ୱେଷ୍ଟ ଓଡ଼ିଶା। ପ୍ରେସିଡେଣ୍ଟ – ଚନ୍ଦ୍ରପ୍ରଭା ମହାପାତ୍ର, ଭାଇସ ପ୍ରେସିଡେଣ୍ଟ – ଜ୍ୟୋତ୍ସ୍ନା ଲାଲୁସାହିବା ସେକ୍ରେଟେରୀ – ସ୍ୱର୍ଣ୍ଣଲତା ରଥ, ଟ୍ରେଜରାର ହେଲେ – ହେମଲତା ରଥ। କିଛି ବର୍ଷ ପରେ ଶୁଭଲକ୍ଷ୍ମୀ ନାୟକ ସେକ୍ରେଟେରୀ ହେଲେ ବର୍ତ୍ତମାନ ବାସନ୍ତି ସାହୁ ଅଛନ୍ତି।

## କସ୍ତୁରିବା ଶିଶୁ ଶ୍ରମିକ ସ୍କୁଲ

ମହିଳା ସମିତି ତରଫରୁ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏ ପର୍ଯ୍ୟନ୍ତ ହୋଇ ଚାଲିଛି। ଶୁଭଲକ୍ଷ୍ମୀ ନାୟକ ଓ ବାସନ୍ତି ସାହୁ ବହୁ ଆଗ୍ରହର ସହିତ ମଣ୍ଡଳଟିକୁ ବଞ୍ଚାଇ ରଖିଛନ୍ତି। ଏହି ମାତୃଶ୍ରୀ ମହିଳା ମଣ୍ଡଳ ତରଫରୁ ମୁଁ ୧୯୯୫ରେ ଏକ ଶିଶୁଶ୍ରମିକ ସ୍କୁଲ ଗଢ଼ିଲି – ଇରିଗେସନ୍ କଲୋନୀରେ। ଏଠାରେ ଚାଇଲଡ୍ ଲେବର ସ୍କୁଲଟିରେ ୫୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହାର କସ୍ତୁରିବା ଶିଶୁ ଶ୍ରମିକ ସ୍କୁଲ। ଲେବର ଅଫିସର ଏହି ସ୍କୁଲଟିର ସମସ୍ତ ଅନୁଦାନ ମଞ୍ଜୁର କରିଦେଲେ। ଛାତ୍ରଛାତ୍ରୀମାନେ ଏଠାରେ ୩ ବର୍ଷରେ ୫ମ ଶ୍ରେଣୀ ପାଠ ଶେଷ କରିବାକୁ ବାଧ୍ୟ।



# କଳାହାଣ୍ଡିରେ ଚକ୍ଷୁ ଶିବିର କାର୍ଯ୍ୟ

୧୯୮୫ ମସିହାରୁ କଳାହାଣ୍ଡିରେ ପ୍ରତିବର୍ଷ ଆଇ କ୍ୟାମ୍ପ୍ ନିୟମିତ କରାଯାଇଥାଏ । ମୁଁ ହାବସପୁରରେ ଆଇ କ୍ୟାମ୍ପରେ ଭାଗ ନେଇଛି । ଏହାଛଡ଼ା ଗ୍ରାମମାନଙ୍କରେ ସଚେତନତା, ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷାର କ୍ୟାମ୍ପ କରିବା, ସମସ୍ତଙ୍କୁ ଏହାର ତାତ୍ପର୍ଯ୍ୟ ବିଷୟରେ ଅବଗତ କରାଏ । ଡଃ ବିଧୁପ୍ରଭାରଥ ଜୁନାଗଡ଼ରେ ସିଡିପିଓ ଥିବା ସମୟରେ ସାକ୍ଷରତା ଓ ସଚେତନତା ଉପରେ ବାଟି ଗ୍ରାମରେ  ଏକ ଶିବିର କରାଇଥିଲେ । ମୋତେ ଭାଗ ନେବା ପାଇଁ ସୁଯୋଗ ଦେଇଥିଲେ । ସେ ବର୍ତ୍ତମାନ ସିଡିପିଓ । ଡଃ ବିଧୁପ୍ରଭା ରଥ – ବହୁ ପ୍ରତିଭାର ଅଧିକାରୀ । ସେ ଲେଖିକା, କବି, ସମାଜସେବୀ, ସ୍ନେହଶିଳା ଅଟନ୍ତି । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ପ୍ରୀତିପନ୍ନା ଓ ପୃଥ୍ୱୀକ ମିଶ୍ର ଅଟନ୍ତି ।

୧୯୮୭ରେ ପ୍ରତିବର୍ଷ ମାତୃଶ୍ରୀ ମହିଳା ମଣ୍ଡଳ ତରଫରୁ ବିଭିନ୍ନ ଗ୍ରାମମାନଙ୍କରେ ଆଇ କ୍ୟାମ୍ପ୍ କରାଯାଏ । ହାବସପୁର ନର୍ଲା, ଗୋଲାପମଞ୍ଜରୀ ହାଇସ୍କୁଲରେ ଆମର ନିୟମିତ ଆଇ କ୍ୟାମ୍ପ ହୁଏ । ଏଥିରେ ସି.ଡି.ଏମ୍.ଓ ଆମକୁ ଡାକ୍ତର ଓ ଔଷଧ ଯୋଗାଇ ଦିଅନ୍ତି । କଲେକ୍ଟରଙ୍କ ପକ୍ଷରୁ ଗରିବମାନଙ୍କୁ ଚଷମା ଯୋଗାଇ ଦିଆଯାଏ । ଆମେ ମହିଳା ମେମ୍ବରମାନେ ଗାଁ ଗାଁ ବୁଲି ଗରିବ ଅନ୍ଧ ବୃଦ୍ଧାବୃଦ୍ଧାଙ୍କୁ ଖୋଜି ଆଇ କ୍ୟାମ୍ପକୁ ଆଣୁ । ଗ୍ରାମର ସରପଂ, ବିଡିଓ ମଧ୍ୟ ଏଥିରେ ସହଯୋଗ କରନ୍ତି । ମହିଳାମାନେ  ବିଭିନ୍ନ ସ୍କୁଲ ଗୃହରେ କ୍ୟାମ୍ପ କରି ରୋଗୀମାନଙ୍କର ଯତ୍ନ ନିଅନ୍ତି । ଶ୍ରୀମତୀ ସ୍ୱର୍ଣ୍ଣଲତା ରଥ, ଶ୍ରୀମତୀ ଚାରୁବାଳା ମହାନ୍ତି, ଶୁଭଲକ୍ଷ୍ମୀ ନାୟକ, ଶ୍ରୀମତୀ ଚନ୍ଦ୍ରପ୍ରଭା ମହାପାତ୍ର ସହଯୋଗ କରନ୍ତି ଓ ରୋଗୀର ଯତ୍ନ ନିଅନ୍ତି ।

ମାତୃଶ୍ରୀ ମହିଳା ମଣ୍ଡଳ ତରଫରୁ – ସିଲେଇ, ଏପଲିକ୍ କାମ, ଧନ୍ଦାମୂଳକ କାର୍ଯ୍ୟ, ଝୋଟି ପ୍ରତିଯୋଗିତା, ସଂଗୀତ ପ୍ରତିଯୋଗିତା ପ୍ରଭୃତି ବିଭିନ୍ନ କାର୍ଯ୍ୟ ଏ ପର୍ଯ୍ୟନ୍ତ ଚାଲିଛି । ମୁଁ ପ୍ରତିବର୍ଷ ତିଲୋଯୋଡ଼ିରେ ଥିବା ଚାଷଗ୍ରାମକୁ ଯାଏ । ଧାନ ଅମଳ କରି ନୀଳକଣ୍ଠେଶ୍ୱରଙ୍କ ପୂଜା ପାଇଁ ଦେଇଆସେ । ସୁତରାଂ ମୁଁ ଉନ୍ନୟନମୂଳକ କାର୍ଯ୍ୟରେ ଭାଗ ନିଏ ।

ଲେଖକ କଳା ପରିଷଦ ତରଫରୁ ପ୍ରତି ବର୍ଷ ଜାନୁୟାରୀ ପହିଲାରେ ଆମର ବନାନୀ ଉତ୍ସବ ହୁଏ। ବିଭିନ୍ନ ଜିଲ୍ଲାରୁ କବିମାନେ ଆସି ଏଠାରେ କବିତା ପାଠ କରନ୍ତି। ଆମ୍ର ବୃକ୍ଷର ଉପବନରେ ଘଞ୍ଚ ବନାନୀର ପାଦ ଦେଶର କବିତାର ଝଙ୍କାର କବି ପ୍ରାଣରେ ଅହେତୁକ ଆଲୋଡ଼ନ ସୃଷ୍ଟି



କରେ। ମୁଁ ପ୍ରାୟ ପ୍ରତି ବର୍ଷ ଧାନ ଆଦାୟ କରିବା ଆଳରେ ଆସି କବି ସମ୍ମିଳନୀରେ ଯୋଗ ଦେଇ କବିତା ଆବୃତି କରେ। ଚିନ୍ତାମଣି ବାବୁ ମଧ୍ୟ ଆସି ଯୋଗ ଦିଅନ୍ତି।

ମୋ ପୁତରା ଶ୍ରୀ ସୁଧାଂଶୁ ଶେଖର ମହାପାତ୍ର ଓ ସାନଭାଇଙ୍କ ପୁଅ ବିଶ୍ୱମୋହନ ରଥ ମୋତେ ନିୟମିତ ଡାକି ଆଣନ୍ତି। ଲୁଲୁ ସବୁବେଳେ ନେଇ ସମ୍ମିଳନୀରେ ହାଜର କରାଇଦିଏ। ଉଚ୍ଚ ଧରଣର କବିମାନେ କବିତା ପାଠ କରନ୍ତି - ଝିଅାରି କଳ୍ପନା ରଥ ମଧ୍ୟ ଭଲ କବିତା ଲେଖେ ଓ ପାଠ କରେ। ଆଜି ଭାବୁଛି - କଳାହାଣ୍ଡି ମୋର - କିଭଳି ଭାବରେ ଆଗେଇ ଚାଲିଛି। ସାହିତ୍ୟ, ସଂସ୍କୃତି, କଳା, ଦର୍ଶନ କ୍ଷେତ୍ରରେ ବହୁ ଉର୍ଦ୍ଧ୍ୱରେ ରହିଛି। ୨୦୦୫ରେ କଳାହାଣ୍ଡି ଉତ୍ସବରେ ମନ୍ତ୍ରୀ ବଳଭଦ୍ର ମାଝିଙ୍କ ଦ୍ୱାରା ମୋତେ ସମ୍ମାନିତ କରାଗଲା।

## ଜନଶିକ୍ଷଣ ସଂସ୍ଥାନରେ କାର୍ଯ୍ୟ

୨୦୦୦ରୁ ମୁଁ ଜନଶିକ୍ଷଣ ସଂସ୍ଥାନର ଆଡ଼ଭାଇଜରୀ କମିଟି ମେମ୍ବର ହୋଇଆସିଛି। ଡାଇରେକ୍ଟର ଡଃ ହରପ୍ରସନ୍ନ ଦାସ ମୋ ପୁଅ ଭଳି। ଚେୟାରମ୍ୟାନ୍ - ଶ୍ରୀ ଅମୀୟ ମହାନ୍ତି ମୋତେ ଆଣି ଏହି ଅନୁଷ୍ଠାନରେ ରଖିଲେ। ଏହି ସଂସ୍ଥାନରେ ୫ ବର୍ଷ ରହିଲି। ଏହି ଅନୁଷ୍ଠାନ ତରଫରୁ ବହୁ ପ୍ରକାର କାର୍ଯ୍ୟକ୍ରମର ଭାଗ ନେଇ ଭୁବନେଶ୍ୱରର ବିଭିନ୍ନ ଜାଗାରେ ସଭା କାର୍ଯ୍ୟକ୍ରମ କରିଛି। ଏହି ସଭାରେ ମହିଳାଙ୍କ ପାଇଁ ସିଲେଇ ସେଣ୍ଟର, ଧନ୍ଦାମୂଳକ କାର୍ଯ୍ୟ, ପେଣ୍ଟିଙ୍ଗ୍, ଇଂରାଜୀ ଓ ଓଡ଼ିଆରେ ଟାଇପ୍ ଶିଖିବା, ବେଣା ବୁଣିବା, ରନ୍ଧାପ୍ରଣାଳୀ, ଆଚାର, ଜାମ୍, ଜେଲି ତିଆରି, ଘଣ୍ଟା ମରାମତି କାମ, ଇଂରାଜୀ ସର୍ଟହ୍ୟାଣ୍ଡ, ଗାର୍ଡେନ୍ କାମ, ଇଲେକ୍ଟ୍ରିକାଲ୍ କାର୍ଯ୍ୟ ଇତ୍ୟାଦି ୪୭ଟି ବିଭାଗରେ କାର୍ଯ୍ୟ ହେଉଥିଲା। ଆମକୁ ସବୁ ଦେଖିବାକୁ ପଡୁଥିଲା। କିଛିଦିନ ମୁଁ ଏହି ସବ୍ କମିଟିର ଡାଇରେକ୍ଟର ଥିଲି। ଏହା ଏପର୍ଯ୍ୟନ୍ତ ଚାଲିଛି।

## ମାନବ ଅଧ୍ୟୟନ କେନ୍ଦ୍ର

ଡଃ ହରପ୍ରସନ୍ନ ଦାସ - ଅନ୍ୟ ଏକ ସଂସ୍ଥାରେ ଯୋଗ ଦେଲେ। ଯାହା ଚିନ୍ତାମଣି ବାବୁ ଥିବା ସମୟରେ ଆରମ୍ଭ କରିଥିଲେ ମାନବ ଅଧ୍ୟୟନ

କେନ୍ଦ୍ର। ମୁଁ ଏହି ସଂସ୍ଥାର ଚେୟାରମ୍ୟାନ୍। ଏଠାରେ ମଧ୍ୟ ମଣିଷର ଦୈନନ୍ଦିନ ଜୀବନ କ୍ଷେତ୍ରରେ କିପରି ଶୃଙ୍ଖଳିତ ଭାବରେ ଉଚ୍ଚଚେତନା ନେଇ କାର୍ଯ୍ୟ କରିବ ଏହାର ଲକ୍ଷ୍ୟ। ଏଥିରେ ୫ ଜଣ କାର୍ଯ୍ୟ କରୁଛନ୍ତି। ଶ୍ରୀମତୀ ମିନା, ସୁବୁଦ୍ଧି, ସ୍ୱାଇଁ ବାବୁ, କୀର୍ତ୍ତୀ ପ୍ରଭୃତି। ବର୍ତ୍ତମାନ ସୁଦ୍ଧା ସଂସ୍ଥା ଚାଲିଛି। ବିଭିନ୍ନ ଦିଗରେ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଛି। ଯୋଗ କ୍ଲାସ ମଧ୍ୟ ହୋଇ ଚାଲିଛି।

## ଓଡ଼ିଶା ଜନଚେତନା ଆଡ଼ଭାଇଜର କମିଟିର ସଭ୍ୟ।

ଓଡ଼ିଶା ଜନ ଚେତନା ଆଡ଼ଭାଇଜରୀ କମିଟିରେ ମୁଁ ୧୯୯୦ରେ ମେମ୍ବର ହେଲି। ସାରଦା ପ୍ରସନ୍ନ ନାୟକ ମୋତେ ନେଇ ମେମ୍ବର କରାଇଥିଲେ। କଳାହାଣ୍ଡି ତରଫରୁ ମୋତେ ରଖାଗଲା। ଦୀର୍ଘ ୧୯୯୯ ପର୍ଯ୍ୟନ୍ତ ମୁଁ ରହିଥିଲି। ମୋ ହାର୍ଟ ଅପରେସନ୍ ପରେ ମୁଁ ଆଉ ଯୋଗଦାନ କରିନାହିଁ।

କମିଟିରେ ଥିଲାବେଳେ, ସାକ୍ଷରତା ପୁସ୍ତକର ପ୍ରଥମ ମଲାଟରେ ତଅପୋଇର ବୋଇତ ବନ୍ଦାଣ ଓ ସମୁଦ୍ରର ଦୃଶ୍ୟ ଛପାଯାଇଥାଏ। ମୁଁ ଜୋର କରି କହିଲି, "କଳାହାଣ୍ଡିର ଗ୍ରାମବାସୀ ଯେଉଁମାନଙ୍କୁ ଆପଣ ସାକ୍ଷର କରିବେ ସେମାନେ ସମୁଦ୍ର ଦେଖି ନାହାନ୍ତି କି ବୋଇତ ଦେଖି ନାହାନ୍ତି। ଏହି ଚିତ୍ର ନେଇ ଆପଣମାନେ ଗଡ଼ଜାତ ଅଞ୍ଚଳରେ ଶିକ୍ଷା ପ୍ରଚାର କରିବେ? ସର୍ବ ସମ୍ମତି କ୍ରମେ ବୋଇତ ବନ୍ଦାଣ ଚିତ୍ର ନ ଦେଇ - ଆଦିବାସୀ ମହିଳା କାଠଗୋଛା ଧରି ଜଙ୍ଗଲରେ ଯାଉଥିବା ଝରଣା ବହିଯାଉଥିବା ଚିତ୍ର ରଖାଗଲା। ସମସ୍ତେ ମୋର ମତକୁ ସମର୍ଥନ କଲେ।

## ଭାରତୀ ଫାଉଣ୍ଡେସନ୍ ଟ୍ରଷ୍ଟର ମେମ୍ବର

ମୁଁ ବର୍ତ୍ତମାନ ଭାରତୀ ଫାଉଣ୍ଡେସନ୍‌ରେ ୨୦୦୦ ମସିହାରୁ ଦୀର୍ଘ ୮ ବର୍ଷ ହେଲା ରହି ଆସିଛି। ଶ୍ରୀଯୁକ୍ତ ଅକ୍ଷୟ ପଟ୍ଟନାୟକ ଏହାର ଫାଉଣ୍ଡର ଅଛନ୍ତି। ଆମର ପାଚ୍ଚୁ ନିବାସରେ ସଭା ହୁଏ ଓ ମୁଁ ଯୋଗଦାନ କରେ।

୨୦୦୪ରେ "ଚଲାପଥ" ସମ୍ମାନରେ ସମ୍ମାନିତ ହୋଇଥିଲି। ପ୍ରଫେସର ଡି. କେ. ସିଂ ଓ ସାମ୍ବାଦିକ ହଳଧର ଧିର ମୋତେ ନେଇ ଚଲାପଥରେ ମେମ୍ବର କରାଇଥିଲେ।

# ରେଡ଼ିଓ ନାଟକ 'ହଇହେ'

୧୯୫୩ ମସିହାରେ ଶିବରାମ ଭାଇନା ଥିଲେ ଆସିକାରେ ଓକିଲ । ମୋର ଡେଲିଭରି କରାଇବା ପାଇଁ ଭାଉଜ ମୋତେ ଆସିକା ନେଇ ଆସିଲେ । ଝିଅ ଡୋଲି ସେଠାରେ ଜନ୍ମ ହେଲା । ଭାଇନା ଓ ଭାଉଜ କ୍ଷେତ୍ରମଣି ଭାରି ଭଲ ପାଉଥିଲେ ମୋ ଝିଅକୁ । ଚିନ୍ତାମଣି ବାବୁ ୩ ମାସ ପରେ ଝିଅକୁ ଦେଖିବାକୁ ଆସିଲେ । ତାଙ୍କର ଡାଇରିଟି ଭାଇନାଙ୍କର ଟେବୁଲ୍ ଉପରେ ଥାଏ – ସେ ସମସ୍ତ ଦୈନନ୍ଦିନ ଘଟଣାଗୁଡ଼ିକୁ ଡାଇରିରେ ଟିପି ଦିଅନ୍ତି ।

ବଡ଼ ଭାଇନା – ଚିନ୍ତାମଣି ବାବୁଙ୍କ ଅନୁପସ୍ଥିତିରେ ଡାଇରିଟି ପଢ଼ିଲେ – "ଶାନ୍ତି ମନେ ପଡୁଛନ୍ତି" ଏଭଳି ବାରମ୍ବାର ଶାନ୍ତି ବୋଲି ସେ ଲେଖିଥାନ୍ତି । ଭାଇନା ଏସବୁ ପଢ଼ି ଚିନ୍ତାମଣି ବାବୁଙ୍କୁ ଦେଖିଲେ ବିରକ୍ତି ହେଲେ । ରାଗିଲେ – ଫିଙ୍ଗିଲା ଭଳି କଥା କହିଲେ, ବୋଧହୁଏ ସେ ଏହି ନୂଆ ନାଁଟି ଦେଖି ବିରକ୍ତି ହୋଇଛନ୍ତି – ତାଙ୍କରି ଅଲିଅଳୀ ଭଉଣୀକୁ ଛାଡ଼ି ଏ ଶାନ୍ତି ଆସିଲେ କେଉଁଠୁ ?

ଚିନ୍ତାମଣି ବାବୁଙ୍କୁ ଭାଇନା ଭାରି ଭଲ ପାଆନ୍ତି । ମୋତେ ମଧ୍ୟ ବେଶୀ ଭଲ ପାଆନ୍ତି । ସେହି ଭଲପାଇବା କିଭଳି ଏକ ଶାଶ୍ୱତ – ମୁଁ ବର୍ଣ୍ଣନା କରି ପାରିବି ନାହିଁ । ଚିନ୍ତାମଣି ବାବୁ ମୋତେ ଡାକି କହିଲେ, ଭାଇନା ତ ଏଭଳି କେବେ ବ୍ୟବହାର କରନ୍ତି ନାହିଁ – କାହିଁକି ବିରକ୍ତ ହେଉଛନ୍ତି ? ମୁଁ ମଧ୍ୟ ଏହାର କାରଣ କିଛି ବୁଝିପାରିଲି ନାହିଁ ।

ମୋ ଭାଉଜ ଭଲ ରାନ୍ଧନ୍ତି – ତାଙ୍କ ହାତରନ୍ଧା ମାଛ ବେସର, ବାଇଗଣ ଭଜା ଏତେ ଭଲ ଲାଗେ ଭାବିଲେ ଅତୀତର ଅନେକ ମଧୁର ସ୍ମୃତି ମନେ ପଡ଼େ । ଖିଆପିଆ ସରିଲେ ଲାବଣ୍ୟବତୀ ଭାଉଜ ରସକଲ୍ଲୋଳ କାବ୍ୟ ପ୍ରଭୃତି ଭାରି ସୁନ୍ଦରକଣ୍ଠରେ ଗାଆନ୍ତି ଓ ତା'ର ଅର୍ଥ ସବୁ ବୁଝାଇ କୁହନ୍ତି ।  ବାଡ଼ି ପିଣ୍ଡାରେ ଆମେ ବସୁ । ସେ ବେଶୀ ପାଠ ପଢ଼ିନାହାନ୍ତି କିନ୍ତୁ କି ସୁନ୍ଦର ଅର୍ଥ ସେ କରନ୍ତି – ମଝିଆ ଭାଉଜ ମଧ୍ୟ ଏଭଳି ଭଞ୍ଜକବିତା ଓ ମଥୁରା ମଙ୍ଗଳ ପ୍ରଭୃତିର ଅର୍ଥ କରି ପାରନ୍ତି । ଭାଉଜଙ୍କ ବଡ଼ ନାନୀ ସେ ଆହୁରି ଚମତ୍କାର ଭାବେ ଲହର ଦେଇ ମଥୁରାମଙ୍ଗଳ ଗାଆନ୍ତି । ଖରାବେଳେ

ଦୈନନ୍ଦିନ ଏଭଳି ଛାନ୍ଦ, ଚୌପଦି ଗାନ ହୁଏ। ଭାରି ଭଲ ଲାଗେ ସେହି ପରିବେଶ ।

ସନ୍ଧ୍ୟା ହେଲେ ଚନ୍ଦ୍ରକିରଣ ପଡ଼ିଥିବା ବାଡ଼ିଆଡ଼ର ଗଙ୍ଗଶିଉଳି ଗଛମୂଳେ ବସି ଛାନ୍ଦ କିଛି ପଢ଼ିବାକୁ ମୋତେ ଭାରି ଭଲ ଲାଗେ। ଭାରି ମଧୁର ଥିଲା ପରିବେଶ ଓ ସେ ଦିନଗୁଡ଼ିକ।

ସେଦିନ ଭାଉଜ ହଠାତ୍ ଆସି କହିଲେ – ହଇଲୋ ମଝିଆ ଝିଅ। ଚିନ୍ତାମଣି ତୋତେ କ'ଣ "ଶାନ୍ତି" ବୋଲି ଡାକୁଛି। ମୁଁ କହିଲି, ହଁ ଏସବୁ ଆମର ଭିତିରି ନାମ। ଭାଇନା ତୁମକୁ କ'ଣ ନାମ ଦେଇ ଡାକୁ ନାହାନ୍ତି କି ? "ହେମ ନାନୀର ସ୍ୱାମୀ (ବଡ଼ନାନୀ) ତାକୁ "ଦିଲ୍" ବୋଲି ନାମ ଦେଇଛନ୍ତି। କନକ ନାନୀର (ଶ୍ରୀପୂର୍ଣ୍ଣୀର ଭଉଣୀ ନିନିର ଶାଶୁ) ସ୍ୱାମୀ ପ୍ରିୟତମା ବୋଲି ଡାକୁଛନ୍ତି – ମୋ ନନା କିନ୍ତୁ ବୋଉକୁ ହଇଲୋ ବୋଲି ଡାକନ୍ତି ଏଭଳି କହିଲି। ଭାଉଜ ଶୁଣି ନୀରବ ହୋଇଗଲେ।

ଭାଇନା ଅଫିସରୁ ଆସିଲା ପରେ ସନ୍ଧ୍ୟାରେ ଗୁଡ଼ାଖୁ ଘସି – ମୁହଁ ଧୋଇ କିଛି ଜଳଖିଆ ଖାଇଲେ। ମୁଁ ଗମ୍ଭୀରା ଘର ଭିତରେ ଝିଅକୁ କ୍ଷୀର ଦେଉଥାଏ। ଭାଉଜ କହିଲେ, "ହଇହେ" – ତମେ କିଭଳି ହଡ଼କାସୁଆ ଅଣ୍ଡିରା ମଁ ? ମୋତେ କିଛି ଆଦରରେ ନାଁ ଦେଇ ଡାକୁନ ? ସବୁବେଳେ ହଇହେ ହଇହେ କାହିଁକି ଡାକୁଛ ? ସମସ୍ତେ କେଡ଼େ ସୁନ୍ଦର ନା ଦେଇ ଡାକୁଛନ୍ତି ତାଙ୍କ ସ୍ତ୍ରୀମାନଙ୍କୁ। ହେମକୁ ପରା ହରି ମହାପାତ୍ର "ଦିଲ୍" ବୋଲି ଡାକୁଛନ୍ତି। ଆଉ ମଝିଆ ଝିଅକୁ (ଭାଇନା ଭାଉଜ ମୋତେ ମଝିଆ ଝିଅ ବୋଲି ଡାକନ୍ତି) ତ ଚିନ୍ତାମଣି "ଶାନ୍ତି" ବୋଲି ନାଁ ଦେଇ ଡାକୁଛି। ଭାଇନା କହିଲେ କ'ଣ କହିଲ, କ'ଣ କହିଲ ? ମଝିଆ ଝିଅକୁ ଚିନ୍ତାମଣି ଶାନ୍ତି ବୋଲି ଡାକୁଛି ? ଭାଉଜ କହିଲେ, ହଁ ମଁ ସତରେ। ଭାଇନା କହିଲେ ଓ କେତେ ବଡ଼ ଭୁଲ୍ ବୁଝାମଣା ହେଲା। ମୁଁ ଚିନ୍ତାମଣିକୁ ଖରାପ ଭାବୁଛି। ମୋ ଭଉଣୀକୁ ଛାଡ଼ି ଏ ଶାନ୍ତି କିଏ ? ଆଜି ସିନା ଜାଣିଲି। ନାହିଁ ନାହିଁ ଆମର କିଛି ନା ଧରି ଡାକିବାର ଆବଶ୍ୟକ ନାହିଁ। ଆମର "ହଇଏ ଥାଉ"। ଭାଉଜ ହସିଲେ – ମୁଁ ଶୁଣୁଥିଲି ତଥାପି ଭାଉଜ ପୁନର୍ବାର ଏ ସବୁ ବ୍ୟାଖ୍ୟାନ କରି ମୋତେ କହିଲେ।

ଦ୍ୱିତୀୟ ଥର ଚିନ୍ତାମଣି ବାବୁ କଟକରୁ ଝିଅକୁ ଦେଖିବାକୁ ଆସିବାରୁ ମୁଁ ଏ ଗପ କହିଲି। ସେ ସାଙ୍ଗେ ସାଙ୍ଗେ ଏକ ଏକାଙ୍କିକା ଲେଖି ରେଡ଼ିଓରେ ବ୍ରଡ଼କାଷ୍ଟ କରିଦେଲେ। ସେ ଏତେ ସୁନ୍ଦର ଲେଖିଥିଲେ "ହଇହେ" ବୋଲି ଏକାଙ୍କିକାଟି ଗୋଚାଚାନ୍ଦ ବାବୁ ଏ ପର୍ଯ୍ୟନ୍ତ ମନେ ରଖିଥିଲେ। ଓଡ଼ିଶାର ସମସ୍ତ ମହଲରେ ଏ ନାଟିକାଟି ଆଦୃତ ହୋଇଥିଲା।

## କରୁଣାମୟୀ ମା' ଭାବମୟୀ

ନୀଳ ସମୁଦ୍ରର ବିସ୍ତୃତ ବେଳାଭୂମି ନିକଟବର୍ତ୍ତୀ ପୁରୀ ଚକ୍ରତୀର୍ଥ ପାର୍ଶ୍ୱରେ ଦଣ୍ଡାୟମାନ ଥିଲା ଏହି ପରମ ଶାନ୍ତି ଦିବ୍ୟଧାମ। ସୁଗନ୍ଧିତ ପୁଷ୍ପ, ଧୂପ ଓ ଘୃତର ଗନ୍ଧ ଭାସି ଆସେ ଯଜ୍ଞମଣ୍ଡପରୁ। ବିଷ୍ଣୁ ସହସ୍ର ନାମ ଓ ଗୀତାଯଜ୍ଞର ସୁଲଳିତ ମୂର୍ଚ୍ଛନା। ନାମ ସଂକୀର୍ତ୍ତନର ଗୁଞ୍ଜନ- ହୃଦୟରେ ଭରି ଉଠୁଥିଲା ପରିପୂର୍ଣ୍ଣ ପ୍ରଶାନ୍ତି !!

ପଟ୍ଟବସ୍ତ୍ର ପରିହିତା କୁଙ୍କୁମ ଶୋଭିତା ଭାବମୟୀ ମା'ଙ୍କର ମଧୁର ହସ, ତାଙ୍କ ହସ୍ତର କୋମଳ ସ୍ପର୍ଶ, ମଧୁମୟ ସ୍ନେହର ଡାକ "ସ୍ନେହ କେମିତ ଅଛ ? !" ମୋ ହୃଦୟରେ ସହସ୍ର ଆଲୋଡ଼ନ ସୃଷ୍ଟି କରେ। ମୁଁ ତାଙ୍କୁ ଶ୍ରୀମା'ଙ୍କ ରୂପରେ ଦର୍ଶନ କରି ଆତ୍ମବିଭୋର ହୋଇଯାଏ।

ହେମନାନୀଙ୍କ ପୁଅ ଭଣଜା ଯତୀନ୍ଦ୍ର ରଥ ୧୯୮୦ ମସିହାରେ ମୋତେ ନେଇ ଭାବମୟୀଙ୍କ ସହିତ ସାକ୍ଷାତ କରାଇ ଦେଇଥିଲେ। (ସେ ବହୁବର୍ଷ ଧରି ଏହି ଦିବ୍ୟ ଧାମରେ ମା'ଙ୍କ ଶିଷ୍ୟ ହୋଇ ସାଧନ କରିଛନ୍ତି।)

ଯତୀନ୍ଦ୍ରର ମାଇଁ ହୋଇ ମୁଁ ଆଶ୍ରମବାସୀଙ୍କର ମାଇଁ ହୋଇଗଲି। ମା' ମଧ୍ୟ ଥର ଥରେ ମାଇଁଙ୍କୁ ଖାଇବାକୁ ଦିଅ ବୋଲି କହନ୍ତି। କିଛିଦିନ ପରେ ଚିନ୍ତାମଣି ବାବୁ ମଧ୍ୟ ଆଶ୍ରମ ଗଲେ – ସମସ୍ତେ ତାଙ୍କୁ ମାମୁଁ ବୋଲି ଡାକି ଭକ୍ତି କଲେ। ମା' ଚିନ୍ତାମଣି ବାବୁଙ୍କୁ ଭାରି ସ୍ନେହ କରନ୍ତି। ମା'ଙ୍କ ଭିତରେ ଗୁରୁବାଦ ନଥାଏ। ଚିନ୍ତାମଣି ବାବୁ ଥିଓସଫିଷ୍ଟ ତଥାପି ମା' ଆଦରରେ ତାଙ୍କ ସାଧନା ପାଇଁ ବ୍ୟସ୍ତ ରହନ୍ତି । କୁହନ୍ତି ପେଣ୍ଟ ପିନ୍ଧା ଯୋଗୀଟିଏ ତ !! କରୁଣା ଓ ସ୍ନେହରେ ପରିପୂର୍ଣ୍ଣ ହୃଦୟ ତାଙ୍କର। ତାଙ୍କ କୃପାରୁ ଚିନ୍ତାମଣି ବାବୁ

ସାଧନାରେ ସଫଳତା ଲାଭ କଲେ ! ମା' ସୁବ୍ରତକୁ, ଶ୍ରୀପୂର୍ଣ୍ଣାକୁ, ଗୁଡୁ ଓ ଡୁଡୁଲକୁ ଭାରି ସ୍ନେହ କରନ୍ତି । ବଡ଼ଝିଅ ପାଇଁ ବ୍ୟସ୍ତ ହୁଅନ୍ତି ।



ଦିନକର ଘଟଣା । ସନ୍ଧ୍ୟା ଘନେଇ ଆସିଥାଏ । ନୀଳ ଆକାଶରେ ତାରାଗୁଡ଼ିକ ଟିକ୍ ଟିକ୍  ହସି ଉଠୁଥିଲେ – ରଜନୀ ଗନ୍ଧା ଓ ମଧୁମାଳତୀର ମହକ ଭିତରେ ଏକ ଅପୂର୍ବ ସୁଗନ୍ଧ ଭରି ରହିଥିଲା – ଆଶ୍ରମ ଭିତରେ – ମା' ମୋତେ 'ସ୍ନେହ' ଆସ ବୋଲି ଡାକିଲେ । ତୁମେ ଦୀକ୍ଷା ନେଇ ନାହଁ ? ମୁଁ କହିଲି, ମା' ତୁମେ ତ ମୋ ଶ୍ରୀମା । ତୁମକୁ ମୁଁ ଶ୍ରୀମା ରୂପରେ ଦର୍ଶନ କରେ । ମୁଁ ମା' ଦୁର୍ଗାଙ୍କ ନାମ ଜପ କରୁଛି – ଆମକୁ ଯାହା କୁହାଯାଇଛି ସେ ସେହି ନାମକୁ ମୋ ମସ୍ତକରେ ପୁରଶ୍ଚରଣ କରିଦେଲେ – କହିଲେ ଦୀକ୍ଷା

ଆବଶ୍ୟକ । ସେଦିନଠାରୁ ମୁଁ ତାଙ୍କୁ ଗୁରୁ ରୂପେ ମାନି ନେଇଛି । ଜୀବନରେ ଅସହାୟ ଲାଗିଲେ ମୁଁ ଆଶ୍ରମକୁ ଚାଲିଯାଏ । ମୁଁ ଅନୁଭବ କରେ ଜଗଦ୍‌ଜନନୀ ମା'ଙ୍କର ବିଶାଳତା !

## ନିଉଜ ରିର୍ପୋଟିଂଗ୍ ପୁସ୍ତକ ଉନ୍ମୋଚନ

୨୦୦୫ରେ ଚିନ୍ତାମଣି ବାବୁ ଲେଖିଥିବା 'ନିଉଜ୍ ରିପୋର୍ଟିଂଗ୍' ପୁସ୍ତକ ଉନ୍ମୋଚନ ହେଲା । ମୁଁ ବହୁ କଷ୍ଟକରି ଲେଖିଯାଇଥିବା ନିଉଜ୍ ରିପୋର୍ଟିଂଗ୍‌ର ଛପାଇବା ଦାୟିତ୍ୱ ବହନ କରିଥିଲି । ବହୁ ପରିଶ୍ରମ କରି ୨୦୦୫ରେ ରୋଟାରୀ ଭବନରେ ପୁସ୍ତକଟି ଉନ୍ମୋଚନ କାର୍ଯ୍ୟ ସମାପନ




ହେଲା । ସୁବ୍ରତ ବହୁତ ସାହାଯ୍ୟ କରିଥିଲା । ତା'ର ପ୍ରେରଣା ଓ ଉତ୍ସାହରେ ମୁଁ ଚିନ୍ତାମଣି ବାବୁଙ୍କର ସମସ୍ତ ପୁସ୍ତକ ଛପାଇ ଚାଲିଛି ।

ଶ୍ରୀଯୁକ୍ତ ଡ. ହରପ୍ରସନ୍ନ ଦାସ, ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଆଇ.ଆଇ.ଏମ୍.ସିର ପ୍ରଫେସର ମୃଣାଳ ଚାଟାର୍ଜୀ, M.I.S. ଡାଇରେକ୍ଟର ଉପେନ୍ଦ୍ର ପାଢ଼ୀ - ମାନବ ଅଧ୍ୟୟନ କେନ୍ଦ୍ରର କର୍ମକର୍ତ୍ତାବୃନ୍ଦ ଓ ଜହ୍ନୁରି ଭାଇ ଏଥିରେ ଯୋଗଦାନ କରିଥିଲେ । ବହିଟି ରାଜା ରାମମୋହନ ଲାଇବ୍ରେରୀରେ ଅନୁମୋଦିତ ହୋଇଛି । ଏହାକୁ ଲେକ୍‌ଚର ବେଣୁଧର ପଣ୍ଡା ରେଭେନ୍ସାର



ଜର୍ଣ୍ଣାଲିଜିମ୍ ଡିପାର୍ଟମେଣ୍ଟରେ କ୍ଲାସ କୋର୍ସ କରିଛନ୍ତି । ବ୍ରହ୍ମପୁର ୟୁନିଭରସିଟିରେ ମଧ୍ୟ ଏହା ପଢ଼ା ଯାଉଛି ।

## ସହିଦ ନଗରରେ ଥିବା ଘର ଓ ବିନୋଦିନୀର ବିବାହ

ସହିଦ ନଗରରେ ଥିବା ମୋର ପ୍ଲଟ ନମ୍ବର ୧୦୦ ଏ. ପ୍ଲଟ ନମ୍ବର ଜାଗା ମୁଁ ୧୯୭୦ ମସିହାରେ ପ୍ରେସ ଘର କରିବା ପାଇଁ ସରକାରଙ୍କଠାରୁ ଲିଜରେ ଟ. ୧୬୦୦ ଟଙ୍କାରେ କିଣିଥିଲି – ହାତରେ ଥିବା ଚୁଡ଼ି ବିକ୍ରୀ କରି । ସେଠାରେ ଚିନ୍ତାମଣିବାବୁଙ୍କ ମାମୁଁ ଏକାମ୍ର ପ୍ରେସର ମାଲିକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରେସ ପାଇଁ ଘରଟିଏ ତିଆରି କରିଦେଲେ ଓ ବଡ଼ ଘର ପାଇଁ ପୁନାଦି ପକାଇ ଦେଲେ । ପ୍ରେସ୍‌ଟି ଉଠାଇ ହେଲା ନାହିଁ । ଆମେ କଲିକତା ଚାଲିଗଲୁ – ସେଠାରୁ ବ୍ରହ୍ମପୁରରେ ହେଡ ଅଫ୍ ଡିପାର୍ଟମେଣ୍ଟ ଜର୍ଣ୍ଣାଲିଜିମ୍ ରୂପେ ଚିନ୍ତାମଣି ବାବୁ ଚାଲି ଆସିଲେ – ଆମେ ବ୍ରହ୍ମପୁରରେ ଆସି ରହିଲୁ । ୧୯୮୦ରେ ସରକାରୀ ଲୋନ୍ କରି ଓ ତିଲୋଯୋଡ଼ିରେ ଚିନ୍ତମଣିବାବୁଙ୍କ ନାମରେ ଥିବା ଜମି ବିକ୍ରୟ କରି ଘରଟି ତିଆରି ହେଲା । ଭଡ଼ା ମଧ୍ୟ ଲାଗିଥିଲା ସେଥିରେ ଲୋନ୍ ଶୁଝାଗଲା ।

ଏ ମଧ୍ୟରେ ୧୯୮୩ରେ କକେଇ ଶଶୁର ଚନ୍ଦ୍ରଶେଖର ମହାପାତ୍ରଙ୍କ ଝିଅ ବିନୋଦିନର ବିବାହ ସ୍ଥିର ହେଲା । ଭଣଜା ଶଚୀନ୍ଦ୍ରଙ୍କ ସହିତ । ସେ ଥିଲେ ବଡ଼ ନାନୀର ଝିଅ ସରୋଜିନୀ ରଥଙ୍କ ଦିଅର । (ସରୋଜିନୀ ପାଇଁ ସୁରେନ୍ଦ୍ର ରଥଙ୍କୁ ମୁଁ ବାଛି ଥିଲି) ସେ ଭାରି ଭଲ ଦେବ ପ୍ରତିମ ମଣିଷ । ବିନୋଦିନୀ ଥିଲେ ଚିନ୍ତାମଣି ବାବୁଙ୍କ କକାଝିଅ ଭଉଣୀ - ଚିନ୍ତାମଣି ବାବୁ ସବୁ ଖର୍ଚ୍ଚ ବହନ କରି ଭଉଣୀର ବିବାହ ସହିଦ ନଗର ଘରେ କରିଥିଲେ । ବର୍ତ୍ତମାନ ନଣନ୍ଦଙ୍କର ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ବିନୋଦିନିର ଦ୍ୱିତୀୟ ଭଉଣୀ ବୀଣାପାଣିକୁ ମଧ୍ୟ ବିବାହ କରାଇ ଦେଇଛି । ସେ ବର୍ତ୍ତମାନ ବମ୍ବେରେ ଅଛନ୍ତି । ସହିଦ ନଗର ଘରଟିରେ ଚିନ୍ତାମଣି ବାବୁ ରିଟାୟାର୍ଡ ପରେ ଆସି ରହିଲେ । ସେଠାରୁ ସପ୍ତାହରେ ୫ ଦିନ ଢେଙ୍କାନାଳ ଆଇ.ଆଇ.ଏମ୍.ସିରେ ସାମ୍ବାଦିକ ବିଭାଗର ଭିଜଟିଙ୍ଗ୍ ପ୍ରଫେସର ହୋଇ କାର୍ଯ୍ୟ କରୁଥିଲେ ।

୧୯୯୯ରେ ମୋର ହାର୍ଟ ଅପରେସନ୍ ହେଲା କଳିଙ୍ଗ ହସ୍‌ପିଟାଲ୍‌ରେ । ପୁଅ ସୁବ୍ରତ, ବୋହୂ ଶ୍ରୀପୂର୍ଣ୍ଣା, ଝିଅ ଅଳକା, ଜ୍ୱାଇଁ - ଟୁକୁଲୁ, ସୁବାସିନୀ ନାନୀ, ଶ୍ୱାତୀ ମୋତେ ଦେଖିବାକୁ ଯାଇଥିଲେ । ବାବୁ ଭାଇଙ୍କ ପୁଅ ବିଶ୍ୱମୋହନ (ଲୁଲୁ) ସାନ ଭାଉଜ ହେମଲତା ଆସି ମୋର ବହୁତ ସେବା କରିଛନ୍ତି । ଓପନ୍ ହାର୍ଟ ସର୍ଜରୀ ପ୍ରଥମ ଥର ପାଇଁ କଳିଙ୍ଗ ହସ୍‌ପିଟାଲରେ ମୋଠାରୁ ଆରମ୍ଭ ହୋଇଥିଲା ।

ମୋ ଶରୀର ଆରୋଗ୍ୟ ପରେ ସହିଦ ନଗର ଘରଟି ବିକ୍ରୀ ହୋଇଗଲା । ପୁଅଠାରୁ ବଳି ଭକ୍ତି କରୁଥିବା ପରିବାର ଶ୍ରୀଯୁକ୍ତ ରାଜକୃଷ୍ଣ ତାପଡ଼ିଆ ଓ ଉଷା ତାପଡ଼ିଆ ଘରଟିକୁ କିଣିଲେ (ଏ ପର୍ଯ୍ୟନ୍ତ ଆମକୁ ବାପା ମା' ସୁବ୍ରତକୁ ଭାଇ ବୋଲି ଦେଖନ୍ତି) ।

## ବସନ୍ତ ବିହାର

ଘର ବିକ୍ରୀ ପରେ ସେହି ଟଙ୍କାରେ ମୁଁ ଏଠାରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ନିକଟବର୍ତ୍ତୀ ବସନ୍ତ ବିହାର ପ୍ଲଟ ନମ୍ବର ୨ର ଘରଟିରେ ରହିଲୁ । ଏଠାକାର ପରିବେଶ ଭାରି ସୁନ୍ଦର ଓ କମନୀୟ ମନେ ହେଲା । ଘରର ବାମ ପାଖରେ ଥିବା ପ୍ରଶାନ୍ତ ଶତପଥି ଓ ଲିଲି ମୋତେ ମା' ଭଳି ଦେଖନ୍ତି ।

ସାମନାରେ ଥିବା ଚିତ୍ତରଞ୍ଜନ ମହାନ୍ତି ଓ ସଞ୍ଜୁଙ୍କର ମୁଁ ଆଦରର ଭଉଣୀ। ଡାହାଣ ପଟେ ଥିବା ଗୋପାଳ ଶତପଥି ଓ ମଞ୍ଜୁଙ୍କର ମୁଁ ପ୍ରିୟ ମାଉସୀ ହୋଇ ରହିଛି। ଏହା ବ୍ୟତିତ ସମୟେ ସମୟେ ନଣନ୍ଦ ଜ୍ୟୋସ୍ନା, କମଳ ଆଚାର୍ଯ୍ୟ ତାଙ୍କ ଝିଅ କୁନ୍‌ମୁନ୍, ଝିଆରି ସରୋଜିନୀ, ସୁରେନ୍ଦ୍ରନାତି ସତ୍ୟବ୍ରତ ଓ ପ୍ରତିଭା ଆସି ମୋ ବିଷୟ ବୁଝନ୍ତି। କଲୋନୀର ପ୍ରାୟ ସମସ୍ତେ ମୋତେ ମାଉସୀ ବୋଲି ଭକ୍ତି କରନ୍ତି।



*ବସନ୍ତ ବିହାର ପ୍ଲଟ ନଂ-୨ 'ମାତୃଭବନ' ବାସଗୃହରେ ଅନନ୍ୟା ସ୍ନେହଲତା ବଧୂ ଶ୍ରୀପୂର୍ଣ୍ଣା, ପୁତ୍ର ସୁବ୍ରତ ଓ ନାତୁଣୀଙ୍କ ଗହଣରେ*

ଅଟୋ ଡ୍ରାଇଭର ଭରତ ତ୍ରିପାଠୀ ଓ ଉପେନ୍ଦ୍ର ମୋତେ ବେଶୀ ସାହାଯ୍ୟ କରନ୍ତି। ଅଟୋରେ ନେଇ ପେନ୍‌ସନ୍ ଆଣିବା, ପ୍ରେସ୍ କାମ ବୁଝିବାରେ ସାହାଯ୍ୟ କରନ୍ତି। ମୁଁ ପ୍ରାୟ ନିୟମିତ ବ୍ରହ୍ମବିଦ୍ୟା ସଭାରେ ଯୋଗଦିଏ। ବର୍ତ୍ତମାନ ପୁଅ ସୁବ୍ରତ ଜୟପୁର ବି.ଟି.ଟି.ଏଲ୍‌ରେ ମ୍ୟାନେଜର ହୋଇ ପିଲାମାନଙ୍କ ସହିତ ରହୁଛି। ମୁଁ ମଧ ସମୟେ ସମୟେ ଯାଇ ପିଲାଙ୍କ ପାଖରେ ରହୁଛି। ମୋର ବହି ଛପାଇବା କାର୍ଯ୍ୟରେ ସୁବ୍ରତ ବହୁତ ସହଯୋଗ କରୁଛି।

## ଭୁବନେଶ୍ୱରରେ ସେବା କାମ

ମୁଁ ଭୁବନେଶ୍ୱରରେ ଦୀର୍ଘ ୪ ବର୍ଷ ଧରି ଏକ ସ୍କୁଲ ମୋଚି ସାହିରେ ଆରମ୍ଭ କରିଥିଲି। ମାନବ ଅଧ୍ୟୟନ କେନ୍ଦ୍ରର ହରପ୍ରସନ୍ନ ଦାସ ୨ ବର୍ଷ କିଛି ଅର୍ଥ (ଟ. ୨୦୦) ସାହାଯ୍ୟ ଦେଉଥିଲେ। ବାକି ମୁଁ ହାତରୁ ଖର୍ଚ୍ଚ କରୁଥିଲି। ପିଲାମାନଙ୍କ ଭିତରେ ପାଠ ପଢ଼ିବାର ଆଗ୍ରହ, ସତ୍ ଚିନ୍ତା, ସତ୍ କର୍ମ, ଭଗବତ ବିଶ୍ୱାସ ଭଲ ମଣିଷ ହେବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ଓ ପରିମଳ ପ୍ରତି ସଚେତନତାର ମନୋଭାବ ବିଷୟରେଅବଗତ କରାଇ ଦେଉଥିଲି। ସ୍କୁଲଟି ୭ ମାସ ବନ୍ଦ ହୋଇଗଲା ଆଉ ଚଳାଇ ପାରିଲି ନାହିଁ। ବର୍ତ୍ତମାନ ଆମର ବ୍ରହ୍ମବିଦ୍ୟା ସେବା ସଂଘ ତରଫରୁ ଆର୍. ସି. ପଟ୍ଟନାୟକ, ତ୍ରିବିକ୍ରମ ମହାନ୍ତି ବାବୁ, ମିତାଲିନୀ, ପୌର୍ଣ୍ଣମାସୀ, ସତ୍ୟବ୍ରତ, ଭବାନୀଶଙ୍କର ମହାନ୍ତି, ଅଶୋକ ପଟ୍ଟନାୟକ, ପ୍ରଦୀପ ମହାପାତ୍ର ଓ ରସାନନ୍ଦ ବାବୁ ଏହାର ଦାୟିତ୍ୱ ବହନ କରିଛନ୍ତି। ଶ୍ରୀମତୀ ଦୀପା ପାଢ଼ୀ ଏହି ସ୍କୁଲଟିର ଅବଶିଷ୍ଟ ଖର୍ଚ୍ଚ ବହନ କରି ଚାଲୁରଖିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି।

ଭୁବନେଶ୍ୱର ଟି.ଓ.ଏସ୍‌ର ସେକ୍ରେଟାରୀ ଖଗେଶ୍ୱର ରାଉତରାୟ ଥିବା ସମୟରେ ମୋଚି ସାହିରେ ବହୁବାର ସ୍ୱାସ୍ଥ୍ୟ ଶିବିର କରାଯାଇଛ ଏବଂ ତାଙ୍କ ସହିତ ମିଶି ଭୁବନେଶ୍ୱରରେ ମୁଁ ବହୁ ସେବାମୂଳକ କାର୍ଯ୍ୟ କରିଛି ।

## ଡ. ଯାଦବ ସାଠିଆ, ଗୀତା ଓ ଓଇନି ବୋଉ

ଭବାନୀ ପାଟଣାରେ ପାଠ ପଢୁଥିବା ବେଳେ ମନି – ମୋ ସହିତ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। ମନି ସହିତ ଓମେନ୍‌ସ କଲେଜରେ ଭେଟହେଲା। ମୁଁ କଟକ ଆସି ପ୍ରଥମେ ମନିଘରକୁ ଗଲି। ତାଙ୍କ ବୋଉ ବାବା ମୋତେ ଦେଖି ଭାରି ଖୁସି ହୋଇଗଲେ। ତାଙ୍କର ୨ ଝିଅ ଚାରି ପୁଅ ଥାଇ ମଧ୍ୟ ସେ ମୋତେ ଝିଅଠାରୁ ବଳି ସ୍ନେହ କରନ୍ତି। ମୋର ଦୁଇ ଖଣ୍ଡରୁ ଅଧିକ ଶାଢ଼ୀ ନଥାଏ। ମୁଁ କଲେଜ ଯିବା ପାଇଁ ଭାରି ଲଜ୍ଜିତ ହୁଏ। ବୋଉ ଓଇନି ମୋ ପାଇଁ ପିଠା ତରକାରୀ କରି ଦିଅନ୍ତି। କୁମାର ପୂର୍ଣ୍ଣମୀ ପାଇଁ ଶାଢ଼ୀ ଆଣି ଦିଅନ୍ତି। ନିଜ ଝିଅଠାରୁ ବଳି ମୋତେ ଅଧିକ ସ୍ନେହ କରନ୍ତି। ସେ କିଭଳି ଅନାବିଳ ସ୍ନେହ ମୁଁ ବୁଝି ପାରୁନଥିଲି। ଖପୁରିଆ ପ୍ରେସର ଡାଇରେକ୍ଟର

ନାରାୟଣ ସାଠିଆ ମଧ୍ୟ ମୋତେ ସ୍ନେହ କରନ୍ତି । ମୁଁ ଦାଶରଥିଙ୍କୁ ସ୍ନେହ କରିବା ପରେ ଜାଣିଲି ଶାଶ୍ୱତ ସ୍ନେହ କିପରି ପବିତ୍ର ଓ ଅନାବିଳ । ପାଇବାର ଆଶା ନାହିଁ କି ଅଭିମାନ ନାହିଁ । ବୋଉଙ୍କର ପୂର୍ଣ୍ଣପ୍ରାଣର ସ୍ନେହ । ମୋତେ ସ୍ନେହଲୋ ବୋଲି ଡାକନ୍ତି । ସେ ତାଙ୍କରି ଅମୃତ ବୋଳା ସ୍ନେହ ଢାଳି ଦିଅନ୍ତି । ବାବା ମଧ୍ୟ ମୋତେ ଭାରି ସ୍ନେହ କରନ୍ତି । ଚିନ୍ତାମଣି ବାବୁଙ୍କୁ ନିଜ ଜ୍ୱାଇଁ ବୋଲି ଡାକନ୍ତି । ସୁବ୍ରତ ଥିଲା ତାଙ୍କର ଗେହ୍ଲା ନାତି । ପ୍ରଫେସର କାହ୍ନୁଚରଣଙ୍କ ପତ୍ନୀ ସୁଭାସିନୀ ନାନୀ ମୋତେ ବହୁତ ଭଲ ପାଆନ୍ତି ।

## କଟକର ଆକର୍ଷଣ

ଦୋଳମୁଣ୍ଡାଇ ଲେବର କଲୋନୀରେ ଫୁଲ ମାଇଁ, କମଳାକାନ୍ତ ଆଚାର୍ଯ୍ୟ ଓ ଜ୍ୟୋତ୍ସ୍ନା ରହନ୍ତି । ମନ ଖରାପ ହେଲେ ମୁଁ କିଛି ସମୟ ମାଇଁଙ୍କ ଘରକୁ ଚାଲିଯାଏ । ଫୁଲ ମାଇଁ ମୋର ନିଜ ମାଇଁ କିନ୍ତୁ ଚିନ୍ତାମଣି ବାବୁଙ୍କର ନିଜ ମାଉସୀ ହୋଇଥିବାରୁ, ତାଙ୍କ ଝିଅମାନେ କିରଣ, ଜ୍ୟୋତ୍ସ୍ନା, ସିନୁ ସମସ୍ତେ ମୋତେ ଭାଉଜ ବୋଲି ଡାକନ୍ତି । ଚିନ୍ତାମଣି ବାବୁ ମଧ୍ୟ ମାଉସୀ ଝିଅ ଭଉଣୀ ଡ. କିରଣ ବାଳା ରଥ, ତାଙ୍କ ସ୍ୱାମୀ ଡ. ଗୋପାଳ ରଥ, ୨ୟ ଝିଅ ଜ୍ୟୋତ୍ସ୍ନା ଆଚାର୍ଯ୍ୟ ଓ ତାଙ୍କ ସ୍ୱାମୀ କମଳାକାନ୍ତ ଆଚାର୍ଯ୍ୟଙ୍କୁ ବେଶୀ ଭଲ ପାଆନ୍ତି । ସେମାନେ ଭାରି ସ୍ନେହୀ ଅଟନ୍ତି । କମଳା ବାବୁଙ୍କ ପାଖରେ ବସି ଆମର ଧର୍ମ ଆଲୋଚନା ହୁଏ । ଜ୍ୟୋତ୍ସ୍ନା ଭଲ ଭଜନ ଲେଖେ ଓ ଗାଏ । ଭାରି ଭଲ ଲାଗେ ସେ ପରିବେଶ । ଝିଆରୀ ପ୍ରତିମା ମଧ୍ୟ ସମୟେ ସମୟେ ଆସି ଯୋଗ ଦିଅନ୍ତି । ଜ୍ୟୋତ୍ସ୍ନାର ୪ ଝିଅ ସମସ୍ତେ ଭାରି ଭଲ । ବଡ଼ ଝିଅ କୁନ୍‌ମୁନ୍ ଭାରି ସ୍ନେହୀ ଓ ପରୋପକାରୀ । ଭୁବନେଶ୍ୱରରେ ମୋ ବଡ଼ ଭାଇନାଙ୍କ ଝିଅ ଚିନ୍ମୟୀ ମିଶ୍ର ଓ ତାଙ୍କ ସ୍ୱାମୀ ପ୍ରଣବ ଆସି – ଲୁଗାପଟା ଯୋଗାଇ ଦିଅନ୍ତି । ଏବଂ ଚିନୁର ଶାଶୁ ଗୀତାଞ୍ଜଳୀ ରାୟଗଡ଼ା ସ୍କୁଲକୁ ବହୁତ ପୁରୁଣା ଡ୍ରେସ ଯୋଗାଇ ଦିଅନ୍ତି ।

ସବୁଠାରୁ ବଡ଼ ସୌଭାଗ୍ୟର ବିଷୟ – ଶ୍ରୀ ସ୍ୱାମୀ ଚେତନାନନ୍ଦ ମହାରାଜା ଓ ଅମୃତମୟୀଙ୍କ ଦର୍ଶନ ? ବାବାଙ୍କ ଅନାବିଳ ସ୍ନେହ ଓ ଆଶ୍ୱସନା ପ୍ରାଣରେ ଦିବ୍ୟ ଆନନ୍ଦର ସଞ୍ଚାର ହୁଏ । ମୋ ପାଖରେ ଗୁରୁବାଦ ନାହିଁ – ଗୁରୁଗଣଙ୍କ ଆତ୍ମାର ବିକର୍ଷିତ ପୁଷ୍ପର ସୁଗନ୍ଧକୁ ମୁଁ ଆଘ୍ରାଣ କରି ଅନନ୍ତ

ଆନନ୍ଦ ଉପଲବ୍ଧି କରେ ! ! ତାଙ୍କ କୃପାରୁ ନିଗମାନନ୍ଦଙ୍କ ଶତବାର୍ଷିକୀର ୨ ଜାଗାରେ ମୁଁ ଭାଷଣ ଦେବାର ସୁଯୋଗ ପାଇଥିଲି ।

## ସ୍ନେହମୟୀ ଇନ୍ଦୁ ନାନୀ ଓ ଇଷ୍ଟର୍ଣ୍ଣ ଟାଇମ୍ସ୍

ଅଗାଧ ସ୍ନେହ ଓ କରୁଣାର ପ୍ରତିମୂର୍ତ୍ତୀ ଥିଲେ – ମୋର ସ୍ନେହମୟୀ ଇନ୍ଦୁନାନୀ । ମାନବ ସେବା ଓ ସାଧନା ଥିଲା ତାଙ୍କ ଜୀବନର ବ୍ରତ । ଅସହାୟ ସମୟରେ ସେ ମୋତେ ଯଥେଷ୍ଟ ଉତ୍ସାହ ଓ ଆଶ୍ୱାସନା ଦେଇଛନ୍ତି । ସେଥିଲେ ସାମ୍ବାଦିକ ଚନ୍ଦ୍ରଶେଖର ମହାପାତ୍ରଙ୍କ ସହଧର୍ମିଣୀ । ତାଙ୍କ ପରିବାର ସହିତ ଆମର ଘନିଷ୍ଠତା ରହି ଆସିଛି । କାରଣ ଚନ୍ଦ୍ରବାବୁ ଥିଲେ ଚିନ୍ତାମଣି ବାବୁଙ୍କ ପରମ ବନ୍ଧୁ ଉଭୟେ ପ୍ରଜାତନ୍ତ୍ରରେ ସାମ୍ବାଦିକତା କରୁଥିଲେ ।

ସେ ସମୟରେ ପ୍ରଜାତନ୍ତ୍ରରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଡ. ହରେକୃଷ୍ଣ ମହତାବ "ଇଷ୍ଟର୍ଣ୍ଣ ଟାଇମ୍ସ୍" ନାମକ ଏକ ଇଂରାଜୀ ପତ୍ରିକା ପ୍ରକାଶ କରୁଥିଲେ । ଚିନ୍ତାମଣି ବାବୁ ୧୯୫୩ରୁ ୧୯୬୬ ପର୍ଯ୍ୟନ୍ତ ସେହି ପତ୍ରିକାର ବାର୍ତ୍ତାବହ ସମ୍ପାଦକ ରୂପେ କାର୍ଯ୍ୟ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ଗୋରାଚାନ୍ଦ ମିଶ୍ର, ମିହିର ଦାସ, ଚନ୍ଦ୍ରବାବୁ ପ୍ରଭୃତିଙ୍କ ପରିବାର ସହିତ ଆମର ଘନିଷ୍ଠତା ଥିଲା । ୧୯୬୬ରେ ଇଂରାଜୀ ପତ୍ରିକାଟି ବନ୍ଦ ହୋଇଯିବାରୁ ଆମେ ୧୯୬୭ରେ ମାସିକ ସମ୍ବାଦ ପତ୍ରିକା "ବିବରଣୀ" ପ୍ରକାଶ କଲୁ ବହୁ କଷ୍ଟ ଓ ଦାରିଦ୍ର୍ୟ ଭିତରେ । ସେ ସମୟରେ ଇନ୍ଦୁନାନୀଙ୍କ ଉତ୍ସାହ ଓ ଆଶ୍ୱାସନା ମୁଁ କଦାପି ଭୁଲି ପାରିବି ନାହିଁ ।

ମାସିକ ସମ୍ବାଦ ପତ୍ରିକା "ବିବରଣୀ" ପ୍ରକାଶ ହେବା ସଙ୍ଗେ ସଙ୍ଗେ ୭୫ ପଇସା ଦେଇ ନାନୀ ପତ୍ରିକା ଖଣ୍ଡିକ କିଣି ନେଇଯାନ୍ତି । ସେ କେବଳ ଆସନ୍ତି ମୋ ଭିତରେ ତାଙ୍କର ମଧୁର ଆଶ୍ୱାସନା ପ୍ରଦାନ କରିବା ପାଇଁ– ଯାହାଥିଲା ମୋ ପାଇଁ ମୂଲ୍ୟବାନ । ନାନୀଙ୍କୁ ମୋର ଅଜସ୍ର ପ୍ରଣାମ ।

## ଶେଷ ଦେଖା ସ୍ମରଣୀୟ ଅପରାହ୍ନ

ଅକ୍ଟୋବର ମାସରେ ଦଶହରା ପୂଜା ଶେଷ କରି ଚିନ୍ତାମଣି ବାବୁ ଓ ମୁଁ ରାୟଗଡ଼ାରୁ ବାହାରି ଭବାନୀପାଟଣାରେ ପହଞ୍ଚିଲୁ । ଆମେ ସାଧାରଣତଃ

ମୋ ସାନ ଭାଇ ଘରେ ରହୁ। ଚିନ୍ତାମଣି ବାବୁ ଗଢ଼ିଥିବା ଭବାନୀପାଟଣା ବ୍ରହ୍ମବିଦ୍ୟା ସମିତି ଓ ମା' ମାଣିକେଶ୍ୱରୀ ଲଜରେ ୨ ଦିନ ଧରି ଭାଷଣ ଚାଲିଲା। ଇରିଗେସନ୍ କଲୋନୀରେ ସୁବ୍ରତ ଥିବା ସମୟରେ ଗୋପପଣ୍ଡାଙ୍କ ଘରେ ନିୟମିତ ବ୍ରହ୍ମବିଦ୍ୟା ସଭା ହେଉଥିଲା। ତାଙ୍କ ସ୍ତ୍ରୀ ମୋର ଧର୍ମଝିଅ (ରିତା) ସୁଦେଷ୍ଣା ପଣ୍ଡା ସଭାର ସବୁ ଆୟୋଜନ କରି ଡାକିଥିଲେ। ଏତେ ସୁନ୍ଦର ଭାବରେ କିଭଳି ଦୈନନ୍ଦିନ ଜୀବନ ଶାନ୍ତି ଓ ଆନନ୍ଦରେ - ମଣିଷ କଟାଇ ପାରିବ ଏ ବିଷୟରେ ଭାଷଣ ଦେଇଥିଲେ। ଶିକ୍ଷକ ଭିକାରୀ ମିଶ୍ର, ଲେକ୍‌ଚର - ଅଜୟ ମିଶ୍ର, ଶିକ୍ଷକ - ସୁଧାଂଶୁ, ଶଶାଙ୍କ, ଲେକ୍‌ଚର ତପନ ରଥ, ବିଶ୍ୱମୋହନ, ଚନ୍ଦ୍ରପ୍ରଭା ଜ୍ୱାଇଁ କିଶୋର ଚନ୍ଦ୍ର ରଥ ସମସ୍ତେ ଆସି ଯୋଗଦାନ କରିଥିଲେ।

ପରଦିନ ଆମେ ତିଲୋଯୋଡ଼ି ନିଜ ସ୍ଥାନକୁ ଗଲୁ। ସାଙ୍ଗରେ ନାତି (ଦେବବ୍ରତ) ଟିକି ଓ ତା' ସ୍ତ୍ରୀ ଯାଇଥିଲେ । ଝିଆରୀର ୨ୟ ପୁତ୍ର ସେ (ଦେଢ଼ଶୁର) ଅଜାଘରକୁ ପୁଅ ହୋଇ ଆସିଛି। ମୋ ଜମିର ଓ ମନ୍ଦିରର ସମସ୍ତ ବିଷୟ ସେ ବୁଝାବୁଝି କରେ। ମୁଁ ଜମିରୁ ଧାନ ଆଦାୟ କରି ନୀଳକଣ୍ଠେଶ୍ୱରଙ୍କ ପୂଜା ପାଇଁ ଦେଇଆସେ। ଦିଅର ଗୌରୀଶଙ୍କର ଘରକୁ ଗଲୁ । ଚିନ୍ତାମଣିବାବୁ ତାଙ୍କ ଖୁଡ଼ିଙ୍କ ଘରକୁ ଗଲେ । ସମସ୍ତଙ୍କ ସହିତ ସାକ୍ଷାତ ହେଲା ।

ଭବାନୀପାଟଣାରେ ଆମେ ସମସ୍ତେ ଘରକୁ ଯାଇ ସାକ୍ଷାତ ହେମନାନୀଙ୍କ ସ୍ୱାମୀ ହରିହର ମହାପାତ୍ର ତାଙ୍କ ପୁଅ ସବୁ - ସୀତାଂସୁ, ଶୁଭେନ୍ଦୁ, ଶୈଳେନ୍ଦ୍ର ସମସ୍ତଙ୍କୁ ଭେଟିଲୁ। ମୋର କ୍ୟାପ୍‌ଟେନ୍ ପିଲୁ ନାଟକକୁ ସିରିୟଲ୍ କରି ଟିଭିରେ ଦେବା ପାଇଁ ଆମେ ଶୁଭେନ୍ଦୁ ଓ ସୀତାଂଶୁ ସହିତ କଥା ହେଲୁ। ଚିନ୍ତାମଣି ବାବୁଙ୍କର 'ଭାରତ ସମାଜ ପୂଜା' ମନ୍ତ୍ର ଓ ସଂଗୀତ କେତେକ– ଶଶାଙ୍କ ରେକର୍ଡିଙ୍ଗ୍ କରିଥିଲା। ଆମେ କୁମାର ପୂର୍ଣ୍ଣିମା ପରେ ଆସି ରାୟଗଡ଼ାରେ ପହଞ୍ଚିଲୁ।

ରାୟଗଡ଼ାରୁ ପିଲାମାନେ ବ୍ରହ୍ମପୁର ଯିବା ପାଇଁ ବାହାରିଲେ। ସାନ ନାତୁଣୀ ତୁତୁଲୁର ଦେହ ଡଃ ମିଶ୍ରଙ୍କୁ ଦେଖାଇବା ପାଇଁ ସମସ୍ତେ ମିଶି ବ୍ରହ୍ମପୁର ସମୁଦି ମନ୍ମଥ ଦାସଙ୍କ ଘରେ ପହଞ୍ଚିଲୁ। ସମସ୍ତେ ମିଶି ଖିଆପିଆ କରି

ଆସିଲୁ । ସେଠାରୁ ଚିନ୍ତାମଣି ବାବୁ ନିଜେ ଅଟୋରେ ବଡ଼ ଭାଇନାଙ୍କ ଘରକୁ ଗଲେ ।

ବଡ଼ ଭାଇନାର ସାନ ଝିଅ ଚିରସ୍ମିତା ଭାରି ସୁନ୍ଦର ମିରା ଭଜନ ଗାଇଲା। ଚିନ୍ତାମଣି ବାବୁ କହିଲେ - ସଙ୍ଗୀତ ହେଉଛି ପ୍ରଭୁଦତ୍ତ କଳା। ସଙ୍ଗୀତ ମାଧ୍ୟମରେ ତୁ ଉଚ୍ଚସ୍ତରକୁ ଯାଇ ପାରିବୁ। ଚିରସ୍ମିତା ଭାରି ସ୍ନେହୀ। ଏମ୍.ଏ ହୋମସାଇନ୍ସ ପଢ଼ି ସଙ୍ଗୀତରେ ଏମ୍.ଏ କରିଛି। ବିଧୁ, ବବ୍ଲୁ-ମାମୁଲୁ ଆଜି ସମସ୍ତଙ୍କ ସହିତ ଦେଖା ହେଲା ଚିନ୍ତାମଣି ବାବୁଙ୍କର। ଏକୁଟିଆ ତାଙ୍କର ଦଦେଇ ପୁଅ ଭାଇ ରଙ୍ଗନାଥ ମହାପାତ୍ରଙ୍କୁ (ତାଙ୍କ ବଡ଼ ଭାଇଙ୍କୁ) ଦେଖା କଲେ। ସନ୍ଧ୍ୟାରେ ନର୍ମଦା ପାଢ଼ୀଙ୍କ ଘରେ ବ୍ରହ୍ମବିଦ୍ୟା ସଭାର ଆୟୋଜନ ହୋଇଥିଲା। ମୁଁ ମଧ୍ୟ ଚିନ୍ତାଧାରା ଉପରେ କହିଲି - ସେଠାରେ ବହୁଜଣଙ୍କୁ ସାକ୍ଷାତ କଲୁ।

ସେଲି ବୋଉ ଭଲ ରାନ୍ଧିଥିଲା। ବାବୁ, ରୁମା, ମାଉଲୀ ଅଜାଙ୍କ ସାଙ୍ଗରେ ଲାଗିଲେ। ଅଜା ଚକ୍‌ଲେଟ୍ ଆଣିଦେଲେ। ଭାରି ଖୁସି ହୁଅନ୍ତି ଚିନ୍ତାମଣି ବାବୁ ଅଳକା ପାଖରେ ରହିଲେ। ଅଳକା ନନା ନନା କହି ଭାରି ଯତ୍ନ ନିଏ।


୨୭ ଅକ୍ଟୋବର ସକାଳେ "ମନୋବିକାଶ ସ୍କୁଲ"କୁ ଯାଇ ସେବା ଉପରେ ଭାଷଣ ଦେଲୁ। ଦିନ ସାଢ଼େ ଗୋଟାଏରେ ବିଶାଖା ଟ୍ରେନରେ ବସି ଘରେ ଆସି ପହଞ୍ଚିଲୁ ସନ୍ଧ୍ୟା ୫ଟାରେ। ବାଟରେ ସେ ଟ୍ରେନ୍‌ରେ କିଛି ସମୟ ଶୋଇଗଲେ। ମୁଁ ତାଙ୍କୁ ଚାହୁଁଥାଏ। କେତେ ଉଜ୍ଜ୍ୱଳ ଓ ସୁନ୍ଦର ସେ ଥାଆନ୍ତି। ମନ ପୁରାଇ ମୁଁ କେଜାଣି କାହିଁକି ତାଙ୍କୁ ଚାହିଁ ରହିଲି। ୭୨ ବର୍ଷ ବୟସ । ଧ୍ୟାନପୂଜା କରି ଦେହର ଟିକିଏବି ବୟସ ଦାଗ ଦେଖାଯାଉ ନଥିଲା।

ପରଦିନ ତା ୨୮ ତାରିଖ ସକାଳୁ ଆଇ.ଆଇ.ଏମ୍.ସି.ରୁ କାର ଆସି ପହଞ୍ଚିଲା। ମୁଁ ସୁଟ୍‌କେଶ୍ ସଜାଡ଼ି ରଖିଥିଲି। ମ୍ୟାଗି କରିଥିଲି। ସେ ଖାଇ ଥଟ୍ଟାରେ ଜଗନ୍ନାଥ ସାହୁଙ୍କୁ କହିଲେ ମାଉସୀଙ୍କ ପାଖରୁ ମାଗି କରି ମାଗି ଖାଉନ। କି ସୁନ୍ଦର ଶାନ୍ତ ହସଟିଏ ହସିଲେ।

କେଜାଣି କାହିଁକ ମୋ ପାଟିରୁ ବାହାରିଲା କାହିଁକି ଆଉ କାମ କରିବାକୁ ଯାଉଛ ? ଏତେ ଆଡ଼େ ବୁଲି ବୁଲି ଆସିଛ। ଆମର ଟଙ୍କା କ'ଣ ହେବ। ତମେ ଆଉ ଚାକିରି କର ନାହିଁ।

ସେ କହିଲେ - ତମେ କ'ଣ ଭାବୁଛ ମୁଁ ଟଙ୍କା ଲୋଭରେ ସାମ୍ବାଦିକତା କରୁଛି। ମୁଁ ସର୍ବଦା ଶିକ୍ଷା ମାଧ୍ୟମରେ ବ୍ରହ୍ମବିଦ୍ୟାର ମୌଳିକ ଜ୍ଞାନଗୁଡ଼ିକୁ ବିତରଣ କରିବାକୁ ଚାହେଁ। ପିଲାମାନେ କେତେ ଆଗ୍ରହର ସହିତ ଶୁଣନ୍ତି ଅବସର ସମୟରେ। ହୁଏତ ସେମାନଙ୍କ ଭିତରୁ କେହି ଜଣେ ହେଲେ ବିବେକାନନ୍ଦ - ଶ୍ରୀ ଅରବିନ୍ଦ ହୋଇ ବାହାରି ପାରନ୍ତି। ସବୁ ଗୁରୁଦେବଙ୍କ ଦୟା। ମୁଁ ଆଉ କିଛି କହିଲି ନାହିଁ। ଏହା ଥିଲା ତାଙ୍କ ସହିତ ମୋର ଶେଷ କଥା।

୨୦୦୨ ମସିହା ଅକ୍ଟୋବର ୨୯ ତାରିଖ। ତା'ପର ଦିନ ସକାଳେ ମୋ ପାଖକୁ ଫୋନ୍ କରିଥିଲେ ସ୍ୱେଟର ପାଇଁ। ପୂର୍ବ ଦିନ ରାତିରେ ପୁଅ ପାଖକୁ ୨ ଥର ଫୋନ୍ କରି ଜଣାଇଥିଲେ। ଦିନ ଗୋଟାଏ ବେଳେ ସେ ଛାତ୍ରଛାତ୍ରୀମାନଙ୍କୁ ଡେଥ ନିଉଜ ଲେଖିବା ପାଇଁ ଦେଲେ। ସେଥି ମଧ୍ୟରୁ ୫ ମିନିଟ୍‌ରେ ଜଣେ ଛାତ୍ର ଲେଖି ଦେଲେ - ବାଜପେୟୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦିଆଗଲା ଇତ୍ୟାଦି। ଚିନ୍ତାମଣି ବାବୁ ହସି ହସି ବେଦମ ହୋଇଗଲେ କହିଲେ ବାଜପେୟୀଙ୍କ ଆୟୁସ ବଢ଼ିଗଲା। ସେଠାରୁ ସେ ବାଥ୍‌ରୁମ୍ ଗଲେ ଉପରକୁ। ବାଟରେ ରାନ୍ଧୁଣିଆ ପଚାରିଲା କ'ଣ ସାର ଖାଇବାକୁ ବାଢ଼ିବି। ସେ କହିଲେ ହଁ ଦେଇଦିଅ। ଖଟ ପାଖକୁ ଯାଇ ସାର୍ଟଟି ର୍ୟାକ୍ ଉପରେ ରଖି ଦେଇ ଟଳି ପଡ଼ିଲେ।



ରେଡ଼ିଓ ଟିଭିରେ ସବୁଆଡ଼େ ପ୍ରଚାର ହୋଇଗଲା ଗଣଯୋଗାଯୋଗର ପ୍ରଫେସରଙ୍କ ହୃଦରୋଗରେ ଦେହାନ୍ତ। ଆମଘରେ ସମସ୍ତେ ଆସି ଜମା ହୋଇଗଲେ। ମୁଁ ପୂର୍ବଦିନରୁ ଆସିଥିବା ହେତୁ ଘର ସଫା କରି ରନ୍ଧାବଢ଼ା କରୁଛି। ପଚାରିଲି ତୁମେ ସବୁ କିପରି ଆସିଲ ? ମୁଁ ତ କାଲି ସନ୍ଧ୍ୟାରେ ଆସି ପହଞ୍ଚିଲି। ନାତି ସତ୍ୟ ମୋତେ ବାଧ୍ୟ କଲା ଭାତ ଖାଇଦେବା ପାଇଁ। ଖାଇପିଇ କଥା ହେଉଛି ସାଢ଼େ ୪ଟାରେ ଚିନ୍ତାମଣି ବାବୁଙ୍କ ଶରୀର ଆସି ରଖାଗଲା। ମୁଁ ସେତେବେଳେ ଜାଣିଲି ସମସ୍ତେ ମୋ ଘରକୁ କାହିଁକି ଆସିଥିଲେ। ମୋର କଷ୍ଟ ବର୍ଣ୍ଣନା କରି ହେବନି। ଯଦିଓ ମୁଁ ଜାଣୁଥିଲି ଆତ୍ମା ଅମର ଶରୀର ନଷ୍ଟ ହୁଏ ଆତ୍ମା ନଷ୍ଟ ହୁଏ ନାହିଁ। ତଥାପି ମୁଁ ତ ଆଉ ସେହି ଚିନ୍ତାମଣି ବାବୁଙ୍କର ମର ଶରୀର ଦେଖି ପରିଲିନି ଜୀବନ ସାରା। ତାଙ୍କ ଶରୀରକୁ ନେଇ ଆଇ.ଆଇ.ଏମ୍.ସି.ରୁ ଆସିଥିଲେ - ମୃଣାଳ ଚାଟାର୍ଜୀ, ଉପେନ୍ଦ୍ର ପାଢ଼ୀ, ମହେଶ୍ୱର ବେହେରା ପ୍ରଭୃତି।

ରାୟଗଡ଼ାରୁ ସୁବ୍ରତ ରାତି ୨ଟା ରାୟଗଡ଼ାରୁ ପିଲାମାନଙ୍କୁ ଓ ସ୍ତ୍ରୀକୁ ନେଇ ଆସିଲା। ଚିନ୍ତାମଣି ବାବୁଙ୍କ ମାଉସୀ ପୁଅ ଭାଇ (ଆଇ.ଜି.) ୨ଜଣ ପ୍ରଫୁଲ୍ଲ ମିଶ୍ର ସ୍ତ୍ରୀ ଟିକିନା, ପ୍ରଦୀପ ମହାପାତ୍ର, ଅଶୋକ ପଟ୍ଟନାୟକ, ତାପଡ଼ିଆ, ଭାଇ ରମେଶ ଖାଡ଼ଙ୍ଗା, ଭାଇ ଜଜନା, ଜ୍ୱାଇଁ ଟୁକୁଲ, ଦାଶରଥି ଠିଆ ହୋଇଥାନ୍ତି କିଛି ନ ଖାଇ। ସୁବ୍ରତ ସହିତ ସ୍ୱର୍ଗଦ୍ୱାରକୁ ସମସ୍ତେ ଯାଇଥିଲେ। ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଗଲା। ଦାଶରଥି ଏକାଦଶ ଦିନ - ସ୍ମରଣିକା ଛପାଇ ତାଙ୍କ ବିଷୟରେ ଶୋକ ସଭା କରିଥିଲା। ଥିଓସଫିକାଲ ସୋସାଇଟିରୁ ସମସ୍ତେ ଆସି ୟୁନିଭରସାଲ୍ ପ୍ରାର୍ଥନା କରିଥିଲେ।

ଏତେବଡ଼ ବ୍ରହ୍ମବିଦ୍ ସାଧକ, ସାମ୍ବାଦିକଙ୍କର ଶେଷ ଜୀବନର ଅବସାନ ଘଟିଲା। ସେ ବହୁ ମୂଲ୍ୟବାନ୍ ପୁସ୍ତକ ରଚନା କରିଛନ୍ତି ଓ ଅନୁବାଦ କରିଛନ୍ତି। ସେ ଯିବା ପରେ ନିଃସଙ୍ଗ ଜୀବନ ସାରା ତାଙ୍କର ସ୍ମୃତିକୁ ପାଥେୟ କରି ସେ ଛାଡ଼ି ଯାଇଥିବା ଅବଶିଷ୍ଟ ଲେଖାଗୁଡ଼ିକୁ ପ୍ରକାଶ କରି ଚାଲିଛି। ମା' ହିଁ ମୋର ଭରସା। ସେହି ଶାଶ୍ୱତ ଅମର ଆତ୍ମାଙ୍କ ଚରଣତଳେ ବିନମ୍ର ପ୍ରଣତି ଜଣାଉଛି।

# ବନ୍ୟା ବିପନ୍ନଙ୍କୁ ସାହାଯ୍ୟ

୧୯୮୨ ମସିହାରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା କଟକ, ବାଲେଶ୍ୱର ଓ ପୁରୀ ଜିଲ୍ଲାର ଅଧିକାଂଶ ଗ୍ରାମଗୁଡ଼ିକୁ ଧ୍ୱଂସ ବିଧ୍ୱଂସ କରି ପକାଇଥିଲା । ସେତେବେଳେ ମୁଁ ଭଞ୍ଜ ବିହାରରେ ଥିଲି । ବନ୍ୟାଗ୍ରସ୍ତ ଅଞ୍ଚଳକୁ ଯାଇ ଖାଦ୍ୟ ବାଣ୍ଟିବା ପ୍ରସ୍ତାବ ମୁଁ ଚିନ୍ତାମଣି ବାବୁଙ୍କୁ କହିଲି । ସେ ୟୁନିଭରସିଟି ତରଫରୁ ଜିପ୍ ଯୋଗାଡ଼ କରିଦେଲେ । ପୁଅ ସୁବ୍ରତ ଶାଶ୍ୱତପୁତ୍ର ଡଃ. ଦାଶରଥି ମିଶ୍ର, ୰ଦ୍ରୌପଦୀ ମିଶ୍ର, ନର୍ମଦା ପାଢ଼ୀ, ବୈଦ୍ୟନାଥ ଆଚାର୍ଯ୍ୟ ସମସ୍ତେ ଖଣ୍ଡପଡ଼ା ବ୍ଲକରେ ଯାଇ ଖାଦ୍ୟ ବାଣ୍ଟିବା ପାଇଁ ସ୍ଥିର ହେଲା । ଭଞ୍ଜବିହାର କଲୋନୀରୁ ସମସ୍ତଙ୍କ ଘରୁ ଯାଇ ପୁରୁଣା ଲୁଗାପଟା, ବିସ୍କୁଟ୍, ପାଉଁରୁଟି, ଚୁଡ଼ା, ଗୁଡ଼, ଅମୂଲ, ଚାହା ପ୍ରଭୃତି ସଂଗ୍ରହ କରି ଜିପରେ ପୁରା ଭର୍ତ୍ତି କରି ସକାଳ ୬ଟାରେ ବାହାରିଲୁ । ଖଣ୍ଡପଡ଼ାରେ ଭାଇ ବୈଦ୍ୟ ଆଚାର୍ଯ୍ୟଙ୍କ ଘରେ ଖାଇସାରିଲା ପରେ ଏମ୍.ଏଲ୍.ଏ.ଙ୍କ ପାଖକୁ ଗଲୁ । ସେ (ଖଣ୍ଡପଡ଼ା ରାଜା) ଆମକୁ ପାଣି ଘେରରେ ଥିବା ଗ୍ରାମଗୁଡ଼ିକୁ ଲୋକ ପଠାଇ ଦେଖାଇ ଦେଲେ । ପଦ୍ମପୁର, ବାଇଗିଣିଆ, କଣ୍ଟିଲୋ, ସିଧାମୂଳା ପ୍ରଭୃତି ଗ୍ରାମଗୁଡ଼ିକ ପାଣିଘେରରେ ରହିଥିଲା । ଆମେ ଖାଦ୍ୟଦ୍ରବ୍ୟ, ଲୁଗାପଟା ନେଇ ସେଠାରେ ବାଣ୍ଟିଲୁ ।

ସେଦିନ ସେ କରୁଣ ଦୃଶ୍ୟ ଥିଲା ହୃଦୟ ବିଦାରକ । ସବୁ ନଈ ବଢ଼ିରେ ଚାଲିଗଲା ମା' ଯାହା ପିନ୍ଧିଛୁ ସେତିକି ଅଛି । ସର୍ବହରା ଭୋକିଲା କଣ୍ଠର କ୍ଷୀଣସ୍ୱର । ଆଖିରେ ଅଜସ୍ର ଅଶ୍ରୁ । ସମୁଦ୍ରକୁ ଶଙ୍ଖେ ଭଳି ଆମର ଦେଇଥିବା ଖାଦ୍ୟ ଖାଇ ସେମାନେ ଆଶ୍ୱସ୍ତ ହୋଇଥିଲେ । ୨ ଜଣଙ୍କୁ ଆମେ ପାଣି ଘେରରୁ ଉଦ୍ଧାର କରିଥିଲୁ । ସଦ୍ୟଜାତ ଶିଶୁଟିକୁ ଧରି ମାତାର କରୁଣ ଚାହାଣି । ବସ୍ତ୍ର ନାହିଁ । ତାକୁ ଲୁଗା ଓ ଖାଦ୍ୟ ଦେଇ ଉଚ୍ଚ ଜାଗାକୁ ନେଇ ଆସିଲୁ । ଆଇ.ଏ ପଢୁଥିବା ଛାତ୍ରଟି ଚଢ଼ି ଖଣ୍ଡିଏ ପିନ୍ଧି ଗଛ ଡାଳରେ ବସିଥିଲା । ପୋଷାକ ଅଭାବରୁ ସେ ପାଣି ଭିତରୁ ଆସି ପାରୁନଥିଲା । ପାଣି ଆଣ୍ଠୁଏ ପର୍ଯ୍ୟନ୍ତ ଥିଲେ ମଧ୍ୟ ସେ କିପରି ଯିବ କୁଆଡ଼େ ଯିବ ସ୍ଥିର କରି ନପାରି କାନ୍ଦୁଥାଏ । ତାକୁ ପେଣ୍ଟସାର୍ଟ, ପାଉଁରୁଟି, ଚୁଡ଼ା ଓ କିଛି ପଇସା ହାତରେ ଦେଇ ଆମେ ସାଙ୍ଗରେ ଆଣି ଖଣ୍ଡପଡ଼ାରେ ଛାଡ଼ି ଦେଲୁ । ସେ ସମୟର ଏଭଳି କରୁଣ ଦୃଶ୍ୟାବଳୀ ବାସ୍ତବିକ ଥିଲା ଦୁଃଖଦାୟକ ଓ ହୃଦୟ ବିଦାରକ ।



*ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣା ବସନ୍ତବିହାର ମହିଳା ଉନ୍ନୟନ ସମିତି ସଦସ୍ୟାମାନଙ୍କ ଗହଣରେ ସ୍ନେହଲତା । ପାର୍ଶ୍ୱରେ ଲିଲି ଶତପଥୀ, ଲୁସି ମହାପାତ୍ର, ପ୍ରତିଭା ଭୂୟାଁ, କବିତା ପାଢ଼ୀ*

୨୦୦୮ ସେପ୍ଟେମ୍ବର ୨୦ ତାରିଖ । ଆଜି ପୁନର୍ବାର ସେଭଳି ଏହି କରୁଣ ଦୃଶ୍ୟର ସମ୍ମୁଖୀନ ହେଲି । ଆମ କଲୋନୀ "ବସନ୍ତ ବିହାର ସୋସାଇଟି" ତରଫରୁ ଆମେ ଖାଦ୍ୟ ସାମଗ୍ରୀ ସଂଗ୍ରହ କରି ବନ୍ୟାଗ୍ରସ୍ତ ଅ*ଳରେ ବଣ୍ଟନ କରିବା ପାଇଁ ସ୍ଥିର କଲୁ । ସୋସାଇଟିର ସଭାପତି ଶ୍ରୀମତୀ ଲିଲି ଶତପଥୀ, ଶ୍ରୀମତୀ ପ୍ରତିଭା ଭୂୟାଁ, ଶ୍ରୀମତୀ କବିତା ପାଢ଼ୀ, ଲାବଣ୍ୟ ଦେବୀ ଓ ପାଢ଼ୀ ଟ୍ୟୁଟୋରିଆଲ୍ ତଥା କଲିଙ୍ଗ ଭାରତୀ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଲୁସି ମହାପାତ୍ର ଏଥିରେ ସାହାଯ୍ୟ ଓ ସହଯୋଗ କରି ଖାଦ୍ୟ ବଣ୍ଟନ କରିଥିଲେ ।


ବନ୍ୟାଗ୍ରସ୍ତ ଅଞ୍ଚଳ ୪୨ ମୌଜାସ୍ଥିତ ଦଧିବାମନପୁର ହରିଜନ ସାହିରେ ଏବଂ ନିକଟସ୍ଥ ଗ୍ରାମମାନଙ୍କରେ ଏହି ଖାଦ୍ୟ ସବୁ ବିତରଣ କରାଯାଇଥିଲା । ୧୫ କୁଇଣ୍ଟାଲ୍ ଚୁଡ଼ା, ୧୦ କୁଇଣ୍ଟାଲ୍ ବିସ୍କୁଟ୍, ପାଉଁରୁଟି ଓ ଗୁଡ଼, ପିଇବା ପାଣି, ମହମବତୀ, ଦିଆସିଲି ପ୍ରଭୃତି ବଣ୍ଟା ଯାଇଥିଲା ।

ପାଣି ଘେରରେ ରହୁଥିବା ଶହ ଶହ ବିପନ୍ନଙ୍କ ଆଖିରେ ଲୁହ ଏହି ଦୃଶ୍ୟ ଥିଲା ବାସ୍ତବିକ ହୃଦୟସ୍ପର୍ଶୀ !! ପାଣି ଘେରରେ ଶହ ଶହ ଲୋକ, ମହିଳା, ଶିଶୁ ଠିଆ ହୋଇଥାନ୍ତି । ସେମାନଙ୍କ ଭୋକିଲା ଆଖିର କରୁଣ ଚାହାଣୀ – ମୋତେ ଅଭିଭୂତ କରି ପକାଉଥିଲା । ବିଶେଷତଃ ଗାଈ ଗୋରୁଙ୍କର ଖାଦ୍ୟ ନାହିଁ – ନିରବରେ ସେମାନେ ଠିଆହୋଇ ଅଶ୍ରୁ ବର୍ଷଣ କରୁଥାନ୍ତି । ବର୍ଷା ଛାଡ଼ି ନଥାଏ । ମୁଁ ଭିତରକୁ ଟିକିଏ ପାଣିରେ ପଶିଗଲି । ସ୍ତ୍ରୀ ଲୋକଟି ମୋତେ ଦେଖି କହିଲା ମା' – ହାଣ୍ଡି, ଚାଉଳ, ଲୁଗାପଟା ଯାହାଥିଲା ନଈ ସୁଅରେ ଭାସିଗଲା । ନଖାଇ ନ ପିଇ ସେମିତି ଠିଆ ହୋଇଛୁ । ମୋ ପିଲାଙ୍କୁ କିଛି ଖାଇବାକୁ ଦିଅ । ମୁଖିଆ କେତେବେଳେ ଦେବେ କି ନାହିଁ ପୁଅଟି କାନ୍ଦୁଛି କ'ଣ ବୁଝୁଛି ସେ । ଶୁଖିଲା ଛାତିରୁ କ୍ଷୀର ଝୁଣି ଛୋଟ ଝିଅଟି ଖାଉଥାଏ । ପୁଅ ୫ ବର୍ଷର ଠିଆହୋଇ ଚାହିଁ ରହିଛି । ମୁଁ ଯାଇଁ ରୋଡ଼ ଉପରୁ ୪ ପ୍ୟାକେଟ ଖାଦ୍ୟ ସ୍ତ୍ରୀ ଲୋକଟିକୁ ବଢ଼ାଇ ଦେଲି ।

ଲିଲି ଶତପଥି, ଲୁସି ମହାପାତ୍ର ଓ ମୁଁ ଏଭଳି ପ୍ରାୟ ୪ଶହ ପ୍ୟାକେଟ୍ ଖାଦ୍ୟ ସମସ୍ତଙ୍କ ହାତରେ ନେଇ ବାଣ୍ଟିଲୁ । ଆଉ ଅଧିକାଂଶ ଖାଦ୍ୟ ଏମ୍.ଏ.ଏଲ୍‌ଙ୍କ ଜିମା ଦେଇ ଚାଲି ଆସିଲୁ । ବାଟରେ ଭୀଷଣ ବର୍ଷା ହେଲା । ମୁଁ ଭାବୁଥାଏ, ଆହା ପିଲାମାନଙ୍କୁ ଧରି କିଭଳି ଲୋକମାନେ ଠିଆ ହୋଇଥିବେ ? ରାତିରେ ଏସବୁ ଭାବି ଭାବି ନିଦ ହେଲା ନାହିଁ । ହେ ମା' ! ଏମାନଙ୍କୁ ଏହି ଦୈବୀଦୁର୍ବିପାକରୁ ରକ୍ଷା କର । ମା' ସାହାହୁଅ । ତବ ଚରଣ ତଳେ ଏତିକି ମୋର ପ୍ରାର୍ଥନା ।

## ବ୍ରହ୍ମବିଦ୍ୟା ସଂଘର ସଭାକାର୍ଯ୍ୟରେ ଯୋଗଦାନ–ମୋର ଚେନ୍ନାଇ ଯାତ୍ରା

ସର୍ବପ୍ରଥମେ ବ୍ରହ୍ମବିଦ୍ୟାର ପ୍ରତିଷ୍ଠାତ୍ରୀ ବିଶ୍ୱବନ୍ଦନୀୟା, ତତ୍ତ୍ୱଦର୍ଶିଣୀ ମହାନ ସାଧିକ । ମାଡାମ୍ ଏଚ୍.ପି. ବ୍ଲାଭାଟସ୍କିଙ୍କର ଚରଣ ତଳେ ବିନମ୍ର ପ୍ରଣାମ ଜଣାଉଛି । ୧୮୭୫ ନଭେମ୍ବର ୧୭ ତାରିଖରେ ଗୁରୁଙ୍କ ନିର୍ଦ୍ଦେଶରେ ଏହି ବ୍ରହ୍ମବିଦ୍ୟା ସଂଘ (ଥିଓସଫିକାଲ୍ ସୋସାଇଟି) ଗଢ଼ାଗଲା ଆମେରିକାରେ । ଶ୍ରୀମତୀ ବ୍ଲାଭାଟସ୍କି ଥିଲେ ଏହାର ପ୍ରତିଷ୍ଠାତ୍ରୀ । କର୍ଣ୍ଣେଲ ଅଲକଟ ଥିଲେ ସୂକ୍ଷ୍ମଦର୍ଶୀ । ସେ ହେଲେ ପ୍ରେସିଡେଣ୍ଟ । ଅନେକ ସଭ୍ୟ ଏଥିରେ ଯୋଗଦାନ



ଚେନ୍ନାଇରେ ଆନ୍ତର୍ଜାତୀକ ବ୍ରହ୍ମବିଦ୍ୟା ସମ୍ମିଳନୀ

କରିଥିଲେ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶ ଭିତରେ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ଏବଂ ଜ୍ଞାନ ଆଲୋକ ବିତରଣ କରିବା ହିଁ ଥିଲା ଏହାର ଲକ୍ଷ୍ୟ। ଏହାର ପ୍ରସାର ପାଇଁ ଶ୍ୱେଭାତୃମଣ୍ଡଳୀରୁ ଦୁଇଟି ଋଷି (ଗୁରୁ) ଶ୍ରୀମତୀ ଏଚ୍.ପି. ବ୍ଲାଭାଟସ୍କିଙ୍କୁ ବାଛିଥିଲେ। ତାଙ୍କୁ ତିବ୍ବତରେ ନେଇ ୭ ବର୍ଷ ଅଦୃଶ ଜଗତରେ (ଇଥର ୱାର୍ଲଡ) ରଖାଗଲା। ସେଠାରୁ ବହୁଜ୍ଞାନ ଲାଭ କରି ପୁସ୍ତକ ସବୁ ଲେଖିଲେ। ଏହିଭଳି ତାଙ୍କ ସହିତ ସହଯୋଗ କଲେ ଡଃ ଆନିବେସାନ୍ତ। ସି. ଡବ୍ଲ୍ୟୁ. ଲିଡ୍ ବିଟର, କର୍ଣ୍ଣେଲ ଅଲ୍‌କଟ, ଜେ. କୃଷ୍ଣମୂର୍ତ୍ତି, ଟି. ସୁବାରାଓ, ସି. ପାୱେଲ୍, ହଡ୍‌ସନ୍ ପ୍ରଭୃତି। ଅଦୃଶ୍ୟ ଜଗତର ବହୁ ତଥ୍ୟ ବିଜ୍ଞାନ ସମ୍ମତ - ବିଶ୍ଳେଷଣ କରି ଏହା ପ୍ରକାଶ କରାଗଲା। ପୃଥିବୀର ତତ୍ତ୍ୱ ଲେଖାହେଲା ସିକ୍ରେଟ୍ ଡକ୍ଟ୍ରିନ୍‌ରେ। (ଏହାର ପ୍ରଥମ ଭାଗଟିକୁ ଚିନ୍ତାମଣିବାବୁ ଗୁପ୍ତଜ୍ଞାନ ନାମ ଦେଇ ଇଂରାଜୀରୁ ଓଡ଼ିଆରେ ଅନୁବାଦ କରି ଦେଇଛନ୍ତି - ମୁଁ ଏହା ପ୍ରକାଶ କରିବାକୁ ଅନୁମତି ଅପେକ୍ଷାରେ ଅଛି।

ଏମାନଙ୍କ ଦ୍ୱାରା ମଧ୍ୟ ବ୍ରହ୍ମବିଦ୍ୟାର ବହୁ ପୁସ୍ତକ ଲେଖାଯାଇଛି ବେଦ, ଉପନିଷଦ, ଗୀତା, ଭାଗବତ ପ୍ରଭୃତି ଡ. ବେସାନ୍ତ ଇଂରାଜୀରେ ଅନୁବାଦ କରି ପାଶ୍ଚାତ୍ୟ ଜଗତରେ ବିତରଣ କରି ପାରିଛନ୍ତି। ସମଗ୍ର ପୃଥିବୀରେ ୧୧୪ଟି ଦେଶରେ ଏହି ଅନୁଷ୍ଠାନ ପ୍ରସାର ଲାଭ କରିଛି।

ଏହାର ଆନ୍ତର୍ଜାତିକ କାର୍ଯ୍ୟାଳୟ ମାଡାମ୍ ଏଚ୍.ପି.ବି ସ୍ଥାପନ କରିଥିଲେ ଚେନ୍ନାଇର ଆଡିୟାରରେ । ପ୍ରଥମେ କର୍ଣ୍ଣେଲ୍ ଅଲକଟ ପ୍ରେସିଡେଣ୍ଟ ଥିଲେ । ତାଙ୍କପରେ ୧୯୦୮ ରୁ ୧୯୩୩ ପର୍ଯ୍ୟନ୍ତ ଡଃ ଆନିବେସାନ୍ତ ଥିଲେ ଏହି କାର୍ଯ୍ୟାଳୟର ଅଧକ୍ଷା । ୧୧ ଏକର ଜାଗାରେ ଏହି ଗୃହ ନିର୍ମାଣ କରି ଏହି ସମିତିଟିର ସମୂହ ଉନ୍ନତି କରିଥିଲେ ଡଃ ଆନିବେସାନ୍ତ ।

ଏହା ଗୁରୁ ମଣ୍ଡଳୀଙ୍କର ଆବାସସ୍ଥଳୀ । ଅତି ପବିତ୍ର ଓ ମନୋରମ ସ୍ଥାନ । ପ୍ରତି ବର୍ଷ ଡିସେମ୍ବରରେ ଆନ୍ତର୍ଜାତୀୟ ବ୍ରହ୍ମବିଦ୍ୟା ସମ୍ମିଳନୀ ଏହି ଆଡିୟାରରେ ହୁଏ । ସମଗ୍ର ପୃଥିବୀରୁ ବ୍ରହ୍ମବିତ୍ ମାନେ ଏଠାକୁ ଆସି ଯୋଗଦାନ କରନ୍ତି । ଚିନ୍ତାମଣି ବାବୁ ବ୍ରହ୍ମବିଦ୍ୟା ସମିତି ଉତ୍କଳ ଫେଡେରେସନର ପ୍ରେସିଡେଣ୍ଟ ଥିଲେ । ସେ ଅନେକ ଥର ଆଡିୟାର ଯାଇଛନ୍ତି ଓ ସମ୍ମିଳନୀରେ ମଧ୍ୟ ଯୋଗ ଦେଇଛନ୍ତି ।

## ସୁନାମୀ ଆସିଗଲା

ମୁଁ ଏହି ସମ୍ମିଳନୀରେ ୨ ଥର ଯୋଗ ଦେଇଛି । ୨୦୦୪ରେ ସୁନାମୀ ଆସିବା ସମୟରେ ମୁଁ ଏଠାରେ ଥିଲି ଏବଂ ଏହି କରୁଣ ଦୃଶ୍ୟ ଦେଖିଛି । ଶହ ଶହ ଗୃହହୀନ ଗ୍ରାମବାସୀଙ୍କୁ ଆମ ଅନୁଷ୍ଠାନ ତରଫରୁ ସାହଯ୍ୟ ଦିଆଗଲା । ଜଏଣ୍ଟ ସେକ୍ରେଟାରୀ ପୌର୍ଣ୍ଣମାସୀ ଓ ମୁଁ ଏହି ଦୃଶ୍ୟ ଚାହିଁ ଚାହିଁ ପଣ୍ଡିଚେରୀରେ ପହଂଚିଲୁ । ମା'ଙ୍କ ଆଶ୍ରମ ଦେଖିବା ପାଇଁ ମୁଁ ବ୍ୟଗ୍ର ହୋଇ ବାହାରିଥିଲି । ସମସ୍ତେ ମନା କରୁଥିଲେ । ଆମେ ଅଟୋରୁ ଓହ୍ଲାଉଛୁ ସମୁଦ୍ର ପାଣି ରୋଡ଼ ପର୍ଯ୍ୟନ୍ତ ଦେଖାଗଲା । ରିକ୍ସାବାଲାଟି କହିଲା ଆଉଥରେ ସୁନାମୀ ଆସିଲା । ମୋ ପିଲାମାନେ କ'ଣ କରୁଥିବେ ।

ଆମେ ପୌର୍ଣ୍ଣମାସୀଙ୍କ ମାମୁ ଘରେ ପହଁଚିଲୁ । ସମସ୍ତେ କୋଠା ଉପରେ ବସି ମା'ଙ୍କୁ ପ୍ରାର୍ଥନା କରୁଛନ୍ତି । କିଛି ସମୟ ପରେ ସୁନାମୀ ଚାଲିଯାଇଥିଲା । ସମୁଦ୍ର ପାଣି ତଳକୁ ଖସି ଗଲା । ଶ୍ରୀମା' ହିଁ ରକ୍ଷା କଲେ । ମାଙ୍କ ଚରଣ ତଳେ ଓ ସମାଧିରେ ପ୍ରଣତି ଜଣାଇ ଆମେ ଫେରି ଆସିଲୁ । ମିତାଲୀ, ପ୍ରଦୀପ, ସବୁ ଆମ ସାଙ୍ଗରେ ଯାଇଥିଲେ । କିପରି ପଣ୍ଡିଚେରୀରୁ ଆସିଲୁ କହିଲେ । ରାତିରେ ଆମ ଆର୍ନ୍ତଜାତିକ ପ୍ରେସିଡେ ଶ୍ରୀମତୀ ରାଧା ବୋର୍ଣ୍ଣିଓଙ୍କ ଘର ପାଖକୁ ପାଣି ଆସିଥିଲା । ଆଡୟାର କଡ଼େ କଡ଼େ ନଦୀ

ଯାଇ ସମୁଦ୍ରରେ ମିଶିଛି - ଗୁରୁଦେବ ମଧ୍ଯ ଆଡୟାରଟିକୁ ରକ୍ଷା କଲେ । ୧୮ଶହ ସଭ୍ୟା ବାହାର ଦେଶରୁ ଆସିଥିଲେ । ଭାରି ସୁନ୍ଦର ଭାବରେ ସଭା କାର୍ଯ୍ୟ ହୋଇଥିଲା ।

୨ୟ ଥର ୨୦୦୭ରେ ନାତି ସତ୍ୟବ୍ରତ ସାଙ୍ଗରେ ବାହାରିଲି । ବଳ ପାଉନାହିଁ - ତଥାପି ସମସ୍ତଙ୍କ ସାଙ୍ଗରେ ବାହାରିପଡ଼ିଲି । ଆମ ଓଡ଼ିଶା ଶାଖାରୁ - ଫେଡେରେସନ୍ ସେକ୍ରେଟାରୀ, ତାଙ୍କ ସ୍ତ୍ରୀ ମିତାଲିନୀ, ଅଶୋକ ମହାପାତ୍ର, ଭବାନୀ ବାବୁ ଓ ତାଙ୍କ ସ୍ତ୍ରୀ, ତ୍ରିବିକ୍ରମ ବାବୁ ଓ ତାଙ୍କ ସ୍ତ୍ରୀ, ସତ୍ୟବ୍ରତ - (ଅଜାଙ୍କର ପ୍ରିୟ ନାତି) ଉଭା ଭାଇନା ଓ ତିଳୋତ୍ତମା ନାନୀ ପ୍ରଭୃତି ଯାଇଥିଲୁ ।

ଭାଷଣ ପରେ ଆମେ ବଗିଚାରେ ବସି ଆଲୋଚନା କରୁ । ଜାତୀୟ ପ୍ରବକ୍ତା ଶ୍ରୀ ସତ୍ୟବୀର ତ୍ୟାଗୀ - ବ୍ରହ୍ମବିଦ୍, ସାଦକ ଆମକୁ ବୁଝାନ୍ତି ଭାଷଣର ବିୟ ବସ୍ତୁର ମର୍ମ । ସର୍ବଦା ହସ ହସ ମୁହଁ - ଅତି ସରଳ, ଶାନ୍ତ ଓ ବ୍ରହ୍ମଜ୍ଞାନୀ ମଣିଷଟିଏ । ବିଶ୍ୱ ଭାତୃତ୍ୱଭାବର ଜ୍ୱଳନ୍ତ ମଣିଷ ଭଳି ମୋତେ ମନେହୁଏ ।

ଅନେକ ସମୟରେ ଆନ୍ତର୍ଜାତକ ପ୍ରେସିଡେଣ୍ଟ ରାଧା ବୋର୍ଣ୍ଣିଓ ଓଡ଼ିଶା ଆସି ସୁନ୍ଦର ଭାଷଣ ଦିଅନ୍ତି । ଶ୍ରୀ ସତ୍ୟବୀର ତ୍ୟାଗୀ, ବିହାରି ଲାଲ୍ ଗୁପ୍ତା, ଶରଣ ପ୍ରଫେସର ସିନ୍ଧେ - ପ୍ରଭୃତି ଜାତୀୟ ପ୍ରବକ୍ତାମାନେ ଅତି ସୁନ୍ଦର ଭାବରେ ବ୍ରହ୍ମବିଦ୍ୟାର ତତ୍ତ୍ୱଗୁଡ଼ିକୁ ବିଜ୍ଞାନ ସହିତ ବିଶ୍ଳେଷଣ କରି କହନ୍ତି । ଚିନ୍ତାମଣି ବାବୁ ଚାଲିଯିବା ପରେ ସମସ୍ତେ ତାଙ୍କ ଅଭାବ ଉପଲବ୍ଧି କଲେ । କିଏ ଆଉ ବାହରିବେ ଏଭଳି ବ୍ରହ୍ମବିଦ୍ୟାକୁ ସାଫଲ୍ୟ କରିବା ପାଇଁ । ଗୁରୁଙ୍କ କୃପାରୁ ପ୍ରଦୀପ ବାବୁ, ମିତାଲିନୀ, ପ୍ରେସିଡେଣ୍ଟ ବନ ବିହାରୀ ପଣ୍ଡା, ଭବାନୀ ବାବୁ, ଅଶୋକ ବାବୁ, ପୌର୍ଣ୍ଣମାସୀ ପ୍ରଭୃତି ବ୍ରହ୍ମବିଦ୍ୟା ସମିତିର ପ୍ରସାର ପାଇଁ ଚେଷ୍ଟିତ ।

## ବ୍ରହ୍ମବିଦ୍ୟାର ଆଭିମୂଖ୍ୟ ହେଲା

୧ । ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ବିଶ୍ୱଭାତୃତ୍ୱ କେନ୍ଦ୍ର ପ୍ରତିଷ୍ଠା ।

୨ । ଧର୍ମ, ଦର୍ଶନ ଓ ବିଜ୍ଞାନର ସମନ୍ୱୟ ତୁଳନାତ୍ମକ- ଅଧ୍ୟୟନକୁ ଉତ୍ସାହିତ କରିବା ।

୩।   ସୃଷ୍ଟିର ଅନାବିଷ୍କୃତ ନିୟମମାନଙ୍କର ଅନୁସନ୍ଧାନ କରି– ମଣିଷ ଭିତରେ ଥିବା, ଅନ୍ତର୍ନିହିତ ଶକ୍ତିର ଉନ୍ମେଷ କରିବା।

ଏହି ବ୍ରହ୍ମବିଦ୍ୟା ସମିତି ଓଡ଼ିଶାରେ ୧୪ଟି ଅଛି। କେବଳ ୭ଟି ବ୍ରହ୍ମବିଦ୍ୟା ସମିତି ଚିନ୍ତାମଣି ବାବୁ ଗଢ଼ିଥିଲେ। ବର୍ତ୍ତମାନ କେତେକ ଆଉ କାର୍ଯ୍ୟ କରୁନାହିଁ। ସେ ବ୍ରହ୍ମବିଦ୍ୟା ପୁସ୍ତକ ଲେଖି ଯାଇଛନ୍ତି ଓ ଅନୁବାଦ କରିଛନ୍ତି। ଯଥା : ଅମୃତବାଣୀ, ମୃତ୍ୟୁପରେ ଜୀବନ, ବ୍ରହ୍ମବିଦ୍ୟା ପରିଚୟ, ଗଡ଼, ମେନ୍ ଏଣ୍ଡ ଫେରୀ, ମନୁଷ୍ୟର ସପ୍ତ ଶରୀର, ବ୍ରହ୍ମବିଦ୍ୟାରେ ପରଲୋକ, ସ୍ୱର୍ଗଲୋକ ଓ ଚିନ୍ତାଜଗତ (ଶ୍ରୀଗୁରୁ ଚରଣେ – ଇଣ୍ଡିଆନ୍ ସେକ୍ସନ ଛପାଇଛନ୍ତି  ମହାପାତ୍ର ବାବୁ ଅନୁବାଦ କରିଛନ୍ତି), ଷଷ୍ଠ ମୂଳ ଜାତିର ସୁନ୍ଦର ପୃଥିବୀ, ବ୍ରହ୍ମବିଦ୍ୟାରେ ଗୀତା, ଭାରତ ସମାଜ ପୂଜା ପ୍ରଭୃତି ପ୍ରକାଶ ହୋଇଛି। ମୁଁ ପ୍ରାୟ ଅଧିକାଂ ବହିର ଛପାଇବା ଦାୟିତ୍ୱ ନେଇଛି। ବର୍ତ୍ତମାନ ସକ୍ରେଟ୍ ଡକ୍ଟରିନ୍ (ଗୁପ୍ତବିଦ୍ୟା) ବହିଟି ଟାଇପ ହୋଇସାରିଛି। ଅନୁମତି ମିଳିଲେ – ପ୍ରକାଶ କରିବି। ମା' ଓ ଗୁରୁଙ୍କ ଆଶୀର୍ବାଦ କାମନା କରୁଛି। ଏହାପରେ ସୌର ଶିଖା ୧୩୮୪ର ବହିଟି ଆଲିସ ବେଲିଙ୍କର– ''କଣ୍ଟିକ ବାୟାର'' ଚିନ୍ତାମଣିବାବୁ ଅନୁବାଦ କରିଛନ୍ତି– ମୁଁ ଛପାଇବାକୁ ଚେଷ୍ଟା କରୁଛି ।

## ଜୟପୁରରେ ରହଣି

ପୁଅ ସୁବ୍ରତ ବର୍ତ୍ତମାନ– ବାଲାରପୁର କମ୍ପାନୀର ଏକ ଶାଖା ବି.ଟି.ଟି.ଏଲ୍.ରେ ପ୍ଲାଣ୍ଟେସନ୍ ମେନେଜର ହୋଇ ଜୟପୁରରେ ରହୁଛି । ସହରର ଏକ ଭଡ଼ା ଘର ନେଇ ପିଲାମାନେ ସମସ୍ତେ ସେଠାରେ ରହୁଛନ୍ତି । ମୁଁ ଏଠାରୁ ୨/୩ ମାସରେ ଯାଇ ୧/୨ ମାସ କ୍ରମାଗତ ପିଲାମାନଙ୍କ ପାଖରେ ରହେ । ମୋର ସାନନାତୁଣୀ ସୁଶ୍ରୀ ପ୍ରଜ୍ଞାସୁରଭି (ଡାକନାମ ଡୁଡୁଲୁ) ନବମ କ୍ଲାସରେ ପଢୁଛି ଇଂରାଜୀ ମିଡିୟମ୍ ସ୍କୁଲରେ । ସେ ଭାରି ସ୍ନେହୀ– କଳାପ୍ରେମୀ– ଭଲ ନାଚ ବି ଜାଣେ । ତାକୁ ବର୍ତ୍ତମାନ ୧୪ ବର୍ଷ ହେଲା । ବଡ଼ ନାତୁଣୀଟି ସୁଶ୍ରୀ ଶାଶ୍ୱତୀ (ଗୁଡୁ) ସୁନ୍ଦରୀ– ବୟସ ୧୭ ବର୍ଷ ହେଲା । କିନ୍ତୁ ସେ ମାନସିକ ଅନଗ୍ରସର । ନିଜ କାମ କରି ପାରୁନି କିମ୍ବା ଲେଖି ପଢ଼ି ପାରୁନାହିଁ । ବାପା, ମା'ଙ୍କୁ ସବୁ ଦାୟିତ୍ୱ ବୁଝିବାକୁ ହେଉଛି ।



ଜୟପୁର ବାସଭବନରେ ସ୍ନେହଲତା ଦୁଇ ନାତୁଣୀଙ୍କ ସହିତ ପାର୍ଶ୍ୱରେ ନର୍ତ୍ତକୀ ନାତୁଣୀ ପ୍ରଜ୍ଞା ସୁରଭି

ବୋହୂ ଶ୍ରୀପୂର୍ଣ୍ଣା ମହାପାତ୍ର । ସୁଶ୍ରୀ, ସୁଗୃହିଣୀ, ସ୍ନେହମୟୀ । ହୃଦୟର ସମସ୍ତ ଦୁଃଖ ମନ ଭିତରେ ଚାପି ରଖି ହସି ହସି ସମସ୍ତ କାମ କରିଚାଲିଛି । ପୁଅ ସୁବ୍ରତ ସର୍ବଦା ମା'ଙ୍କ ଶରଣାଗତ । ବଡ଼ ଝିଅ ଗୁଡୁ ପାଇଁ ସର୍ବଦା ବ୍ୟସ୍ତ । ସବୁ କିଛି ଶ୍ରୀମାଙ୍କ ଚରଣ ତଳେ ସମର୍ପଣ କରି ସେ କାର୍ଯ୍ୟ କରି ଚାଲିଛି । ସମସ୍ତଙ୍କ ପାଇଁ ତା'ର ହୃଦୟ ସହାନୁଭୂତିରେ ପରିପୂର୍ଣ୍ଣ– ଭଗବାନ କାହିଁକି ଏଭଳି ପରୀକ୍ଷାରେ ପକାଇଛନ୍ତି ସେହି ଜାଣନ୍ତି । ମା' ସମସ୍ତଙ୍କୁ ରକ୍ଷା କରନ୍ତୁ– ଏତିକି ମୋର ପ୍ରାର୍ଥନା !!

ଜୟପୁରରେ ସୁବ୍ରତ ରହୁଥିବା ଭଡ଼ାଘର ଆଗକୁ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଆଶ୍ରମ– ସବୁଠାରୁ ଆନନ୍ଦ ଓ ପ୍ରଶାନ୍ତିର ପୀଠସ୍ଥଳ । ଏହା ମୋ ପାଇଁ ଅଧିକ ଆକର୍ଷଣୀୟ ସ୍ଥାନ । ପ୍ରତି ରବିବାର ଓ ଗୁରୁବାର ଦିନ– ଏଠାରେ ପାଠଚକ୍ର ହୁଏ । ମା'ଙ୍କର ବିଭିନ୍ନ ପୁସ୍ତକ ପାଠ ହୁଏ– ଧ୍ୟାନ ହୁଏ ।

ସୁଧାକର ଦାସ, ବାନାମ୍ବର ବାବୁ, ସାହୁବାବୁ, ମହାପାତ୍ର ବାବୁ, ଗାୟତ୍ରୀ ଦେବୀ ପ୍ରଭୃତି ମା'ଙ୍କ ପୁସ୍ତକ ପାଠ କରନ୍ତି । ଭାରି ଭଲ ଲାଗେ ଏ


ପରିବେଶ । ମା'ଙ୍କ ଉପସ୍ଥିତି ଅନୁଭୂତ ହୁଏ । ସୁବ୍ରତ ଓ ମୁଁ ପ୍ରତି ପାଠଚକ୍ରରେ ଯୋଗଦାନ କରୁ । ମା'ଙ୍କ ଚରଣ ତଳେ ସବୁ କିଛି ସମର୍ପଣ କରି ସବୁ ଦୁଃଖ ଭୁଲିଯାଏ – ସେହି ମୁହୂର୍ତ୍ତକ ପାଇଁ ! ମା' ହିଁ ସମସ୍ତଙ୍କୁ ରକ୍ଷା କରନ୍ତୁ । ଏତିକି ମୋର ପ୍ରାର୍ଥନା ।

ବର୍ତ୍ତମାନ ପାଇଁ– ଲେଖା, ପଢ଼ା, ଧ୍ୟାନ, ପ୍ରାର୍ଥନା ଓ ବ୍ରହ୍ମବିଦ୍ୟା ପ୍ରଚାର ଓ ଚିନ୍ତାମଣି ବାବୁଙ୍କର ଅପ୍ରକାଶିତ ଅମୂଲ୍ୟ ଲେଖାଗୁଡ଼ିକୁ ଛପାଇବା ହିଁ ମୋର ଜୀବନର ଲକ୍ଷ୍ୟ ହୋଇଛି । ଭୁବନେଶ୍ୱର ଘରେଏକା ରହିବାରେ କଷ୍ଟ ହେଲେ ମଧ୍ୟ ମା'ଙ୍କ ନିକଟବର୍ତ୍ତୀ ହେବା ପାଇଁ ପ୍ରାଣ ବ୍ୟାକୁଳ ହୋଇ ଉଠୁଛି । ଜଗତର ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ଜୀବନ ମୋର ଅନ୍ତିମ ପଥକୁ ଅପେକ୍ଷା କରି ରହିଛି । ମା'ହିଁ ମୋର ଜୀବନର ପାଥେୟ । ଓଁ ଶାନ୍ତି, ଶାନ୍ତି, ଶାନ୍ତି ॥


## ପୁରସ୍କାର ଓ ସମ୍ମାନ

ନିଜର ସମାଜ ସେବା, ଲେଖିକା ରୂପେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପାଇଥିବା ସମ୍ମାନର କିୟଦଂଶ :

୧ । ୧୯୯୨ ଅକ୍ଟୋବର ୨ରେ ମହାନ ସଂଘ ତରଫରୁ ଗଞ୍ଜାମର ବିଶିଷ୍ଟ ସମାଜସେବୀ ରୂପେ ଗଭର୍ଣ୍ଣରଙ୍କଠାରୁ ପୁରସ୍କୃତ ।



୨ । ୨୦୦୩ରେ ଲେଖିକା, କବି ଓ ସମାଜସେବୀ ରୂପେ ଉତ୍କଳ ଭାରତୀ ତରଫରୁ ବାଚସ୍ପତି ରବିରାୟଙ୍କ ଦ୍ୱାରା ପୁରସ୍କୃତ ।



*ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ ଅଧ୍ୟକ୍ଷା ଶ୍ରୀମତୀ ରାଧାବୋର୍ଣ୍ଣିଆ ଓ ଟି.ଓ.ଏସ୍. ସଚିବ ଶ୍ରୀଯୁକ୍ତ ଭଟ୍ଟାଚାର୍ଯ୍ୟଙ୍କ ସହିତ ସ୍ନେହଲତା*

୩। ୨୦୦୪ 'ଚଳାପଥ' ତରଫରୁ ଲେଖିକା, ସମାଜସେବୀ ରୂପେ ସମ୍ମାନିତା। ହଳଧର ଧିର୍ ଓ ପ୍ରଫେସର ଡି.କେ. ସିଂ ମୋତେ ଚଳାପଥର କୋର ମେମ୍ବର କଲେ।

୪ । ୨୦୦୫ରେ କଳାହାଣ୍ଡି ଉତ୍ସବରେ ସମସ୍ତ ଗୁଣର ଅଧିକାରୀ (ଅଲରାଉଣ୍ଡ) ରୂପେ ମନ୍ତ୍ରୀ ବଳଭଦ୍ର ମାଝିଙ୍କ ଦ୍ୱାରା ପୁରସ୍କୃତ ।

୫ । ୨୦୦୬ରେ ସାହିତ୍ୟ ଓ ସମାଜ ସେବା ପାଇଁ "ନନ୍ଦକିଶୋର ସ୍ମୃତି ସମ୍ମାନ"ରେ ସମ୍ମାନିତା ।

୬ । ୨୦୦୬ରେ ମାରୱାଡ଼ି ସେବା ସଂଘ ତରଫରୁ ସମ୍ମାନିତା ।

୭ । T.O.S. ଦ୍ୱାରା ସମାଜସେବୀ, ଲେଖିକା, ବ୍ରହ୍ମବିଦ୍ ରୂପେ 'ଭାରତୀ ସମ୍ମାନ'ରେ ସମ୍ମାନିତ ।

୮ । ୨୦୦୭ରେ ବ୍ରହ୍ମବିଦ୍ୟା ସେବା ସଂଘ ତରଫରୁ ସାହିତ୍ୟ, ସମାଜ ସେବା ଓ ବ୍ରହ୍ମବିଦ୍ୟା ପ୍ରଚାରିକା ରୂପେ ସମ୍ମାନିତା ।

୯ । ୨୦୦୩ରେ ଇଟିଭି ପକ୍ଷରୁ ଇଣ୍ଟରଭ୍ୟୁ ଦେଇଥିଲି । ଏହା ଦୂରଦର୍ଶନରେ ପ୍ରସାରିତ ହୋଇଥିଲା ।

**ଦୂରଦର୍ଶନରେ କାର୍ଯ୍ୟକ୍ରମ :** ୨୦୦୧ରେ ଦୂରଦର୍ଶନରେ ମହାତ୍ମା ଗାନ୍ଧିଙ୍କ ଉପରେ ଆଲୋଚନା ଚକ୍ରରେ ଭାଗ ନେଇଥିଲି । ଓଡ଼ିଶା ଦୂରଦର୍ଶନ ତରଫରୁ ପ୍ରଫେସର ଲକ୍ଷ୍ମଣ ମିଶ୍ର ଓ ସାରଦା ପ୍ରସନ୍ନ ନାୟକ ଅଂଶ ଗ୍ରହଣ କରିଥିଲେ ।

- ୨୦୦୮ ଅଗଷ୍ଟ ୨୯ରେ ସାହିତ୍ୟ ଏକାଡେମୀରେ ସମ୍ମାନିତ ଅତିଥି ରୂପେ ଭାଷଣ ।
- ୨୦୦୮ ସେପ୍ଟେମ୍ବର ୨୦ରେ ବନ୍ୟା ଅଞ୍ଚଳ ପରିଦର୍ଶନ ଓ ଖାଦ୍ୟ ବିତରଣ ।
- ୨୦୦୮ ସେପ୍ଟେମ୍ବର ୨୪ ତାରିଖରେ ଭୁବନେଶ୍ୱର ନିକଟବର୍ତ୍ତୀ ପାଣ୍ଡରା ଅଞ୍ଚଳରେ ବୁଲି ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଖାଦ୍ୟ ପଦାର୍ଥ ବଣ୍ଟନ କରିଥିଲୁ ।
- "ବୋଲେ ହୁଁଟି" ପତ୍ରିକାର ପୃଷ୍ଠପୋଷକ ।
- କଳାହାଣ୍ଡି ଲେଖିକା ସଂସଦ ତରଫରୁ ପ୍ରକାଶିତ ପୁସ୍ତକ "କଳ୍ପିତା"ର ପୃଷ୍ଠପୋଷକ ।

୧ । ଆଡ଼ଭାଜର୍ ରାମାଧିନ ସଂସ୍କୃତ କଲେଜ ୧୯୮୦-୧୯୯୦

୨ । ପ୍ରେସିଡେଣ୍ଟ ଓ ଫାଉଣ୍ଡର ରାୟଗଡ଼ା ମଝିଘରିୟାଣୀ ମହିଳାମଣ୍ଡଳ ୧୯୯୩ରୁ ଏପର୍ଯ୍ୟନ୍ତ ।

୩ । ଜେନେରାଲ ସେକ୍ରେଟାରୀ – A.I.W.C. ଦକ୍ଷିଣ ପଶ୍ଚିମ ଓଡ଼ିଶାର । ୧୯୭୪ରୁ ଏପର୍ଯ୍ୟନ୍ତ ।

୪ । ସେକ୍ରେଟାରୀ– ''ବ୍ରହ୍ମବିଦ୍ୟା ସେବା ସଙ୍ଘ'', ରାୟଗଡ଼ା ଗ୍ରୁପ- ୧୯୯୫ରୁ ଏପର୍ଯ୍ୟନ୍ତ ।

୫ । ଚେୟାରମେନ୍– ''ମାନବ ଅଧ୍ୟୟନ କେନ୍ଦ୍ର'' ୨୦୦୩ରୁ ଏପର୍ଯ୍ୟନ୍ତ ।

୬ । କୋର ମେମ୍ବର ''ଚଲାପଥ'' ୨୦୦୩ରୁ ଏପର୍ଯ୍ୟନ୍ତ ।

୭ । ଆଡ଼ଭାଇଜର ''ଜନଶିକ୍ଷା ସଂସ୍ଥାନ''– ୧୯୮୦–୧୯୯୦ ।

୮ । ସବ୍ କମିଟିର ଡାଇରେକ୍ଟର– ''ଜନ ଶିକ୍ଷଣ ସଂସ୍ଥାନ'' ୨୦୦୦– ୨୦୦୩ ।

୯ । ବୋର୍ଡ଼ ମେମ୍ବର– ଥିଓସଫିକାଲ ସୋସାଇଟି ଏପର୍ଯ୍ୟନ୍ତ ।

୧୦ । ବୋର୍ଡ଼ ମେମ୍ବର ଭାରତୀ ଟ୍ରଷ୍ଟ – ୨୦୦୩ରୁ ଏପର୍ଯ୍ୟନ୍ତ ।

୧୧ । ପାଉଣ୍ଡର ମେମ୍ବର ମନୋବିକାଶ ସ୍କୁଲ (ମେଣ୍ଟାଲିରିଟାଡେଡ ସ୍କୁଲ) ବ୍ରହ୍ମପୁର । ୧୯୮୯ରୁ ଏପର୍ଯ୍ୟନ୍ତ ।

୧୨ । ସେକ୍ରେଟାରୀ ବ୍ରହ୍ମ ସମାଜ (ଗୋପାଳପୁର) ୧୯୮୨ ।

୧୩ । ମେମ୍ବର ଶ୍ରୀ ଅରବିନ୍ଦ ସୋସାଇଟି – ଆଜୀବନ ।

୧୪ । ପୃଷ୍ଟପୋଷକ କଳାହାଣ୍ଡି ଲେଖିକା ସଂଘ – ୨୦୦୩ରୁ ଏପର୍ଯ୍ୟନ୍ତ ।

୧୫ । ''ପୃଷ୍ଟକୋଷକ – 'ବୋଲେ ହୁଁଟି'' – ଆଜୀବନ ।

୧୬ । ମେମ୍ବର ଉତ୍କଳ ଲେଖିକା ସଂସଦ – ୨୦୦୩ରୁ ଏପର୍ଯ୍ୟନ୍ତ ।

୧୭ । ମେମ୍ବର – ଟିଚରସ୍ ପେରେଣ୍ଟ ଆସୋସିଏସନ୍, ଦିଲ୍ଲୀ – ୧୯୮୨ ।

❖

କଟକ ୧୬-୩୧, ଡିସେମ୍ବର-୦୮, ପୃଷ୍ଠା-୭



# ଯାଯାବରର ଡାଏରୀ

**ମହାଭାଷ୍ୟକାର**

## କନ୍ଧମାଳର ନିଆଁ ଓ ବଢ଼ିପାଣିର ଦାନ୍ତ

ପାହାଡ଼ ଉପରେ ନିଆଁ... ପାହାଡ଼ ତଳେ ବନ୍ୟା । ନିଆଁ ଓ ପାଣିରେ ମଣିଷ ମରୁଚି ।

ଓଡ଼ିଶାର ଭୌଗୋଳିକ ମାନଚିତ୍ରରେ ମଧ୍ୟଭୂଖଣ୍ଡ ଭାବେ ଚିହ୍ନିତ କନ୍ଧମାଳର ଗାଁ ଗାଁରେ ନିଆଁ ଜଳୁଥିବାବେଳେ ପ୍ରଖର ସ୍ରୋତା ନଦନଦୀ ମାନଙ୍କରେ ଉପକୂଳ ଭୂଖଣ୍ଡ କଟକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ସମେତ ୭ଟି ଜିଲ୍ଲାର ନଗର-ଜନପଦ ଲଘୁଚାପଜନିତ ବର୍ଷା ଓ ପ୍ରଳୟଙ୍କରୀ ବନ୍ୟାରେ ଜଳବନ୍ଦୀ ।

୨୦୦୮ର ଅଗଷ୍ଟ ଓ ସେପ୍ଟେମ୍ବର ମାସଟା ଓଡ଼ିଶା ପାଇଁ ସତେକି ଅଭିଶାପର ଗୋଟେ କାଳଖଣ୍ଡ ।

ଏହି ଯେଉଁ ହୃଦୟ ବିଦାରକ ଘଟଣାମାନ ଆଖି ଆଗରେ ଘଟିଯାଇଚି, ଏହା କ'ଣ ନୂତନ ସହସ୍ରାବ୍ଦ ବା ଏକବିଂଶ ଶତାବ୍ଦୀର ବିଜ୍ଞାନର ଦ୍ରୁତ ବିକାଶ କାଳର ସଭ୍ୟ ମଣିଷମାନଙ୍କ ପାଇଁ ଦୈବୀକୃତ କାଳଫାଶ ବା ମଣିଷକୃତ ଷଡ଼ଯନ୍ତ୍ର ।

ଓଡ଼ିଶାର କନ୍ଧମାଳରେ ଓ ଉପକୂଳ ଓଡ଼ିଶାର ସୁଜଳା ସୁଫଳା ଶସ୍ୟଶ୍ୟାମଳା ଜିଲ୍ଲାଗୁଡ଼ିକରେ ନିଆଁ ଓ ପାଣିର ଯେଉଁ ପ୍ରଳୟଙ୍କରୀ ତାଣ୍ଡବ ନୃତ୍ୟ ଚାଲିଚି ଆଜି ପାଇଁ ତାହା ହୁଏତ ଭଲରେ ଥିବା ସୁଖୀ ମଣିଷଙ୍କ ପାଇଁ ସାଧାରଣ ଘଟଣା ହୋଇପାରେ, କିନ୍ତୁ ଆସନ୍ତାକାଲିର ଉତ୍ତର ପୁରୁଷ ପାଇଁ ଯେ ଏକ ବିଭତ୍ସ ଅତୀତ, କଳଙ୍କିତ ଇତିହାସର ଗୋଟେ ଗୋଟେ ମର୍ମନ୍ତୁଦ... ରକ୍ତ ଜଡ଼ସଡ଼ ଭିଜାପୃଷ୍ଠା, ତାକୁ ତ ପଢ଼ିବାକୁ ହିଁ ପଡ଼ିବ ।

କନ୍ଧମାଳରେ ଏବେ ଯେଉଁ ସାଂପ୍ରତିକ, ଜାତିଗତ ବିଦ୍ୱେଷର ନିଆଁ ଜଳୁଚି, ଏକଦା ଏହି ଶାନ୍ତ ସରଳ ନିରୀହ... ପ୍ରାକୃତିକ ସଂପଦର ପ୍ରାଚୁର୍ଯ୍ୟସତ୍ତ୍ୱେ ସବୁଥିରୁ ବଞ୍ଚିତ ହୋଇ ସୁଦ୍ଧା ଭାଗ୍ୟକୁ ଆଦରି ଗତ ଶହ ଶହ ବର୍ଷ ହେଲା ଦୁର୍ଗମ ଗିରିକନ୍ଦର ଭିତରେ ଗାଁ ସାଇଭାଇର ମମତା ନେଇ ବଞ୍ଚୁଥିବା ଆଦିବାସୀ-ହରିଜନ ଓ ଗିରିଜନଙ୍କ ଭିତରେ ବିଦ୍ୱେଷର ନିଆଁ ଜାଳିଲା ବା କିଏ ? କନ୍ଧମାଳର ଯେଉଁ ଗାଁଆ ଭିତରକୁ ସାଧାରଣ ପୁଲିସ ପାଇକଟିଏ ପଶିଗଲେ ଶାଳବଣ ଅରଣ୍ୟରେ ଗିରିଜନମାନେ ଭୟରେ ଜଙ୍ଗଲ ଭିତରେ ପଶିଯାଉଥିଲେ ଏବେସେମାନେ ସାମରିକ ବାହିନୀରେ ସି.ଆର୍.ପି.ଏଫ୍. ଜବାନ୍‌ମାନଙ୍କୁ ଘେରାବନ୍ଦୀ କରି ହତ୍ୟା କରିବାକୁ ସୁଦ୍ଧା ଦୁଃସାହସ କରିପାରୁଛନ୍ତି । କନ୍ଧମାଳରେ ଏବେ କୁଢ଼ କୁଢ଼ ଶବ । ଶବର ଏଇ ମର୍ମନ୍ତୁଦ ଶୋଭାଯାତ୍ରା କ'ଣ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ନା ସାଂପ୍ରଦାୟିକ ପଶାପାଲିର ରକ୍ତହୋରି ଖେଳରୁ ଉଦ୍ଭବ । ପ୍ରକୃତିର ମୁକ୍ତ ମଣିଷ ଜାତି ଭିତରେ ସାଂପ୍ରଦାୟିକ ବିଦ୍ୱେଷର ବୀଜ ବୁଣି ଗୋଠ ତିଆରି କରୁଥିବା ସମାଜପତିମାନଙ୍କ

କାର୍ଯ୍ୟ ଏବଂ ନେତ୍ରିଗୁଡ଼ କହୁଣୀକୁ ବୋହିବା ଅବସ୍ଥା । ଦଳେ ବିଦ୍ୱେଷର ବୀଜ ବୁଣିଯାଇଥିବାବେଳେ ଏବେ ସେହି ବୀଜରୁ ଉତ୍ପନ୍ନ ହୋଇଥିବା ଧ୍ୱଂସର ଫସଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସରକାରର ପାରିଷଦବର୍ଗଙ୍କୁ ଅମଳ କରିବାକୁ ପଡୁଛି ।

ସୁରେଶ ମହାପାତ୍ର ନାମକ ଜଣେ ଜିଲ୍ଲାପାଳ ଥିଲେ କନ୍ଧମାଳରେ । କନ୍ଧମାଳର ମେହେନତି ଶ୍ରମଶକ୍ତି, ଉର୍ବରଭୂମିର ଅପୂର୍ବ ଗୁଣାତ୍ମକ ମୂଲ୍ୟ ଓ ଏହି ଭୂମିର ପାରମ୍ପରିକ ଅଦା, ହଳଦୀ ଚାଷ ଉତ୍ପାଦନ ପାଇଁ କୃଷି ବିଶେଷଜ୍ଞମାନଙ୍କ ସହଯୋଗରେ ଯେଉଁ 'କନ୍ଧମାଳ ମସଲା'କୁ ନେଇ 'କସମ୍'ର ବୀଜ ବୁଣିଥିଲେ ପରବର୍ତ୍ତୀକାଳରେ ସରୋଜ ଝା, ଅଶୋକ କୁମାର ମୀନା ଓ ଡଃ ହୃଷିକେଶ ପଣ୍ଡାଙ୍କ ପରି ଲୋକପ୍ରିୟ ଦକ୍ଷ ପ୍ରଶାସକମାନେ କସମ୍‌କୁ କେବଳ ଭାରତବର୍ଷର ବିଭିନ୍ନ ମହାନଗରୀର ସୁଆଦଖିଆ ସମ୍ଭ୍ରାନ୍ତ ନାଗରିକମାନଙ୍କ ପାଖରେ ପହଞ୍ଚାଇଥିଲେ ସେତିକି ନୁହେଁ, ଅନ୍ତର୍ଜାତିକ ବଜାରରେ କନ୍ଧମାଳର କସମ୍‌କୁ ନେଇ ପହଞ୍ଚାଇ ଓଡ଼ିଶା ପାଇଁ ବୈଦେଶିକ ମୁଦ୍ରା ଆମଦାନୀରେ ବାଟ କାଢ଼ିଥିଲେ । ଯେଉଁ କସମ୍ ପାଇଁ କନ୍ଧମାଳ ଯେ ବିଶ୍ୱରେ ବିସ୍ମୟ ଓଡ଼ିଶାର ଗୋଟେ ଗୁଣାତ୍ମକ ହଳଦୀ ଉତ୍ପାଦନର ଭୂମି ବୋଲି ଖ୍ୟାତି ଅର୍ଜି ଥିଲା ଏବେ ସାଂପ୍ରଦାୟିକ ଜାତିଗତ ଦଙ୍ଗାରେ ମାତି ନିଜ ଭୂଇଁ ମଣିଷସବୁକୁ ମାରୁଥିବା ଅମଣିଷମାନଙ୍କ ଅପହଞ୍ଚ ଅଞ୍ଚଳର ଅପଖ୍ୟାତି ଅର୍ଜନ କରିଚି ।

ପ୍ରାକୃତିକ ସବୁଜିମା ଭରା ହାୟରେ ମୋର ପ୍ରିୟ ଭୂମି କନ୍ଧମାଳ । ଆଦି ମାନବର ଆଦି ଭୂମି ।

କନ୍ଧମାଳ ଦଙ୍ଗା ଦୈବୀକୃତ ନୁହେଁ ଅମଣିଷ ପିଶାଚ କୃତ ।

ଆଉ ଉପକୂଳ ଓଡ଼ିଶାର ପ୍ରଳୟଙ୍କରୀ ବନ୍ୟା ?

ଏହା କ'ଣ ପ୍ରକୃତି ଜନିତ ନା ଜଳସଂପଦ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ମଣିଷ କୃତ ?

କେତେକ ସୁବିଧାବାଦୀ ବୁଦ୍ଧିଜୀବୀ କହନ୍ତି କନ୍ଧମାଳ ଦଙ୍ଗା ସ୍ୱାଭାବିକ ଘଟଣା । ଗତ କେତେବର୍ଷ ଧରି ସେଠାରେ ଯେଉଁ ଧର୍ମାନ୍ତରଣ ପ୍ରକ୍ରିୟା ଚାଲିଥିଲା, କନ୍ଧମାଳର ମାଟିତଳେ ବିଦ୍ୱେଷର ଯେଉଁ ବାରୁଦ ପୋତାଯାଇଥିଲା, ତାହା ଦିନେ ନା ଦିନେ ବିସ୍ଫୋରକ ରୂପ ନେବ ବୋଲି ଜଣାଥିଲା; କିନ୍ତୁ ଏହି ବିସ୍ଫୋରଣ ପଛରେ ଗଣମାଧ୍ୟମଗୁଡ଼ିକ ପ୍ରତିଯୋଗିତାମୂଳକ ଦ୍ରୁତ ପ୍ରଚାର ଝରାପତ୍ର ଜଙ୍ଗଲର ନିଆଁ ଭଳି ଅନ୍ୟତ୍ର ବି ବ୍ୟାପିଗଲା ।

ନିଆଁ ଓ ପାଣି ପ୍ରକୃତିର ଅବଦାନ । ଏହି ଦୁଇ ପଦାର୍ଥ ମଣିଷ ଓ ପ୍ରାଣୀଜଗତକୁ ଯେପରି ଭାବେ ସୁଖଭୋଗ ଦିଏ, ଦୁଃଖ ବି ଦିଏ । ନିଆଁ ଓ ପାଣିକୁ ନିୟନ୍ତ୍ରଣରେ ନ ରଖିଲେ ଏହାର ଉଗ୍ରରୂପକୁ ସମ୍ଭାଳିବ କିଏ ?

କନ୍ଧମାଳର ମଣିଷ ଭାଇମାନେ ଦଙ୍ଗାକାରୀଙ୍କ ଆକ୍ରମଣରେ ଗାଁ ଗଣ୍ଡା, ଘରଦ୍ୱାର ଛାଡ଼ି ଦୁର୍ଗମ ଗିରିକନ୍ଦରରେ ବନ୍ୟପଶୁ ଭଳି ଘାତକ ଭୟରେ ଆତ୍ମଗୋପନ କରିଥିବାବେଳେ ଭୂଇଁ ମଣିଷଠାରୁ ଆକାଶର ବର୍ଷା ଅଧିକ ଦାଉ ସାଧିଲା । କନ୍ଧମାଳରେ ଦୁଃଖରେ ମଣିଷ କାନ୍ଦୁଥିବାବେଳେ ହୀରାକୁଦ ବନ୍ଧ ପାଣି ଉପକୂଳ ଓଡ଼ିଶାକୁ ଟଳିଟଳାନ୍ତ କଲା ।

କନ୍ଧମାଳରେ ନିଆଁ ଜଳୁଥିବାବେଳେ ସେଦିନ ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣଜୟନ୍ତୀ ବର୍ଷ ଉପଲକ୍ଷେ ରାଜ୍ୟ ରାଜଧାନୀ ଭୁବନେଶ୍ୱରର କେଦାରଗୌରୀ ରୋଡ଼ରେ ଥିବା ପାନ୍ଥନିବାସର ବର୍ଣ୍ଣାଢ଼୍ୟ ସମ୍ମିଳନୀ କକ୍ଷରେ ଚାଲିଥିଲା ଓଡ଼ିଶାର ଲେଖିକାମାନଙ୍କ ଏକ ମହାସମ୍ମେଳନ । ଏହି ଲେଖିକା ସମ୍ମିଳନୀକୁ ଆସିଥିଲେ ବ୍ରହ୍ମପୁରରୁ ଡକ୍ଟର ବିଧୁପ୍ରଭା ରଥ, ଅଞ୍ଜଳି ଦାସ, କେନ୍ଦ୍ରାପଡ଼ାରୁ କବୀ ଅପର୍ଣ୍ଣା ମହାନ୍ତି, ଜାଜପୁରରୁ ବସନ୍ତ ମଞ୍ଜରୀ ମହାନ୍ତି, କଟକ ନନ୍ଦିସାହିରୁ ପୁଷ୍ପ ସିଂହି, ପୁରୀରୁ ସୁଚେତା ମିଶ୍ର... ଓଡ଼ିଶାର ବିଭିନ୍ନ ସହର ନଗ୍ର ଜନପଦରୁ ଆସିଥିଲେ ଶହେରୁ ଉର୍ଦ୍ଧ୍ୱ ଲେଖିକା ।

ଲେଖିକା ସମ୍ମେଳନରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା- ''ଆଜିର ସାମାଜିକ ବ୍ୟବସ୍ଥାରେ ଲେଖିକାମାନଙ୍କ ଭୂମିକା ।''

ପ୍ରସଙ୍ଗଟି ସାଂପ୍ରତିକ କାଳଖଣ୍ଡରେ ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ ।

ଏହି ସମ୍ମେଳନର ମଞ୍ଚରେ ମଞ୍ଚାସୀନ ଥିଲେ ମନୋରମା ମହାପାତ୍ର, ଅଧ୍ୟକ୍ଷତା କରୁଥିଲେ ପ୍ରଫେସର କବୀ ପ୍ରତିଭା ଶତପଥୀ । ଲେଖିକାମାନଙ୍କ ସାରସ୍ୱତ ଉତ୍ସବକୁ ଉପଭୋଗ କରିବାକୁ ଆସିଥିଲେ ପ୍ରସିଦ୍ଧ ଆଧୁନିକ କବି ରମାକାନ୍ତ ରଥ । ମୁଁ କବି ରମାକାନ୍ତ ରଥଙ୍କ ପାର୍ଶ୍ୱରେ ଆଖି ମୁଦି ବସି ଉପଭୋଗ କରୁଥିଲି ବକ୍ତାମାନଙ୍କ ଭାଷଣର ଚର୍ବିତ ଚର୍ବଣ ବ୍ୟାଖ୍ୟା ।

ହଠାତ୍ ଜଣେ ବକ୍ତାଙ୍କ ଭାଷଣରେ ମୁଁ ସ୍ତବ୍ଧ ହୋଇପଡ଼ିଲି । ପ୍ରାୟ ସତୁରୀ ବର୍ଷର ଜଣେ ବୟସ୍କା ତାଙ୍କ ଉଦ୍‌ବୋଧନରେ କହୁଥିଲେ– ନାରୀର ଅନେକ ରୂପ ବୋଲି କୁହାଯାଇଛି । ସେ ଜନନୀ-ଭଗିନୀ-ଜାୟା ବା ପ୍ରେମିକା ଭାବେ ମାନବ ସଭ୍ୟତାର ସର୍ଜନ କରିଛି । ଜୀବନଦାୟିନୀ । କିନ୍ତୁ ତାକୁ ତା'ର ଯଥୋଚିତ ନ୍ୟାୟ ଓ ପ୍ରାପ୍ୟ ଆଜିଯାଏ ମିଳିଛି କି ? ନାରୀ ଶକ୍ତି ଯଦି ଆଜି ଏକତାବଦ୍ଧ ହୋଇ ନିଶାମୁକ୍ତି, ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ସଂଗ୍ରାମ କରିପାରୁଛି, ଏବେ କନ୍ଧମାଳ ଦଙ୍ଗାରେ ନାରୀ ଓ ନିରୀହ ଶିଶୁମାନେ ଯେପରି ବଳି ପଡୁଛନ୍ତି, ତାକୁ ବନ୍ଦ କରି ସେମାନଙ୍କୁ ନ୍ୟାୟ ଦେବାକୁ ହେଲେ କେବଳ କବିତା ରଚନାରେ ନିଜକୁ ସୀମିତ ନ ରଖି ଆମ୍ଭମାନଙ୍କୁ କନ୍ଧମାଳ ଯିବାକୁ ହେବ ।

ମୋର ତନ୍ଦ୍ରା ଭାଙ୍ଗିଲା । ମୁଁ ବକ୍ତାଙ୍କ ଆଡ଼କୁ ଚାହିଁଲି । ଅଉଟା ସୁନା ରଙ୍ଗର ଚେହେରାର ଭଦ୍ରମହିଳା । ତାଙ୍କ ମୁଖ୍ୟ ମଣ୍ଡଳରୁ ଏକ ଦିବ୍ୟଜ୍ୟୋତି ବିଚ୍ଛୁରିତ ହେବା ସେଦିନ ମୁଁ ଲକ୍ଷ୍ୟ କରିଥିଲି । ମୋ ପାଖରେ ବସିଥିବା ଜଣେ ସାମ୍ବାଦିକ ବନ୍ଧୁଙ୍କୁ ପଚାରିଲି - ବକ୍ତାଙ୍କ ନାମ ?

ସାମ୍ବାଦିକ ବନ୍ଧୁ କହିଲେ– ''ଏବେ ମୁଁ ଆସିଲି । କିନ୍ତୁ ଭଦ୍ରମହିଳା କଳାହାଣ୍ଡି ଭବାନୀପାଟଣାରୁ ବୋଧେ ଆସିଛନ୍ତି । ତାଙ୍କ ଭାଷାରେ ଦେଖୁନାହାନ୍ତି କଳାହାଣ୍ଡିଆ– ସମ୍ବଲପୁରିଆ ଭାଷା ।''

..................

ବହୁଦିନ ପରେ । ଏବେ... ଗତ ୨୦ ତାରିଖ ନଭେମ୍ବର ୨୦୦୮ ମୁଁ ବୁଲୁଥିଲି କଟକର ବନ୍ୟାପ୍ରପୀଡ଼ିତ ବୟାଳିଶ ମୌଜା ଅଞ୍ଚଳ । କନ୍ଧମାଳ ଦଙ୍ଗାରେ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ୍ ବଣ୍ଟନ ଦାୟିତ୍ୱ ସିନା କେବଳ ଜିଲ୍ଲାପ୍ରଶାସନର ହାତରେ, ସେଠାକୁ ଜିଲ୍ଲା ବାହାର କୌଣସି ସ୍ୱେଚ୍ଛାସେବୀ ସଂଗଠନର ପ୍ରବେଶ ନିଷେଧ; କିନ୍ତୁ କଟକ, ପୁରୀ, କେନ୍ଦ୍ରାପଡ଼ା ବନ୍ୟାପ୍ଲାବିତ ଅଞ୍ଚଳକୁ ରିଲିଫ୍ ବାଣ୍ଟିବାକୁ ଯିବାରେ କାହାରିକୁ ବାରଣ ନାହିଁ । ଭୁବନେଶ୍ୱରର ବହୁ ସମାଜସେବୀ ମହିଳା, ବିଭିନ୍ନ ସ୍ୱଚ୍ଛଳ ପରିବାରଗୁଡ଼ିକର ମହିଳା ସମିତି ସେମାନଙ୍କ ସାଧ୍ୟମତେ ମୁଢ଼ିପଚା ଚୂଡ଼ା, ଚାଉଳ, ରନ୍ଧା ଖାଦ୍ୟ, ବିସ୍କୁଟ ବାଣ୍ଟୁଥାନ୍ତି ବୟାଳିଶ ମୌଜା ଅଞ୍ଚଳରେ । ହଠାତ୍ ମୁଁ ସେଦିନ ଚମକି ପଡ଼ିଲି ଆଣ୍ଠୁଏ ପାଣି ଭିତରେ ନିଜ ସଙ୍ଗିନୀମାନଙ୍କୁ ସାଙ୍ଗରେ ଧରି ରିଲିଫ ବାଣ୍ଟୁଥିବା ଭବାନୀପାଟଣା ଅଞ୍ଚଳର ସେଇ ମାତୃପ୍ରତିମା ଭଦ୍ରମହିଳାଙ୍କୁ । ତାଙ୍କ ସାଙ୍ଗରେ ଥିବା ସୁନ୍ଦରୀ ଯୁବତୀମାନଙ୍କୁ ଦେଖି ମୋର ବନ୍ଧୁ ବ୍ୟଙ୍ଗ କରି କହିଲେ- ''ଏମାନେ ରିଲିଫ୍ ବାଣ୍ଟିବାକୁ ଆସିଛନ୍ତି ନା ବନ୍ୟାବିପ୍ଳାବର କରୁଣ ଦୃଶ୍ୟକୁ ବିଳାସପୂର୍ଣ୍ଣ ଦୃଷ୍ଟିରେ ଉପଭୋଗ କରିବାକୁ ?''

ମୁଁ ବନ୍ଧୁଙ୍କ ଏପରି ମନ୍ତବ୍ୟରେ ବିରକ୍ତ ହୋଇ କହିଲି– ''ସେମାନେ ସେମାନଙ୍କ ସାଧ୍ୟମତେ ସହାୟ୍ୟ କରୁଛନ୍ତି, ଆମେ କୌଣସି କଟୁ ମନ୍ତବ୍ୟ ଦେବା ତ ଦୂରର କଥା, ସେମାନଙ୍କ ପ୍ରତି କୃତଘ୍ନ ହେବା ମହାପାପ ହେବ ।''

ଏହି ବନ୍ୟା ବିପ୍ଳାତର କରୁଣ ଦୃଶ୍ୟକୁ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ କର୍ମୀମାନେ ଉତ୍ତୋଳନ କଲାବେଳେ ଭଦ୍ରମହିଳାଙ୍କ ଏକ ସାକ୍ଷାତକାର ନେଉଥାନ୍ତି । ସେମାନଙ୍କ ଆଳାପ ବେଳେ ମୁଁ ଜାଣିଲି ଭଦ୍ରମହିଳା ହେଉଛନ୍ତି ଶ୍ରୀମତୀ ସ୍ନେହଲତା ମହାପାତ୍ର ।

ସ୍ନେହଲତା ମହାପାତ୍ରଙ୍କୁ ମୁଁ ବ୍ରହ୍ମପୁରରେ ୨୦ ବର୍ଷ ତଳେ ଦେଖିଥିଲି ବିଭିନ୍ନ ସଭାସମିତିରେ, ଲେଖକ ସମ୍ମିଳନୀରେ, କବିତା ପାଠୋତ୍ସବରେ, ୧୯୯୦ର ଋଷିକୁଲ୍ୟା ବନ୍ୟାବେଳେ ଭଞ୍ଜବିହାର ମହିଳାମାନଙ୍କୁ ନେଇ ସୋରଡ଼ା, ଧରାକୋଟ, ବୁଗୁଡ଼ା, ଆସିକା ଅଞ୍ଚଳରେ ରିଲିଫ୍ ବାଣ୍ଟିବାବେଳେ ।


'ସ୍ନେହନାନୀ' ଭାବେ ଓଡ଼ିଶାର ରାୟଗଡ଼ାଠାରୁ ଗଞ୍ଜାମ, କଳାହାଣ୍ଡିରୁ କଟକ ପର୍ଯ୍ୟନ୍ତ ଦଳିତ-ପତିତ-ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଖରେ ପରିଚିତ ସ୍ନେହଲତା ମହାପାତ୍ର ତାଙ୍କ ସହଯାତ୍ରୀଣୀମାନଙ୍କୁ କହୁଥିଲେ– 'ମଣିଷର ପାଟି ଖୋଲୁଚି ବୋଲି ସିନା ଆମକୁ ସେମାନେ ରିଲିଫ୍ ମାଗିନେଲେ, ଆଉ ଗାଈଗୋରୁ ପଶୁଙ୍କ ପାଇଁ ଆମେ ତ କିଛି କରିପାରିଲେ ନାହିଁ । କେଡ଼େ କଥା ହେଲା...' ସ୍ନେହନାନୀଙ୍କ ସେଇ ପଦିଏ କଥାରେ ମୋ ଆଖି ଲୁହ ଛଳ ଛଳ ହୋଇଗଲା । ମନେପଡ଼ିଯାଉଥିଲା ପଶ୍ଚିମା ଅନ୍ଧ କନ୍ଧ କବି ଭୀମଭୋଇଙ୍କ ସେଇ ଗୀତଟା–

''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।''

ମାର୍ଫତ : *ମହାପାତ୍ର ଭାସ୍କର ଗନ୍ତାଏତ୍*
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ସେଲ - ୯୮୬୧୪-୨୨୭୬୦



*କଟକ ବୟାଳିଶ ମୌଜା ଦଧିବାମନପୁର ହରିଜନ ସାହି ବନ୍ୟାପ୍ଳାବିତ ଅଞ୍ଚଳରେ ସ୍ନେହଲତା ମହାପାତ୍ର (୨୦.୯.୦୮)*



ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭୁବନେଶ୍ୱର ପାନ୍ଥନିବାସ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଲେଖିକା ମହାସମ୍ମିଳନୀରେ ମୁଖ୍ୟ ଅତିଥୀ ଭାବେ ଶ୍ରୀମତୀ ସ୍ନେହଲତା ମହାପାତ୍ରଙ୍କ ଉଦ୍‌ବୋଧନ



ସ୍ନେହଲତା ଲେଖିକା ମହାସମ୍ମିଳନୀରେ ଶ୍ରୀମତୀ ପୁଷ୍ପା ସିଂହଙ୍କ ହିନ୍ଦୀ ଉପନ୍ୟାସ 'ଅଜନ୍ମା ଅସ୍ତିତ୍ୱ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି । ପାର୍ଶ୍ୱରେ ଶ୍ରୀମତୀ ମନୋରମା ମହାପାତ୍ର, ଶ୍ରୀମତୀ ପ୍ରତିଭା ସତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରଫେସର ଡକ୍ଟର ହରପ୍ରସାଦ ପରିଚ୍ଛା ପଟନାୟକ ଓ ଡକ୍ଟର ବିଜୟାନନ୍ଦ ସିଂହ ।

## ଅନନ୍ୟା ସ୍ନେହଲତାଙ୍କର ଦୁଇଟି ପୁରୁଣା କବିତା

# ସୃଜନୀ

ଏ ସୃଷ୍ଟିର ସୃଷ୍ଟଯେତେ
ସବୁତ ତୁମରି -
କିଦେଇ କରିବି ପୂଜା ଭରି ମୋ ଅଞ୍ଜଳୀ !
ପ୍ରତିଟି ତରଙ୍ଗେ ତୁମେ - ହୁଅ ଲିଳାୟିତ
ପ୍ରତିଟି ଛନ୍ଦରେ ତୁମ - ଛନ୍ଦ ଛନ୍ଦାୟିତ !!

ହେ ପ୍ରଶାନ୍ତ ! ହେ ଅକ୍ଷୟ ! କରୁଣା ନିଦାନ -
ଜ୍ୟୋତିର୍ମୟ ଜଟତର - ମହା ଜ୍ୟୋତିଷ୍ମାନ -
ସେ ଜ୍ୟୋତିରେ ଆଲୋକିତ -
ମୋ ଅନ୍ତର ରେଣୁ
ତେବେ କିମ୍ବା ନ ଶୁଣେ ମୁଁ-ସେ ମୋହନ ତେଣୁ ?
ମଳିନ କରିଛ ହୃଦେ -
ଭରି ଆବର୍ଜନା
ହେ ଅନନ୍ତ ଚିଦାନନ୍ଦ - ଏ ତବ ସୃଜନା ??

ଭାବେ ହେବି ଲୀନ ମୁହିଁ- ତୁମରି ଜ୍ୟୋତିରେ
ତବ କୃପା ଧାରା ଝରୁ ଏ ମରୁ ବିଥିରେ !!

ଦିନା କଣ୍ଠେ ତବ ପଦେ କରଇ ବନ୍ଦନ -
ପଦ୍ମପାଦେ ବାଢ଼ି ଦିଏ ଲୋତକ ଚନ୍ଦନ !!

❖

# ହେ ମୋର କବିତା

ହେ ମୋର କବିତା ତୁମେ-
ଦିଅ ଭରି କେତେ ଆଶା, କେତେ ଆଶ୍ୱାସନା !
ଗୋଧୂଳୀର ସୌମ୍ୟ ଆକାଶରେ -
କେତେ ରୂପ, କେତେ ଛନ୍ଦ
କେତେ ରଙ୍ଗ, କେତେ ଶୋଭା -
ଦିଅ ବୋଲି ତୁମରି ସେ - ତୁଳୀର ଧାରରେ !!

ସଜାଇଲ କେତେ ସ୍ୱପ୍ନ
କେତେ ଛବି - କେତେ ସ୍ମୃତି
କବିତାର ମୁକୁଳିତ ପାଖୁଡ଼ାରେ
ଆଉ ତୁମରି ସେ କଳ୍ପନା ରାଜ୍ୟରେ !!!

ସମୟର ଅନନ୍ତ ଜୁଆରେ
ଅସୀମତା ଭେଦ କରି
ପ୍ରତିକ୍ଷାର ଅର୍ଗଳୀ ଭିତରେ -
ଦିନେ କିନ୍ତୁ - ସବୁ ସ୍ୱପ୍ନ ଯିବ ହଜି
କାଳର ସେ କରାଳ ବକ୍ଷରେ
ବେସୁରା ରାଗିଣୀ ପରି
ସବୁ ସୁର ଯିବ ସରି
ଗୋଧୂଳିରେ ପ୍ରଶାନ୍ତ କିରଣ ଭରି -
ରାତ୍ରିର ସେ ପ୍ରଥମ ପ୍ରହରେ !!

ମୋ ଶରୀର ରଙ୍ଗ ସବୁ ଯିବ ଲିଭି -
ସମୟର ଅନନ୍ତ ଜୁଆରେ
ମୋ କଣ୍ଠରୁ ସୁରଯିବ ସରି
ଜୀବନର ଅନ୍ତିମ ବେଳାରେ !!

ମୁଁ କିନ୍ତୁ ନଥିବି ହାୟ !!
ବଞ୍ଚିଥିବ କବିତା ମୋହର
ତୁଳୀରେ ମୋ ଭରି ରହିଥିବ
ଶାଶ୍ୱତର ରଙ୍ଗ ଧାର !!!

ବଞ୍ଚିଥିବ ସବୁ ସ୍ମୃତି ମୋର -
ସବୁ କୀର୍ତ୍ତି ମୋର
କବିତାର ସମସ୍ତ ପୃଷ୍ଠାରେ
ଦିନେ କିନ୍ତୁ ଯିବ ମିଶି -
ଆତ୍ମା ମୋର
ପରମାତ୍ମାଙ୍କ ଅନନ୍ତ ସତ୍ତାରେ !!!


❖





ଜୀବନର କବିତାର ଜୟଯାତ୍ରାରେ ପଥ ବହୁଦୂର
ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣା ବସନ୍ତବିହାରର ପ୍ଲଟ-ନଂ-୨ 'ମାତୃଭବନ'
ସମ୍ମୁଖରେ ଶ୍ରୀମତୀ ସ୍ନେହଲତା ମହାପାତ୍ର



ଭୁବନେଶ୍ୱର ରାଜରାଣୀ ମନ୍ଦିର ପରିସରରେ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ
ସ୍ନେହଲତା ମହାପାତ୍ରଙ୍କ ଗହଣରେ 'ଅନନ୍ୟା'ର ସମ୍ପାଦିକା ଡକ୍ଟର ବିଧୁପ୍ରଭା ରଥ ଓ
ସ୍ୱଦେଶୀ ଲେଖକ ମଞ୍ଚର ଅଧ୍ୟକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ବରେଣ୍ୟ ସଦସ୍ୟ
ମହାପାତ୍ର ଭାସ୍କର ଗନ୍ତାଏତ୍








UTKAL BHARATI SAMMAN 2001

TO

SHRIMATI SNEHALATA MOHAPATRA



ସାକ୍ଷର ଗଞ୍ଜାମ ସୁନ୍ଦର ଗଞ୍ଜାମ

ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ

ଭଞ୍ଜ ସାକ୍ଷରତା ପରିଷଦ, ଗଞ୍ଜାମ, (ଛତ୍ରପୁର)


## ପ୍ରଶଂସା ପତ୍ର


ଶ୍ରୀ/ଶ୍ରୀମତୀ/କୁମାରୀ .......................... ଗ୍ରାମ .......................... ପୋ.ଅ .......................... ଜିଲ୍ଲା : ଗଞ୍ଜାମ

ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନରେ ମୂଳ ପ୍ରଶିକ୍ଷକ ରୂପେ କାର୍ଯ୍ୟକରି ନିଜ ଅଞ୍ଚଳର ଅକ୍ଷର ଚିହ୍ନାସୁ ଭାଇ ଭଉଣୀ ମାନଙ୍କୁ ସାକ୍ଷର କରାଇ ପାରିଥିବାଯୋଗୁଁ ଭଞ୍ଜ ସାକ୍ଷରତା ପରିଷଦ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ମହତ କାର୍ଯ୍ୟ ପାଇଁ ଆପଣଙ୍କର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା !

(ଜଗଦାନନ୍ଦ ପଣ୍ଡା)

ତାରିଖ : ..........................







ଜୀବନର ଶେଷ ସନ୍ଧ୍ୟାରେ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ ଅନନ୍ୟା ସ୍ନେହଲତା ମହାପାତ୍ରଙ୍କ ସହିତ ପ୍ରଫେସର ଚିନ୍ତାମଣି ମହାପାତ୍ର



ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରଭାବଶାଳୀ ପ୍ରତିଭା ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଇଟିଏ, ପ୍ରଜ୍ଞା, ପ୍ରତିଭା ଓ ପ୍ରଗଳ୍ଭତାରେ ସେହିପରି ପରିପୂର୍ଣ୍ଣ କଥା-ଗଦ୍ୟଶିଳ୍ପୀ । ଗତ ବିଂଶଶତକର ଅଷ୍ଟମ-ନବମ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀ କାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକା ଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳବ୍ୟାପୀ ସାରସ୍ୱତ ସାଧନା ମଧ୍ୟରେ ତାଙ୍କ ରଚିତ ପୁସ୍ତକଗୁଡ଼ିକ ଭିତରୁ'ସୀତାକାନ୍ତ ମହାପାତ୍ରଙ୍କ 'କାବ୍ୟମାନସ, ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା', 'ହୃଦୟଭିକ୍ଷା', 'ପ୍ରେମରୁ ସମାଧି', 'ସିଦ୍ଧାନ୍ତ କେବଳ ତୁମର' (ଲଳିତ ନିବନ୍ଧ ଓ ସମାଲୋଚନା), 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ', (ଗବେଷଣା ନିବନ୍ଧ), ଉପନ୍ୟାସ ମଧ୍ୟରେ 'ଶୁଣ ପାଲ୍‌ଗୁନୀ', 'ମହାନାୟକ', 'ରକ୍ତ ରଞ୍ଜିତ ନାୟକ', 'କୃଷ୍ଣା', 'ପାର୍ଥ', 'କାଳଦର୍ଶୀ' ଏବଂ ଏକମାତ୍ର ସ୍ୱରଚିତ ଓଡ଼ିଆ କବିତା ସଂକଳନ 'ହଂସଧ୍ୱନି' ଏବଂ ତାହାର ଇଂରାଜୀ ସଂସ୍କରଣ 'SWANSONG' (ପ୍ରକାଶକ : ଇନ୍ଦ୍ରପ୍ରସ୍ଥ ପ୍ରକାଶନ, ଲକ୍ଷ୍ମୀନଗର, ଦିଲ୍ଲୀ) ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛନ୍ତି ସେତିକି ନୁହେଁ, ଓଡ଼ିଶାର ବୁଦ୍ଧିଜୀବୀ ପାଠକ ମାନସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି ।

ଡକ୍ଟର ବିଧୁପ୍ରଭା ବ୍ରହ୍ମପୁର କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ 'କଥାକାର ସୁପ୍ରୀତିଦେବୀ ଗନ୍ତାୟତ ସ୍ମାରକୀ ସମ୍ମାନ', କଟକ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ବିଷୁବ ସୁବ୍ରତ ସ୍ମାରକୀ ସମ୍ମାନ', ବ୍ରହ୍ମପୁରର 'କସ୍ତୁରୀ ସମ୍ମାନ', ଧର୍ମଶାଳାର 'ଗୋକର୍ଣ୍ଣିକା ପୁରସ୍କାର' ଓ ରାଜଧାନୀ ଭୁବନେଶ୍ୱରର 'ଚଲାପଥ' ପୁରସ୍କାର, 'ଉପେନ୍ଦ୍ର ଭଞ୍ଜ ଫାଉଣ୍ଡେସନ୍ ସମ୍ମାନ', 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ' ସମେତ ବହୁ ପୁରସ୍କାର ତଥା ସମ୍ମାନର ଅଧିକାରିଣୀ ।

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଆ ସାହିତ୍ୟ ଅକାଦେମୀର ସଦସ୍ୟା ଭାବେ ଡକ୍ଟର ବିଧୁପ୍ରଭା ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଅତୀତରେ ମନୋନୀତ ହୋଇ ପରବର୍ତ୍ତୀକାଳରେ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସାଧାରଣ ପରିଷଦର ବରେଣ୍ୟ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ । ତିନିବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଯେତେସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେଥି ମଧ୍ୟରେ ସମଗ୍ର ଓଡ଼ିଶାର ଓ ଓଡ଼ିଶା ବାହାରେ ଥିବା ଓଡ଼ିଆ ଲେଖକ ଲେଖିକାମାନଙ୍କ ତାଲିକା ପ୍ରସ୍ତୁତି ଓ ଲେଖକ ପରିଚୟ ଗ୍ରନ୍ଥ ପ୍ରକାଶନ ଅନ୍ୟତମ । ସେ ଓଡ଼ିଶା ଲେଖିକା ସଂସଦର ମଧ୍ୟ ପ୍ରତିଷ୍ଠାତା ସଦସ୍ୟା ।

ପୃଥ୍ୱୀପନ୍ଥା ପ୍ରକାଶନୀ